# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ (୧୪ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 1/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 335 | ମୂଲ୍ୟ ₹୭/-




**‘କିଙ୍ଗ’କୁ ନେଇ ଉତ୍ସାହିତ ଶାହରୁଖ**

ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ ‘କିଙ୍ଗ’କୁ ନେଇ ବେଶ୍ ଉତ୍ସାହିତ। ଏଥିରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ।

୦୨

୧୪

**ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍**

ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଅଷ୍ଟ୍ରେଲିଆର ଜୋଶ ହାଜେଲଉଡ୍।



# ଆଜିଠାରୁ ‘ଜଷ୍ଟ ଇନ୍ ଟାଇମ୍’ ନୀତି ପ୍ରଚଳନ

## ଇ-କୁବେର ପ୍ଲାଟଫର୍ମରେ ପରିଚାଳନା ହେବ ସିଏସ୍ଏସ୍ ପାଣ୍ଠି

ଭୁବନେଶ୍ୱର,୩୧।୧୦
(ରବିନାରାୟଣ ଜେନା)

କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍) ଅର୍ଥ କିଭଳି ବାଟମାରଣା ହେବନାହିଁ ଏବଂ ଅର୍ଥ ଠିକଣା ବାଟରେ ଖର୍ଚ୍ଚ ହେବ ତାହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ‘ଜଷ୍ଟ ଇନ୍ ଟାଇମ୍’ ନୀତିକୁ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଣ୍ଠି ରାଜ୍ୟକୁ ଆସିବା ମାତ୍ରେ ଖର୍ଚ୍ଚ କରିବାକୁ ପଡ଼ିବ। ପୂର୍ବରୁ ସିଏସ୍ଏସ୍ ପାଣ୍ଠିକୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏଣେ ତେଣେ ପାର୍କିଂ କରି ଠିକଣା ସମୟରେ ଖର୍ଚ୍ଚ କରିପାରୁ ନ ଥିଲେ। ଫଳରେ ରାଜ୍ୟକୁ ଉକ୍ତ ଟଙ୍କା ଠୁଳ କରି ରଖିବା ପାଇଁ କେନ୍ଦ୍ରକୁ ସୁଧ ଗଣିବାକୁ ପଡୁଥିଲା। ମାତ୍ର ଶନିବାରଠାରୁ ସିଏସ୍ଏସ୍‌ର ସମସ୍ତ ଅର୍ଥ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଅଧୀନ ଇ-କୁବେର ପ୍ଲାଟଫର୍ମ ଜରିଆରେ ପରିଚାଳନା ହେବ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ (ଖର୍ଚ୍ଚ ବିଭାଗ)ପକ୍ଷରୁ ଏସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୪ରେ ଅବଗତ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ଇଶା ଖୋସଲା ପତ୍ର ଲେଖି ଦର୍ଶାଇଥିଲେ, ଏହି ପଦ୍ଧତି ଯେଭଳି କଡ଼ାକଡ଼ି ଭାବେ ପାଳନ ହେବ ସେଦିଗରେ ଗୁରୁତ୍ୱ ଦେବାକୁ ହେବ। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ବୁଧବାର ପତ୍ର ଲେଖି ଅବଗତ କରାଇଛନ୍ତି।

ସ୍ୱତନ୍ତ୍ର ସଚିବ ୨୩ଟି ବିଭାଗର ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ‘ଜଷ୍ଟ ଇନ୍ ଟାଇମ୍’ ମାଧ୍ୟମରେ ଏଣିକି କେନ୍ଦ୍ର ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟତାମୂଳକ। ଏହା ‘ଏସ୍ଏନ୍ଏ-ଏସ୍‌ପିଏଆର୍ଏସ୍ଏଚ୍’ ଅଣ୍ଡରରେ ପରିଚାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସଚିବ କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସମ୍ପଦ, ଗୃହ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ନଗର ଉନ୍ନୟନ, ଆଇନ, ଏମ୍ଏସ୍ଏମ୍ଇ, ମିଶନଶକ୍ତି, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବଙ୍କୁ ପତ୍ର ଲେଖି ଏହାକୁ ଠିକଣା ଭାବେ ପାଳନ କରିବାକୁ ଦର୍ଶାଇଛନ୍ତି।

ପୂର୍ବରୁ ରାଜ୍ୟ ସରକାର କେବଳ ‘ସିଏସ୍ଏସ୍’ରେ ଗୋଟିଏ ଏସ୍ଏନ୍ଏ ଆକାଉଣ୍ଟ ଖୋଲୁଥିଲେ। ଏବେ କିନ୍ତୁ ଆଉ ଏକ ଆକାଉଣ୍ଟ ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏଥିରୁ ଯୋଜନାରେ ସମ୍ପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେ ନାହିଁ। କେବଳ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ପଡ଼ିବ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ଆଉ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଖାତା ଖୋଲିବାପାଇଁ ଲାଳାୟିତ ହେବେନାହିଁ। ଏହି ପଦ୍ଧତିରେ କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଯେଉଁ ସ୍ୱତନ୍ତ୍ର ଖାତା ଖୋଲାଯିବ ତାକୁ ଚାହିଁଲେ ତୃଣମୂଳସ୍ତରରେ ସଂପୃକ୍ତ ଯୋଜନା କାର୍ଯ୍ୟାନ୍ୱୟନ ଅଧିକାରୀ ଆବଶ୍ୟକତା ଅନୁଯାୟୀ ଉଠାଇ ପାରିବ। ଏହି ପଦ୍ଧତି ଦ୍ୱାରା ବ୍ୟାଙ୍କରେ ପାର୍କିଂ ବ୍ୟବସ୍ଥା ହୋଇପାରିବ ନାହିଁ। କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ଲାଗି ଜିଲା କିମ୍ବା ବ୍ଲକସ୍ତରର ଅଧିକାରୀମାନେ ‘ଜଷ୍ଟ ଇନ୍ ଟାଇମ୍’ ଜରିଆରେ ଟଙ୍କା ଉଠାଣ କରିପାରିବେ।


**ଆଜିର ସମ୍ପାଦକୀୟ**

ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ




ଜାତୀୟ ଏକତା ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ସକାଳେ ଆୟୋଜିତ ‘ଏକତା ଦୌଡ଼’ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଭାଜପାର ପୂର୍ବତନ ସଭାପତି ସମୀର ମହାନ୍ତି, ଭାଜପା ନେତା ଗୋଲକ ମହାପାତ୍ର ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

# ୬ ମେଡିକାଲ କଲେଜରେ ୬୨ ପିଜି ସିଟ୍‌କୁ ଅନୁମତି

**କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୩୧।୧୦
(ରବିନାରାୟଣ ଜେନା)

ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଗକୁ ବଢୁଛି। ଫଳରେ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନୂଆ ୬୨ଟି ପିଜି ସିଟ୍ ଅନୁମତି ମିଳିପାରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ☞ପୃଷ୍ଠା-୪




## ଅଭିଯୁକ୍ତଙ୍କ ପାଇଁ ଲଢୁଥିବା ଓକିଲଙ୍କୁ ସମନ କରିପାରିବେନି ତଦନ୍ତକାରୀ ଅଫିସର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଓକିଲ-ମହକିଲ ସ୍ୱାଧିକାରର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପରାଧିକ ମାମଲାରେ ଅଭିଯୁକ୍ତଙ୍କ ତରଫରୁ ମାମଲା ଲଢୁଥିବା ଆଇନଜୀବୀଙ୍କୁ ତଦନ୍ତକାରୀ ଅଫିସର ମନଇଚ୍ଛା ସମନ ଜାରି କରିପାରିବେ ନାହିଁ। ଏଥିପାଇଁ ଏସ୍‌ପିଙ୍କ ଅନୁମୋଦନ ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ତଦନ୍ତକାରୀ ଅଫିସରଙ୍କ ମନମୁଖି ସମନ ଜାରିକୁ ରୋକିବା ଲାଗି କେତେକ ନିର୍ଦ୍ଦେଶ ଜାରି କରିଛନ୍ତି। ବରିଷ୍ଠ ଆଇନଜୀବୀ ଅରବିନ୍ଦ ଡାଟାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ସମନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଆଇନଜୀବୀଙ୍କୁ ମାମଲା ଲଢ଼ିବା ଦାୟିତ୍ୱ ଦେବା ଅଭିଯୁକ୍ତଙ୍କ ମୌଳିକ ଅଧିକାର। ଏହାକୁ ତଦନ୍ତକାରୀ ଅଫିସର ଉଲ୍ଲଂଘନ କରୁଥିବା ପ୍ରଧାନ ବିଚାରପତି ବି.ଆର୍, ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମନିଲଣ୍ଡରିଂ ମାମଲାରେ ଆଇନଜୀବୀ ଡାଟାର ଏବଂ ବେଣୁଗୋପାଳଙ୍କୁ ଇଡି ସମନ ପରେ ସର୍ବୋଚ୍ଚ ଅଦାଲତ ନିଜଆଡୁ ମାମଲାକୁ ବିଚାରକୁ ନେଇ ଉପରୋକ୍ତ ରାୟ ଦେଇଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଯଥା ଚାପରୁ ଆଇନଗତ ପେସାର ସୁରକ୍ଷା ପାଇଁ କେତେଗୁଡ଼ିଏ ନିର୍ଦ୍ଦେଶାବଳୀ ଜାରିକରାଯାଇଥିବା ଜଷ୍ଟିସ୍ ଚନ୍ଦ୍ରନ କହିଛନ୍ତି।

## ମନ୍ତ୍ରୀ ହେଲେ ମହମ୍ମଦ ଆଝାରୁଦ୍ଦିନ

ହାଇଦ୍ରାବାଦ,୩୧।୧୦

ପୂର୍ବତନ କ୍ରିକେଟ ଅଧିନାୟକ ତଥା କଂଗ୍ରେସ ନେତା ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା କ୍ୟାବିନେଟ୍‌ରେ ଗୁରୁବାର ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ରାଜ୍ୟପାଳ ଜିଷ୍ଣୁଦେବ ବର୍ମା ପୂର୍ବତନ କ୍ରିକେଟରଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନଭେମ୍ବର ୧୧ରେ ଜୁବିଲି ହିଲ୍ସ ଆସନରେ ଉପନିର୍ବାଚନ ଥିବାରୁ ମୁସଲମାନ ଭୋଟରଙ୍କ ସମର୍ଥନ ହାସଲ ପାଇଁ ଆଝାରୁଦ୍ଦିନ୍‌ଙ୍କୁ ମନ୍ତ୍ରୀ କରାଯାଇଛି। ଜୁବିଲି ହିଲ୍ସ ନିର୍ବାଚନ ମଣ୍ଡଳୀରେ ୩୦% ମୁସଲମାନ ଭୋଟର ରହିଛନ୍ତି। ଆଦର୍ଶ



ଆଚରଣ ବିଧି ଲାଗୁ ହୋଇଥିବାବେଳେ ସରକାର ନୂଆ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇ ଏହାର ଉଲ୍ଲଂଘନ କରିଥିବା ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଉପନିର୍ବାଚନ ଲଢ଼ିବାକୁ କଂଗ୍ରେସ ଆଝାରୁଦ୍ଦିନଙ୍କୁ ଟିକେଟ ଦେଇ ନ ଥିଲା। ଏବେ ତାଙ୍କୁ ମନ୍ତ୍ରୀ କରି ସରକାର କ୍ଷମତାର ଦୁରୁପଯୋଗ କରିଥିବା ଭାଜପା କହିଛି।

## ଦିଲ୍ଲୀରେ ଆଜି





ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ନୂଆଦିଲ୍ଲୀରେ କର୍ତ୍ତବ୍ୟପଥରେ ଭିସିଏସ୍‌ଜି ସର୍ବୋଦୟ ବାଲ୍ ବିଦ୍ୟାଳୟ ଛାତ୍ରୀଛାତ୍ର 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। (ଫଟୋ- ଚମନ ଗୌତମ)

# ନେହେରୁଙ୍କ ଯୋଗୁ ବିଚ୍ଛିନ୍ନ ହୋଇଥିଲା କଶ୍ମୀର

### ରାଷ୍ଟ୍ରୀୟ୍ ଏକତା ଦିବସରେ ପ୍ରଧାନମନ୍ତ୍ରୀ ମୋଦି କହିଲେ

ଏକତାନଗର(ଗୁଜରାଟ),୩୧।୧୦



ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତ ସହ ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକ ଭଳି କଶ୍ମୀରର ମିଶ୍ରଣ ଚାହୁଁଥିଲେ, କିନ୍ତୁ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏପରି ହେବାକୁ ଦେଇ ନ ଥିଲେ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁଜରାଟର ଏକତାନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ ଅବସରରେ ସମ୍ବୋଧିତକରି ପ୍ରଧାନମନ୍ତ୍ରୀ କହିଛନ୍ତି, ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ପଟେଲ ବିଶ୍ୱାସ କରୁଥିଲେ ଯେ କେହି ଇତିହାସ ଲେଖିବା ପାଇଁ ସମୟ ନଷ୍ଟ କରିବା ଅନୁଚିତ। ଇତିହାସ ଚରିବା ଲାଗି କଠିନ ପରିଶ୍ରମ କରିବା ଉଚିତ।

୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠୁ ସର୍ଦ୍ଦାର ପଟେଲଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ପଟେଲଙ୍କ ୧୫୦ତମ ଜୟନ୍ତୀକୁ ଶୁକ୍ରବାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଧୁମଧାମରେ ପାଳନ କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ମୋଦି କହିଛନ୍ତି, ନେହେରୁଙ୍କ ଯୋଗୁ କଶ୍ମୀରକୁ ବିଭାଜିତ ହେବାକୁ ପଡ଼ିଥିଲା। କଶ୍ମୀର ପାଇଁ ଏକ ପୃଥକ୍ ସମ୍ବିଧାନ ଓ ଭିନ୍ନ ପତାକା ତିଆରି କରାଯାଇଥିଲା। କଂଗ୍ରେସ ଯୋଗୁ ଭାରତକୁ ଅନେକ ଦଶନ୍ଧି ଧରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ସର୍ଦ୍ଦାର ପଟେଲ ଯେଉଁ ନୀତି ପ୍ରଣୟନ କରିଥିଲେ ଓ ନିଷ୍ପତ୍ତି ନେଇଥିଲେ ତାହା ନୂଆ ଇତିହାସ ସୃଷ୍ଟି କରିଥିଲା। ସ୍ୱାଧୀନତା ପରେ ୫୫୦ରୁ ଊର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଏକତ୍ରିତ କରିବା ଅସମ୍ଭବ ମନେହେଉଥିଲା, ଯାହାକୁ ସର୍ଦ୍ଦାର ପଟେଲ ସମ୍ଭବ କରିଥିଲେ। 'ଏକ ଭାରତ, ଉତ୍କର୍ଷ ଭାରତ'ର ପରିକଳ୍ପନା ପଟେଲଙ୍କ ପାଇଁ ସର୍ବୋପରି ଥିଲା ବୋଲି ମୋଦି କହିଛନ୍ତି।

### ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯାଉ, ପଟେଲଙ୍କୁ ଅପମାନିତ କରିଛନ୍ତି ମୋଦି: ଖାର୍ଗେ

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିନ୍ଦା କରିଛନ୍ତି। ଖାର୍ଗେ କହିଛନ୍ତି, ତାଙ୍କ ବ୍ୟକ୍ତିଗତ ମତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)କୁ ନିଷିଦ୍ଧ ଘୋଷଣା କରାଯିବା ଉଚିତ। କାରଣ ଅଧିକାଂଶ ଆଇନଶୃଙ୍ଖଳା ସ୍ଥିତି ଭାଜପା-ଆର୍‌ଏସ୍‌ଏସ୍ ଯୋଗୁ ଉପୁଜୁଛି। ପ୍ରଧାନମନ୍ତ୍ରୀ ମୋଦି ସରକାରୀ କର୍ମଚାରୀମାନଙ୍କୁ ସଂଘରେ ସାମିଲ ହେବାକୁ ଅନୁମତି ଦେଉଛନ୍ତି। ମୋଦି ସର୍ଦ୍ଦାର ପଟେଲଙ୍କ ଲିଗାସିକୁ ଅପମାନିତ କରିଛନ୍ତି। ୧୯୪୮ରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ଆର୍‌ଏସ୍‌ଏସ୍‌କୁ ସମାଲୋଚନା କରି ପଟେଲ ଦେଇଥିବା ମନ୍ତବ୍ୟକୁ ଏହି ଅବସରରେ ଖାର୍ଗେ ଉଲ୍ଲେଖ କରିଛନ୍ତି। ପଟେଲ ଆମମାନଙ୍କ ପାଇଁ ସମ୍ମାନାସ୍ପଦ। ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କ ନିକଟରେ ମଥାନତ ହେବା ଉଚିତ।

## ଅସ୍ତ୍ରବିରତି ବଜାୟ ରଖିବାକୁ ପାକ୍, ଆଫଗାନ ରାଜି

ଆଙ୍କାରା,୩୧।୧୦

ଇସ୍ତାନବୁଲ୍‌ରେ ଶାନ୍ତି ଆଲୋଚନା ପରେ ପାକିସ୍ତାନ ଓ ଆଫଗାନିସ୍ତାନ ଅସ୍ତ୍ରବିରତି ବଜାୟ ରଖିବାକୁ ରାଜି ହୋଇଥିବା ତୁର୍କୀ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ପୂର୍ବରୁ ୨ ଦେଶ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ଅସ୍ତ୍ରବିରତିକୁ କିଭଳି କାର୍ଯ୍ୟକାରୀ କରାଯିବ ତାହା ଚୂଡ଼ାନ୍ତ କରିବା ନିମନ୍ତେ ଆସନ୍ତା ୬ ତାରିଖରେ ଇସ୍ତାନବୁଲ୍‌ରେ ପାକିସ୍ତାନ ଓ ଆଫଗାନିସ୍ତାନ ଉଚ୍ଚସ୍ତରୀୟ ବୈଠକ କରିବାକୁ ଯୋଜନା କରିଛନ୍ତି। ଶାନ୍ତି ବଜାୟ ରଖିବାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ପକ୍ଷ ବ୍ୟବସ୍ଥାର ଅନୁଧ୍ୟାନ ଓ ଯାଞ୍ଚ କରିବେ ଏବଂ ଏହାର ଉଲ୍ଲଂଘନ ପାଇଁ ଦଣ୍ଡବିଧାନ କରାଯିବ। ଚଳିତ ମାସରେ ପାକ୍ ଓ ଆଫଗାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ବହୁସଂଖ୍ୟାରେ ସୈନ୍ୟ, ସାଧାରଣ ନାଗରିକ ଓ ଆତଙ୍କବାଦୀ ନିହତ ହୋଇଥିଲେ। ସୀମା ଉତ୍ତେଜନା ଲାଗି ରହିଥିବାବେଳେ ଏହାକୁ ହ୍ରାସ କରିବା ପାଇଁ ତୁର୍କୀ ଓ ଅନ୍ୟ ବନ୍ଧୁ ରାଷ୍ଟ୍ରଙ୍କ ସହଯୋଗରେ ନୂଆ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପୂର୍ବ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଚଳିତ ସପ୍ତାହରେ ନୂଆ ସୀମା ସଂଘର୍ଷ ଘଟିନାହିଁ। ଉଭୟ ଦେଶ ପ୍ରମୁଖ ସୀମାନ୍ତ ରାସ୍ତାକୁ ବନ୍ଦ ରଖିଥିବାରୁ ବହୁସଂଖ୍ୟାରେ ମାଲ୍‌ବୋଝେଇ ଟ୍ରକ୍ ଉଭୟ ପାର୍ଶ୍ୱରେ ଅଟକି ରହିଛି।

## ଟ୍ୟୁନିସିଆରେ ୩ ମାସ ହେଲା ଫସିଛନ୍ତି ଝାଡ଼ଖଣ୍ଡର ୪୮ ଦାଦନ ଶ୍ରମିକ

ଆଙ୍କାରା,୩୧।୧୦

ଝାଡ଼ଖଣ୍ଡର ଗିରିଡିହ, ବୋକାରୋ ଏବଂ ହଜାରିବାଗ ଜିଲାରୁ ୪୮ ଦାଦନ ଶ୍ରମିକ ଆଫ୍ରିକୀୟ ରାଷ୍ଟ୍ର ଟ୍ୟୁନିସିଆରେ ୩ ମାସ ହେଲା ଫସିରହିଛନ୍ତି। ସୁରକ୍ଷିତ ଭାବେ ସ୍ୱଦେଶ ଫେରିବା ପାଇଁ ଏକ ଭିଡିଓ ବାର୍ତ୍ତା ଜରିଆରେ ସେମାନେ ଭାରତ ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ୬ ମାସ ହେଲା ପାରିଶ୍ରମିକ ମିଳି ନ ଥିବାରୁ ସେମାନେ ଭୋକରେ ଦିନ କାଟୁଛନ୍ତି। ବକେୟା ପାରିଶ୍ରମିକ ପ୍ରଦାନ ସାଙ୍ଗକୁ ଶୀଘ୍ର ଫେରାଇନେବା ଲାଗି ସେମାନେ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ମିଥ୍ୟା ପ୍ରତିଶ୍ରୁତିରେ ନେଇ ସେମାନଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଥିଲା।

# ୫ ବର୍ଷରେ କୋଟିଏ ନିଯୁକ୍ତି ପ୍ରତିଶ୍ରୁତି

### ଏନ୍‌ଡିଏର ବିହାର ନିର୍ବାଚନୀ ଇସ୍ତାହାର

ପାଟନା,୩୧।୧୦

ବିହାର ବିଧାନସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶୁକ୍ରବାର ଇସ୍ତାହାର ପ୍ରକାଶ କରିଛି, ଯେଉଁଥିରେ ରାଜ୍ୟର ଯୁବତୀଯୁବକଙ୍କୁ ୫ ବର୍ଷରେ ୧ କୋଟି ନିଯୁକ୍ତି ଯୋଗାଇଦେବାର ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିହାରରେ ୧ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରାଯିବା ସହ ୪ଟି ମହାନଗରରେ ମେଟ୍ରୋ ଟ୍ରେନ୍ ସେବା ଏବଂ ୭ଟି ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପ୍ରତିଶ୍ରୁତି ଦିଆଯାଇଛି। କେବଳ ସେତିକି ନୁହେଁ, ଏନ୍‌ଡିଏ ପୁନର୍ବାର ବିହାରରେ କ୍ଷମତାକୁ ଆସିଲେ ୭ଟି ଏକ୍ସପ୍ରେସ୍‌ୱେ, ୧୦ଟି ଶିଳ୍ପାଞ୍ଚଳ ପାର୍କ, କେଜିରୁ ପିଜି ପର୍ଯ୍ୟନ୍ତ ମୁକ୍ତ ତଥା ଉନ୍ନତମାନର ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଇଁ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ମାସିକ ୨,୦୦୦ ଟଙ୍କା ସହାୟତା ଯୋଗାଇଦେବ ବୋଲି କହିଛି। ସେହିପରି ରାଜ୍ୟର ବିଶ୍ୱସ୍ତରୀୟ ମେଡିସିଟି ଏବଂ ପ୍ରତି ଜିଲାରେ ଗୋଟିଏ ମେଡିକାଲ କଲେଜ, ମୁକ୍ତ ରାଶନ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା, ଅଧିକ ୫୦ ହଜାର ପକ୍କା ଘର ଯୋଗାଇ ଦିଆଯିବ। ଏହା ବ୍ୟତୀତ ମାତା ସୀତାଙ୍କ ଜନ୍ମସ୍ଥାନ କୁହାଯାଉଥିବା ସୀତାମାଢ଼ି ଜିଲାରେ 'ପୁନୌର ଧାମ ଜାନକୀ ମନ୍ଦିର' ନିର୍ମାଣ ସହ ଉକ୍ତ ଜିଲାର ନାମ ସୀତାପୁରମ୍ ରଖାଯିବ। ପାଟନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନ୍‌ଡିଏର ଇସ୍ତାହାର ଉନ୍ମୋଚିତ ହୋଇଥିବାବେଳେ ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିତନରାମ ମାନ୍‌ଝୀ, ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଜିଲରେ ବାଦୁଡ଼ିଠାରୁ କୋଭିଡ୍ ଭଳି ଭୂତାଣୁ ଚିହ୍ନଟ

ନୂଆଦିଲ୍ଲୀ,୩୧।୧୦

ବ୍ରାଜିଲରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିଠାରେ କୋଭିଡ୍-୧୯ ଭଳି ଭୂତାଣୁ ଚିହ୍ନଟ ହୋଇଛି। ଆମେରିକା, ଜାପାନ,ଅଷ୍ଟ୍ରେଲିଆ ଏବଂ ବେଲ୍‌ଜିୟମ୍‌ର ବୈଜ୍ଞାନିକମାନଙ୍କ ଏକ ଅନ୍ତର୍ଜାତୀୟ ଟିମ୍ ଏହି ନୂଆ ଭାଇରସ୍ ଚିହ୍ନଟ କରିଥିବାବେଳେ ଏହାକୁ ନେଇ ସମ୍ଭାବ୍ୟ ସଂକ୍ରମଣ ଓ ନୂଆ ରୋଗର ଆଶଙ୍କା ଦେଖାଦେଇଛି।



ବେଟାକରୋନା ଭୂତାଣୁ ଯଥା ସିଭିୟର୍ ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏସ୍‌ଏଆର୍‌ଏସ୍-ସିଓଭି-୨) ଏବଂ ମିଡିଲ୍ ଇଷ୍ଟ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏମ୍‌ଇଆର୍‌ଏସ୍-ସିଓଭି) ସମେତ ଅନେକ ଭୂତାଣୁର ପ୍ରାକୃତିକ ଭଣ୍ଡାର ହେଉଛନ୍ତି ବାଦୁଡ଼ି। ଟେରୋନୋଟସ୍ ପାର୍ନେଲି ନାମକ ଏକ କ୍ଷୁଦ୍ର ତଥା ମୁହଁରେ ମୁଛ ଥିବା ବାଦୁଡ଼ିଠାରୁ ବିଆର୍‌ଜେଡ୍ ବ୍ୟାଟ୍ କୋଭ୍ ନାମରେ ଭୂତାଣୁକୁ ଓସାକା ଏବଂ ସିଡ୍‌ନୀ ୟୁନିଭର୍ସିଟିର ଗବେଷକ ଟିମ୍ ଚିହ୍ନଟ କରିଛି। ଏହା ବେଟାକରୋନା ଭାଇରସ୍‌ଠାରୁ ବର୍ଗାନୁବଂଶିକ ଭାବେ ଭିନ୍ନ ବୋଲି ଗବେଷକମାନେ କହିଛନ୍ତି। ତେବେ ବିଆର୍‌ଜେଡ୍ ବ୍ୟାଟ୍ ସିଓଭି କୋଭିଡ୍ ନୁହେଁ, ବରଂ ଏହାର ଏମ୍‌ଇଆର୍‌ଏସ୍ ଭୂତାଣୁ ସହ ଅଧିକ ନିବିଡ଼ ସମ୍ପର୍କ ରହିଥିବା କୁହାଯାଇଛି।

## 'କିଙ୍ଗ୍'କୁ ନେଇ ଉତ୍ସାହିତ ଶାହରୁଖ

**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ନେଇ ବେଶ୍ ଉତ୍ସାହିତ। ଏହି ଫିଲ୍ମରେ ତାଙ୍କ ସହିତ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିବ। ସେମାନଙ୍କୁ ପରଦାରେ ଏକାଠି ଦେଖିବା ପ୍ରଶଂସକଙ୍କ ପାଇଁ ଖୁସିର ବିଷୟ। କାରଣ ଉଭୟ ପୂର୍ବରୁ ଅନେକ ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ଉଭୟଙ୍କ ଅଭିନୀତ ଏହା ଷଷ୍ଠ ଫିଲ୍ମ। ନିକଟରେ ଶାହରୁଖ ତାଙ୍କ X ଆକାଉଣ୍ଟରେ 'ଆସ୍କ ମି ଏନିଥିଙ୍ଗ୍' ସେସନ ଆୟୋଜନ କରିଥିଲେ। ଜଣେ ପ୍ରଶଂସକ 'କିଙ୍ଗ୍' ଉଲ୍ଲେଖ କରି ଲେଖିଥିଲେ, ଆପଣ ଏବଂ ଦୀପିକାଙ୍କୁ ପୁଣିଥରେ ଏକାଠି ଦେଖିବାକୁ ଆମେ ବହୁତ ଉତ୍ସାହିତ। ବଲିଉଡ ସୁପରଷ୍ଟାର ଏହାର ଜବାବ ଦେଇ କହିଥିଲେ, ମୁଁ ମଧ୍ୟ। ଶାହରୁଖଙ୍କ ଝିଅ ସୁହାନା ମଧ୍ୟ 'କିଙ୍ଗ୍'ରେ ଅଭିନୟ କରିବେ। ଫିଲ୍ମର କାହାଣୀ ବିଷୟରେ ଏପର୍ଯ୍ୟନ୍ତ ଅଧିକ ସୂଚନା ପ୍ରକାଶ ପାଇନାହିଁ। ପୂର୍ବରୁ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲରେ ଶାହରୁଖ 'କିଙ୍ଗ୍' ବିଷୟରେ କହିଥିଲେ। ଏହା ଏକ ଆକ୍ସନ ଡ୍ରାମା ହିନ୍ଦୀ ଫିଲ୍ମ। ଏହା ଆକର୍ଷଣୀୟ ହେବ। ୭ କିମ୍ବା ୮ ବର୍ଷ ପୂର୍ବରୁ ଏଭଳି ଫିଲ୍ମ କରିବି ବୋଲି ଆଶା ରଖିଥିବା ଶାହରୁଖ କହିଥିଲେ।



# ୩ ଦିନରେ ୭୦୦ ମୃତ: ବିରୋଧୀ

### ତାଞ୍ଜାନିଆରେ ନିର୍ବାଚନୀ ବିକ୍ଷୋଭ ବେଳେ ହିଂସା



ତାଞ୍ଜାନିଆ ରାଷ୍ଟ୍ରପତି ସମିଆ ସୁଲୁହୁ ହାସନ୍

ଡୋଡୋମା,୩୧।୧୦

ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ତାଞ୍ଜାନିଆରେ ନିର୍ବାଚନୀ ଅନିୟମିତତାକୁ ନେଇ ବିକ୍ଷୋଭ ବେଳେ ୭୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବା ବିରୋଧୀ ଦଳ ଦାବି କରିଛି। ରାଷ୍ଟ୍ରପତି ସମିଆ ସୁଲୁହୁ ହାସନ୍‌ଙ୍କ ୨ ବଡ଼ ଚ୍ୟାଲେଞ୍ଜରଙ୍କୁ ଦୌଡ଼ରୁ ବାଦ୍ ଦିଆଯାଇଥିବାରୁ ଦେଶବ୍ୟାପୀ ଜନାକ୍ରୋଶ ବୃଦ୍ଧି ପାଇଛି। ଉତ୍ତ୍ୟକ୍ତ ଲୋକେ ସରକାରୀ ଅଫିସଗୁଡ଼ିକରେ ଭଙ୍ଗାରୁଜା ଓ ଜଳାପୋଡ଼ା କରିବାରେ ଲାଗିଛନ୍ତି। ବିକ୍ଷୋଭକାରୀମାନେ ରାସ୍ତାରେ ଟାୟାର ଜାଳି ରାଷ୍ଟ୍ରପତିଙ୍କ ସପକ୍ଷରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ଚିରିବାରେ ଲାଗିଥିବାବେଳେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏପରି କି ବିକ୍ଷୋଭକାରୀମାନେ କେତେକ ଥାନାରେ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସରକାର ବୁଧବାରଠାରୁ ଇଣ୍ଟରନେଟ ସେବାକୁ ବନ୍ଦ କରିଦେଇଛନ୍ତି। ରିପୋର୍ଟିଂ ପାଇଁ ବିଦେଶୀ ଖବରଦାତାମାନଙ୍କୁ ତାଞ୍ଜାନିଆକୁ ଛଡ଼ାଯାଉନାହିଁ।

ତେବେ ବିକ୍ଷୋଭକାରୀଙ୍କ ଉପରେ ସରକାର ଦମନଲୀଳା ଚଳାଇଥିବାରୁ ଆଗକୁ ସ୍ଥିତି ଆହୁରି ଅଶାନ୍ତ ହେବା ଆଶଙ୍କା କରାଯାଉଛି। ରାଜଧାନୀ ଦରଏସ୍ ସଲାମରେ ପୋଲିସ ୨ ଦିନ ହେଲା କର୍ଫ୍ୟୁ ଜାରି କରିଛି। ସହରର ବିଭିନ୍ନ ସ୍ଥାନରେ ଶୁକ୍ରବାର ବହୁ ସଂଖ୍ୟକ ପୋଲିସ ଓ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ସରକାରୀ କର୍ମଚାରୀମାନଙ୍କୁ ଘରେ ରହି କାମ (ୱାର୍କ-ଫ୍ରମ୍-ହୋମ୍) କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଶାନ୍ତ ସ୍ଥିତି ୨୦୨୧ରୁ କ୍ଷମତାରେ ଥିବା ରାଷ୍ଟ୍ରପତି ହାସନଙ୍କ ପାଇଁ ଅଗ୍ନିପରୀକ୍ଷା ପାଲଟିଛି। ଅନ୍ୟପକ୍ଷେ ହାସନ ମାନବାଧିକାର



ଦର୍-ଏ-ସଲାମ୍‌ରେ ସରକାରୀ ବିରୋଧୀ ବିକ୍ଷୋଭବେଳେ ଟେକା ମାରୁଛନ୍ତି ଆନ୍ଦୋଳନକାରୀ।

ହନନ ସମ୍ପର୍କିତ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗତବର୍ଷ ସେ କେତେକ ଅପହରଣ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଅଦ୍ୟାବଧି ସେନେଇ ରିପୋର୍ଟ ଦାଖଲ କରାଯାଇ ନ ଥିବା ହାସନ କହିଛନ୍ତି। ନିର୍ବାଚନ କମିଶନ ପ୍ରାଦେଶିକ ନିର୍ବାଚନ ଫଳାଫଳ ଗୁରୁବାର ଘୋଷଣା କରିଛନ୍ତି। ହାସନଙ୍କ ଦଳ ଚାମା ଚା ମାପିନ୍ଦୁଜି (ସିସିଏମ୍) ଅନେକ ନିର୍ବାଚନମଣ୍ଡଳୀରେ ବିଜୟ ଲାଭ କରୁଥିବା ଫଳଫଳରେ ଦର୍ଶାଯାଇଛି। ସରକାରୀ ଟିଭି ଚ୍ୟାନେଲରେ ସେନା ମୁଖ୍ୟ ଜାକୋବ୍ ଏମ୍‌କୁଣ୍ଡା କହିଛନ୍ତି, ଅପରାଧୀମାନେ ଏସବୁ କାଣ୍ଡ ଭିଆଉଛନ୍ତି। ସାମରିକ ତଥା ଅନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ସ୍ଥିତିକୁ ନିୟନ୍ତ୍ରଣରେ ରଖିଛନ୍ତି। ତାଞ୍ଜାନିଆର ମୁଖ୍ୟ ବିରୋଧୀ ଦଳ ଚାଡେମା ନିର୍ବାଚନ ବେଳେ ଆନ୍ଦୋଳନ ଡାକରା ଦେଇଥିଲା। ନିର୍ବାଚନ ଆଚରଣ ବିଧିରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିବାରୁ ଗତ ଏପ୍ରିଲରେ ମୁଖ୍ୟ ବିରୋଧୀ ଦଳ ଓ ଏହାର ନେତା ଟୁଣ୍ଡୁ ଲିସୁଙ୍କୁ ଦେଶଦ୍ରୋହ ଅଭିଯୋଗରେ ଅଯୋଗ୍ୟ ଘୋଷଣା କରାଯାଇଥିଲା। ସେହିପରି ଅନ୍ୟତମ ବିରୋଧୀ ଦଳ ଏସିଟି-ୱାଜାଲେଣ୍ଡୋକୁ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ଦେବାରୁ ନିର୍ବାଚନ କମିଶନ ଅଯୋଗ୍ୟ ଘୋଷଣା କରିବା ପରେ ହାସନଙ୍କ ବିରୋଧରେ ମାତ୍ର ୨ଟି ଛୋଟ ଦଳ ରହିଥିଲେ। ଏଭଳି ସ୍ଥିତିରେ ରାଷ୍ଟ୍ରପତିଙ୍କ ପୁନଃ ବିଜୟ ସୁନିଶ୍ଚିତ ହୋଇଥିଲା। ଗୁରୁବାର ପ୍ରକାଶିତ ନିର୍ବାଚନ ଫଳକୁ ଗୁରୁବାର ୟୁରୋପିଆନ୍ ପାର୍ଲାମେଣ୍ଟ ଏକ 'ଜାଲିଆତି' ବୋଲି ଅଭିହିତ କରିଥିଲା। ସରକାରଙ୍କ ଦମନମୂଳକ କାର୍ଯ୍ୟ ଦେଶରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ୟୁରୋପୀୟ ସଂସଦର ସଦସ୍ୟମାନେ ସମାଲୋଚନା କରିଥିଲେ। ଇତିମଧ୍ୟରେ ଜାତିସଂଘ ମାନବାଧିକାର ମୁଖପାତ୍ର ସେଇଫ୍ ମାଗାଙ୍ଗୋ ଜେନେଭାରେ ଖବରଦାତାମାନଙ୍କୁ କହିଛନ୍ତି, ନିର୍ବାଚନ ପରେ ବିକ୍ଷୋଭ ବେଳେ ଘଟିଥିବା ହିଂସାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ତାଙ୍କର ହସ୍ତଗତ ହୋଇଛି। ସ୍ଥିତି ଉପରେ ନଜର ରଖାଯାଇଛି।

छत्तीसगढ़ रजत महोत्सव 25 | छत्तीसगढ़ राज्योत्सव

# Chhattisgarh FOUNDATION DAY & Rajat Mahotsav



In the esteemed presence of

Hon'ble Prime Minister

## SHRI NARENDRA MODI JI

development projects worth

**Approx. ₹14,300 Crore**

01 November 2025

Rajyotsav Sthal
Nava Raipur, Atal Nagar, Chhattisgarh

spanning Road Infrastructure, Energy, Industry, Housing, Rural Development and the Health Sector — will be Inaugurated, Dedicated to the Nation and Foundation Stones laid, alongside the ceremonial Griha Pravesh.

### Inauguration

**Shaheed Veer Narayan Singh Memorial & Tribal Freedom Fighters Museum** — ₹52 Crore





**Chhattisgarh's New Vidhan Sabha Bhawan** — ₹324.93 Crore

### Griha Pravesh and Installment Release ₹1,200 Crore

- Griha Pravesh of **3.51 Lakh** 'Pucca Awaas' constructed under **PMAY-G** and distribution of **Khushiyon Ki Chaabi**
- Release of financial **assistance instalments** to **3 Lakh** beneficiaries

### Foundation Stone laying ₹7,459 Crore

- **New smart industrial** areas in Janjgir-Champa and Rajnandgaon
- **Pharmaceutical Park** in Nava raipur
- Working **women's hostel** in Koni and Uslapur villages (Bilaspur)
- **Government Medical College** building in Manendragarh, kabirdham, Janjgir-Champa and Geedam (Dantewada)
- **Government Ayurveda College** and **Hospital building** in Bilaspur
- Construction and Upgradation works of **3 National Highways** (NH-130D) and Pathalgaon-Kunkuri-CG/JH Border **Four Lane Greenfield** National Highway
- **220 kV power substation** in Kanker and **132 kV power substation** in Balodabazar-Bhatapara
- Infrastructure **Power Work** under **RDSS Scheme**

### Inauguration ₹3,250 Crore

- **7 EHV substations, 400 kV** in Mungeli, **220 kV** in Rajim (Gariyaband) and Patan (Durg), **132 kV** in Raipur, Bemetara, Bilaspur and Koriya
- **33 kV substation** in Sukma and Bastar
- Chhattisgarh and Odisha Section(489 km) of the **Nagpur–Jharsuguda Pipeline –(GAIL)**
- New **Petroleum Oil Depot (HPCL)**
- **Start-up Village Entrepreneurship Programme** in **12 blocks** across **9 districts**
- Inter-regional **ER–WR Interconnection Transmission Project (POWERGRID)**

### Dedicating to Nation ₹1,979 Crore

- New **11 kV** and **LT lines, overloaded 11 kV feeders and transformers** in various districts
- Conversion of bare **conductors** into **AB cables**
- Construction of **2-lane paved shoulder road** on **National Highway-130C** from Madangmuda–Devbhog up to the Odisha border

S-45741/39

DD NEWS Watch live on DD News

Scan the QR to join us

छत्तीसगढ़ जनसंपर्क | Visit us : /ChhattisgarhCMO /DPRChhattisgarh www.dprcg.gov.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୁନ୍ଦରାକାଣ୍ଡ ସାମୂହିକ ପାଠୋତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ୟୁନିଟ୍-୩, ସମୟ: ସକାଳ ୮ଟା ୩୦ ।
- ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ-୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) କାର୍ଯ୍ୟାଳୟ, ସାମନ୍ତରାପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସାମାଜିକ ନ୍ୟାୟ ନେତୃତ୍ୱ ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟଜୟନ୍ତୀ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ସାରସ୍ୱତ ସଭା ଏବଂ 'ମହାପ୍ରଭୁ ଶ୍ରୀଜଗନ୍ନାଥ'ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ।

## କଟକ
- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ପଦଯାତ୍ରା, ସ୍ଥାନ: ନିଶାମଣି କନଭେନଶନ ନିକଟ, ଲିଙ୍କ ରୋଡ୍, ସମୟ: ସକାଳ ୮ଟା ।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଡ଼କ ସୁରକ୍ଷା ସଚେତନତା ଅବସରରେ ପଦଯାତ୍ରା, ସ୍ଥାନ: ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଟକ, ସମୟ: ସକାଳ ୮ଟା ୩୦ ।

## ବାଲେଶ୍ୱର
- ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହେଶପୁର ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୩ଟା ।
- ବୋଇତ ବନ୍ଦାଣ ଉତ୍ସବ ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ: ଆରୁହାବୃତ୍ତି ପଞ୍ଚାୟତ କାର୍ଯ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୪ଟା ।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ
- ଦୁର୍ନୀତି ନିବାରଣ ସଚେତନତା ନେଇ ସାଧାରଣ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା ।
- ନୂତନ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ,ସ୍ଥାନ: ତହସିଲ କାର୍ଯ୍ୟାଳୟ, ଚିତ୍ରଡ଼ା,ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ
- ଅଭିନୟ ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକ ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ।

## ଅନୁଗୋଳ
- ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: କିଶୋରନଗର ବ୍ଲକ ବିଲେଇନାଳୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ରାସ ମଣ୍ଡପରେ ରାଧାକୃଷ୍ଣଙ୍କ ପୂଜା ଆରମ୍ଭ, ସ୍ଥାନ: ମହୀଧରପୁର, ସମୟ: ସନ୍ଧ୍ୟା ୬ ଟା ।

## ଜଗତ୍‌ସିଂହପୁର
- ଜଗନ୍ନାଥ ଚେତନା ସୁରକ୍ଷା ମଞ୍ଚ ପକ୍ଷରୁ ମାଧବ ମନ୍ଦିର ପୋଢୁଆଁ ଭାର ସମ୍ପର୍କରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର, ଉଦୟବଟ ଧାମ, ଭିତରଗଡ଼, ପାରାଦୀପ, ସମୟ: ଅପରାହ୍ନ ୪ଟା ।

## କେନ୍ଦ୍ରାପଡ଼ା
- ଦୁର୍ନୀତି ନିବାରଣ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା ।
- ଜିଲା ଚେସ ଆସୋସିଏଶନ ପକ୍ଷରୁ ଆନ୍ତରାଜ୍ୟ ମହିଳା ଚେସ ଚମ୍ପିୟାନସିପ, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା ।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତ ଉପଲକ୍ଷେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରପଡ଼ା ସହର, ସମୟ: ସକାଳ ୮ଟା ।

## ଯାଜପୁର
- ଜଗନ୍ନାଥ ସେବା ସଂଘ ପକ୍ଷରୁ ରାହାସ ପୂର୍ଣ୍ଣିମା ଉତ୍ସବ, ସ୍ଥାନ : ଧର୍ମଶାଳା ବ୍ଲକ ବଳରାମପୁରଗଡ ଜଗନ୍ନାଥ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା ।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦ଟା୩୦ ।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଳାଁ ନବମୀ ଯାତ୍ରାର ଅଙ୍କୁରାରୋପଣ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତର ଭୀମରା ପାହାଡ଼, ସମୟ: ସକାଳ ୭ଟା ।
- ଶରତ ରାସଯାତ୍ରା ମହୋତ୍ସବର ୨ୟ ଦିବସରେ ବସ୍ତ୍ରହରଣ ଓ ଅଧିବାସ, ସ୍ଥାନ: ଦଶପଲ୍ଲା ସହରର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ: ସକାଳ ୭ଟା ।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାଗବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆଁପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା ।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ: ସକାଳ ୮ଟା ।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ, ସମୟ: ସକାଳ ୯ଟା ।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତର ନାରାୟଣୀ ପୀଠ, ସମୟ: ସକାଳ ୯ଟା ।
- ୨ୟତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୨ୟ ଦିବସ, ସ୍ଥାନ: କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ଟା ।

ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭାପୁର ବ୍ଲକ ବିଜିପୁର ସାଇ ମନ୍ଦିର ନିକଟ, ସମୟ: ସକାଳ ୯ଟା ।

## ରାୟଗଡ଼ା
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ରାୟଗଡା ଗଜପତି ଛକ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦ ।
- ଦୁର୍ନୀତି ନିବାରଣ ସପ୍ତାହ ସଭାକାର୍ଯ୍ୟ ଓ ଆଲୋଚନାଚକ୍ର, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସଦ୍‌ଭାବନା ଗୃହ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର
- ଦୁର୍ନୀତି ମୁକ୍ତ ଓ ସ୍ୱଚ୍ଛ ସମାଜ ପ୍ରତିଷ୍ଠା ଉପଲକ୍ଷେ ଜିଲାସ୍ତରୀୟ ଶୋଭାଯାତ୍ରା, ସଚେତନ ସଭା , ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କୋରାପୁଟ
- ଅଷ୍ଟପ୍ରହର ନାମଯଜ୍ଞ ଉଦଯାପନୀ, ସ୍ଥାନ: ମାର୍କେଟ ପରିସର, ହାଲ ସୁନାବେଡା, ସମୟ: ସକାଳ ୯ଟା ।
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଆଭାସି ମାଧ୍ୟମରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନନ୍ଦପୁର ବ୍ଲକ ଓସ୍ୱାନ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ମାଲକାନଗିରି
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ,ସମୟ: ସକାଳ ୯ଟା ।
- ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଥିଲି ,ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର
- ଭିସୁଟ ଆୟୋଜନରେ ପାରାଲେକ୍ସ ଅଫ ସର୍ସପେକଟିଭ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଇ-ଲାର୍ଣ୍ଣିଂ ସେଣ୍ଟର, ସମୟ: ସକାଳ ୯ଟା ।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା ୩୦ ରୁ ରାତି ୧୦ଟା ।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା ।
- ସମ୍ବଲପୁର ରେଳମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରେଲବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା

## ବଲାଙ୍ଗୀର
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ, ସମୟ: ପୂର୍ବାହ୍ନ ୮ଟା ୩୦ ।
- ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦ ।

## ସୁନ୍ଦରଗଡ଼
- ୨୪ତମ ଓଡିଶା ଆନ୍ତଃଜିଲା କନିଷ୍ଠ ସିପକ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନ ସମାରୋହ, ସ୍ଥାନ:ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଗ୍ରାମପଞ୍ଚାୟତ ,ତେନ୍ତୁଳି ଡିପା ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା ।

## କଳାହାଣ୍ଡି
- ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ ପକ୍ଷ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ସମୟ: ସକାଳ ୯ଟା ।
- କଳାହାଣ୍ଡି ଗଠନ ଦିବସ ଜିଲାସ୍ତରୀୟ ସମାରୋହ, ସ୍ଥାନ:ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା ।

## ବୌଦ୍ଧ
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ସଚେତନତା ସଭା ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ।

## ଦେବଗଡ଼
- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ।
- ବିଦ୍ୟାଳୟ ସ୍ତରୀୟ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲିସ୍ଥିତ ଦିଗଶିରା ଗ୍ରାମରେ କୈଳାସୀ ଯାତ୍ରା, ସ୍ଥାନ: ଅଙ୍ଗନଦୀସ୍ଥିତ କୈଳାସୀ ଯାତ୍ରା ପଡ଼ିଆ, ସମୟ: ସକାଳ ୮ ରୁ ଆରମ୍ଭ ହୋଇ ରାତି ୧୨ଟା ପର୍ଯ୍ୟନ୍ତ ।
- ସୋନପୁର ବ୍ଲକ ବଡ ଝିଙ୍କିରେ କଳାସୀ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ବଡଝିଙ୍କି ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦ ।

## ନୂଆପଡ଼ା
- ରାହାଁସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୭ଟା ଓ ରାତ୍ର ୮ଟା ।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା ।

## ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା ।
- ଦୁର୍ନୀତି ନିବାରଣ ସଚେତନତା ଶିବିର, ସ୍ଥାନ: ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବେଲପାହାଡ଼ ଫୁଟବଲ କପ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବେଲପାହାଡ଼ ରତନ ଟାଟା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ସହ ରାହୁଙ୍କ ସଂଯୋଗ ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ହୋଇପାରେ । କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ । ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ । ସାହିତ୍ୟ, ସାମ୍ବାଦିକତା, ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି ।

**ବୃଷ** ଆଜି ରାଶ୍ୟାଧିପ ଶୁକ୍ରଙ୍କ ନୀଚତ୍ୱ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ । ଶନିଙ୍କ ଦୃଷ୍ଟିଜନିତ ଉଦାସୀନତା ସୃଷ୍ଟିକରି ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି । ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି ।

**ମିଥୁନ** ତୃତୀୟାଧିପତିଙ୍କ ଦୁର୍ବଳତାଜନିତ ବିବାଦରେ ପଶିଲେ ଅପଦସ୍ଥ ହୋଇପାରନ୍ତି । ପଡ଼ୋଶୀଙ୍କ ଦ୍ୱାରା ଘରୋଇ ବ୍ୟାପାରରେ ହସ୍ତକ୍ଷେପ ମାଧ୍ୟମରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ । ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିବେ । ଘରେ ବନ୍ଧୁ ମିଳନରେ ଆମୋଦ ପ୍ରମୋଦର ସୁଅ ଛୁଟିବ ।

**କର୍କଟ** ଧନସ୍ଥାନରେ କେତୁ ଓ ଧନାଧିପ ବଳହୀନ ଯୋଗୁ ଅର୍ଥ ସଙ୍କଟ ଲାଗିରହିବ । ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ରହିବେ । ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟରେ ଲାଭ ଆଶାନୁରୂପ ପାଇପାରିବେ । ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ ଅବଶ୍ୟ ସବୁ କଥାରେ ନରମି ରହି ପାରିଲେହିଁ ସୁଫଳ ପାଇବେ ।

**ସିଂହ** ରବିଙ୍କ ଦୁର୍ବଳତା ସାଇନୋଇସାଇଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡ଼ାକୁ ନିମନ୍ତ୍ରଣ କରିପାରେ । କର୍ତ୍ତବ୍ୟର ଦ୍ୱାହି ଦେଇ ଅନ୍ୟ ପାଇଁ କଷ୍ଟ ସ୍ୱୀକାର କରିପାରନ୍ତି । କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ ଦୋଷୀ ସାବ୍ୟସ୍ତ ହେବାର ଆଶଙ୍କା ରହିଛି । ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି ।

**କନ୍ୟା** ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ଭାଇ କିମ୍ବା ସହକର୍ମୀଙ୍କ ହେତୁକ ସମସ୍ୟାରେ ବ୍ୟସ୍ତତା ପ୍ରକାଶ କରିବେ । କିଛି ମତ ମନ୍ତବ୍ୟ ଦେବା ପୂର୍ବରୁ ଭାବିଚିନ୍ତି କହିବା ଭଲ । ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ । କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି ।

**ତୁଳା** ନୀଚସ୍ଥ ଶୁକ୍ର ଓ ରବିଙ୍କ ଯୋଗୁ କାମଗୁଡ଼ିକ ଅଧୁରା ରହିଯିବ । ସନ୍ତାନଙ୍କ ବେଖାତିର କାମ ଯୋଗୁ ମାନସିକ ସ୍ଥିରତା ହରାଇବେ । ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟା ଦେଖାଦେଇପାରେ । ବୃହସ୍ପତିଙ୍କ ଦୃଷ୍ଟିରୁ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବାର ଆଶା କରାଯାଇପାରେ ।

**ବିଛା** ସ୍ୱଗୃହୀ ମଙ୍ଗଳଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ । ଆନୁଷ୍ଠାନିକ କାମରେ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ । ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି । ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ବୃଦ୍ଧିପାଇବ ।

**ଧନୁ** ପାପଗ୍ରହମାନେ ରାଶିକୁ ପ୍ରଭାବିତ କରୁଥିବାରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗଙ୍କ ଆନ୍ତରିକତାକୁ ହରାଇପାରନ୍ତି । ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ ।

**ମକର** ଗ୍ରହଙ୍କ ପ୍ରତିକୂଳ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବ । ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବେ । ଉଚ୍ଚ ବର୍ଗର ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ । ସହକର୍ମୀଙ୍କ ଦୌରାତ୍ମ୍ୟ କ୍ରମଶଃ କମିବ ଏବଂ ମିତ୍ରମାନଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ ।

**କୁମ୍ଭ** ରାଶିରେ ରାହୁଙ୍କ ପ୍ରଭାବରେ ଭୁଲ୍ ନିଷ୍ପତ୍ତି ନେଇ ହରଡଘଣାରେ ପଡ଼ିପାରନ୍ତି । ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନାହିଁ । ପିଲାଙ୍କର କିଛି ସମସ୍ୟାକୁ ନେଇ ହଠାତ୍ ବିବ୍ରତ ହୋଇପାରନ୍ତି । ତଥାପି ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କମିଯିବାର ସୂଚନା ରହିଛି ।

**ମୀନ** କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ । ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ । ଅଭାବ ନଥିଲେ ମଧ ଶାନ୍ତି ପାଇବା କଷ୍ଟକର ହୋଇପାରେ ।

ଆଜି ନଭେମ୍ବର ୧ ତାରିଖ, ବିଶୁଦ୍ଧ ଶାକାହାରୀ ଦିବସ, କାର୍ତ୍ତିକ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ, ଶନିବାର । ଶ୍ରୀଜୀଉଙ୍କ ରାଧା ଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, କପିଳାସ ମହିମାତପୋବନ ମେଳା, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୧ଗତେ ଘ.୦୮।୪୦ ମଧ୍ୟେ, ଘ.୧୧।୫୨ ମି. ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୮।୪୦ ମି. ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ ।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଉଳ ପତ୍ର, ବଉଳ ବାଆ,**
**କୋଳି ଗଣ୍ଡାକର ଘର;**
**ଷାଠିଏ ଟଙ୍କାର ବଳଦ ବାନ୍ଧି,**
**ନାଥେ ହେଲେ ହରବର ।**

ଅଭାବରୁ ହୀନସ୍ଥା । ବହୁ ମୂଲ୍ୟ ବିନିମୟରେ ବଳଦ ଆଣି ତା'ର ଉପଯୁକ୍ତ ଭାବେ ପାଳନ କରି ନ ପାରି ହରଡ଼ଘଣାରେ ପଡ଼ିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅଭିଆଡ଼ୀ ସୂତା କାଟିଲେ ରାଣ୍ଡେ,**
**ଅଭିଆଣ କଥା ଦେଖ ଲୋ ଦାଣ୍ଡେ ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ । ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ୍ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ନିର୍ବାଚିତ ଉଗଡ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଓଡ଼ିଶା ରାଜନୀତିକୁ ନୂଆ ବାଟ ଦେଖାଇବ ନୂଆପଡ଼ା: ପ୍ରସାଦ


ଭୁବନେଶ୍ୱର,୩୧।୧୦
(ରବିନାରାୟଣ ଜେନା)

ଭାରତ ବର୍ଷର ରାଜନୀତିକୁ ଆଗାମୀ ଦିନରେ ବିହାର ନିର୍ବାଚନ ଫଳାଫଳ ଯେଭଳି ପ୍ରଭାବିତ କରିବ, ଠିକ୍ ସେହିପରି ନୂଆପଡ଼ାର ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ବାଟ ଦେଖାଇବ ବୋଲି କଂଗ୍ରେସ କହିଛି ।

ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ନୂଆପଡ଼ାରେ ଭାଜପା ଓ ବିଜେଡି ମଧ୍ୟରେ ସଲାକୁତ୍ରି ଚାଲିଛି । କିନ୍ତୁ ଜନତା ସବୁ ଦେଖୁଛନ୍ତି ଏବଂ ନିଷ୍ପତ୍ତି ମଧ ନେଇ ସାରିଛନ୍ତି । ବିଜେଡି ପ୍ରାର୍ଥୀ ବରଗଡ଼ରୁ ଆଣିଥିବାବେଳେ ଭାଜପା ପ୍ରାର୍ଥୀ ନ ପାଇ ବିଜେଡିରୁ ଧରି ଆଣିଛି । ହେଲେ କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି । ନୂଆପଡ଼ାରେ ନୂଆ ନାରା ଉଠୁଛି 'ବାହାରି ଭଗାଓ, ଆପନା ଲାଓ' ।

ପ୍ରସାଦ କହିଛନ୍ତି, ଦୁର୍ଭିକ୍ଷ ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଏଠାକୁ ଆସିଥିଲେ । ପ୍ରଧାନମନ୍ତ୍ରୀ ଥିବାବେଳେ ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀ କୋମନା ବ୍ଲକ ଆସି ଆଦିବାସୀମାନଙ୍କ ପାଇଁ କାର୍ଯ୍ୟ କରିଛନ୍ତି । 'ମାଡ଼ା' ଯୋଜନା ଓ କେବିକେ ଯୋଜନା ମାଧ୍ୟମରେ କଂଗ୍ରେସ ଅମଳରେ ନୂଆପଡ଼ାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି । ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରରେ ରେଳମନ୍ତ୍ରୀ ଥିବାବେଳେ ଖୋର୍ଦ୍ଧା ଓ ବଲାଙ୍ଗୀର ରେଳପଥ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସେ କାର୍ଯ୍ୟ ଶେଷ ହୋଇନାହିଁ । ଏବେ ନୂଆପଡ଼ାରୁ ସର୍ବାଧିକ ଶିକ୍ଷିତ, ବେକାରି ଯୁବତୀ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ୨୪ବର୍ଷର ବିଜେଡି ଏବଂ ୧୬ମାସର ଭାଜପା ସରକାରଙ୍କ ଏହା ହିଁ ନୂଆପଡ଼ାକୁ ଅବଦାନ ବୋଲି ପ୍ରସାଦ କହିଛନ୍ତି ।

# ୩ରେ ନୂଆପଡ଼ା ଯିବେ ନବୀନ


ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ା ଉପନିର୍ବାଚନର ପ୍ରଚାର ଲାଗି ଆସନ୍ତା ୩ ତାରିଖରେ ଗସ୍ତ କରିବେ । ଏହି ଅବସରରେ ସେ ନୂଆପଡ଼ାର କୋମନା ବ୍ଲକ୍‌ଠାରେ ଆୟୋଜିତ ଏକ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏ ନେଇ ନିଜେ ନବୀନ ଏକ ଭିଡିଓ ବାର୍ତ୍ତା ଜରିଆରେ ଶୁକ୍ରବାର ସୂଚନା ଦେଇଛନ୍ତି । ଉକ୍ତ ଭିଡିଓରେ ନବୀନ କହିଛନ୍ତି, ସେ ୩ ତାରିଖରେ କୋମନା ବ୍ଲକ୍ ଯାଇ ସେଠାରେ ସାଧାରଣ ଲୋକଙ୍କୁ ଭେଟିବେ । ସ୍ଥାନୀୟ ଲୋକମାନଙ୍କ ସହ ୨ ପଦ କଥା ହେବେ ବୋଲି ସେ ସ୍ଥାନୀୟ ଭାଷାରେ କହିଛନ୍ତି । ଅନ୍ୟପଟେ ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୭ ତାରିଖରେ ନବୀନ ଆଉ ଥରେ ନୂଆପଡ଼ା ଗସ୍ତକରି ନୂଆପଡ଼ା ବ୍ଲକରେ ହେବାକୁ ଥିବା ଅନ୍ୟ ଏକ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ।

# ନୂଆପଡ଼ାରେ ସାଙ୍ଗଠନିକ କାର୍ଯ୍ୟ ପାଇଁ ୧୭ ନେତାଙ୍କୁ ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଲାଗି ବିଜେଡି ପକ୍ଷରୁ ୧୭ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବରିଷ୍ଠ ନେତା ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେଶ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପଡ଼ାଲ, ମାନସ ମାଡକାମୀ, ଝିନ୍ନ ହିକ୍‌କା, ସାନନ୍ଦ ମାରାଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଈଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ ଏବଂ ଦୁଷ୍ମନ୍ତ ନାଏକଙ୍କୁ ତାଲିକାରେ ରଖାଯାଇଛି । ସୂଚନାଯୋଗ୍ୟ, ଏହି ନେତାମାନଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ନୂଆପଡ଼ାର ବିଭିନ୍ନ ବ୍ଲକ୍ ଏବଂ ଏନ୍‌ଏସି ଦାୟିତ୍ୱ ପ୍ରଦାନ କରାଯାଇଛି । ଆଉ କେତେଜଣ ନୂଆ ନେତାଙ୍କୁ ଏହି ତାଲିକାରେ ଯୋଡ଼ାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ୬ ମେଡିକାଲ କଲେଜରେ ...

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି, ଗୋଟିଏ ବର୍ଷ(୨୦୨୫-୨୬)ରେ ୬ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୬୨ଟି ସ୍ନାତକୋତ୍ତର (ପିଜି) ସିଟ୍ ପାଇଁ ଅନୁମୋଦନ ମିଳିଥିବାରୁ ହୃଦୟରୁ କୃତଜ୍ଞତା ଜଣାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ଅନୁମୋଦନ ପଶ୍ଚିମ ଓଡ଼ିଶାରେ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିପାଦିତ ହେବ । ନୂଆ ପିଜି ପାଠ୍ୟକ୍ରମଗୁଡ଼ିକ ପାଠ୍ୟକ୍ରମରେ ସାମିଲ ହେବା ଫଳରେ ଚିକିତ୍ସା ଶିକ୍ଷା ଓ ଗବେଷଣାର ଗୁଣବତ୍ତା ବୃଦ୍ଧି ପାଇବା ସହିତ ସେହି ଅଞ୍ଚଳର ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ ହୋଇପାରିବ ।ଓଡ଼ିଶା ସରକାର ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି)ଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ସମସ୍ତ ନିୟମ ଓ ମାନକକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ବଦ୍ଧପରିକର । ଏହି ପ୍ରତିଷ୍ଠାନଗୁଡ଼ିକୁ ଏକ ପ୍ରମୁଖ ଚିକିତ୍ସାରେ ଉତ୍କର୍ଷତା କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ଚଳିତବର୍ଷ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ଫକୀର ମୋହନ ମେଡିକାଲ କଲେଜ -ବାଲେଶ୍ୱର, ଭୀମଭୋଇ ମେଡିକାଲ କଲେଜ-ବଲାଙ୍ଗୀରରେ ପୂର୍ବରୁ କେବଳ ଏମ୍‌ବିବିଏସ୍ ପାଠ୍ୟକ୍ରମ ରହିଥିବାବେଳେ ଚଳିତବର୍ଷ ଏଠାରେ ପିଜି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଛି । ଏହାସହିତ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସ୍ପିଟାଲ, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ପିଜିଆଇଏମ୍‌ଇଆର୍‌ରେ ମଧ ନୂତନ ଭାବେ ପିଜି ପାଠ୍ୟକ୍ରମକୁ ଅନୁମତି ମିଳିଥିବା ଜଣାଯାଇଛି ।

# ନୂଆପଡ଼ା: ଏବେ ବି ନାହିଁ ନେଟ୍‌ୱର୍କ

ନୂଆପଡ଼ା,୩୧।୧୦(ମକାରୁ ବେମାଲ)



ଦେଶ ଏବେ ବିକାଶ ପଥରେ ଅଗ୍ରସର ହେଉଛି। ଭାରତ ଆତ୍ମନିର୍ଭର ହେବା ନେଇ କେନ୍ଦ୍ର ସରକାର କହୁଛନ୍ତି। ହେଲେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଏକାଧିକ ଗାଁରେ ମୋବାଇଲ ଫୋନ୍ ନେଟ୍‌ୱର୍କ ମୂଳରୁ ନାହିଁ। ଯଦି ନେଟୱର୍କ ନ ଥିବ ତେବେ ଜଣେ ମୋବାଇଲ ଫୋନ୍ ବ୍ୟବହାର କରିପାରିବ ନାହିଁ। ଏଥିରୁ ସେଠାକାର ଲୋକଙ୍କ ସମସ୍ୟା କେତେ ଜଟିଳ ହୋଇଥିବ ତାହା ସହଜେ ଅନୁମେୟ। ନୂଆପଡ଼ା ସଦର ବ୍ଲକ ଅନ୍ତର୍ଗତ କାଦୋମେରୀ ଗ୍ରାମ ପଞ୍ଚାୟତର କୋଦାଢାପ ଗାଁରେ ମୋବାଇଲ ନେଟ୍‌ୱର୍କ ଉପଲବ୍ଧ ନ ଥିବାବେଳେ ଆମେ ସେଠାରେ ଉପନିର୍ବାଚନ ସ୍ଥିତି ସମ୍ପର୍କରେ ବୁଝିବାକୁ ଯାଇଥିଲୁ। ନିର୍ବାଚନ କଥା ପଚାରିବାବେଳେ ସେହି ଗାଁର ବହୁ ଯୁବତୀ ଓ ଯୁବକ ଆମକୁ ଘେରିଯାଇ କହିଥିଲେ, ଆଜ୍ଞା ନେତାମାନେ ଯେମିତି ଆସି ନିଜ ସ୍ୱାର୍ଥପୂରଣ ପାଇଁ ବାକଚାତୁରି କଥା କହିଦେଇ ଯାଉଛନ୍ତି, ବର୍ତ୍ତମାନ ସମୟରେ ଗଣମାଧ୍ୟମ ଯଦି ନିଜ ଦାୟିତ୍ୱ ଭୁଲିଯାଏ, ତେବେ ଦେଶର ଅବସ୍ଥା ରସାତଳଗାମୀ ହେବାକୁ ଆଉ ବେଶିଦିନ ଲାଗିବ ନାହିଁ। ଏହି କ୍ରମରେ ନୂଆପଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁବାହାରା ପଞ୍ଚାୟତର ସିରଗିଡ଼ି, ଭଇଷାଦରା ଓ କେରମେଲି ପଞ୍ଚାୟତର କାଙ୍ଗେରମେଞ୍ଜି, ଗୋଲାବନ୍ଧ, ମାରାଗୁଡା ଆଦି ଗାଁକୁ ଯାଇ ନେଟ୍‌ୱର୍କ ବିଷୟରେ ବୁଝିଥିଲୁ। କେରମେଲିର ଲିଙ୍ଗରାଜ ମାଝୀ କହୁନ୍ତି, ଏଠାରେ ସୁବିଧା କହିଲେ କିଛି ନାହିଁ। ସବୁଠୁ ଦୁଃଖର ବିଷୟ ଏଠାରେ ମୋବାଇଲ ନେଟ୍‌ୱର୍କ ନାହିଁ। ଆମପିଲା ପାଠ ପଢ଼ିପାରୁନି। ସରକାର ବିଭିନ୍ନ ଜରୁରିକାଳୀନ ସେବା ପାଇଁ ଟୋଲଫ୍ରି ନମ୍ବର ଜାରି କରୁଛନ୍ତି। ଥରେ ଚିନ୍ତା କରନ୍ତୁ, ଏହି ଗାଁରେ ଦୁର୍ଭାଗ୍ୟବଶତଃ ଯଦି କାହା ଘରେ ନିଆଁ ଲାଗିଯାଏ, ଯଦି କାହାର କିଛି ହଠାତ୍ ଦେହ ଅସୁସ୍ଥ ହୋଇପଡ଼େ, ମୋବାଇଲ ନେଟ୍‌ୱର୍କ ବିନା ଆମ ଗାଁ ଲୋକ କ'ଣ କରିପାରିବେ। କେନ୍ଦୁବାହାରା ଓ କେରମେଲି ପଞ୍ଚାୟତର ହିତାଧିକାରୀମାନେ ରାଶନ ସାମଗ୍ରୀ ଆଣିବା ପାଇଁ ଯାଇ ହଟହଟା ହେଉଛନ୍ତି। ପଞ୍ଚାୟତ କର୍ମଚାରୀମାନେ ପାହାଡ଼ିଆ କିମ୍ବା ଢିପ ସ୍ଥାନକୁ ଯାଇ ନେଟ୍‌ୱର୍କ ସର୍ଚ୍ଚ କରୁଛନ୍ତି, ଯେଉଁଠାରେ ନେଟ୍‌ୱର୍କ ଆସେ ସେଠାରେ ରହି ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ନେଇଥାନ୍ତି। ପାହାଡ଼ ଉପରେ ହିତାଧିକାରୀମାନେ ଫିଙ୍ଗର ପ୍ରିଣ୍ଟ ଦେଇ ପଞ୍ଚାୟତକୁ ଯାଇ ଚାଉଳ ନେଇଥାନ୍ତି।

# ଲୋକଙ୍କ ଜୀବନ ସହ ଖେଳୁଛି ବେଦାନ୍ତ ଆଲୁମିନା



ବକ୍ସାଇଟ ଗୁଣ୍ଡ ଯୋଗୁ ରାସ୍ତା ଲାଲ ରଙ୍ଗ ହୋଇଯାଇଛି।



ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି।

ଭବାନୀପାଟଣା,୩୧।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନା କମ୍ପାନୀ ପ୍ରତିଷ୍ଠା ସମୟରେ ସ୍ଥାନୀୟ ଲୋକଙ୍କୁ ବହୁତ ଆଶା ଦେଖାଇଥିଲା। ଏପରି କି ପ୍ରଦୂଷଣମୁକ୍ତ ଅଞ୍ଚଳ ଗଢ଼ିତୋଳିବାର ପ୍ରତିଶ୍ରୁତି ଦେଇଥିଲା। ଫଳରେ ସ୍ଥାନୀୟ ଲୋକମାନେ କାମଧନ୍ଦା ପାଇଁ ବେଦାନ୍ତ ଏକ ସୁଯୋଗ ବୋଲି ଧରି ନେଇଥିଲେ। ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା, ପାରିପାର୍ଶ୍ୱିକ ବିକାଶ ଓ ଅନ୍ୟାନ୍ୟ ସମସ୍ୟା ଦୂର ହେବ ବୋଲି ସମସ୍ତେ ଭାବି ନେଇଥିଲେ। ତେବେ କମ୍ପାନୀ ଚାଲିବାର ଦୀର୍ଘ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଅଞ୍ଚଳବାସୀ ବକ୍ସାଇଟ ଗୁଣ୍ଡରୁ ମୁକ୍ତି ପାଇପାରୁନାହାନ୍ତି। ଜୀବନଧାରଣର କୌଣସି ସାଧନ ନ ପାଇବା କାରଣରୁ ସେମାନେ ଏବେ ଚିନ୍ତାରେ ରହୁଛନ୍ତି। କମ୍ପାନୀ ଇତିମଧ୍ୟରେ ରେଙ୍ଗୋପାଲି, କୋଟଦୁଆର ଓ ବନ୍ଧଗୁଡ଼ା ଗ୍ରାମକୁ ବିସ୍ଥାପନ ଯୋଜନାରେ ସାମିଲ କରି ସେମାନଙ୍କ ପାଇଁ ଘରଦ୍ୱାର, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଥିବାବେଳେ ବସନ୍ତପଡ଼ା, କପାଗୁଡା ଓ ଅନ୍ୟ କେତେକ ଗ୍ରାମ ଏଥିରୁ ବାଦ ପଡ଼ିଛି।

ବସନ୍ତପଡା ଗ୍ରାମଟି ବେଦାନ୍ତ କାରଖାନାଠାରୁ ମାତ୍ର ୧୦୦ମିଟର ଦୂରରେ ରହିଛି। ଏହି ଗାଁ ଦେଇ ଦୈନିକ ଶତାଧିକ ବକ୍ସାଇଟ ଓ କୋଇଲା ବୋଝେଇ ଭାରିଯାନ ଯାତାୟାତ କରୁଥିବାରୁ ବକ୍ସାଇଟ ଗୁଣ୍ଡ ଓ ପାଉଁଶ ଗୁଣ୍ଡ (ଫ୍ଲାଏ ଆଶ) ଉଡ଼ି ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଏପରି କି ଆଖପାଖରେ ଥିବା ଗଛ ଓ ଘରଗୁଡ଼ିକର ଛାତ ମଧ୍ୟ ଲାଲ ରଙ୍ଗ ହୋଇଯାଉଛି। ବେଳେବେଳେ କାରଖାନା ଚାଲିବା ବେଳେ ପ୍ରଚଣ୍ଡ ଶବ୍ଦ ହେଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡୁଛନ୍ତି। ଏହି ଗାଁରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ପରିବାର ରହିଥିବାବେଳେ ଲୋକସଂଖ୍ୟା ହଜାରେରୁ ଅଧିକ ହେବ। ସେହିପରି ସମାନ ଅବସ୍ଥା ଦେଖିବାକୁ ମିଳିଛି କପାଗୁଡା ଗ୍ରାମରେ। ଏହି ସମସ୍ୟା ହେତୁ ବିସ୍ଥାପିତ ପାଇଁ ଗତ କିଛିଦିନ ତଳେ ବସନ୍ତପଡାବାସୀ କଳାହାଣ୍ଡିର ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ ଦେଇଥିଲେ। ଏଥିରେ ସେମାନେ କମ୍ପାନୀ ଦ୍ୱାରା କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇଥିଲେ। କମ୍ପାନୀ ପକ୍ଷରୁ ଜନବସତି ନିକଟରେ ରେଡ଼ମଡ଼ ପଣ୍ଡ ଓ ଆଶ୍‌ପଣ୍ଡ (ପାଉଁଶ ପୋଖରୀ) ନିର୍ମାଣ କରାଯାଇଛି। ଏହା ଦ୍ୱାରା ବିଷାକ୍ତ ଲାଲ ରଙ୍ଗ ଧୂଳି ଓ ପାଉଁଶ ଗୁଣ୍ଡ ଉଡି ଗ୍ରାମବାସୀଙ୍କୁ ଅଣନିଃଶ୍ୱାସୀ କରିପକାଉଛି। ପୁଣି ରେଡ଼ମଡ଼ପଣ୍ଡ (ନାଲିପଙ୍କ)ରୁ କଷ୍ଟକଯୁକ୍ତ ଲାଲ ପାଣି ଝରି ଅଞ୍ଚଳର ଜଳ ବିଷାକ୍ତ ହୋଇଯାଉଛି। ଏହି ବିଷାକ୍ତ ଜଳ ପାନ ଓ ଧୂଳିଧୂଆଁ ନିଃଶ୍ୱାସରେ ନେବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ଯଥା କିଡ଼ନୀ, ଯକ୍ଷ୍ମା, ହୃଦ୍‌ରୋଗ, ଚର୍ମ ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିସବୁ ରୋଗରେ ଆକ୍ରାନ୍ତ ହୋଇ କିଛିବର୍ଷ ମଧ୍ୟରେ ଦୁଇ ଶହରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ଏବେ ମଧ୍ୟ ଆହୁରି ଶତାଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଏପରି ପ୍ରଦୂଷଣ ବଳୟ ମଧ୍ୟରେ ଜୀବନ ଧାରଣ କରିବା ଆଉ ସମ୍ଭବ ନୁହେଁ। ତେଣୁ ଗ୍ରାମବାସୀ ଅନ୍ୟ ନିରାପଦ ସ୍ଥାନକୁ ସେମାନଙ୍କୁ ବିସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଯଦି ଏହାର ସମାଧାନ ନ ହୁଏ ଆଗାମୀ ଦିନରେ ଗ୍ରାମବାସୀ ଏକାଠି ହୋଇ ରାସ୍ତା ଅବରୋଧ ସହ ପ୍ରକଳ୍ପକୁ ଯାଉଥିବା ସମସ୍ତ ଗାଡ଼ିକୁ ଅଟକାଇବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଏକକିତା ନକଲ ବ୍ରହ୍ମପୁର ଆର୍‌ଡିସି, ଓଡିଶା ବିଧାନସଭା ବିରୋଧୀ ଦଳ ନେତା, ପିସିସି ସଭାପତି ପ୍ରମୁଖଙ୍କୁ ପ୍ରେରଣ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନାର ଡେପୁଟି ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ବିଜେଡି ନେତାଙ୍କ ଭଡ଼ାଘରେ ନିର୍ବାଚନ ଅଧିକାରୀଙ୍କ ଚଢ଼ାଉ

ନୂଆପଡ଼ା,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ନୂଆପଡ଼ା ଉପନିର୍ବାଚନ**

**ଅଧିକାରୀଙ୍କ କାର୍‌କୁ ଘେରି ସ୍ଲୋଗାନ ଦେଲେ ବିଜେଡି ନେତା**

ନୂଆପଡ଼ା ଉପନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଜୋର ଧରୁଥିବାବେଳେ କିଛି ଘଟଣା ରାଜନୈତିକ ସ୍ଥିତିକୁ ଉଷ୍ମ କରିଦେଉଛି। ଶୁକ୍ରବାର ପୂର୍ବାହ୍ନରେ ଜଣେ ନିର୍ବାଚନ ଅଧିକାରୀ (ଏସ୍‌ଏସ୍‌ଟି) ନିଜକୁ ମାଜିଷ୍ଟ୍ରେଟ୍ କହି ଖରିଆର ରୋଡ୍‌ଠାରେ ବିଜେଡି ନେତା ପ୍ରୀତିରଞ୍ଜନ ଘଡେଇଙ୍କ ଭଡା ଘରେ ଅତର୍କିତ ଚଢାଉ କରିଥିଲେ। ବନ୍ଧୁକଧାରୀ ପୋଲିସଙ୍କ ଉପସ୍ଥିତିରେ ଅଧିକାରୀ ଜଣକ ଉକ୍ତ ଘରକୁ ପଶି ଯାଞ୍ଚ କରିଥିଲେ। ସେଇ ଘରେ ଥିବା ଜଣେ ଯୁବକ ଆକାଶ ପଣ୍ଡା ଅଧିକାରୀଙ୍କୁ ଘରକୁ କାହିଁକି ପଶୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର କିଛି ସମୟ ପରେ ସେଠାରେ କିଛି ବିଜେଡି ନେତା ପହଞ୍ଚିଥିଲେ। ସେଇ ବିଜେଡି ନେତା ଓ ସମର୍ଥକମାନେ ସମ୍ପୃକ୍ତ ଅଧିକାରୀଙ୍କୁ ଘେରି ଯାଇ କାହା ନିର୍ଦ୍ଦେଶରେ ଏବଂ କେଉଁ ସର୍ଚ୍ଚ ଅର୍ଡର ବଳରେ ସେମାନେ ପୋଲିସ ଧରି ଘରକୁ ପଶିଲେ ବୋଲି ପ୍ରଶ୍ନ କରିଥିଲେ। ଅଧିକାରୀ ଜଣକ କୁଆଡେ କହିଥିଲେ ଯେ, ସେଇ ଘରେ କଳା ଟଙ୍କା ରହିଥିବା ତାଙ୍କ ପାଖକୁ ଫୋନ୍ ଆସିଥିଲା। ଏଭଳି ଫୋନ୍ କଲ ପାଇବା ପରେ ସେ ଯାଞ୍ଚ କରିବାକୁ ଆସିଛନ୍ତି। ଅଧିକାରୀ ଜଣକ ଏଭଳି କହିବା ପରେ ବିଜେଡି ନେତାମାନେ ରାଗିଯାଇ ସର୍ଚ୍ଚ ଅର୍ଡର ଦେଖାଇବାକୁ କହିଥିଲେ। ସର୍ଚ୍ଚ ଅର୍ଡର ନ ଦେଖାଇ ଯାଞ୍ଚ କରିଥିବାରୁ ସେଠାରେ ବିଜେଡି ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସର୍ଚ୍ଚ ଅର୍ଡର ନ ଦେବା ଯାଏ କିମ୍ବା କ୍ଷମା ନ ମାଗିବା ଯାଏ ସେମାନେ ତାଙ୍କୁ ସେଠାରୁ ଛାଡିବେ ନାହିଁ କହି ତାଙ୍କ କାର୍ ସମ୍ମୁଖରେ ଘେରିଯାଇଥିଲେ। ସେଠାରେ ବିଜେଡି ନେତାମାନେ ଭାଜପା ସରକାର ଓ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭାଜପା ସରକାର ପ୍ରଶାସନିକ କଳ ଓ ନିର୍ବାଚନ ଅଧିକାରୀଙ୍କୁ ଅସ୍ତ୍ର କରି ବିରୋଧୀଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ସେଠାରେ ବିଜେଡି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଜେଡି ନେତା ରାଜେଶ ନିଗମ, ରାଜୁ ଚୌହାନ, ଅନନ୍ତ ନାରାୟଣ ଜେନା, ସଞ୍ଜୟ କୁମାର ସେଠୀ, ଆକାଶ ପଣ୍ଡା, ବଲାଙ୍ଗୀର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ଲେଙ୍କା ସାହୁ, ବିଭୂତି ମିଶ୍ର, ଚିରାଗ ସିଂଦେଓ ପ୍ରମୁଖ ଅଧିକାରୀଙ୍କୁ ଘେରିଯାଇ ପ୍ରଶ୍ନ କରିଥିଲେ। ଭୋଗରାଇ ବିଧାୟକ ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଭାଜପା ପ୍ରଶାସନକୁ ଧରି ଏଭଳି ଚାପ ପକାଉଛି ବୋଲି ଅଭିଯୋଗ କରିଥିଲେ। ପୂର୍ବାହ୍ନରେ ବିଜେଡି ଜିଲାପାଳ ଅଫିସ ଘେରାଉ କରି ଜିଲାପାଳ ଏବଂ ଏସପିଙ୍କ ବଦଳି ଦାବି କରିବା ପରେ ପ୍ରଶାସନ ଏଠାକୁ ଆସି ଏଭଳି କାଣ୍ଡ କରିଛି ବୋଲି କହିଥିଲେ। ପୋଲିସ ବିଜେଡି ବିକ୍ଷୋଭକାରୀଙ୍କୁ ହଟାଇବା ପରେ ସେଇ ସ୍ଥାନରୁ ଅଧିକାରୀଙ୍କ କାର ବାହାରିଥିଲା। ଏହି ଘଟଣା ପରେ ନୂଆପଡା ଉପନିର୍ବାଚନ ଦିନକୁ ଦିନ ପ୍ରତିଦ୍ୱନ୍ଦ୍ୱତାମୂଳକ ହେଉଥିବା ଆଲୋଚନା ହେଉଛି।



ବିଜେଡି ନେତାମାନେ ଖରିଆର ରୋଡ୍‌ସ୍ଥିତ ପ୍ରୀତିରଞ୍ଜନ ଘଡେଇଙ୍କ ଭଡାଘରେ ଚଢ଼ାଉ କରିଥିବା ଅଧିକାରୀଙ୍କୁ ଘେରାଉ କରିଛନ୍ତି।

# ଭଉଣୀଘରେ ସାପକାମୁଡ଼ାରେ ଭାଇଙ୍କ ମୃତ୍ୟୁ

ପାଟଣା,୩୧।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ପିପିଳିଆ ଗ୍ରାମରେ ଭଉଣୀ ଘରେ ରହୁଥିବା ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସାନଜାମୁପଶି ଗ୍ରାମର ବିକ୍ରମ ମୁଣ୍ଡାଙ୍କ ପୁଅ ନରୋତ୍ତମ। ସେ ପିପିଳିଆରେ ଭଉଣୀ ବର୍ଷାରାଣୀ ମୁଣ୍ଡାଙ୍କ ଘରେ ରହି ପାଠ ପଢୁଥିଲେ। ବୁଧବାର ରାତିରେ ସେ ତଳେ ଶୋଇଥିବା ବେଳେ ତାଙ୍କୁ ବିଷଧର ସର୍ପ କାମୁଡ଼ି ଦେଇଥିଲା। ପ୍ରଥମେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ପାଟଣା ଥାନାରେ ଏକ ମାମଲା(ନଂ.୩୪/୨୫)ରୁଜୁ କରାଯାଇଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଳ କହିଛନ୍ତି।

# ଆଜିଠାରୁ ଖୋଲିବ 'ସୁଭଦ୍ରା' ପୋର୍ଟାଲ

ଭୁବନେଶ୍ୱର,୩୧।୧୦(ସୁଚିସ୍ମିତା ସାହୁ)

- ୨୧ ବର୍ଷ ହୋଇଥିଲେ କରିପାରିବେ ଆବେଦନ
- ନୂଆପଡ଼ା ବ୍ୟତୀତ ରାଜ୍ୟର ସମସ୍ତ ଜିଲାରେ ଖୋଲିବ ପୋର୍ଟାଲ

'ସୁଭଦ୍ରା' ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଲାଗି ନଭେମ୍ବର ୧ ଶନିବାରଠାରୁ ପୋର୍ଟାଲ ଖୋଲିବ। ଏହି ପୋର୍ଟାଲ ମାଧ୍ୟମରେ ୨୦ ବର୍ଷ ପୂରି ୨୧ ଚାଲୁଥିବା ଯୁବତୀମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ପୂର୍ବରୁ ଆବେଦନ କରିପାରି ନାହାନ୍ତି, ସେମାନେ ମଧ୍ୟ ସୁଯୋଗ ପାଇବେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ନୂଆପଡ଼ା ଜିଲାକୁ ଛାଡି ଅନ୍ୟ ସମସ୍ତ ଅଞ୍ଚଳର ମହିଳା ଆବେଦନ କରିପାରିବେ। ନୂଆ ହିତାଧିକାରୀ ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା କିସ୍ତି ପାଇବେ। ସେହିଦିନ ଚତୁର୍ଥ କିସ୍ତି ମିଳିବା ସହିତ ନୂଆ ଆବେଦନକାରୀଙ୍କୁ ମଧ୍ୟ କିସ୍ତି ବଣ୍ଟନ କରାଯିବ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରଠାରେ ସୁଭଦ୍ରା ଏକତା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ପୂର୍ବରୁ ମାର୍ଚ୍ଚ ୩୧ରେ ପ୍ରଥମ ପର୍ଯ୍ୟାୟ ସୁଭଦ୍ରା ଆବେଦନକୁ ବନ୍ଦ କରାଯାଇଥିଲା। ସେବେଠାରୁ ପୋର୍ଟାଲ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ମାର୍ଚ୍ଚ ୩୧ ପରେ ଯେଉଁମାନଙ୍କୁ ୨୧ ବର୍ଷ ହୋଇଯାଇଥିଲା ସେମାନେ ଆଉ ଆବେଦନ କରିପାରି ନ ଥିଲେ। ସେହିପରି ଯେଉଁମାନେ କୌଣସି କାରଣ ଯୋଗୁ ଆବେଦନ କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ସେଥିପାଇଁ ସୁଭଦ୍ରା ପୋର୍ଟାଲକୁ ପୁଣିଥରେ ଖୋଲାଯାଉଛି। ଏତବ୍ୟତୀତ ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରାଯାଇପାରିବ। ଏଥିପାଇଁ ଆଧାର ନମ୍ବର ଓ ଆଧାର ସହ ଲିଙ୍କ୍ ଥିବା ମୋବାଇଲ ନମ୍ବର ପ୍ରଦାନ କରି ଜଣେ ହିତାଧିକାରୀ ଆବେଦନ କରିପାରିବେ। ସୁଭଦ୍ରା ନିୟମାବଳୀ ଅନୁଯାୟୀ ଯୋଗ୍ୟ ବିବେଚିତ ସମସ୍ତ ଆବେଦନକାରୀଙ୍କୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଦୁଇଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।




# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ କଲେଜରେ ଉତ୍ତେଜନା

ରାୟଗଡ଼ା,୩୧।୧୦(ଆଶିଷ ରଞ୍ଜନ ପଣ୍ଡା)



ଏସ୍‌ଡିପିଓ ଗୌରହରି ସାହୁ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

**ପୀଡ଼ିତାଙ୍କ ବୟାନ ରେକର୍ଡ, ଅଧ୍ୟାପକ ଗିରଫ**

ରାୟଗଡ଼ା ସହରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ (ୟୁଜିଏମ୍‌ଆଇଟି) କଲେଜର ଅଧ୍ୟାପକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶୁକ୍ରବାର କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଛାତ୍ର ଅନୁଷ୍ଠାନ ଆଗରେ ଧାରଣାରେ ବସିବା ସହ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଛାତ୍ରୀ ଜଣକ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ବୟାନ ରେକର୍ଡ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଧ୍ୟାପକ ପ୍ରଦୀପ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଡିପ୍ଲୋମା ପ୍ରଥମ ସେମିଷ୍ଟରର ଜଣେ ଛାତ୍ରୀଙ୍କୁ ଗଣିତ ବିଭାଗ ଅଧ୍ୟାପକ ପ୍ରଦୀପ ତ୍ରିପାଠୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଛାତ୍ରୀ ଜଣକ ଗତ ୨୫ ତାରିଖରେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ କଲେଜ ଇଣ୍ଟରନାଲ କମିଟି ଯାଞ୍ଚ କରିଥିଲେ ହେଁ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମାର୍କ କାଟିଦେବା ନେଇ ଧମକ ଦିଆଯାଇଥିବା ଛାତ୍ରୀ ଜଣକ କହିଛନ୍ତି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ନେଇ ଅନୁଷ୍ଠାନର ଛାତ୍ରୀଛାତ୍ର କହିଛନ୍ତି। ତେଣୁ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଛାତ୍ରୀଛାତ୍ର କଲେଜକୁ ଘେରାଉ କରିବା ସହ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଅନୁଷ୍ଠାନର ଫାଟକ ବନ୍ଦ କରି ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଅଟକ ରଖିଥିଲେ। ଏହାକୁ ନେଇ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ କଲେଜରେ ପହଞ୍ଚିଥିଲେ ମଧ୍ୟ ଛାତ୍ରୀଛାତ୍ର ସେମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଏସ୍‌ଡିପିଓ ଗୌରହରି ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଖବରପାଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବରିଷ୍ଠ କଂଗ୍ରେସ ନେତା ଦୁର୍ଗାପ୍ରସାଦ ପଣ୍ଡା ପହଞ୍ଚି ଭିତରକୁ ଯାଇ ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଆସି ଘଟଣାର ସମାଧାନ କରିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ବିଭିନ୍ନ ରାଜନୈତିକ ଦଳ ଭାଜପା, ବିଜେଡି ନେତା କଲେଜରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀ ନେତା ଗଙ୍ଗାଧର ପୁଆଲା, ରାୟଗଡ଼ା ବ୍ଲକ୍ ଉପାଧ୍ୟକ୍ଷ ହରପ୍ରସାଦ ହେପୃକାଙ୍କ ସହ ଆଦିବାସୀ ନେତା ଉପସ୍ଥିତ ରହି ପୀଡ଼ିତା ଛାତ୍ରୀଙ୍କୁ ସମର୍ଥନ ପୂର୍ବକ ଥାନାରେ ଏତଲା ଦେବାକୁ ଦାବି କରିଥିଲେ। ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଛାତ୍ରୀ ଜଣକ ମା'ବାପାଙ୍କ ସହ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ୍ ନଂ. ୩୯୯/୨୫ରେ ମାମଲା ରୁଜୁ କରାଯାଇଛି।

ଅନ୍ୟପଟେ ଏହି ମାମଲାକୁ ଚାପିଦେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟ କିଛି ଯୁବଗୋଷ୍ଠୀ ଚେଷ୍ଟା କରିଥିବା ଆଦିବାସୀ ନେତା ଗଙ୍ଗାଧର ପୁଆଲା ଓ ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ଅଭିଯୋଗ କରିଛନ୍ତି। ତେବେ ଛାତ୍ରୀଛାତ୍ର ଧାରଣା ଦେବା ସମୟରେ ଗିଂରୋଡ୍‌ରେ ଭିଡ଼ ଜମାଇବା କାରଣରୁ ଅଞ୍ଚଳବାସୀ ଓ ସ୍କୁଲ ଛାତ୍ରୀଛାତ୍ର ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଦୌଡ଼ ଏକତା, ସମନ୍ୱୟ, ଦେଶପ୍ରେମର ପ୍ରତୀକ: ମୁଖ୍ୟମନ୍ତ୍ରୀ

## ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀରେ ରନ୍ ଫର୍ ୟୁନିଟି

ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏକତା ଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକତା, ଭାଇଚାରା ଓ ଦେଶପ୍ରେମ ଆମ ବିକଶିତ ଭାରତର ଶକ୍ତି। ଭିନ୍ନତାରେ ଏକତା ହେଉଛି ଭାରତର ଆତ୍ମା ଓ ଶକ୍ତି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଙ୍କଳ୍ପ, ଦୃଷ୍ଟିକୋଣ ବଳରେ ଆମେ ବର୍ତ୍ତମାନ ଭାରତକୁ 'ଏକ' ଦେଖୁଛୁ ବୋଲି ସେ କହିଥିଲେ। ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣକରି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ କହିଛନ୍ତି, ଆମେ ସମସ୍ତେ ମିଳିମିଶି, ସଂଘବଦ୍ଧ ଭାବେ କାମକଲେ ଖୁବ୍‌ଶୀଘ୍ର ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବା। ଏହି ଦୌଡ଼ ହେଉଛି ସେହି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୧୮ରେ ଗୁଜରାଟର କେଭାଡିଆଠାରେ ସର୍ଦ୍ଦାର ପଟେଲଙ୍କ ୧୮୨ ମିଟର ଉଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି ଅନାବରଣ ହୋଇଥିଲା, ଯାହା ବିଶ୍ୱର ସର୍ବବୃହତ୍ ପ୍ରତିମା ଭାବେ ଭାରତୀୟ ଗୌରବର ପ୍ରତୀକ ହୋଇଉଠିଛି ବୋଲି ସେ କହିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଦୌଡ଼ ମାଧ୍ୟମରେ ଆମେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନାକୁ ଜାଗ୍ରତ କରିବା ଓ ଏକ ସଶକ୍ତ ଭାରତ ଗଢ଼ିବାରେ ନିରନ୍ତର ଅଗ୍ରସର ହେବା ଆମ ସମସ୍ତଙ୍କ ଦାୟିତ୍ୱ। ଶେଷରେ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁତ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଶରତ ରାସ ଅଧିବାସ



# ରିଜ୍‌ଭିଙ୍କ ଧୈର୍ଯ୍ୟ ଶେଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୟଦ ଅଲି ମୁର୍ତାଜା ରିଜ୍‌ଭି ଆଠ ବର୍ଷ ପୂର୍ବରୁ ଚାକିରି ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି, ଯାହା ତେଲଙ୍ଗାନା ସଚିବାଳୟକୁ ଚିନ୍ତାରେ ପକାଇଦେଇଛି । ରିଜଭି ଜଣେ ବରିଷ୍ଠ ତଥା ଯୋଗ୍ୟ ବାବୁ ଏବଂ ଦୁଇଟି ସମ୍ବେଦନଶୀଳ ବିଭାଗ ଯଥା ରାଜସ୍ୱ ଏବଂ ଜିଏଡି (ରାଜନୈତିକ)ର ନେତୃତ୍ୱ ନେଇଛନ୍ତି । ତେବେ ତାଙ୍କ ଭିଆର୍‌ଏସ୍ ଘୋଷଣା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା। ସରକାରଙ୍କ ତରଫରୁ ଏହାକୁ 'ବ୍ୟକ୍ତିଗତ ଉଦ୍ଦେଶ୍ୟ' ବୋଲି ଦର୍ଶାଗଲେ ମଧ୍ୟ ରିଜଭିଙ୍କ ଦୁଇ ବର୍ଷ ମଧ୍ୟରେ ଚାରି ଥର ବଦଳି ହେବା 'ଯଥେଷ୍ଟ ପଦକ୍ଷେପ' ବୋଲି କୁହାଯାଉଛି। ଏମିତି ହେଲେ ଜଣେ ସହନଶୀଳ ବାବୁଙ୍କର କେତେଦିନ ଧୈର୍ଯ୍ୟ ରହିବ ? ପର୍ଯ୍ୟବେକ୍ଷକଙ୍କ ମତରେ, ରାଜନୈତିକ ହସ୍ତକ୍ଷେପ ଏହି ଅସ୍ଥିରତାକୁ ତ୍ୱରାନ୍ୱିତ କରିଥାଇପାରେ। ବିଡ଼ମ୍ବନାର ବିଷୟ, ଯେଉଁ ରାଜନୈତିକ ବର୍ଗ ରିଜଭିଙ୍କ ସ୍ଥିତିକୁ ଅସ୍ଥିର କରିଥିଲେ, ତାହା ଏବେ ତାଙ୍କର ପ୍ରସ୍ଥାନକୁ ରୋକିବା ପାଇଁ ଚେଷ୍ଟା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଅବକାରୀ ମନ୍ତ୍ରୀ ରାଜ୍ୟ ମୁଖ୍ୟ ସଚିବଙ୍କୁ ତାଙ୍କ ଭିଆର୍‌ଏସ୍ ଆବେଦନକୁ ଗ୍ରହଣ ନ କରିବାକୁ ଅନୁରୋଧ କରୁଥିବା ଜଣାପଡ଼ିଛି। ବାବୁଙ୍କୁ ଦୋଷ ଦେବା ଓ ଭିଆର୍‌ଏସ୍ ଅବେଦନ ପରେ ପୁଣି ଫେରାଇ ଆଣିବାକୁ ଚାହିଁବା ଘଟଣା ନିଶ୍ଚିତ ଭାବେ ଏକ ନିଆରା ଉଦାହରଣ। ସମ୍ପୂର୍ଣ୍ଣ ଅଧ୍ୟାୟ ତେଲଙ୍ଗାନାରେ ବାବୁ ଏବଂ ରାଜନୀତି ମଧ୍ୟରେ ଥିବା ଅସ୍ୱାଭାବିକ କାର୍ଯ୍ୟକଳାପକୁ ପ୍ରକାଶ କରେ, ଯେଉଁଠାରେ ଯୋଗ୍ୟତା ଏବଂ ନିୟମିତତା ପ୍ରାୟତଃ ମନ୍ତ୍ରୀଙ୍କ ମନୋଭାବର ଶିକାର ହେଉଛି। ଯଦି ରିଜ୍‌ଭି ବିଦାୟ ନିଅନ୍ତି, ତେବେ ମନେରଖିବାକୁ ହେବ ଯେ ଭାରତର ବାବୁସାମ୍ରାଜ୍ୟ ନୀରବରେ ପ୍ରତିଭାଙ୍କୁ ହରାଉଛି।

### ୱାଚ୍‌ଡଗ୍‌ଙ୍କ ନୀରବତା

ଦୁର୍ନୀତି ରୋକିବା ପାଇଁ ଯେତେବେଳେ ଭାରତରେ ଲୋକପାଳ ସୃଷ୍ଟି ହେଲା, ସେତେବେଳେ ନୈତିକତା ଦୃଷ୍ଟିକୋଣରୁ ଏହାକୁ ଏକ ଖୋଲା ଖଣ୍ଡା ବୋଲି କୁହାଯାଇଥିଲା । ହେଲେ ଏକ ଦଶନ୍ଧି ପରେ ଦେଖାଯାଉଛି ଯେ, ଖଣ୍ଡାଟି ବିଏମ୍‌ଡବ୍ଲ୍ୟୁ ପାଇଁ ବ୍ୟବହାର ହୋଇଛି। ଦେଶର ସର୍ବୋଚ୍ଚ ଦୁର୍ନୀତି ବିରୋଧୀ ସଂସ୍ଥା ୬ ବର୍ଷ ମଧ୍ୟରେ ମୋଟ ସାତଟି ମାମଲା ରୁଜୁ କରିଥିଲେ ମଧ୍ୟ ବିଳାସପୂର୍ଣ୍ଣ କାର୍ ଉପରେ ଅଧିକ ଖର୍ଚ୍ଚ କରିଛି। ଏକଦା କମ୍ପଟ୍ରୋଲର ଅଡିଟର ଜେନେରାଲ (ସିଏଜି ) ସରକାରରେ ଭୟ ସୃଷ୍ଟି କରିଥିଲା। ୨ଜି ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୁର୍ନୀତି ସାମ୍ନାକୁ ଆଣିଥିଲା। ସେତେବେଳେ ଅଡିଟ ରିପୋର୍ଟଗୁଡ଼ିକ କ୍ଷମତା କେନ୍ଦ୍ରକୁ ଦୋହଲାଇ ଦେଇଥିଲା। ଏବେ ସମ୍ପୂର୍ଣ୍ଣ ଶାନ୍ତ। ସିଏଜି ଏବେ ମଧ୍ୟ ଅଡିଟ କରୁଛି, ହେଲେ ତାହାର ଆଉ ସେହି ତୀକ୍ଷ୍ଣ ଧାର ନାହିଁ । ନୀରବତା ଏହି ସଂସ୍ଥାଗୁଡ଼ିକୁ ଗ୍ରାସକରିଛି। ହ୍ୱିସିଲବ୍ଲୋୟାରଙ୍କୁ ନିରୁତ୍ସାହିତ କରାଯାଉଛି, ଆଇନର ସ୍ୱଚ୍ଛତା ରହୁନାହିଁ ଏବଂ ଭିଜିଲାନ୍ସ ସଂସ୍ଥାଗୁଡ଼ିକ ଏପରି କାର୍ଯ୍ୟ କରୁଛନ୍ତି ଯେପରି ତଦାରଖ ସେମାନଙ୍କ ପାଇଁ ଏକ ଇଚ୍ଛାଧୀନ ବିଷୟ । ଲୋକପାଳ ଆଇନ, ଯାହାକୁ ପୂର୍ବରୁ ନାଗରିକ ସକ୍ରିୟତାର ବିଜୟ ଭାବରେ ପ୍ରଚାର କରାଯାଇଥିଲା, ଏବେ ଅମଲାତାନ୍ତ୍ରିକ କାର୍ଯ୍ୟ ଭଳି ମନେହେଉଛି। ତେବେ ୱାଚ୍‌ଡଗ୍‌ଗୁଡ଼ିକ ପଦକ୍ଷେପ ନେବା ପାଇଁ ଦକ୍ଷତା ହରାଇଲେଣି। ଯେଉଁସବୁ ସଂସ୍ଥା ପୂର୍ବରୁ କ୍ଷମତାର ଅପବ୍ୟବହାର ପାଇଁ କ୍ରୋଧିତ ହୋଇଥିଲେ, ସେମାନେ ଏବେ ସେମାନଙ୍କ ଏୟାରକଣ୍ଡିସନଡ, ଡ୍ରାଇଭର-ଚାଳିତ ବିଳାସପୂର୍ଣ୍ଣ କାରରେ ଯିବାରେ ସନ୍ତୁଷ୍ଟ ଥିବା ଭଳି ମନେହୁଏ। ଯଦି ଲୋକପାଳ ଏବଂ ସିଏଜି ଆମର ସଂସ୍ଥାଗତ ପ୍ରହରୀ , ତେବେ ସେମାନେ ବ୍ୟୟବହୁଳ ତଥା ଆରାମଦାୟକ ଯାତ୍ରା ବଦଳରେ ତାହାକୁ ସରଳ କରିବାକୁ ବିଚାର କରିପାରନ୍ତି। ଏହା ସେମାନଙ୍କୁ ପ୍ରକୃତରେ ଦୁର୍ନୀତି ହେଉଥିବା ସ୍ଥାନକୁ ଯିବାରେ ସାହାଯ୍ୟ କରିପାରେ।

### ଟୁଇଟ୍ ଓ ସ୍ଥାନାନ୍ତର

ନିୟମିତ ବ ବଦଳି କରାଯାଉଛି ବୋଲି ବାବୁମାନେ କହୁଥିବାବେଳେ କେହି ଏହା ପ୍ରତି ଧ୍ୟାନ ଦେଉ ନ ଥିବା ମନେ କରନ୍ତି। ଏଥର ଦୁଇଜଣ ବରିଷ୍ଠ କଷ୍ଟମ୍ସ ଅଧିକାରୀଙ୍କୁ ହଠାତ୍ ବଦଳି କରାଯିବା ବାବୁ କରିଡରରେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ସରକାରଙ୍କ ପାଇଁ ଲଜ୍ଜାର କାରଣ ପାଲଟିଛି। ଏସବୁ ଆରମ୍ଭ ହୋଇଥିଲା ଯେତେବେଳେ ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ମଧ୍ୟରେ ବିବାଦ ଏକ୍ସ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହୋଇଥିଲା, ଯାହା ଅର୍ଥ ମନ୍ତ୍ରଣାଳୟକୁ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ କରିଥିଲା। ମନ୍ତ୍ରଣାଳୟର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ଜଣେ ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀ ତଦନ୍ତ କରିଥିଲେ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବୋର୍ଡ ସର୍ବଦା ନିଜ କ୍ଷେତ୍ରକୁ ସୁରକ୍ଷା ଦେଇ କିଛି କରୁ ନ ଥିଲା। ଏହା ଯୁକ୍ତି ବାଢ଼ିଥିଲା ଯେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଭିଜିଲାନ୍ସ ଏପରି ମାମଲାଗୁଡ଼ିକୁ ପରିଚାଳନା କରିବା ଉଚିତ। ଏଣୁ ନିଲମ୍ବନ କିମ୍ବା ଔପଚାରିକ ତଦନ୍ତ ପରିବର୍ତ୍ତେ, ଦୁଇ ଅଧିକାରୀଙ୍କୁ ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି ଭାବରେ ଦିଲ୍ଲୀରେ ପୁନଃ ଅବସ୍ଥାପିତ କରାଯାଇଛି। ବୋର୍ଡ ହୁଏତ ତୁରନ୍ତ ଲଜ୍ଜାକୁ ଏଡାଇ ଦେଇଥାଇପାରେ, କିନ୍ତୁ ସେଠାରେ କାର୍ଯ୍ୟରତ ଲୋକ କହୁଛନ୍ତି ଯେ ମନ୍ତ୍ରଣାଳୟ ଏଥିରେ ଖୁସି ନୁହେଁ। ଏହି ଘଟଣା ସ୍ୱାଧୀନତା ଏବଂ ଉତ୍ତରଦାୟିତ୍ୱ ମଧ୍ୟରେ ଥିବା ଅସହଜ ସନ୍ତୁଳନକୁ ପ୍ରକାଶ କରୁଛି। ଶେଷରେ ସ୍ଥାନାନ୍ତର କରାଗଲା ସିଷ୍ଟମକୁ ସ୍ୱଚ୍ଛ ନ କରି କୋଳାହଳକୁ ନିୟନ୍ତ୍ରଣ କରାଯାଇଛି। କାରଣ ସରକାରୀ କ୍ଷେତ୍ରରେ ଏଭଳି ପଦକ୍ଷେପ କେବେ ବି ସମସ୍ୟାର ସମାଧାନ କରିପାରିବ ନାହିଁ, ବରଂ ଏହା କେବଳ ଚାଲିଥିବା ଧାରାକୁ ବନ୍ଦ କରିବା ପାଇଁ ଉଦ୍ଦିଷ୍ଟ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 1 | 3 | | | | | 5 |
| | | | | 5 | | | | 8 |
| | | | | 8 | | | | 4 |
| | 2 | | | | | | | 6 |
| | | | 8 | | 9 | 2 | | |
| | 3 | 7 | | | 1 | | | |
| 4 | | | | | | | 5 | |
| | | 5 | | 1 | 2 | | | |
| | | | 4 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 6 | 8 | 2 | 7 | 9 | 1 | 4 |
| 8 | 7 | 1 | 9 | 4 | 5 | 3 | 2 | 6 |
| 2 | 9 | 4 | 1 | 3 | 6 | 5 | 8 | 7 |
| 6 | 1 | 9 | 7 | 8 | 3 | 2 | 4 | 5 |
| 4 | 8 | 3 | 6 | 5 | 2 | 1 | 7 | 9 |
| 5 | 2 | 7 | 4 | 1 | 9 | 6 | 3 | 8 |
| 7 | 4 | 2 | 5 | 6 | 1 | 8 | 9 | 3 |
| 1 | 6 | 8 | 3 | 9 | 4 | 7 | 5 | 2 |
| 9 | 3 | 5 | 2 | 7 | 8 | 4 | 6 | 1 |

ଗତକାଲିର ଉତ୍ତର

# ଡିଜିଟାଲ ଡାଇମଣ୍ଡ



ଡ. ନରେନ୍ଦ୍ର ସେଠୀ

୧୯୦୪ ମସିହାରେ ଇଂରେଜ ବୈଜ୍ଞାନିକ ଜନ୍ ଫ୍ଲେମିଂ ଭାକ୍ୟୁମଟ୍ୟୁବ୍ ଉଦ୍ଭାବନ କରି ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କଲେ। ସେ ବିଜୁଳି ବଲ୍‌ବ ଉଦ୍ଭାବନ କରିଥିବା ଥୋମାସ୍ ଏଡିସନ୍‌ଙ୍କ ସହାୟକ ଥିଲେ। ଫ୍ଲେମିଂ ଏକ ଫମ୍ପା କାଚପାତ୍ର ଭିତରେ ଏନୋଡ ଓ କ୍ୟାଥୋଡ ରଖି ଏହି ଯାଦୁକରି ଉପକରଣ ତିଆରି କରିଥିଲେ। ଏହା ଦ୍ୱାରା ବିଜୁଳି କରେଣ୍ଟକୁ ନିୟନ୍ତ୍ରଣ କରାଯାଇ ପାରୁଥିଲା। ଏହାକୁ ବ୍ୟବହାର କରି ପ୍ରଥମ କରି ସ୍ୱିଇଚ, ଆଂପ୍ଲିଫାୟାର ଓ ରେକ୍‌ଟିଫାୟର ଇତ୍ୟାଦି ପ୍ରସ୍ତୁତ ହୋଇ ବିଭିନ୍ନ ଯାନ୍ତ୍ରିକ ସରଞ୍ଜାମ ତିଆରି ହୋଇପାରିଲା। ୧୮ ହଜାର ଭାକ୍ୟୁମଟ୍ୟୁବ୍ ବ୍ୟବହାର କରି ବିଶ୍ୱର ପ୍ରଥମ ଥର ଏକ କମ୍ପ୍ୟୁଟର ମଧ୍ୟ ତିଆରି ହୋଇଥିଲା, ଯାହାର ଆକାର ୧୫୦୦ ବର୍ଗ ମିଟର ଏବଂ ଓଜନ ଥିଲା ତିରିଶି ଟନ୍। ଏହି କମ୍ପ୍ୟୁଟର ଏତେ ବିଶାଳ ଥିଲା ଯେ ଏହା ଚାଲିଲାବେଳେ ୧୭୪ କିଲୋୱାଟ୍ ତାପମାତ୍ରା ସୃଷ୍ଟି କରୁଥିଲା। ୧୯୪୬ ରୁ ୧୯୫୫ ମସିହା ପର୍ଯ୍ୟନ୍ତ ଏହି କମ୍ପ୍ୟୁଟର ବ୍ୟବହାର କରାଯାଉଥିଲା ଓ ଏହାର ନିର୍ମାଣ ପାଇଁ ସେତେବେଳେ ୪ ଲକ୍ଷ ଡଲାର ଖର୍ଚ୍ଚ ହୋଇଥିଲା। ଏହି ଭାକ୍ୟୁମଟ୍ୟୁବ୍ ସେତେବେଳେ ଟେଲିଭିଜନ, ରେଡିଓ ଇତ୍ୟାଦି ଉପକରଣରେ ବ୍ୟବହାର ହେଲା। କିନ୍ତୁ ୧୯୪୭ରେ ବେଲ୍ ଲାବୋରେଟାରିରେ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ହେବା ଫଳରେ ଭାକ୍ୟୁମଟ୍ୟୁବ୍‌ର ଆଧିପତ୍ୟକୁ ଟ୍ରାଞ୍ଜିଷ୍ଟର ମାଡ଼ିବସିଲା ଓ ସବୁ ଇଲେକ୍‌ଟ୍ରୋନିକ ଉପକରଣରେ ଟ୍ରାଞ୍ଜିଷ୍ଟର ଲାଗିଲା। ତେଣୁ ଟିଭି, ରେଡିଓ, କମ୍ପ୍ୟୁଟର ଇତ୍ୟାଦିର ଆକାର ହଠାତ୍ ଛୋଟ ହୋଇଗଲା। ଫମ୍ପା କାଚପାତ୍ର ଯୋଗୁ ଭାକ୍ୟୁମଟ୍ୟୁବ୍‌ଗୁଡ଼ିକ ଖରାପ ହୋଇଯିବାର ସମ୍ଭାବନା ଅଧିକ ଥିଲା। କିନ୍ତୁ ସେମିକଣ୍ଡକ୍ଟର ପଦାର୍ଥରେ ତିଆରି ହୋଇଥିବାରୁ ଟ୍ରାଞ୍ଜିଷ୍ଟରଗୁଡ଼ିକ ଅଧିକଦିନ ପର୍ଯ୍ୟନ୍ତ ଖରାପ ହେଉନଥିଲା। ତେବେ ବିଜ୍ଞାନ ଆହୁରି କିଛି ଅଧିକ କରିବା ପାଇଁ ତତ୍ପର ଥିଲା।

ଠିକ୍ ଏହି ସମୟରେ ୧୯୫୮ରେ ଆମେରିକାର ଜାକ କିଲବୀ ନାମକ ଜଣେ ଘରୋଇ ସଂସ୍ଥାର ବ୍ୟକ୍ତି ସବୁ ଇଲେକ୍‌ଟ୍ରୋନିକ ଉପକରଣକୁ ଯୋଡ଼ି ଏକ ଛୋଟ ଏକୀକୃତ ପରିପଥ ବା ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିଥିଲେ। କିନ୍ତୁ ରୋବୋର୍ଟ ନଏସ ନାମକ ଆଉ ଜଣେ ବ୍ୟକ୍ତି ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରି ଆମେରିକୀୟ ପେଟେଣ୍ଟ ହାସଲ



କରିନେଲେ। ତେବେ ଆଧୁନିକ ବିଜ୍ଞାନ ଉଭୟଙ୍କୁ ଇଣ୍ଟିଗ୍ରେଟେଡ୍ ସର୍କିଟ ପ୍ରସ୍ତୁତ କରିବାର ଶ୍ରେୟ ଦିଏ। ପରେ ରୋବୋର୍ଟ ନଏସ ଇଣ୍ଟେଲ ନାମକ ବହୁ ଚର୍ଚ୍ଚିତ କମ୍ପାନୀର ସହ ପ୍ରତିଷ୍ଠାତା ହେଲେ, ଯାହାର ନାଁ ଥିଲା ଇଣ୍ଟିଗ୍ରେଟେଡ୍ ଇଲେକ୍‌ଟ୍ରୋନିକ୍ସ। କ୍ଷୁଦ୍ର ଇଣ୍ଟିଗ୍ରେଟେଡ୍ ସର୍କିଟ ଉପକରଣରେ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ସୂକ୍ଷ୍ମ ଭାବରେ ଯୋଡ଼ି ଏକାସଙ୍ଗେ ରଖିବା ଫଳରେ ଇଲେକ୍‌ଟ୍ରୋନିକ ଉପକରଣ ଦୁନିଆରେ ବିପ୍ଲବ ଆସିଲା। ପୂର୍ବରୁ ଟ୍ରାଞ୍ଜିଷ୍ଟର, କାପାସିଟର, ରେଜିଷ୍ଟର ଏବଂ ଡାଇଅଡ୍ ଇତ୍ୟାଦିକୁ ଅଲଗା ଅଲଗା ରଖାଯାଉଥିବାରୁ ଏହା ଦ୍ୱାରା ଇଲେକ୍‌ଟ୍ରୋନିକ ଉପକରଣର ଆକାର ଯଥେଷ୍ଟ ବଡ଼ ହେଉଥିଲା, ଯାହା ଇଣ୍ଟିଗ୍ରେଟେଡ୍ ସର୍କିଟ ଯୋଗୁ ବୈପ୍ଳବିକ ପରିବର୍ତ୍ତନ ଆଣିଲା। ପକେଟ୍ ରେଡିଓ, ଛୋଟ ଟିଭି ବଜାରରେ ଉପଲବ୍ଧ ହୋଇ ଯଥେଷ୍ଟ ଲୋକପ୍ରିୟ ହେବାକୁ ଲାଗିଲା। କାଳକ୍ରମେ ମାଇକ୍ରୋଚିପ୍ସଗୁଡ଼ିକ ଅଧିକରୁ ଅଧିକ ସୂକ୍ଷ୍ମ ଓ ଛୋଟ ହେବାରୁ ସବୁ ଉପକରଣ ଛୋଟ ଓ ସ୍ମାର୍ଟ ହୋଇଗଲେ। ମାଇକ୍ରୋଚିପ୍ସରେ ଥିବା ବିଭିନ୍ନ ଉପାଦାନକୁ କାର୍ଯ୍ୟ ଅନୁଯାୟୀ ପ୍ରୋଗ୍ରାମିଂ କରି ତିଆରି କରାଯାଇଥାଏ। ତେଣୁ ଏହାକୁ ଉପକରଣର ମସ୍ତିଷ୍କ ବୋଲି କୁହାଯାଇଥାଏ।

ଆମ ଜୀବନର ପ୍ରତ୍ୟକ ମୁହୂର୍ତ୍ତ ପରୋକ୍ଷ ଭାବରେ ମାଇକ୍ରୋଚିପ୍ସ ଦ୍ୱାରା ପରିଚାଳିତ। ମାଇକ୍ରୋଚିପ୍ସଗୁଡ଼ିକ ବାସ୍ତବରେ ପ୍ରତ୍ୟେକ ବୈଦ୍ୟୁତିକ ଉପକରଣ ଭିତରେ ବ୍ୟବହୃତ ହେଇଥାଏ। ଉଦାହରଣ ସ୍ୱରୂପ, ଏୟାର କଣ୍ଡିଶନରରେ ବ୍ୟବହୃତ ତାପମାତ୍ରା ନିୟନ୍ତ୍ରକଗୁଡ଼ିକ ମାଇକ୍ରୋଚିପ୍ସରେ ତିଆରି ହୋଇଥାଏ। ଆମ ଆଧୁନିକ ରୋଷେଇ ଘରେ ବୈଦ୍ୟୁତିକ ରାଇସ୍ କୁକର ଭାତକୁ ଠିକ ଭାବରେ ରାନ୍ଧିପାରେ, କାରଣ ମାଇକ୍ରୋଚିପ୍ସ ତାପମାତ୍ରାକୁ ଠିକ୍ ଭାବରେ ନିୟନ୍ତ୍ରଣ କରିଥାଏ। କମ୍ପ୍ୟୁଟରର ମୁଖ୍ୟ ଅଂଶ ସିପିୟୁଗୁଡ଼ିକ ମଧ୍ୟ ଅସଂଖ୍ୟ ମାଇକ୍ରୋଚିପ୍ସରେ ନିର୍ମିତ। ମୋବାଇଲ ଫୋନ୍, ସ୍ମାର୍ଟଫୋନ୍, ଡିଜିଟାଲ କ୍ୟାମେରା, ଟେଲିଭିଜନ, ୱାଶିଂ ମେଶିନ୍, ରେଫ୍ରିଜରେଟର ଏବଂ ଏଲ୍‌ଇଡି ବଲ୍‌ବ ମଧ୍ୟ ମାଇକ୍ରୋଚିପ୍ସ ବ୍ୟବହାର କରନ୍ତି। ଇଲେକ୍‌ଟ୍ରୋନିକ୍ସ ଉପକରଣ ବ୍ୟତୀତ ମାଇକ୍ରୋଚିପ୍ସଗୁଡ଼ିକ ବ୍ୟାଙ୍କ ଏଟିଏମ୍, ଟ୍ରେନ, ଇଣ୍ଟରନେଟ୍, ଯୋଗାଯୋଗ ଏବଂ ସାମାଜିକ ଭିତ୍ତିଭୂମିର ଅନ୍ୟାନ୍ୟ ଅଂଶ ଯଥା ମେଡିକାଲ ନେଟ୍‌ୱର୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏକ ଆକଳନ ଅନୁସାରେ ବୈଶ୍ୱିକ ମାଇକ୍ରୋଚିପ୍ସ ବଜାର ୨୦୩୦ ସୁଦ୍ଧା ୨ ଲକ୍ଷ କୋଟି ଡଲାରରୁ ଅଧିକ ହୋଇଯିବ। ଆଗାମୀ ଦିନରେ ଯେଉଁ ଦେଶ ଯେତେ ମାଇକ୍ରୋଚିପ୍ସ ଉତ୍ପାଦନ କରିବ, ସେ ସେତେ ଧନୀ ହୋଇଯିବ,ଠିକ୍ ଯେମିତି ବିଂଶ ଶତାବ୍ଦୀରେ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ରାତାରାତି ଧନୀ ପାଲଟି ଯାଇଥିଲେ।

ମାଇକ୍ରୋଚିପ୍ସକୁ ଅନେକେ ଏକବିଂଶ ଶତାବ୍ଦୀର ଡିଜିଟାଲ ଡାଇମଣ୍ଡ ବୋଲି ଆଖ୍ୟା ଦେଇଛନ୍ତି। ତେବେ ଭାରତ ଏହି ମାଇକ୍ରୋଚିପ୍ସ ଉତ୍ପାଦନରେ ଖୁବ୍ ବିଳମ୍ବରେ ହେଲେ ମଧ୍ୟ ଆଗକୁ ବଢ଼ିଛି ଓ ବିକ୍ରମ-୩୨ ଚିପ୍ସ ନିର୍ମାଣ କରି ଚିପ୍ସ ବଜାରରେ ପ୍ରବେଶ ପାଇଁ ଅଣ୍ଟା ଭିଡ଼ିଛି। ତାଇୱାନ ଏହି ପ୍ରକ୍ରିୟା ୧୯୭୪ରୁ ଆରମ୍ଭ କରିଥିବାରୁ ଏବେ ବିଶ୍ୱର ନବେଭାଗ ଅତ୍ୟାଧୁନିକ ମାଇକ୍ରୋଚିପ୍ସ ଏଠାରେ ନିର୍ମାଣ ହେଉଛି। ତାଇୱାନ ବର୍ଷକୁ ୧୧୫ ବିଲିୟନ ଡଲାରର ମାଇକ୍ରୋଚିପ୍ସ ବଜାର ପ୍ରସ୍ତୁତ କରିପାରିଛି। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ବିଶ୍ୱରେ ତାଇୱାନ ୭୦% ସହ ଏକ ନମ୍ବର ସ୍ଥାନରେ ଥିବା ବେଳେ ଆମେରିକା ୧୨% ସହିତ ଦୁଇ ନମ୍ବର ସ୍ଥାନରେ ଓ ଚାଇନା ୬% ସହିତ ତୃତୀୟ ସ୍ଥାନରେ ରହିଛି।

ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ହେଲେ ଆଧୁନିକ ବିଜ୍ଞାନର ଏହି ଡିଜିଟାଲ ଡାଇମଣ୍ଡ ନିର୍ମାଣ କ୍ଷେତ୍ରରେ ଯୁଦ୍ଧକାଳୀନ ଭିତ୍ତିରେ ଅଗ୍ରସର ହେବାକୁ ପଡ଼ିବ। ଏକ ଶୁଭ ସମ୍ବାଦ ଯେ ପ୍ରଥମ ମାଇକ୍ରୋଚିପ୍ସ ବିକ୍ରମ-୩୨ ନିର୍ମାଣ କରିବାରେ ଭାରତ ସକ୍ଷମ ହୋଇଛି। ଖୁବ୍ ଶୀଘ୍ର ଭାରତରେ ଅନେକ କମ୍ପାନୀ ମାଇକ୍ରୋଚିପ୍ସ ନିର୍ମାଣ କରି ବିଶ୍ୱ ବଜାରରେ ଭାରତକୁ ଦଣ୍ଡାୟମାନ କରିବେ। ସୂଚନାଯୋଗ୍ୟ, ଭାରତ ୨୦୨୪ରେ ୧ ଲକ୍ଷ ୭୧ ହଜାର କୋଟି ଟଙ୍କାର ମାଇକ୍ରୋଚିପ୍ସ ବିଦେଶରୁ ଆମଦାନୀ କରିଥିଲା। ମାଇକ୍ରୋଚିପ୍ସ ନିର୍ମାଣ କ୍ଷେତ୍ରରେ ସବୁଠୁ ବଡ଼ ସମସ୍ୟା ହେଲା ଏଥିପାଇଁ ଆବଶ୍ୟକ ଅତି ନିର୍ମଳ ପରିବେଶ, ଅତି ଶୁଦ୍ଧଜଳ, ନିରବଚ୍ଛିନ୍ନ ଭାବରେ ଉପଲବ୍ଧ ବିଜୁଳି ଓ ନିୟନ୍ତ୍ରିତ ଆର୍ଦ୍ରତା। ସଫା ପରିବେଶ ତିଆରି କରିବା ଖୁବ୍ ବ୍ୟୟବହୁଳ ଓ କଷ୍ଟସାଧ। ଏହା ସହିତ ମାଇକ୍ରୋଚିପ୍ସ ନିର୍ମାଣ କାର୍ଯ୍ୟରେ ବହୁଳ ପରିମାଣରେ ଅତି ଶୁଦ୍ଧଜଳ ଆବଶ୍ୟକ ହୋଇଥାଏ, ଯାହା ଆମେ ପିଉଥିବା ଜଳଠାରୁ ହଜାରେ ଗୁଣା ଅଧିକ ଶୁଦ୍ଧ।

ମୋ: ୭୦୦୪୦୬୮୧୧୦

# ଶିକ୍ଷାରେ ଅଭିନୟ କଳା



ଲୋକନାଥ ପଣ୍ଡା

ଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନରେ ଶିଶୁଟି କେତେ ଗ୍ରହଣ କରିପାରିଥାଏ, ତାହା ନିର୍ଭର କରେ ଶିକ୍ଷକଙ୍କ ଶିକ୍ଷାଦାନ ଓ ତାଙ୍କର ମନୋଭାବ, ପ୍ରେରଣା, ପିତାମାତା, ବିଦ୍ୟାଳୟର ଭିତ୍ତିଭୂମି ଓ ପରିବେଶ ଏହିଭଳି ଅନେକ କିଛି ଉପରେ। କିଛିଦିନ ତଳେ ଭାଷାକୁ କିପରି ନାଟକ ମାଧ୍ୟମରେ ଶିକ୍ଷା ଦିଆଯାଇପାରିବ, ସେ ସମ୍ପର୍କରେ ଏକ କର୍ମଶାଳାରେ ଯୋଗଦେବାର ସୁଯୋଗ ପାଇଥିଲି। ତାଲିମଦାତା ଜଣକ ନାଟକ ମାଧ୍ୟମରେ ଶିଶୁର ଭାଷାର ବିକାଶ ହୋଇପାରିବ, ପଠନ ଦକ୍ଷତା ବୃଦ୍ଧି, ଶିଶୁଙ୍କୁ କିପରି ନାଟକ ଶିଖାଯାଇପାରିବ, ଭାଷା ସହିତ କିପରି ନାଟକ ଶିଖିବେ, ବିଷୟଟିକୁ ଭଲ ଭାବରେ ଗ୍ରହଣ କରିବେ ଏବଂ ତାହାକୁ କିପରି କାହାଣୀରେ ଫୁଟାଇବେ, ତାହା ଉପରେ ଗୁରୁତ୍ୱ ଦେଉଥିଲେ।

ସବୁଠାରୁ ବଡ଼କଥା ହେଲା, ତାଲିମଦାତା ନାଟକ ସହ ଶିକ୍ଷାକୁ ଯୋଡ଼ିବାକୁ ହେଲେ କେତେ କ'ଣ କରିବା ଦରକାର, ତାହା ମୁଁ ନାଟକର ତାଲିମ ସମୟରେ ଦେଖୁଥିଲି। ବିଷୟଟିକୁ ଭଲ ଭାବରେ ବୁଝିବା ଦରକାର ଏବଂ ସାରାଂଶ ଦରକାର, ଯାହାକି ଜଣେ ଅନୁଭବ କଲେ ହିଁ ଅଭିନୟ କରିପାରିବ। କାହାଣୀର ବିଭିନ୍ନ କାହାଣୀକୁ କିପରି ମଣିଷ/ପଶୁ/ପକ୍ଷୀ/ଉଦ୍ଭିଦର ଭାବନାକୁ ଜୀବନ୍ତ ଫୁଟାଯାଇପାରିବ, ସେଥିପାଇଁ ମଧ୍ୟ ସେ କସରତ କରୁଥିଲେ।

କାହାଣୀଗୁଡ଼ିକରେ ମୁଖ୍ୟତଃ ପଢ଼ିବା ଭଳି ସଚିତ୍ର ପୁସ୍ତକ ଥିଲା। କାହାଣୀଗୁଡ଼ିକ ଛୋଟ ଛୋଟ ଥିଲା, ପ୍ରାୟତଃ କାହାଣୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ନିମନ୍ତେ ଥିଲା। ସେହି କାହାଣୀରେ ଥିଲା ରାକ୍ଷସ କାହାଣୀ, ସୁନ୍ଦର ଫୁଲର କାହାଣୀ, ସାଙ୍ଗର କାହାଣୀ, ବର୍ଷାକୁ ନେଇ କବିତା, ଛେଳି ଓ କଟାସକୁ ନେଇ କାହାଣୀ, ବସ୍ତିର ଚୋର, ପୃଥିବୀ ଭିନ୍ନ, ହଜିବା ଏବଂ ପାଇବା, ବେଙ୍ଗ ଓ ମାଛିକୁ ନେଇ କାହାଣୀ, ଏହିଭଳି ଶିଶୁମାନଙ୍କୁ ଆକର୍ଷିତ କରିବା ଭଳି ବିଭିନ୍ନ କାହାଣୀ।

କାହାଣୀ ନାଟ୍ୟ ରୂପରେ ଉପସ୍ଥାପନା କରିବା ପୂର୍ବରୁ ସ୍ପଷ୍ଟ ଭାବରେ ଓ ଉଚ୍ଚ ପଠନ, ଦୂରତାକୁ ନେଇ ଧ୍ୱନିକୁ କିପରି ଉଚ୍ଚାରଣ କରିବା, ଭାବନାକୁ ନେଇ ସ୍ୱର କିପରି ହେବା ଦରକାର, କେଉଁ ସ୍ୱର କିପରି ହେବା ଦରକାର, ଭାବନା ସହ ସ୍ୱରର ପରିବର୍ତ୍ତନ, ଏଥିପାଇଁ ତାଲିମଦାତା ପାଟି ଖୋଲିବା ପାଇଁ ବିଭିନ୍ନ ପ୍ରକାର ଧ୍ୱନି ଉଚ୍ଚାରଣ ନିମନ୍ତେ ବିଭିନ୍ନ ପ୍ରକାର ଅଭ୍ୟାସ କରାଉଥିଲେ। ପ୍ରାଥମିକ ସ୍ତରରେ ନାଟକ କିପରି ଶିଶୁମାନଙ୍କର ଉଚ୍ଚାରଣଗତ ଶୁଦ୍ଧି ଆଣିଥାଏ, ଧ୍ୱନିରେ ପରିପକ୍ୱତା ଆଣିବା, ବିଷୟକୁ ବୋଧଗତ ହେବା, କୌଣସି ବିଷୟରେ ମଜ୍ଜିରହିବା ପାଇଁ ନାଟକ ମାଧ୍ୟମରେ ଶିକ୍ଷା ଅନେକ ସହାୟକ ହୋଇଥାଏ।

ସାଧାରଣତଃ ଶିଶୁମାନଙ୍କର ଶିକ୍ଷାଦାନରେ ଖୁସି ହେଲେ ସେମାନଙ୍କର ଶିକ୍ଷଣ ପ୍ରକ୍ରିୟା ସରଳ ହୋଇଥାଏ। ସବୁଠାରୁ ଅନ୍ୟ କଥା ହେଲା ଶିକ୍ଷାଦାନ ପଦ୍ଧତି ଏବଂ ପିଲାଟିକୁ ଶିକ୍ଷକ କିପରି



ଓ କ'ଣ କ'ଣ ଶିକ୍ଷା ଦେଉଛନ୍ତି ! ଯଦି ପ୍ରାଥମିକ ସ୍ତରରେ ଠିକ୍ ଓ ଉପଯୁକ୍ତ ଶିକ୍ଷା ଦିଆ ନ ଯାଏ, ତେବେ ଶିଶୁଟି ହାଇସ୍କୁଲରେ କେବଳ ନିଜର ଶିକ୍ଷା ପାଇବା ପାଇଁ ପ୍ରୟାସ କଲେ ମଧ୍ୟ ସଫଳ ହୋଇପାରିବ ନାହିଁ, କାରଣ ଶିଶୁଟିର ଶିକ୍ଷାଲାଭ କରିବାର ଭିତ୍ତିଭୂମିଟି ଦୁର୍ବଳ ହୋଇଥିବ। ଯଦି ଶିଶୁଟି ଠିକ୍ ଭାବରେ ମାତ୍ରା, ଯୁକ୍ତାକ୍ଷର, ଧ୍ୱନିକୁ ନେଇ ଠିକ୍ ଉଚ୍ଚାରଣ କରିବା ଜାଣି ନ ଥାଏ କିମ୍ବା ଏହାକୁ ନେଇ ତାହାର ଅଭ୍ୟାସ ହୋଇ ନ ଥାଏ,ତେବେ ଭାଷାରେ ଦୁର୍ବଳ ହୋଇଥାଏ ଏବଂ ଶିଶୁଟି ଶିକ୍ଷା ଲାଭ କରିବା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ।

ପିଲାଙ୍କ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟି ଦେବାବେଳେ ଭଲ ଲାଇବ୍ରେରିଟିର ଏବଂ ତାହାର ବ୍ୟବହାର ହେଉଥିବା ସହ ଶିଶୁଟି ଭିତରେ ଶିଶୁ ସୁଲଭକୁ ଜାଗ୍ରତ କରିବା ପାଇଁ ଅଭିନୟ ମଧ୍ୟ ଦରକାର। ଶିଶୁଟିକୁ ଯଦି ବିଷୟବସ୍ତୁକୁ ଅଭିନୟ ମାଧ୍ୟମରେ ଶିକ୍ଷା ଦିଆଯାଏ, ଅଭିନୟ ସହ ଭାଷାର ବିକାଶକୁ ଯଦି ଯୋଡ଼ିଦିଆଯାଏ, ତେବେ ଶିଶୁର ଭାଷାର ବିକାଶ ହେବା ସହ ଶିକ୍ଷକ ଓ ଶିଶୁଙ୍କୁ କେତେବେଳେ ବିଦ୍ୟାଳୟ ସମୟ ସରିଯିବ, ଘଣ୍ଟା ବାଜିବା ସମୟ ହୋଇଯିବ, ସେତିକି ଜାଣିପାରିବେ ନାହିଁ। ଏଥିସହ ସରକାରଙ୍କୁ ମଧ୍ୟ ପିଲାଙ୍କୁ ବିଦ୍ୟାଳୟ ଆଣିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିବା ତଥା ଡ୍ରେସ୍, ସାଇକେଲ ଆଦି ପ୍ରାଥମିକତା ଦେବାକୁ ପଡ଼ିବ ନାହିଁ!

ଶିକ୍ଷାଦାନର ଗୋଟିଏ ମୂଳ ଅଙ୍ଗ ହେଲା ଶିକ୍ଷାଦାନରେ କଳାର ବେଶ୍ ଗୁରୁତ୍ୱ ରହିଛି। ଯେଉଁ ଶିକ୍ଷକ ଚିତ୍ରକଳା ହେଉ କିମ୍ବା ନାଟ୍ୟକଳାରେ ନିପୁଣ ଥାଏ, ତାଙ୍କୁ ଶିକ୍ଷାଦାନ ନିରଳସ ଲାଗେନାହିଁ। ଶିକ୍ଷକ ଜଣେ କଳାକାର ହେବା ଦରକାର। ଅବଶ୍ୟ ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଶିକ୍ଷକଟିଏ କଳାକାର ହେବା ପାଇଁ ଏବଂ ସୃଜନଶୀଳ ହେବା ପାଇଁ ଅନେକ କିଛି ସୁଯୋଗ ରହିଛି। କିନ୍ତୁ ତାହା ମେକାନିଜମ୍ ନହୋଇ ସୃଜନଶୀଳତା ହେବା ଆବଶ୍ୟକ। ସମସ୍ତେ ଶିକ୍ଷାଦାନରେ କିଛିକିଛି ଚିତ୍ରକଳା, ନାଟ୍ୟରୂପ ଦେଇଥାଆନ୍ତି। କିନ୍ତୁ ତାହାକୁ ସଙ୍ଗଠିତ ଓ ବ୍ୟବସ୍ଥିତ ଭାବରେ କରାଗଲେ ଗତିବିଧିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଶିକ୍ଷା ପ୍ରତି ଶିଶୁର ଆଗ୍ରହ ସୃଷ୍ଟିହୋଇଥାଏ, ଧ୍ୱନି ଉଚ୍ଚାରଣ ହେଉ କିମ୍ବା ବିଷୟକୁ ଆଗ୍ରହର ସହ ବୁଝିବା ହେଉ ବା ଭାଷାଜ୍ଞାନ ବିକାଶ ହେଉ ଇତ୍ୟାଦି ଅନେକ କିଛି ହୋଇଥାଏ।

ଅନେକଙ୍କ ଧାରଣା ଥାଏ, କଳା ପ୍ରତି ଆକୃଷ୍ଟ ହେଲେ ଶିଶୁ ଶିକ୍ଷାଦୀକ୍ଷାରେ ତଥା ପାଠ ପ୍ରତି ଅବହେଳା କରେ। କିନ୍ତୁ ଯଦି କଳା ସହ ପାଠର ସମନ୍ୱୟ ଆଣାଯାଏ, ତେବେ ଶିଶୁଟିର ଶିକ୍ଷା ଗ୍ରହଣରେ ଅନେକ ଉନ୍ନତି ହୋଇଥାଏ। ଶିକ୍ଷକ ଯଦି କଳାକାର ହୁଅନ୍ତି ଏବଂ ଶିଶୁମାନଙ୍କୁ ଭଲପାଆନ୍ତି, ତେବେ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିପାରିବ। ଏହିଭଳି ଅନେକ କିଛି ବିଦ୍ୟାଳୟ ଦେଖିଛି, ଶିକ୍ଷକମାନେ ନିଜର କଳା ଓ ସୃଜନଶୀଳତା ବ୍ୟବହାରକରି ପିଲାଙ୍କ ଶିକ୍ଷଣ ସ୍ତରରେ ଅନେକ ଉନ୍ନତି ଆଣିଥାଆନ୍ତି। ଭାଷାର ବିକାଶରେ ନାଟକ,ଅଭିନୟ, ସଙ୍ଗୀତ ଆଦି କେତେ ଗୁରୁତ୍ୱପୂର୍ଣ୍ଣ, ତାହାର ଗୁରୁତ୍ୱକୁ ଅନୁଭବ କରିବାର ଅଛି।

ରାଣୀଗୁଡ଼ା, ରାୟଗଡ଼ା

ମୋ: ୯୪୩୮୦୮୧୪୩୦

## ଏଇ ଭାରତରେ

ତୃଣମୂଳ ସ୍ତରରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କିଭଳି ସମ୍ଭବ ତାହା ମଣିପୁରର ଛାକେସାଙ୍କ ଜନଜାତି ପ୍ରମାଣ କରିଦେଇଛନ୍ତି। ଏହି ନାଗା ଯୋଦ୍ଧା ଜନଜାତିର ଲୋକେ ଶିକାର ଛାଡ଼ିଦେଇ ଏବେ ପରିବେଶ ଓ ପ୍ରାଣୀଙ୍କ ଯତ୍ନ ନେଉଛନ୍ତି। ସେମାନେ ଇଣ୍ଡୋ-ବର୍ମା ବାୟୋଡାଇଭର୍ସିଟି ହଟସ୍ପଟରେ ଥିବା ଜେସାମି ଗାଁରେ ରହୁଛନ୍ତି। ଏହି ଜନଜାତିର ଲୋକେ ଶିକାର ପାଇଁ ଜଣାଶୁଣା। ଏପରି କି ଶିକାର କୌଶଳର ପ୍ରତୀକ ଭାବେ ସେମାନେ ଘର ପ୍ରବେଶ ପଥରେ ପ୍ରାଣୀଙ୍କ ଖପୁରି ରଖିଥାନ୍ତି। ଗାଁର ମୁଖ୍ୟ ପର୍ବ ହେଉଛି ଟ୍ରେକୁ ନେଗେ । ଏହି ପର୍ବରେ ଲୋକମାନେ ମୁଣ୍ଡରେ ମିସେସ୍ ହ୍ୟୁମ ପିଜାଣ୍ଟ ପକ୍ଷୀର ଲାଞ୍ଜପର ପିନ୍ଧିଥାନ୍ତି। ଉଲ୍ଲେଖନୀୟ, ଏହି ପକ୍ଷୀର ନାମକରଣ ବ୍ରିଟେନ ପରିବେଶବିତ୍ ଆଲାନ ଅକ୍ଟୋଭିଆନ ହ୍ୟୁମ୍ସଙ୍କ ସ୍ତ୍ରୀ ମ୍ୟାରି ଆନ୍ନ ଗ୍ରୀଣ୍ଡଲ ହ୍ୟୁମ୍ସଙ୍କ ନାମାନୁସାରେ କରାଯାଇଛି। ହ୍ୟୁମ ପିଜାଣ୍ଟ ପକ୍ଷୀ ବିଲୁପ୍ତ ହୋଇଯିବା ଖବର ଜାଣିବା ପରେ ଜେସାମି ଗ୍ରାମ ପରିଷଦର ଅଧ୍ୟକ୍ଷ ନିଜୋତେ ମେକ୍ରିଶୁ ୨୦୧୮ରେ ସବୁ ପ୍ରାଣୀଙ୍କ ଶିକାର ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏପରି କି ଟ୍ରେକୁ ନେଗି ପର୍ବରେ ମଧ୍ୟ ଶିକାର ବନ୍ଦ କରାଯାଇଛି। ଏବେ ଗ୍ରାମବାସୀ ଶିକାର ଛାଡ଼ି ପର୍ଯ୍ୟଟକ, ବନ୍ୟପ୍ରାଣୀ ଫଟୋଗ୍ରାଫର ଓ ବୈଜ୍ଞାନିକଙ୍କୁ ଜଙ୍ଗଲରେ ଗାଇଡ୍ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୭୬

- ଜାହାଜ ଦ୍ୱାରା ରପ୍ତାନି କାରବାର ବୃଦ୍ଧି କରିବା ବିଷୟ ଅନୁଧ୍ୟାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଷ୍ଟାଣ୍ଡିଂ କମିଟି ଗଠନ।
- କଲମ୍ବୋଠାରେ ଅନୁଷ୍ଠିତ ହୋଇଥିବା ୫ମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀର ସୁପାରିସ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯୁଗୋସ୍ଲାଭିଆ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ।
- ପାକିସ୍ତାନର ଉତ୍ତର ପଶ୍ଚିମ ସୀମାନ୍ତ ଅନ୍ତର୍ଗତ ଏକ ସୁଦୂର ପାର୍ବତ୍ୟାଞ୍ଚଳରେ ଗଣ ବିଦ୍ରୋହ ଘଟି ୨୫୦ରୁ ୩୦୦ ଲୋକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ବସ୍ ସେବାର ସୁଫଳ

ମହାଶୟ,

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା ବ୍ୟବସ୍ଥା କରାଯାଇଛି। ଏହା କ୍ଷମତାସୀନ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଏହି ଯୋଜନାରେ କେବଳ ଓଏସ୍‌ଆରଟିସି(ସରକାରୀ) ବସ୍‌ଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମାଗଣା ସେବା ଉପଲବ୍ଧ ହେବ ବୋଲି ତଥ୍ୟଗତ ସୂଚନାରୁ ଜାଣିବାକୁ ମିଳୁଛି। ଘରୋଇ ବସ୍ ଏବଂ ଏହାର ମାଲିକ ସଂଘ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ଏହି ଗାଡ଼ିରେ ଚଢ଼ି ଛାତ୍ରୀଛାତ୍ର ମାଗଣା ବସ୍ ସେବା ଦାବି ରଖିବା ନିରର୍ଥକ ହୋଇପାରେ। ତେଲ ଖର୍ଚ୍ଚ ଉଠୁ ନାହିଁ ବୋଲି ଦର୍ଶାଇ ଘରୋଇ ବସ୍ ମାଲିକ ଓ କର୍ମଚାରୀମାନେ କୁମ୍ଭୀର କାନ୍ଦଣାରେ ମାତିଥିବାରୁ ଛାତ୍ରୀଛାତ୍ର ମାଗଣାରେ ବସ୍‌ଭର୍ତ୍ତି ହୋଇଗଲେ ସେମାନଙ୍କ ଭେଳା ମଧ୍ୟ ବୁଡ଼ିଯାଇପାରେ। ଏ ପ୍ରେକ୍ଷାପଟରେ ସରକାର ଓ ପରିବହନ ବିଭାଗ ପ୍ରାଇଭେଟ ବସ୍‌ରେ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବା ନିମନ୍ତେ ବିକଳ୍ପ ବାଟ ବାହାର କରିବା ଦରକାର।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖଇଁ
ମୁଗ୍‌ଧ ଆଖି ନୟନ ପରେ ରଖଇଁ
କଳୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖଇଁ ।
-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆର୍‌ଏମ୍‌ସି ପାଚେରି ନିର୍ମାଣ ନିମ୍ନମାନର

ଆନନ୍ଦପୁର,୩୧।୧୦(ପ୍ରଶାନ୍ତ କୁମାର ସାହୁ)

କୃଷକଙ୍କ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବିପୁଳ ପରିମାଣରେ ଅନୁଦାନ ଆସୁଛି। ମାତ୍ର ଦୁର୍ନୀତିଗ୍ରସ୍ତରେ ଏହାର ଦୁରୁପଯୋଗ କାରଣରୁ ଏହାର ଲାଭ ଚାଷୀ ଉଠାଇ ପାରୁନାହାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ତରତରା ସୋସାଇଟି କମ୍ପ୍ଲେକ୍ସ ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି)ରେ। ନୂତନ ନିର୍ମାଣ ନିମ୍ନମାନର ହେଉଥିବାରୁ ଏହାପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି। ପ୍ରକାଶ ଯେ, କମ୍ପ୍ଲେକ୍ସରେ



ଆରଏମ୍‌ସିର ନୂତନ ଗୃହ ନିର୍ମାଣ ହେଉଛି। ପୂର୍ବରୁ ଦୁର୍ବଳ ପାଚେରିକୁ ଭାଙ୍ଗି ନୂତନ ପାଚେରି କରିବା ବଦଳରେ ତା ଉପରେ ୨ରୁ ୩ ରଦା ଇଟା କାନ୍ଥ ଉଠାଇ ଫାଟିଯାଇଥିବା ପାଚେରିକୁ ସିମେଣ୍ଟ ଲେପ ଦେଇ ନୂଆରୂପ ଦିଆଯାଉଛି। ବିନା ଫଳକ ବିନା ଯନ୍ତ୍ରୀଙ୍କ ଉପସ୍ଥିତିରେ ଠିକାଦାର ମନମାନି କରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି। କାମ ସରିବାକୁ ବସିଲାଣି କିନ୍ତୁ ଏହାର ଫଳକ ଲାଗିନି। ଫଳରେ ଲକ୍ଷାଧିକ ଟଙ୍କା ଡୋଷରପାତ(?) ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ କାମ ବାଟମାରଣା ହେଉଛି। ଏ ବିଷୟରେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା(?) କହିଛନ୍ତି, ଏ ବିଷୟରେ ଜାଣି ନ ଥିଲେ। ବିନେ ଦୁଇଦିନ ଭିତରେ ଏହାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନାଳରୁ ଯୁବକଙ୍କ ମୃତଦେହ ଜବତ

ଖଇରା,୩୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ବର୍ଚ୍ଚନା ପଞ୍ଚାୟତ ଅଧୀନ ନୁଆଗାଁ ଗ୍ରାମର ସଂଗ୍ରାମ ଭୋଇ(୩୮)ଙ୍କ ମୃତଦେହ ଶୁକ୍ରବାର ବର୍ଚ୍ଚନା ହାଇସ୍କୁଲ ନିକଟସ୍ଥ ନାଳରୁ ଉଦ୍ଧାର କରାଯାଇଛି। ଗୁରୁବାର ରାତିରୁ ଶୌଚ ହେବାକୁ ଆସି ସଂଗ୍ରାମ ଆଉ ଘରକୁ ଫେରି ନ ଥିଲେ। ଦେବେ ଗ୍ରାମର ସରପଞ୍ଚ ପ୍ରତିନିଧି ରଘୁନାଥ ପଣ୍ଡା ଓ ସମିତିସଭ୍ୟ ପ୍ରତିନିଧି ପତିତପାବନ କର ତଥା ଅନ୍ୟ ଗ୍ରାମବାସୀଙ୍କ ଅନୁରୋଧ ପରେ ବି ପୋଲିସ ସନ୍ଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶେଷରେ ଗାଁ ଲୋକ ନିଜ ପ୍ରଚେଷ୍ଟାରେ ଗାଡି କରି ଖଇରା ମେଡିକାଲ ଆଣିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା,୩୧।୧୦(ସ୍ୱାରକ ନାଗୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବିଡ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୋରଡ଼ା ବିଡିଓ ବିଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପାଇନାଥ ସୋରେନ,ମୁଖ୍ୟ ବକ୍ତା ଭାବେ ମୋରଡ଼ା ବ୍ଲକର ପୂର୍ବତନ ବିଡିଓ ସତୀଶଚନ୍ଦ୍ର ମହାପାତ୍ର, ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡି, ରଞ୍ଜିତ କୁମାର ସାହୁ, ଏବିଇଓ ପାଲୁ ହାଁସଦା, ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀ, ବିଦ୍ୟାଳୟ ସଭାପତି ଅଶେଷ କୁମାର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ଛାତ୍ରୀଛାତ୍ରମାନେ ସୁମଧୁର ସଂଗୀତ ନାଚର ତାଳେ ତାଳେ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ବ୍ଲକ ଅଧୀନ ୧୫ଟି କ୍ଲଷ୍ଟରରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୪ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୨୬ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥିଭାବେ ମୋରଡା ବିଡିଓ ଅଶୋକ ନାଏକ, ମୁଖ୍ୟବକ୍ତା ଭାବେ ବିଡ୍ରଡ଼ା ମହାବିଦ୍ୟାଳୟର ଅଧ୍ୟାପିକା ସୌଦାମିନୀ ସିଂ, ସମ୍ମାନିତ ଅତିଥିଭାବେ ଏବିଇଓ ପୃଥ୍ୱୀନାଥ ବାସ୍କେ ପ୍ରମୁଖ ମଞ୍ଚାସୀନ ରହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଗଦାଧର ମହାନ୍ତ ଏବଂ ରମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଅଜିତ ବେହେରା, ଶିକ୍ଷୟିତ୍ରୀ ମମତା ବେହେରା, ଅନିତା ବେହେରା ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଚାନ୍ଦବାଲି,୩୧।୧୦(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଧାମରା ପିଏମ୍‌ଶ୍ରୀ ଧାମରାଇ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚାନ୍ଦବାଲି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜଙ୍କ ସଭାପତିତ୍ୱ ଓ ପ୍ରଧାନଶିକ୍ଷକ ଗୁନା ମହାଲିକଙ୍କ ସଂଯୋଜନାରେ ଆୟୋଜିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ମୁଖ୍ୟବକ୍ତା ଧାମରା ବନ୍ଦର ସିଏସ୍‌ଆର୍ ମୁଖ୍ୟ ଦେବାଶିଷ ମୁଖାର୍ଜୀ, ଅନ୍ୟତମ ଅତିଥି ଭାବେ ଧାମରା ପଞ୍ଚାୟତର ସମିତିସଭ୍ୟ ପ୍ରିୟରଞ୍ଜନ ଜେନା, ସହ ଶିକ୍ଷାଧିକାରିଣୀ ଅନୀତା ମିଶ୍ର, ତ୍ରିପୁରା ପଲେଇ, ସିଆର୍‌ସିସି ରଣଜିତ ଜେନା, ତ୍ରିଲୋଚନ ମହାଲିକ, ଶିକ୍ଷାବିତ୍ ପ୍ରଭାତ କୁମାର ପାଣିଗ୍ରାହୀ, ରେବତୀକାନ୍ତ ବେହେରା, ଅନିଲ କୁମାର ମିଶ୍ର, ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସମୟର ସଦୁପଯୋଗ ଏବଂ ସୁବିନିଯୋଗ କରିପାରିଲେ ଛାତ୍ରଛାତ୍ରୀ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ଅତିଥିମାନେ କହିଥିଲେ। ୧୯ କ୍ଲଷ୍ଟରର ଶତାଧିକ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ କରାଯାଇଛି। ସିଆର୍‌ସିସି ରଣଜିତ ଜେନା ଅତିଥି ପରିଚୟ ଦେଇଥିଲେ। ସମସ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୂଆ ରୂପରେ ନିକଲସନ ବନ ବିଦ୍ୟାଳୟ

ଚମ୍ପୁଆ,୩୦।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରେ ଏଚ୍‌ଏଫ୍ ମନିକ ଦ୍ୱାରା ସ୍ଥାପିତ ନିକଲସନ ବନ ବିଦ୍ୟାଳୟ ୯୮ ବର୍ଷ ପରେ ନବୀକରଣ ହୋଇଛି। ଫରେଷ୍ଟରଙ୍କଠାରୁ ଆରମ୍ଭ କରି ଫରେଷ୍ଟ ଗାର୍ଡ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଆସୁଥିବା ଏହି ବନ ବିଦ୍ୟାଳୟ ଆଜି ବି ତାର ଗାରିମା ବଜାୟ ରଖିଛି। ଗାରିମାକୁ ୨ ଗୁଣିତ କରିବାକୁ ଯାଇ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯାଇ ଏହି ପୁରାତନ ବନ ବିଦ୍ୟାଳୟ ଚିତ୍ରପଟକୁ ପରିବର୍ତ୍ତନ କରାଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ହନୁମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୯୮ ବର୍ଷର ପୁରୁଣା ବନ ବିଦ୍ୟାଳୟ ନୂତନ ରୂପ ଧାରଣ କରିଛି।

୧୯୨୭ ମସିହାରେ ସ୍ଥାପିତ ବନ ବିଦ୍ୟାଳୟ ପ୍ରାଥମିକସ୍ତରରେ ବିହାର, ଓଡ଼ିଶା ପ୍ରଦେଶର ସମେତ ପୂର୍ବାଞ୍ଚଳର ଏହା ଏକମାତ୍ର ବନାଞ୍ଚଳ ପ୍ରଶିକ୍ଷଣ କେନ୍ଦ୍ର ଭାବେ ପରିଚିତ ହୋଇଥିଲା। ଏହାର ପ୍ରକୃତ ନାମ ଓଡ଼ିଶା ଷ୍ଟେଟ୍ ଫରେଷ୍ଟ ସ୍କୁଲ ଭାବରେ ରହିଥିବା ବେଳେ ୧୯୩୯ରେ



ନବୀକରଣ ନିକଲସନ ବନ ବିଦ୍ୟାଳୟ।

ଏହାର ନାମ ପରିବର୍ତ୍ତନ କରାଯାଇ ପୂର୍ବାଞ୍ଚଳ ରାଜ୍ୟ ବନ ବିଦ୍ୟାଳୟ ଭାବରେ ନାମିତ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୫୦ରେ ନିକଲସନ ବନ ବିଦ୍ୟାଳୟ ଭାବେ ପରିଚିତ ହୋଇଆସୁଛି। ଏହାର ପ୍ରଥମ କଞ୍ଜରଭେଟର ଭାବରେ ଭାରତୀୟ ବନ ସେବା ଅଧିକାରୀ ଜେଡବ୍ଲ୍ୟୁ ନିକଲସନ କାର୍ଯ୍ୟ କରିଥିଲେ। ପ୍ରଦେଶ ଅଲଗା ହେବା ପରେ ମଧ ୧୯୫୮ ପର୍ଯ୍ୟନ୍ତ ବିହାର ପ୍ରଦେଶର ପ୍ରଶିକ୍ଷାର୍ଥୀଙ୍କୁ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା। ବନ ବିଦ୍ୟାଳୟର ପ୍ରଥମ ଡାଇରେକ୍ଟର ଭାବେ ଇଏସ୍ ହାୟର ଓ ପ୍ରଥମ ପ୍ରଶିକ୍ଷକ ଭାବେ ରାଏସାହେବ ଏସ୍‌କେ ମୁଖାର୍ଜି ୧୯୨୭ ରୁ ୧୯୪୯ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ବ୍ରିଟିଶ୍ ଅମଳରୁ ନିର୍ମାଣ କରାଯାଇଥିବା ଏହି ବନ ବିଦ୍ୟାଳୟକୁ ୯୮ ବର୍ଷ ପରେ ଏକ କମ୍ପାନୀ ସହାୟତାରେ ରୂପରେଖ ପରିବର୍ତ୍ତନ କରାଯାଇଥିବା ଡିଏଫ୍‌ଓ ରାମଚନ୍ଦ୍ର ମୁର୍ମୁ ସୂଚନା ଦେଇଛନ୍ତି। ଏଥି ସହିତ ଚଳିତ ବର୍ଷ ୧୧୨ତମ ବ୍ୟାଚ୍‌ରେ ପଦୋନ୍ନତି ପାଇଥିବା ୪୦ଜଣ ଫରେଷ୍ଟରଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ସୂଚନା ଦେଇଛନ୍ତି। ଏଥି ସହିତ ୨୦୦ ଆଶନ ବିଶିଷ୍ଟ ଅଡିଟୋରିୟମ, ଜିମ୍ନାଶିୟମ, ଲାଇବ୍ରେରୀ, ଖେଳପଡ଼ିଆର ଉନ୍ନତୀକରଣ ସହିତ ଇଣ୍ଡୋର ବ୍ୟାଡ୍‌ମିଣ୍ଟନ କୋର୍ଟ୍ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଉନ୍ନତି କରାଯାଇଛି।

# କାର୍ କାଚ ଭାଙ୍ଗି ୨ ଲକ୍ଷ ଲୁଟ

ରାଇରଙ୍ଗପୁର,୩୧।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ବଡ଼ବଜାର ନିକଟସ୍ଥ ମୁଖ୍ୟ ରାସ୍ତାରେ ଅଟକି ଥିବା ଏକ କାର୍ କାଚ ଭାଙ୍ଗି କେହି ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା୩୦ ବେଳେ ରାଇରଙ୍ଗପୁର ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ କାଳେଶ୍ୱର ହାଁସଦା ଷ୍ଟେଟ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇଥିଲେ। ସ୍ଥାନୀୟ ବଡ଼ବଜାର ରାସ୍ତା ପାର୍ଶ୍ୱରେ କାର୍ ରଖି କିଣାକିଣି କରୁଥିଲେ। ଏହି ସୁଯୋଗରେ କେହି ଦୁର୍ବୃତ୍ତ କାର୍ କାଚ ଭାଙ୍ଗି ବ୍ୟାଗରେ ଥିବା ୨ ଲକ୍ଷ ଟଙ୍କା ଲୁଟି ନେଇ ପଳାଇ ଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୯୫/୨୫) ରୁଜୁ ହୋଇଛି।

# ୨୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ବେପାରୀ ଗିରଫ

ବାଲେଶ୍ୱର, ୩୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ରୂପସା ଥାନା ଅଞ୍ଚଳରେ ଚଢାଉ କରାଯାଇଛି। ରୂପସା ରେଳଷ୍ଟେଶନ ନିକଟରୁ ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୨୧୦ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ରୂପସା ଥାନା ମିରିଗିମୁଣ୍ଡି ଗ୍ରାମର ସୁଦାମ ବେହେରା (୩୦) ଓ ରୂପସା ସାମିଲ ହସନପୁର ଗ୍ରାମର ଗୋକୁଳ ବର (୫୩)। ଅଭିଯୁକ୍ତଙ୍କ ବିରୋଧରେ ୨ଟି ପୃଥକ୍ ମାମଲା (ନଂ. ୧୧୧ ଓ ୧୯୭/୨୫-୨୬) ରୁଜୁ ହୋଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

ରୂପସା ରେଳଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରେ ଉଭୟ ବେପାରୀ ବ୍ରାଉନସୁଗାର ନେଇ ଯାଉଥିବା ଖବର ବିଭାଗ ପାଖରେ ଥିଲା।ଇନ୍ସପେକ୍ଟରଦୀପ୍ତିମୟୀସାହୁ,ଏସ୍‌ଆଇ ଭକ୍ତ ଚରଣ ସ୍ୱାଇଁ, ଏଏସ୍‌ଆଇ ଅନୀଲ କୁମାର ସାତୁଆ ପ୍ରମୁଖ ସଦଳବଳେ ଚଢ଼ାଉ କରି ୨ ବେପାରୀଙ୍କୁ ଗିରଫ କରିଥିଲେ।

# ଗଛରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ସୋର, ୩୧।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ମାଣିପୁର ପଞ୍ଚାୟତ ବେଙ୍ଗେଇ ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏହି ଗ୍ରାମର ଭୀମା ହେମ୍ବ୍ରମ (୪୫) ମାଣିପୁର ବଜାରରେ ଏକ ଦୋକାନ କରିଛନ୍ତି। ଶୁକ୍ରବାର ସକାଳେ ତାଙ୍କୁ ଘରେ ନ ପାଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ଘରଠାରୁ କିଛି ଦୂରରେ ଥିବା ଏକ ଶାଳ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବାର ଦେଖିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରିଛି।

# ମା' ଦକ୍ଷିଣେଶ୍ୱରୀ କାଳୀଙ୍କୁ ଦର୍ଶନକଲେ ଏମ୍‌ପି, ଜିଲାପାଳ



ଏମ୍‌ପି ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲୀପ ରାଉତରାଏଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚାନ୍ଦବାଲି,୩୧।୧୦(ଅଶୋକ ପଣ୍ଡା/କିଷାନ ପାତ୍ର)

ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲୀପ ରାଉତରାଏ ଶୁକ୍ରବାର ଚାନ୍ଦବାଲିର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରିଛନ୍ତି। କାଳୀ କମିଟି ପକ୍ଷରୁ ଏମ୍‌ପି ଓ ଜିଲାପାଳଙ୍କୁ ସ୍ୱାଗତ କରିବା ପରେ ସେମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ସଭାପତି ଦ୍ୱିଜବର ରାଉତଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଓ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମା'ଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। କମିଟି ସମ୍ପାଦକ ନିତ୍ୟାନନ୍ଦ ବିଶ୍ୱାଳ, ବରିଷ୍ଠ ସଦସ୍ୟ ନରେଶ ଚନ୍ଦ୍ର ମାଝୀ, ସୁଧୀର କୁମାର ମହାନ୍ତି, ଅମୂଲ୍ୟ କୁମାର ରାଉତ, ଶିବ କୁମାର ଖଣ୍ଡେଲୱାଲ, ତାରାପଦ ମହାନ୍ତି, ପ୍ରଦୀପ କୁମାର ସାହୁ, ଅଶୋକ ବଳ ପ୍ରମୁଖ ଏମ୍‌ପି ଓ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ବର୍ଷ କାଳୀପୂଜା ଯାତ୍ରା ମହୋତ୍ସବର ଶହେ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଛି। ସେ ସମ୍ପର୍କରେ କମିଟି ପକ୍ଷରୁ ଅବଗତ କରାଇବା ସହ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କିପରି ଏହି କାର୍ଯ୍ୟକ୍ରମ ପାଇଁ ସାହାଯ୍ୟ ଓ ସହଯୋଗ ମିଳିପାରିବ, ସେ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ସୁଶାନ୍ତ କୁମାର ବିଶ୍ୱାଳ, କମିଟି ସଦସ୍ୟ ବିଭୁଚରଣ ମହାନ୍ତି, ନିର୍ମଳ ରଥ, ରମେଶ ଚନ୍ଦ୍ର ମାଝୀ, ପ୍ରଫୁଲ୍ଲ କୁମାର ବେହେରା, ରମେଶ ଚନ୍ଦ୍ର ଦାଶ, ନୀଳମଣି ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟ୍ରକ୍ ଧକ୍କାରେ ହୋମ୍‌ଗାର୍ଡଙ୍କ ମୃତ୍ୟୁ

ସୋର, ୩୧।୧୦(ଜନ୍ମେଜୟ ମିଶ୍ର)

୧୬ ନମ୍ବର ଜାତୀୟ ରାଜପଥ ସୋର କଲେଜଛକ ନିକଟରେ ଟ୍ରକ ଧକ୍କାରେ ସୋର ଥାନାରେ କାର୍ଯ୍ୟରେ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି। ସୋର ଥାନା ରୂପଖଣ୍ଡ ଗ୍ରାମର ସୁଶାନ୍ତ ସେଠୀ ସୋର ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ଗୁରୁବାର ରାତିରେ ସେ ଡ୍ୟୁଟିରେ ଥାଇ ଶୁକ୍ରବାର ସକାଳେ ଚା' ପିଇବା ପାଇଁ କଲେଜ ଛକ ନିକଟରୁ ଫେରିବା ସମୟରେ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ ଫେରାର ହୋଇଯାଉଥିବା ବେଳେ ଜାତୀୟ ରାଜପଥ ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଳେଶ୍ୱର, ୩୧।୧୦(ନବୀନ ସାହୁ)

ଜଳେଶ୍ୱର ବ୍ଲକ ରାଇବଣିଆ ପଞ୍ଚାୟତ ଆଡ଼ିଆସାହି ଗ୍ରାମର ପୋଖରୀଆଡ଼ିସ୍ଥିତ ଏକ ବରଗଛରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରାଇବଣିଆ ପୋଲିସ ଉଦ୍ଧାର କରିଛି। ମୃତଦେହ ପାଖ ଗଛ ମୂଳରୁ ଏକ କୀଟନାଶକ ଔଷଧ ମଧ୍ୟ ଜବତ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠାଇଛି ପୋଲିସ୍। ଏନେଇ ରାଇବଣିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୫) ରୁଜୁ ହୋଇଛି। ଉକ୍ତ ଯୁବକ ହେଲେ ସେହି ଗ୍ରାମର ଗୁନା ନାୟକ (୪୦)। ଗୁରୁବାର ସେ ରାଜ୍ୟ ବାହାରକୁ କାମ କରିବାକୁଯିବା ପାଇଁବାହାରିଆସିଥିଲେ। ଶୁକ୍ରବାର ସକାଳେ ବରଗଛରେ ଏକ ବେଡଶିଟ୍ ସାହାଯ୍ୟରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ।


## कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची

ई–प्रोक्योरमेंट सूचना

टेन्डर रेफरेंन्स नं0–प0नि0वि0 / राँची–39 / 2025–26

दिनांक :– 31.10.2025

| | | |
|---|---|---|
| 1. | कार्य का नाम | IRQP Workin Mandar Chowk (on NH-75) to Burmu Road (कुल लम्बाई–14.80 कि0मी0) कार्य वर्ष 2025–26 |
| 2. | प्राक्कलि राशि (रू0 लाख में) | रू0 1142.22 लाख (रूपये ग्यारह करोड़ ब्यालीस लाख एवं बाईस हजार) मात्र। |
| 3. | अग्रधन की राशि (रू0 लाख में) | रू0 11.43 लाख (रूपये ग्यारह लाख तेतालीस हजार) मात्र। |
| 4. | कार्य पूर्ण करने की अवधि | 07 (सात) माह |
| 5. | वेबसाईड पर निविदा प्रकाशन की तिथि | 03.11.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि / समय | 24.11.2025 12.00 बजे दोपहर तक |
| 7. | निविदा खोलने तिथि / समय | 25.11.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http ://jharkhandtenders.gov.in* पर देखा जा सकता है।
- नियम एवं शर्ते के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग,पथ प्रमंडल, राँची।

PR.NO.364965 Road Construction Dept Road Division Ranchi(25-26):D

## कार्यपालक अभियंता का कार्यालय, लघु सिंचाई प्रमंडल, गोड्डा

ई0-निविदा आमंत्रण सूचना

e-Tender Reference No.-WRD/MID/GODDA/ F2-09/2025-26 Date-30.10.2025

1. विज्ञापनदाता का नाम : कार्यपालक अभियंता, लघु सिंचाई प्रमंडल, गोड्डा।
2. वेवसाइट में ई0–निविदा प्रकाशन की तिथि : 13.11.2025
3. ई0–निविदा प्राप्ति की तिथि एवं समय : 25.11.2025 अपराहन 03:00 बजे तक
4. ई0–निविदा खोलने की तिथि एवं स्थान : 26.11.2025 अपराहन 04:30 बजे मुख्य अभियंता का कार्यालय लघु सिंचाई, दुमका।

| ग्रुप सं0 | कार्य का मद | योजना का नाम | प्रखण्ड | प्राक्कलित राशि (लाख में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | कार्य की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | राज्य सम्पोषित योजना | बेदीय नदी पर श्रृंखलाबद्ध चेक डैम निर्माण। | पथरगामा | 142.086 | 2,85,000.00 | 10,000.00 | 11 माह |
| 2 | राज्य सम्पोषित योजना | कौवा नदी में गड़ी पडवारा के पास चेक डैम निर्माण। | ठाकुरगंगटी | 111.026 | 2,23,000.00 | 10,000.00 | 11 माह |
| 3 | राज्य सम्पोषित योजना | कर्णपुरा जोरिया में चेक डैम निर्माण। | गोड्डा | 75.703 | 1,52,000.00 | 10,000.00 | 11 माह |
| 4 | राज्य सम्पोषित योजना | गुणघासा नदी में श्रृंखलाबद्ध चेक डैम निर्माण। | पोड़ैयाहाट | 182.926 | 3,66,000.00 | 10,000.00 | 11 माह |

नोट:–
1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट–बढ़ सकती है।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
5. Work performance :- पूर्व से आवंटित कार्य 90 प्रतिशत से अधिक पूर्ण नहीं रहने तथा समानुपातिक प्रगति नहीं पाये जाने पर अन्य कार्यो में डाली गई निविदा विचारणीय नहीं होगा।
6. विस्तृत जानकारी के लिए वेबसाईट http://jharkhandtenders.gov.in पर लॉग आन करें।

कार्यपालक अभियंता,
लघु सिंचाई प्रमंडल, गोड्डा
Mob.- 9939708923

PR 364929 Minor Irrigation (25-26)_D

## यूनियन बैंक ऑफ इंडिया Union Bank of India — କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ — ସୁନା ନିଲାମ ବିଜ୍ଞପ୍ତି

୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

ଏତଦ୍ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତି କରାଇ ଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍‌ମାନ ପଠାଯାଇଥିଲେ ମଧ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ତା.୦୩.୧୧.୨୦୨୫ରିଖ ଦିନ କିମ୍ବା ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୪.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତାବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଋଣ ନଂ. | ଋଣ ତାରିଖ |
|---|---|---|
| | **ଆଠଗଡ ଶାଖା** | |
| ୧. | ଶ୍ରୀମତୀ ଜ୍ୟୋତିର୍ମୟୀ ଦଳାଇ, ସା: ବାଣୀକଣ୍ଠ ନଗର, ପୋ: ଆଠଗଡ, ଜିଲ୍ଲା: କଟକ / ୭୬୩୮୦୬୫୪୦୦୦୦୨୩୬ | ୧୫.୦୫.୨୦୨୪ |

ସ୍ଥାନ : କଟକ, ତାରିଖ : ୩୧.୧୦.୨୦୨୫ — ସ୍ୱା/- ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## यूनियन बैंक ऑफ इंडिया Union Bank of India — ସାଲେପୁର ଶାଖା — (୩୦ ଦିନିଆ ନୋଟିସ୍)

୧୯୫୩/୨୨୨୧, ଚନ୍ଦ୍ରଦେଇପୁର, ପୋ: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୨
ଇମେଲ୍: ubin0830101@unionbankofindia.bank

{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ୰ ଉତ୍ତମ ମଲ୍ଲିକ, ସା: କୋଲଣପୁର, ପୋ: ସାଲେପୁର, କଟକ, ପିନ୍-୭୫୪୨୦୨, ୨) ଶ୍ରୀ ନରୋତ୍ତମ ସ୍ୱାଇଁ, ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗନିପୁର, ପୋ: ଜିଗନିପୁର, ଥାନା: ସାଲେପୁର, କଟକ, ପିନ୍-୭୫୪୨୦୨ | ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ପିତା: ୰ ଉତ୍ତମ ମଲ୍ଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୭୨, ଖାତା ନଂ.: ୫୧, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୧୦୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ୧୨.୦୪.୨୦୨୧ / ୧୬.୧୦.୨୦୨୧ / ୧୭.୧୦.୨୦୨୫ |

ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତାମାନଙ୍କ ସମ୍ପତ୍ତି ବିକ୍ରୟ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାର ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ସାଲେପୁର, ତାରିଖ: ୩୧.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## यूनियन बैंक ऑफ इंडिया Union Bank of India — ଢେଙ୍କାନାଳ ମୁଖ୍ୟ ଶାଖା — ଡିମାଣ୍ଡ ନୋଟିସ୍

ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧,
ଇ-ମେଲ୍ : ubin0554057@unionbankofindia.bank

ଆମର ଢେଙ୍କାନାଳ ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା**ର ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ଓଡ଼ିଶା-୭୫୯୦୨୫ | ୟୁନିୟନ୍ ହୋମ୍ | ୨୯.୧୦.୨୦୨୩ / ୧୮.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ | ଶ୍ରୀ ବାବୁଲି ବେହେରା, ପିତା: ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର |

୦.୦୪୦ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ବି.ଦ୍ର.: ସରଫେଶୀ ଆକ୍ଟ ଅନୁଯାୟୀ ଏ ସମ୍ବନ୍ଧୀୟ ପୂର୍ବରୁ ପଠାଯାଇଥିବା ନୋଟିସ୍‌ଗୁଡିକୁ ପ୍ରତ୍ୟାହାର କରାଯାଉଛି ।

ସ୍ଥାନ : ଢେଙ୍କାନାଳ
ତାରିଖ : ୩୧.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ରାସ୍ତାରୋକୋ

## ଜଳସରପୁର ଉଚ୍ଚ ବିଦ୍ୟାଳୟ

ବଉଳା,୩୧।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଜଳସରପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଛନ୍ତି। ଏ ନେଇ ଶୁକ୍ରବାର ଟାୟାର ଜାଳି ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ଦୀର୍ଘ ସମୟ ଧରି ଛାତ୍ରୀଛାତ୍ର ରାସ୍ତା ଅବରୋଧ କରି ରଖିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ପରେ ଛାତ୍ରୀଛାତ୍ର ରାସ୍ତାରୁ ଉଠିଥିଲେ।

ଅଭିଯୋଗ ମୁତାବକ, ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ରଶ୍ମି ରଞ୍ଜିତା ଦାସ ଠିକ୍ ଭାବରେ ଶିକ୍ଷାଦାନ କରୁନାହାନ୍ତି। ତାଙ୍କୁ ବିଜ୍ଞାନ ବିଷୟରେ ପଚାରିଲେ ସେ ଉତ୍ତର ଦେଉନାହାନ୍ତି। କେବଳ ବହି ଦେଖି ଅନରଗଳ ପଢ଼ି ଦେଇ ଚାଲିଯାଉଛନ୍ତି। ଏଥିସହ ବିଦ୍ୟାଳୟକୁ ଇଚ୍ଛା ଅନୁଯାୟୀ ଆସୁଥିବାବେଳେ ମାସର ପ୍ରାୟ ୧୦ ଦିନରୁ ଊର୍ଦ୍ଧ୍ୱ ଅନୁପସ୍ଥିତ ରହୁଛନ୍ତି। ବିଭିନ୍ନ କମ୍ପାନୀର ଔଷଧ ଓ ସାବୁନ୍ ବ୍ୟବସାୟ କରୁଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ତେଣୁ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀଛାତ୍ର ଅଭିଯୋଗ କରିବା ସହ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ତହସିଲଦାର ଶିବ ପ୍ରସାଦ ତ୍ରିପାଠୀ, ଏବିଇଓ ପ୍ରମୋଦ କୁମାର ନାୟକ, ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ରେ ଶାନ୍ତି, ଏସ୍ଆଇ ଅନୁପ୍ କୁମାର କର ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ପରେ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କ ବିରୋଧରେ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ୨ ଗୋଷ୍ଠୀ ହୋଇଥିବା, ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏବିଇଓ ପ୍ରମୋଦ କୁମାର ନାୟକ କହିଛନ୍ତି, ଛାତ୍ରୀଛାତ୍ରଙ୍କଠାରୁ ଅଭିଯୋଗ ପତ୍ର ଆଣୁଛୁ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ବିବାଦ ଓ ପରିଚାଳନା ଠିକ୍ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପଠାଯିବ। ଜିଲା ଶିକ୍ଷା ଅଧିକାରୀ ଯାହା ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ।


ଛାତ୍ରୀଛାତ୍ର ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

# ଜାତୀୟ ଏକତା ପାଇଁ ଗଣଦୌଡ଼


ଗଣଦୌଡ଼ରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅଧିକାରୀମାନେ।

## ଜାତୀୟ ଏକତା ଦିବସ

କେନ୍ଦୁଝର,୩୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଦେଶର ଏକତା ଅଖଣ୍ଡତାର ସ୍ଥପତି ଏବଂ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ଜାତୀୟ ଏକତା ଦିବସ ପାଳନ କରାଯାଇଛି। ନାଗରିକଙ୍କ ମଧ୍ୟରେ ଏକତା, ଅଖଣ୍ଡତା ଏବଂ ସାମୂହିକ ଶକ୍ତିର ଭାବନାକୁ ଉଜ୍ଜ୍ୱଳ କରି ବିଭିନ୍ନ କାର୍ଯ୍ୟକ୍ରମ ସହ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି।

ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ର ଏବଂ ଜନସାଧାରଣଙ୍କ ଉପସ୍ଥିତିରେ କେନ୍ଦୁଝର ଜିଲାପାଳ ବିଶାଲ ସିଂହଙ୍କ ଦ୍ୱାରା ପରିଚାଳିତ ଜାତୀୟ ଏକତା ଶପଥ ପାଠ କରାଯାଇଥିଲା। ନିଜ ଅଭିଭାଷଣରେ ଦେଶର ସାର୍ବଭୌମ ସ୍ଥାପନା ଦିଗରେ ସର୍ଦ୍ଦାର ପଟେଲଙ୍କ ଅପାର ଅବଦାନକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶପଥ ସମାରୋହ ପରେ, ଏକତା ଏବଂ ସମନ୍ୱୟର ବାର୍ତ୍ତାକୁ ପ୍ରୋତ୍ସାହିତ କରିବା ପାଇଁ 'ଏକତା ଦୌଡ଼' ଆୟୋଜନ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଦୌଡ଼କୁ ଜିଲାପାଳ ସବୁଜ ପତାକା ପ୍ରଦର୍ଶିତ କରି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍, ଯୁବ ସ୍ୱେଚ୍ଛାସେବକ, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀ ଜାତୀୟ ଏକତା, ଶାନ୍ତି ଏବଂ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରୁଥିବା ସ୍ଲୋଗାନ ସମ୍ବଳିତ ବ୍ୟାନର ଏବଂ ପ୍ଲାକାର୍ଡ ଧରି ଦୌଡ଼ିଥିଲେ। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ପରିଷଦ କେନ୍ଦୁଝରର ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ, ଶିକ୍ଷକ ଏବଂ ନାଗରିକ ସମାଜ ସଂଗଠନର ପ୍ରତିନିଧିମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ।

**ପାଟଣା,(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ଥାନା ପକ୍ଷରୁ ଶୁକ୍ରବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ସକାଶେ ପଦଯାତ୍ରା ପାଟଣା ଥାନାରୁ ବାହାରି ବଜାର, ବ୍ଲକ୍ ଛକ ସାଧୁପଡ଼ା ଛକ, ତହସିଲ ଅଫିସ ଦେଇ ଥାନାକୁ ଫେରିଥିଲା। ଛାତ୍ରୀଛାତ୍ର ଯୋଗଦେଇ ଜାତୀୟ ଏକତା ଦିବସ ସ୍ଲୋଗାନ ଦେଇଥିଲେ। ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଲଙ୍କ ନେତୃତ୍ୱରେ ଏସ୍ଆଇ ପାର୍ଥ ଓରାମ, ଲକ୍ଷ୍ମଣ ମାଝି, ଏଏସ୍ଆଇ ଗୌରହରି ଗର୍ଡ଼ିଆ, ପାଟଣା କଲେଜ କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, ଭାଜପା ନେତା ଦିନବନ୍ଧୁ ମିଶ୍ର, ଶିକ୍ଷକ ପାର୍ଥ ସାରଥି ବେଜ, ଯତୀନ୍ଦ୍ର କୁମାର ଦାଶ, ଦୀପକ ଭଞ୍ଜ, ଅବସର ପ୍ରାପ୍ତ ତହସିଲଦାର ଯତୀନ୍ଦ୍ର ସେଠୀ, ଭୂତ ମହାନ୍ତ, ପ୍ରତାପ ମହାନ୍ତ, ଅବଦୁଲା ଆନସାରୀ, ପ୍ରବୀଣ ଭଞ୍ଜ, ଗୁନା ସାହୁ, ପାଟଣା କଲେଜ ଏନ୍‌ସିସି ଛାତ୍ରୀଛାତ୍ର, ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ, ଜିଏନ ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ପାଟଣାରେ ଅନୁଷ୍ଠିତ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ପୋଲିସ କର୍ମଚାରୀ।

# ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳନ

କେନ୍ଦୁଝର,୩୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କ ୪୧ତମ ତିରୋଧାନ ଦିବସ ଏବଂ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ମହାପୁରୁଷଙ୍କୁ ପୁଷ୍ପମାଲ୍ୟ କରିବା ପରେ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ପିସିସି ସଦସ୍ୟ ଲଳିତ ମୋହନ ନାୟକ, ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ସଦର ବ୍ଲକ୍ କଂଗ୍ରେସ ସଭାପତି ଉତ୍ତମ ସାହୁ, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା, ସୁରୂଳ ସେଠୀ, ରଘୁନାଥ ପାତ୍ର, କ୍ଷୀରୋଦ ପାତ୍ର, ଦିନେଶ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ମହିଳା କଂଗ୍ରେସ ନେତ୍ରୀ ସବିତା ସାହୁ, ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଆନନ୍ଦ ଚରଣ ମାଝୀ, ଅମିତ ରାଉତ ଓ ବ୍ୟାସଦେବ ବେହେରା ପ୍ରମୁଖ ଉପସ୍ଥିତ ରହି ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଇଙ୍କ ଦେଶ ପ୍ରତି ଅବଦାନ, ତ୍ୟାଗ ଓ ବଳିଷ୍ଠ ଦକ୍ଷତାକୁ ଆଜି ବି ଭୁଲି ହେବନାହିଁ ବୋଲି କହିଥିଲେ।

# ୪ର୍ଥ ପର୍ଯ୍ୟାୟ ଚକଦର ପ୍ରକଳ୍ପ ବିରୋଧୀ ଆନ୍ଦୋଳନ

## ଯୋଗଦେଲା ରାଜ୍ୟ ନବନିର୍ମାଣ କୃଷକ ସଂଗଠନ

କେନ୍ଦୁଝର,୩୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ କରଦାଙ୍ଗି ପଞ୍ଚାୟତ ଅନ୍ତର୍ଗତ ସମାକୋଇ ନଦୀର ତଳମୁଣ୍ଡ ଚକଦରଠାରେ ପ୍ରସ୍ତାବିତ ଜଳସେଚନ ପ୍ରକଳ୍ପକୁ ବିରୋଧ କରି ଶୁକ୍ରବାର ୪ର୍ଥ ପର୍ଯ୍ୟାୟ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ସମାକୋଇ ଚକଦର ପ୍ରକଳ୍ପ ସମନ୍ୱୟ ସମିତି ଆହ୍ୱାନକ୍ରମେ ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଅନେକ ଶହ ଅଞ୍ଚଳବାସୀ ବଜାର ପରିକ୍ରମା କରିଥିଲା। ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ମୋହନ ସରକାରଙ୍କ ପ୍ରଥମ ବଜେଟ୍‌ରେ ଏହି ପ୍ରକଳ୍ପ ଅନୁମୋଦନ ହୋଇଥିବା ନେଇ ଘୋଷଣା ପରେ ତେଲକୋଇରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଚକଦର ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ତେଲକୋଇ ବ୍ଲକ୍‌ର ବହୁ ଗାଁ ଜଳମଗ୍ନ ହେବା ସହିତ ଅନେକ ବିସ୍ଥାପିତ ହେବେ ବୋଲି ଲୋକେ ଆଶଙ୍କା କରିଥିଲେ। କିନ୍ତୁ ଅନୁଗୋଳ ଜିଲା ପାଲଲହଡ଼ା ଓ କଣିହାଁ ଉପକୃତ ହେବେ। ତେଲକୋଇର ଇଞ୍ଚେ ଜମି ଜଳସେଚିତ ହେବନାହିଁ। ତେଣୁ ତେଲକୋଇ ଅଞ୍ଚଳବାସୀ ଲଗାତାର ଭାବେ ଦୀର୍ଘ ୪୮ ବର୍ଷ ଧରି ଏହି ପ୍ରକଳ୍ପ ବନ୍ଦ କରିବା ଦାବି ନେଇ ଆନ୍ଦୋଳନ କରିଆସୁଛନ୍ତି। କୌଣସି ପରିସ୍ଥିତିରେ ଚକଦର୍ ଡ୍ୟାମ ପ୍ରକଳ୍ପ କରାଇଦେବୁନି। ଆମର ଚତୁର୍ଥ ପ୍ରତିବାଦ ଏବଂ ପ୍ରକଳ୍ପ ବିରୋଧରେ ଦାବିପତ୍ର ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦେଲୁ ବୋଲି ଅଞ୍ଚଳବାସୀ କହିଛନ୍ତି। ଆନ୍ଦୋଳନକୁ ଓଡ଼ିଶା ରାଜ୍ୟ ନବ ନିର୍ମାଣ କୃଷକ ସଂଗଠନ ସମର୍ଥନ କରିଛି। ଦାବିପତ୍ର ଦେବା ଅବସରରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଭାପତି ଅକ୍ଷୟ କୁମାର, ସଂଯୋଜକ ଶେଷଦେବ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଭାପତି ଅକ୍ଷୟ କୁମାର କହିଛନ୍ତି, ବଡ଼ ଡ୍ୟାମ ହେଉଛି, ବିକାଶ ନୁହେଁ। ଏହା ବିନାଶର ପ୍ରତୀକ। ଏଣୁ ବିସ୍ଥାପିତ କରି ଡ୍ୟାମ ପ୍ରକଳ୍ପକୁ ଆମେ ବିରୋଧ କରୁଛୁ। ସଂଗଠନ ତେଲକୋଇବାସୀଙ୍କ ସହିତ ଅଛି।



ଆନ୍ଦୋଳନରେ ଯୋଗଦେଇଥିବା ସ୍ଥାନୀୟ ଲୋକେ ଓ ବିଭିନ୍ନ ସଙ୍ଗଠନର ସଦସ୍ୟ।

# ବିଶ୍ୱଶାନ୍ତି ସ୍ମାର୍ତ୍ତ ମହାଯଜ୍ଞ ପୂର୍ଣ୍ଣାହୁତି


ପୂର୍ଣ୍ଣାହୂତିରେ ଯୋଗଦେଇଥିବା ମହିଳା, ପୁରୁଷ।

ଢେଙ୍କିକୋଟ,୩୧।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପୌରାଣିକ ଆଧାତ୍ମିକ ଶକ୍ତିପୀଠ ତଥା ପର୍ଯ୍ୟଟନସ୍ଥଳ ସୀତାବିଞ୍ଜିଠାରେ ଚାଲିଥିବା ଶ୍ରୀ ପୂର୍ଣ୍ଣବ୍ରହ୍ମ ମହାବୈଷ୍ଣବ ବିଶ୍ୱଶାନ୍ତି ସ୍ମାର୍ତ୍ତ ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଛି। ପୁରୀ ଶ୍ରୀକ୍ଷେତ୍ର ମୁକ୍ତି ମଣ୍ଡପରୁ ତାଳପତ୍ର ଲିଖିତ ପୋଥି ଆସିବା ପରେ ମୁକ୍ତି ମଣ୍ଡପର ପୂର୍ବତନ ଅଧ୍ୟକ୍ଷ ବିଶ୍ୱମ୍ଭର ଦାସ ମୁଖ୍ୟ ପୁରୋଧା ଭାବେ ଯୋଗଦେଇଥିଲେ। ମୁଖ୍ୟ ପୂଜକଙ୍କ ସହଯୋଗ କରିବା ନିମନ୍ତେ ପୁରୀ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ମୁକ୍ତି ମଣ୍ଡପର ପଣ୍ଡିତ ସୁରେଶ ଦାସ, ହରିହର ଦାସ, ମହେଶ୍ୱର ଦାସଶର୍ମା, ସତ୍ୟନାରାୟଣ ସର୍ମା, କମ୍ବଳ ପ୍ରସାଦ ଦାସ, ମିଥୁନ ଦାସ, ହେମନ୍ତ ସତପଥୀ, ବିଭୁତି ସତପଥୀ, ବିକାଶ ଦାସ, ଅଶୋକ ସତପଥୀ, ସତ୍ୟବ୍ରତ ଦାସ, ଅରୁଣ କୁମାର ମିଶ୍ର, ମନୋଜ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ବିନୋଦ କୁମାର ସାହୁଙ୍କ ନେତୃତ୍ୱରେ ସୀତାବିଞ୍ଜି ଗ୍ରାମବାସୀ ଓ ମନୋହରପୁର ସରପଞ୍ଚ ଦୁଃଶାସନ ନାୟକଙ୍କ ସହଯୋଗରେ ଯଜ୍ଞ ସମାପ୍ତ ହୋଇଯାଇଛି। ସୀତାବିଞ୍ଜିର ସୀତା ଠାକୁରାଣୀ କମିଟି ସମେତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ଜିଲା କ୍ରୀଡ଼ା ସଂସ୍ଥାରେ ରହିବେନି ଜିଲାପାଳ, ଏସ୍‌ପି

କେନ୍ଦୁଝର,୩୧।୧୦(ଦୀପକ ମିଶ୍ର)

କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥାରେ ସଭାପତି ଓ ଉପ ସଭାପତି ଭାବେ ଜିଲାପାଳ ଓ ଏସ୍‌ପି ରହିପାରିବେ ନାହିଁ। ଏଥିସହ କୌଣସି ସରକାରୀ କର୍ମଚାରୀ ସଂସ୍ଥାର କର୍ମକର୍ତ୍ତା କିମ୍ବା ସଦସ୍ୟ ରହିପାରିବେ ନାହିଁ। ଗତ ମଙ୍ଗଳବାର ଜିଲା କ୍ରୀଡ଼ା ସଂସ୍ଥାକୁ ଜାତୀୟ ଆଥ୍‌ଲେଟିକ୍ ମହାସଂଘ ପକ୍ଷରୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ହୋଇଛି। ଏହାକୁ ନେଇ କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାଳ ସମୟ ପରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାଙ୍କୁ ଅଡୁଆରେ ପକାଇଛି।

ପ୍ରକାଶ ଯେ, ଜିଲା କ୍ରୀଡ଼ା ସଂସ୍ଥା ୧୯୬୩ରୁ ଗଠନ ହେବା ଦିନରୁ ଏହାର ସମ୍ବିଧାନ ଅନୁସାରେ ଜିଲାପାଳ ଏକ୍ସ ଅଫିସିଓ ସଭାପତି ଓ ଏସ୍‌ପି ଉପସଭାପତି ଭାବେ ମନୋନୀତ ହେଉଥିଲେ। ଜିଲା କ୍ରୀଡ଼ା ଅଧିକାରୀ କାର୍ଯ୍ୟନିର୍ବାହୀ ସଦସ୍ୟ ଓ କେନ୍ଦୁଝର, ଚମ୍ପୁଆ, ଆନନ୍ଦପୁରର ଉପଜିଲାପାଳ ସଦସ୍ୟ ରହିଆସିଛନ୍ତି। ଚିଠିରେ ନିୟମିତ ଠିକ୍ ସମୟରେ ନିର୍ବାଚନକରି କର୍ମକର୍ତ୍ତା ଚୟନ ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ଜିଲା କ୍ରୀଡ଼ାସଂସ୍ଥାର ନିର୍ବାଚନ ୪ ବର୍ଷରେ ଥରେ ହେବା ନିୟମ ଥିବା ବେଳେ ଏହା ୮ ବର୍ଷରେ ପହଞ୍ଚିଲାଣି। ଏହାକୁ ନେଇ ଅଧିକାଂଶ ସଦସ୍ୟ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଫେରାଦ ହୋଇଥିଲେ ବି କିଛି ଫଳ ମିଳୁନାହିଁ। ଏହା ବ୍ୟତୀତ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ନୂଆ ସଭ୍ୟ ନିଆଯାଇନାହିଁ। ଇତିମଧ୍ୟରେ ଅନେକ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ଅଧିକାଂଶ ରୋଗାକ୍ରାନ୍ତ ହୋଇ ପ୍ରତ୍ୟକ୍ଷ ଭାବେ କ୍ରୀଡ଼ାସଂସ୍ଥା ସହ ଜଡ଼ିତ ନାହାନ୍ତି। ନିର୍ବାଚନ ସମ୍ପର୍କରେ କାର୍ଯ୍ୟକାଳ ସରିବା ପରେ ମଧ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଡା. ଜନାର୍ଦ୍ଦନ ଦାଶଙ୍କୁ ପଚାରିବାରେ ସେ କୁହନ୍ତି, ନିର୍ବାଚନ ବାବଦରେ ନିଷ୍ପତ୍ତି ଜିଲାପାଳ ନେବେ। ସେ ଏକ୍ସ ଅଫିସିଓ ସଭାପତି ରହିଛନ୍ତି। ନିର୍ବାଚନ ସମ୍ପର୍କିତ ଫାଇଲ ଜିଲାପାଳଙ୍କ ଅବଗତ ନିମନ୍ତେ ପଠାଇଦିଆଯାଇଛି। ମହାସଂଘର ସମ୍ପାଦକ ସନ୍ଦୀପ ମେହେଟାଙ୍କ ଦସ୍ତଖତରେ ଆସିଥିବା ଏହି ପତ୍ରରେ ସମ୍ବିଧାନରେ ପ୍ରଚଳିତ ନିୟମକୁ ନ ମାନିଲେ ଜିଲା କ୍ରୀଡ଼ା ସଂସ୍ଥାକୁ ଅନୁବନ୍ଧିତରୁ ମୁକ୍ତ କରାଯିବା ସହ ଜାତୀୟ ଆନ୍ତଃ ଜିଲା ଜୁନିୟର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରା ନ ଯିବା ବିଷୟରେ ତାଗିଦ କରାଯାଇଛି। ପତ୍ର ରାଜ୍ୟର ସମସ୍ତ ଜିଲା କ୍ରୀଡ଼ା ସଂସ୍ଥାକୁ ଦିଆଯାଇଛି। ଖୁବ୍‌ଶୀଘ୍ର ସାଧାରଣ ବୈଠକରେ ଏହାର ନିଷ୍ପତ୍ତି ନିଆଯିବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।

# ଚମ୍ପୁଆରେ ଜାତୀୟ ଏକତା ଦିବସ

ଚମ୍ପୁଆ,(ମହେଶ୍ୱର ଦାସ)

ଚମ୍ପୁଆ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁ ଓ ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପଦଯାତ୍ରା ସକାଳ ୭ଟାରେ ଚମ୍ପୁଆ ଥାନାରୁ ବାହାରି ଗାନ୍ଧୀ ଛକଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସହର ପରିକ୍ରମା କରି ନେହେରୁ ଷ୍ଟାଡ଼ିୟମ ନିକଟରେ ପହଞ୍ଚିଥିଲା। ଜନସାଧାରନଙ୍କ ମଧ୍ୟରେ ଜାତୀୟ ଏକତା ସଚେତନତା ସୃଷ୍ଟି କରିବା ନିମନ୍ତେ ପଦଯାତ୍ରାରେ ଉପଜିଲାପାଳ ଉମାକାନ୍ତ ପରିଡ଼ା, ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡ, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ବଜାର କମିଟି ସମ୍ପାଦକ ସୁବାସ ରାମ, ଅଥେଲେଟିକ ଆସୋସିଏଶନ ସମ୍ପାଦକ ଅଭୟ ଦାସ, ପୂର୍ବତନ ସେନା କର୍ମଚାରୀ ସଂଘ, ମର୍ଣି କ୍ଲବ୍ ସଦସ୍ୟ ଅମିତାଭ ପ୍ରଧାନ, ସତ୍ୟଜିତ ମହାକୁଡ଼, ଗଣମାଧମ ପ୍ରତିନିଧି, ନିକଲସନ ବନବିଦ୍ୟାଳୟର ପ୍ରଶିକ୍ଷାର୍ଥୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଗ୍ରୁପ ସହିତ ଯୁକ୍ତ ୨ ମହିଳା ଉଚ୍ଚ ବିଦ୍ୟାଳୟ ଓ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଏନ୍ଏସ୍ଏସ୍ ଛାତ୍ରୀଛାତ୍ର, ଅଧାପିକା, ଅଧାପକଙ୍କ ସମେତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା, ପଦଯାତ୍ରା

ବଡ଼ବିଲ,(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ପକ୍ଷରୁ ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶୁକ୍ରବାର ସକାଳ ୭ ଟାରେ ଏକ ପଦଯାତ୍ରା ସହର ପରିକ୍ରମା କରିଛି। ସ୍କୁଲ, କଲେଜ, ଆଇଟିଆଇର ଛାତ୍ରୀଛାତ୍ର ଓ ଜନସାଧାରଣ, ପୋଲିସ କର୍ମଚାରୀ, ଅଞ୍ଚଳର ବିଭିନ୍ନ ସଂଗଠନ, ବଡ଼ବିଲ ଏସ୍‌ଡିପିଓ ଅଫିସ ନିକଟରୁ ବାହାରି ସହର ମୁଖ୍ୟ ରାଜପଥ ଓ ବାଟା ଛକ ଦେଇ ବିକାଶ ମହଲଠାରେ ପହଞ୍ଚିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପୋଲିସ ପକ୍ଷରୁ ସାଇବର କ୍ରାଇମ ସଚେତନତା ଅନୁଷ୍ଠିତ ହୋଇଥିଲା। ଏଥିସହ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କ ଉପସ୍ଥିତିରେ ବୁଧବାର ଓ ଗୁରୁବାର ସୟାବାଲିସ୍ଥିତ ଜିନ୍ଦଲ ସ୍କୁଲ, ବଡ଼ବିଲ କଲେଜ ଓ ଆଇଟିଆଇରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ଆବର୍ଜନା ଜମା ହୋଇଛି।


ଖବର ପ୍ରକାଶ ପରେ ସଫେଇ ହେଉଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଳିଆ ଜମା ଘଟଣା

# ଖବର ପ୍ରକାଶ ପରେ ଆବର୍ଜନା ଉଠିଲା

**ଧରିତ୍ରୀ ପ୍ରଭାବ**

କେନ୍ଦୁଝର,୩୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଳିଆ ଜମା ହୋଇ ରହୁଛି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏବଂ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଶୁକ୍ରବାର ଆବର୍ଜନାକୁ ଏକ ଟ୍ରାକ୍ଟରରେ ଉଠାଇ ନିଆଯାଇଛି। ତେବେ ପରିସରର ଅନ୍ୟାନ୍ୟ ସ୍ଥାନରେ ଆବର୍ଜନା ରହିଥିବା ବେଳେ ଅନାବନା ଲତା, ଡ୍ରେନ୍ ଆଦି ସଫେଇ ହୋଇନାହିଁ।

ସୂଚନାଯୋଗ୍ୟ, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ସଫା ସୁତୁରା ରଖିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଏଣୁ କାଁଭାଁ ସଫେଇ ଏବଂ ଆବର୍ଜନା ଉଠା ଯାଉଛି। ଫଳରେ ଦୀର୍ଘ ଦିନ ପରିସରରେ ଆବର୍ଜନ ପଡ଼ିରହି ପ୍ରଦୂଷିତ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଏହାର ପରିସରରେ ଥିବା ବିଭିନ୍ନ ଅଫିସକୁ ଦୈନିକ ବିଭିନ୍ନ କାମରେ ଆସୁଥିବା ସରକାରୀ ଓ ବେସରକାରୀ ଲୋକମାନେ ଏହା ଦେଖି ନାକ ଟେକୁଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଅନେକ ନାପସନ୍ଦ କରିଥାନ୍ତି। ଏଣୁ ନିୟମିତ ସଫେଇ ଓ ସ୍ୱଚ୍ଛତା ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।

# ବୈଠକକୁ ଆସିଲେନି କାର୍ଯ୍ୟନିର୍ବାହୀ ଅଧିକାରୀ

## ଏନ୍ଏସିର ୧୦ମ ସାଧାରଣ ପରିଷଦ ବୈଠକ

### ଅନୁପସ୍ଥିତିକୁ ନେଇ ନିନ୍ଦା

ଧାମନଗର,୩୧।୧୦
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ)ର ୧୦ମ ସାଧାରଣ ପରିଷଦ ବୈଠକ ଏନ୍ଏସି ସଭାଗୃହରେ ନ ହୋଇ ଅଧ୍ୟକ୍ଷା ନିବେଦିତା ଜେନାଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ କେତେଜଣ କାଉନସିଲର ବୈଠକରେ ଅନୁପସ୍ଥିତ ରହିଥିଲେ। ବୈଠକ ନେଇ ପୂର୍ବ ସୂଚନା ଦିଆଯିବା ସତ୍ତ୍ୱେ ଅନୁପସ୍ଥିତ ରହିବା ଘଟଣାକୁ ନେଇ ରାଜନୈତିକ ଦ୍ୱନ୍ଦ୍ୱ ଲାଗିରହିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ବୈଠକରେ ଅନୁପସ୍ଥିତ ରହିବା ସହ କେତେଜଣ ସାଧାରଣ ଲୋକଙ୍କୁ ବୈଠକର ଧାର୍ଯ୍ୟ ସମୟରେ ସଭାଗୃହରେ ବସାଇବା ଓ କର୍ମଚାରୀମାନେ ବୈଠକରେ ଉପସ୍ଥିତ ନ ରହିବା ଆଦି ଘଟଣାକୁ ନେଇ ନିନ୍ଦା କରାଯାଇଥିଲା।

ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଗତ ଜାନୁଆରୀ ୨୫ରେ ୯ମ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ୧୦ମ ସାଧାରଣ ପରିଷଦ ବୈଠକ ପାଇଁ ବିଭିନ୍ନ ସମୟରେ ବାରମ୍ବାର ଚିଠି ମାଧ୍ୟମରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ସେ ବୈଠକ ଡାକି ନ ଥିଲେ। ସେହିପରି ବୈଠକ ଡାକିବା ନେଇ ବିଭିନ୍ନ ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଭାଗୀୟ ମୁଖ୍ୟ ସଚିବ, ଜିଲାପାଳ, ସିଡିଓ, ଉପଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ ବୋଲି ଅଧ୍ୟକ୍ଷା ଜେନା କହିଛନ୍ତି। ଶୁକ୍ରବାର ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତ ସାଧାରଣ ଅଧିବେଶନର ବିବରଣୀ ଆଲୋଚନା ହେବା ସହ ସହରୀ ଆଲୋକୀକରଣର ସମସ୍ୟା, ପରିମଳ, ରାସ୍ତାଘାଟ, ଡ୍ରେନ୍ ସମସ୍ୟା, ସ୍ୱଚ୍ଛତା ଅଭିଯାନକୁ ନେଇ ଉପସ୍ଥିତ କାଉନସିଲରମାନେ ଆଲୋଚନା କରିଥିଲେ। ଏହାସହ ଉର୍ସ ଉତ୍ସବରେ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଚଳପ୍ରଚଳରେ ବିଭିନ୍ନ ସମସ୍ୟା ଉପୁଜିଥିବା ନେଇ ଏନ୍ଏସି ଉପାଧ୍ୟକ୍ଷ ୱାସିମ ଏସଦାନି କାଦରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଅନୁମୋଦିତ ୩୩ ପ୍ରକଳ୍ପକୁ ଦୀର୍ଘ ମାସ ହେବ ଟେଣ୍ଡର ନ କରିବା, କାଉନସିଲରମାନେ ଦେଇଥିବା ବିଭିନ୍ନ ୱାର୍ଡ ପ୍ରକଳ୍ପକୁ ଅନୁମୋଦନ କରା ନ ଯିବା ଆଦି ବିଷୟ ଉପରେ ଆଲୋଚନା କରାଯାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ କହିଛନ୍ତି, ଏହି ବୈଠକ ସମ୍ପର୍କରେ ତାଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ସେ ବ୍ୟକ୍ତିଗତ କାମରେ ଡାକ୍ତରଖାନା ଯାଇଥିଲେ ବୋଲି ସେ କହିଛନ୍ତି। କାଉନସିଲର ନଜମା ଖାତୁନ, ଏମ୍‌ଡି ଜୟନୁଲ ହକ, ରହେମା ଖାତୁନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


ବୈଠକରେ ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, କାଉନସିଲର ଓ ଉପାଧ୍ୟକ୍ଷ ଆଲୋଚନା କରୁଛନ୍ତି।

# ପ୍ରକଳ୍ପର ପୁନର୍ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା

### ତିହିଡ଼ିରେ କାର୍ଯ୍ୟକାରୀ ହୋଇନି ୫୦ ପ୍ରକଳ୍ପ

ତିହିଡ଼ି,୩୧।୧୦(ସଞ୍ଜିତ ବଳ)

ତିହିଡ଼ି ବ୍ଲକରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ୩୧ ପଞ୍ଚାୟତ ପାଇଁ ୧୧୯ ପ୍ରକଳ୍ପ ଗତ ସେପ୍ଟେମ୍ବରରେ ଅନୁମୋଦନ ଲାଭ କରିଥିଲା। ଏସବୁ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବେଳେ ଅଦ୍ୟାବଧି ୫୦ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ତେବେ ପ୍ରକଳ୍ପ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି କେତେଜଣ ବିଜେଡି ନେତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାମସଭାରେ ପାରିତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିବା ସହ ବିଧାୟକ ଓ ଜିଲାପାଳଙ୍କ ୪୦ ପ୍ରତିଶତ ସଂରକ୍ଷଣକୁ ବାତିଲ କରିବାକୁ ସେମାନେ ଆବେଦନରେ ଦର୍ଶାଇଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନ ଉପରେ ବିଚାର କରି କାର୍ଯ୍ୟକାରୀ ହୋଇ ନ ଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସ୍ଥଗିତ ରଖି ତା' ଉପରେ ପୁନର୍ବିଚାର କରିବାକୁ ଜିଲାପାଳ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶର ୪ ସପ୍ତାହ ମଧ୍ୟରେ ଏହି ପଦକ୍ଷେପ ନେବାକୁ ଦର୍ଶାଯାଇଛି।

ଏହି ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ଗ୍ରାମସଭାରେ ପାରିତ ବହୁ ପ୍ରକଳ୍ପ ସ୍ଥାନ ପାଇ ନ ଥିବାରୁ ବିଜେଡି ନେତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଜିଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀ, ସରପଞ୍ଚ ତାପସ ବେହେରା, ଲକ୍ଷ୍ମୀପ୍ରିୟା ସାମଲ, ଜୟଶ୍ରୀ ବେହେରା, ସସ୍ମିତା ମଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ଧର୍ମାନନ୍ଦ ବେହେରା ପ୍ରମୁଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ମକଦ୍ଦମା ନଂ. ଡବ୍ଲ୍ୟୁପି(ସି)୨୬୯୬୭/୨୫ ରୁଜୁ କରିଥିଲେ। କେନ୍ଦ୍ର ଓ ରାଜ୍ୟ ଅର୍ଥ ବିଭାଗ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, ଜିଲାପାଳ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ପକ୍ଷଭୁକ୍ତ କରି ସେମାନେ ଏହି ମକଦ୍ଦମା କରିଥିଲେ। ତେବେ ମୋଟ ୧୧୯ ପ୍ରକଳ୍ପ ମଧ୍ୟରୁ ୬୯ପ୍ରକଳ୍ପ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଥିବା ବେଳେ ୫୦ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଆରମ୍ଭ ହୋଇ ନ ଥିବା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖି ପୁନର୍ବିଚାର କରିବାକୁ ହାଇକୋର୍ଟ ଗତ ୨୯ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଆବେଦନକାରୀଙ୍କ ମଧ୍ୟରୁ ଜଣକୁ ବି ବ୍ୟକ୍ତିଗତ ଭାବେ ଶୁଣାଣି ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

## ମଣ୍ଡଳସ୍ତରୀୟ ସୁରଭି

# ଭାଗନେଲେ ୫୭୦ ପ୍ରତିଯୋଗୀ

ଧୁଷୁରୀ, ୩୧।୧୦(ଦୀପ୍ତିରଞ୍ଜନ ନାୟକ)

ଧାମନଗର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଧୁଷୁରୀସ୍ଥିତ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଡିଓ ବନବିହାରୀ ଦିନ୍ଦା, ଧୁଷୁରୀ ପଞ୍ଚାୟତର ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ମନ୍ତ୍ରୀଙ୍କ ପ୍ରତିନିଧି ଦୀପ୍ତିରଞ୍ଜନ ଜେନା, ଏମ୍‌ପି ପ୍ରତିନିଧି ଅନିରୁଦ୍ଧ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭୀମସେନ ହୋ, ସତ୍ୟସୁନ୍ଦର ପରିଡ଼ା, ଆଞ୍ଚଳିକ ସାଧନକର୍ମୀ ଅଭୟ ସାହୁ ଓ ଶିକ୍ଷକ ସୁରେନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ତନିଶା ନାଥ ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ବ୍ଲକର ୧୯ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫୭୦ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ଦେଖାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ, ୨ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ପ୍ରଧାନଶିକ୍ଷକ ହୋତା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ମଦନ ମୋହନ ସାମନ୍ତରାୟ, ଦେବେନ୍ଦ୍ର ମଲ୍ଲିକ, ନିତ୍ୟାନନ୍ଦ ମଲ୍ଲିକ, ସଞ୍ଜୟ ଜେନା, ବ୍ରଜସୁନ୍ଦର ଶିଅଳ, ମୁଜାଫର୍ ହୋସେନ, ନୃସିଂହ ସାହୁ, ହସ୍ପା ମାରାଣ୍ଡି, ଅଶ୍ୱିନୀ କୁମାର ଜେନା, ବିଶ୍ୱଜିତ ମଲ୍ଲିକ, ଦେବିକା ରାୟ, ଜ୍ୟୋତିରଞ୍ଜନ ମହାପାତ୍ର, ସ୍ୱର୍ଣ୍ଣଲତା ବେହେରା, ସ୍ମୃତିରେଖା ମାଝୀ, ଅଳକା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶିଶୁ ମହୋତ୍ସବ ମଞ୍ଚରେ ଉପସ୍ଥିତ ଅତିଥି ଓ ପ୍ରଧାନଶିକ୍ଷକ।

# ଭାଜପାରେ ମିଶିଲେ ୫୦ ବିଜେଡି କର୍ମୀ


ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

ଧାମନଗର,୩୧।୧୦
(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ଖପରପଦା ପଞ୍ଚାୟତ ଭାଜପା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପାର ଭଦ୍ରକ ଜିଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠ ନାଥ ସାହୁଙ୍କ ସଞ୍ଚାଳନରେ ଏହି ମିଶ୍ରଣ ପର୍ବରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନୂଆ ଲୋକଙ୍କୁ ଦଳକୁ ସ୍ୱାଗତ କରିବା ଏବଂ ପୁରୁଣା କର୍ମକର୍ତ୍ତାଙ୍କ ପ୍ରତି କୃତଜ୍ଞତା ଜଣାଇବା ଦ୍ୱାରା ସଙ୍ଗଠନ ଦୃଢ଼ ହୋଇଥାଏ ବୋଲି କହିବା ସହ ଭାଜପା ସାଧାରଣ ଲୋକଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ଖପରପଦା ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଅନୁସୂୟା ସାହୁ ଏବଂ ପୂର୍ବତନ ପଞ୍ଚାୟତ ବିଜେଡି ସଭାପତି ରମାକାନ୍ତ ସାହୁଙ୍କ ନେତୃତ୍ୱରେ ୫୦ଜଣ ମହିଳା ଓ ପୁରୁଷ ଭାଜପାରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

ବରିଷ୍ଠ ନେତା ରଘୁନାଥ ଲେଙ୍କା, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ରାଜ୍ୟ ପରିଷଦ ସଭ୍ୟ ଆଶିଷ ଜେନା, ଶହୀଦ ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ସାହୁ, ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ପୂର୍ବତନ ସରପଞ୍ଚ ଗୟାଧର ନାୟକ, ଅଜୟ ବଳ, ବୁଦ୍ଧଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟା ଉମାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରମାକାନ୍ତ ପାଢ଼ୀ, ମାନସ ଜେନା, ଗଙ୍ଗାଧର ନାୟକ, ପ୍ରଫୁଲ୍ଲ ସାହୁ, ଅଭିରାମ ମହାଲିକ, ମାମିନା ଜେନା, କୈଳାସ ସାହୁ, ସୁଚିତ୍ରା ସାହୁ, ସୁମତି ସାହୁ, ଜଗବନ୍ଧୁ ମହାଲିକ, ରାଜକିଶୋର ମହଲା, ଅରୁଣ ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୩୧।୧୦(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ରହଣିଆ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ତଥା ଆଦର୍ଶ ଶିକ୍ଷକ ହୃଷୀକେଶ ପୃଷ୍ଟିଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସହକାରୀ ଶିକ୍ଷକ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଏସ୍ଏମ୍‌ସି ସଭାପତି ଧନେଶ୍ୱର ଦାସ, ପଞ୍ଚସଖା ଶିକ୍ଷାସେତୁ ସଭାପତି ସନ୍ତୋଷ କୁମାର ଦାସ, ଆଲୁମନି କମିଟି ସଭାପତି ରଞ୍ଜନ କୁମାର ବେହୁରିଆ, ଉପସଭାପତି କରୁଣାକର ତରାଇ, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି, ଶଶିଶେଖର କରଶର୍ମା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ, ବିଶ୍ୱମ୍ବର ନାଥ, ନୃସିଂହ ଚରଣ ସାହୁ ଓ ୟାକତ ଅଲ୍ଲୀ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସାହା ଅତିଥି ପରିଚୟ ଓ ଶିକ୍ଷକ ତାପସ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରଭାତ କୁମାର ଦାସ, ପ୍ରଶାନ୍ତ କୁମାର ଯେନା, ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ, ବିଜୟଲକ୍ଷ୍ମୀ ସାହୁ, ବନିତା ପରିଡ଼ା, ପୂର୍ଣ୍ଣିମା ଧଳ, ସ୍ମୃତିରେଖା ନାୟକ, ଜୟନ୍ତ ପ୍ରଧାନ, ନିର୍ମଳ ଧଳ, ଭୀମଚରଣ ଗୁଡ୍ଡୁ, ଶିବାନନ୍ଦ ପ୍ରଧାନ, ପ୍ରିୟବ୍ରତ ବାରିକ, କର୍ମଚାରୀ ପତିତପାବନ ବଳ ଓ ସୁପ୍ରିୟା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରହଣିଆ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା, ପଦଯାତ୍ରା

ବନ୍ତ,୩୧।୧୦
(ହରିନାରାୟଣ ମହାନ୍ତି)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ବନ୍ତ ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଥାନାଧିକାରୀ ମୋନାଲିସା କରଙ୍କ ତତ୍ତ୍ୱାବଧାନରେ ଗୁରୁବାର ବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପଟ୍ଟଚିତ୍ର, ପ୍ରବନ୍ଧ ଏବଂ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସକାଳେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା କରାଯାଇଥିଲା। ମହାବିଦ୍ୟାଳୟଠାରୁ ପଦଯାତ୍ରା ବାହାରି ଥାନା ଛକ ପର୍ଯ୍ୟନ୍ତ ଯାଇଥିଲା। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ଭାଜପା ନେତା ଡ.ସୁଧାଂଶୁ ଶେଖର ନାୟକ ଏହାକୁ ଉଦ୍‌ଘାଟନ କରି ଏକତା ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ସରପଞ୍ଚ କୃପାସିନ୍ଧୁ ସେଠୀ, ଅଧ୍ୟାପକ ରାଜେଶ ବିଶ୍ୱାଳ, ରତିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଏକତା ପାଇଁ ଗଣଦୌଡ଼, ଶପଥପାଠ



ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଗଣଦୌଡ଼ ଶୁଭାରମ୍ଭ ଅବସରରେ ଜିଲାପାଳ ଦିଲୀପ ରାଉତରାଏ ବକ୍ତବ୍ୟ ରଖୁଛନ୍ତି।



ତିହିଡ଼ି ଥାନା ପରିସରରୁ ବାହାରିଥିବା ଗଣଦୌଡ଼।

ଭଦ୍ରକ/ତିହିଡ଼ି/ବାସୁଦେବପୁର/ ଚାନ୍ଦବାଲି/ଆଗରପଡ଼ା/ଧାମନଗର, ୩୧।୧୦(ସନାତନ ରାଉତ /ସଞ୍ଜିତ ବଳ/ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ/ କିଷାନ ପାତ୍ର/ସୁଶାନ୍ତ ଦାସ/ ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର ଭଦ୍ରକ ଜିଲାରେ ପୋଲିସ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକତା ପାଇଁ ଶପଥପାଠ କରାଯାଇଛି। ସକାଳ ୭ଟାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରୁ ଗଣଦୌଡ଼ ଆରମ୍ଭ ହୋଇ ଚରମ୍ପା ରିଜର୍ଭ ପୋଲିସ ପଡ଼ିଆରେ ଶେଷ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଗଣଦୌଡ଼କୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରୀୟ ଏକତା ଦିବସକୁ ସ୍ମରଣୀୟ କରିବା ସହ ଜନସାଧାରଣଙ୍କ ମଧ୍ୟରେ ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଏସ୍‌ପି ମନୋଜ ରାଉତ କହିଥିଲେ, ଓଡ଼ିଶା ପୋଲିସ ପକ୍ଷରୁ ଦେଶରେ ଅଖଣ୍ଡତା ଓ ଏକତା ବଜାୟ ରଖିବାକୁ ଏହି ଗଣଦୌଡ଼ର ଆୟୋଜନ କରାଯାଇଛି। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଅଂଶୁମାନ ଦ୍ୱିବେଦୀ, ସସ୍ମିତ ମାଝୀଙ୍କ ସମେତ ପୋଲିସ ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଗଣଦୌଡ଼ରେ ସାମିଲ ଥିଲେ।

ସେହିପରି ତିହିଡ଼ି ଥାନାରୁ ତିହିଡ଼ି କଲେଜ ଛକ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଜିଲା ପଞ୍ଚାୟତ ଅଧିକାରୀ କମଳାକାନ୍ତ ଓଝା, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ପ୍ରଦୀପ ବଳ, ସଞ୍ଜୀବ ବେହେରା, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ସୂର୍ଯ୍ୟନାରାୟଣ ଭୋଇ, ତିହିଡ଼ି ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରତାପ, ଅଧ୍ୟାପକ ଅଶୋକ ଗୋଚ୍ଛାୟତ, ଜ୍ଞାନରଞ୍ଜନ ଭୂୟାଁଙ୍କ ସହ କଲେଜର ଛାତ୍ରୀଛାତ୍ର ଓ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ତିହିଡ଼ି ଥାନା ଏସ୍ଆଇ ପ୍ରକାଶ ନାୟକ, ଅସ୍ମିତା ପ୍ରଧାନ, ଏଏସ୍ଆଇ କୁମୁଦିନୀ ବେହେରା, ଲକ୍ଷ୍ମଣ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

ବାସୁଦେବପୁର ପୋଲିସ ପକ୍ଷରୁ ବାଳିନଗରସ୍ଥିତ ଦକ୍ଷିଣେଶ୍ୱରୀ କାଳୀମନ୍ଦିର ନିକଟରୁ ଗଣଦୌଡ଼ ଆରମ୍ଭ ହୋଇ ନୀଳମଣି ଟାଉନ ହଲ୍‌ଠାରେ ଉଦ୍‌ଯାପିତ ହୋଇଥିଲା। ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଗଣଦୌଡ଼କୁ ଶୁଭାରମ୍ଭ କରିଥିଲେ। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଏକତା ରକ୍ଷା ପାଇଁ ଶପଥପାଠ କରାଇଥିଲେ। ଏସ୍ଆଇ ପୁନମଦେବୀ ବେହେରା, ଅଧିକାରୀ ଦେବୀପ୍ରସାଦ ମହାପାତ୍ର, ଭାଗ୍ୟଜିତ ନାୟକ, ଭାଜପା ନେତା ବାଣୀକଲ୍ୟାଣ ମହାନ୍ତି, ସାମାଜିକ କର୍ମୀ ଉଦୟ ନାରାୟଣ ମଲ୍ଲିକ, ଅସିତ ଦାସ, ପାରିଷଦ ଜଗବନ୍ଧୁ ସାହୁ, ଉମାକାନ୍ତ ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ। ନାୟିକାଣିଡିହୀ, କଞ୍ଚିଆ ସାମୁଦ୍ରିକ ଥାନା, ଚୁଡ଼ାମଣି ସାମୁଦ୍ରିକ ଥାନା, ସଦର ବ୍ଲକ ଅଧୀନ ସାବରଙ୍ଗ ଥାନା ପକ୍ଷରୁ ଗଣଦୌଡ଼ ଓ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଏସ୍‌ଡିପିଓଙ୍କ ସମେତ ଥାନାଧିକାରୀମାନେ ଉପସ୍ଥିତ ଥିଲେ।

ଚାନ୍ଦବାଲିରେ କାଳୀମନ୍ଦିର ନିକଟରୁ ଗଣଦୌଡ଼ ଆରମ୍ଭ ହୋଇ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ ରାଉତରାଏ ଓ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗ ଦେଇଥିଲେ। ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଭାଜପା ନେତା ବାଣୀକଲ୍ୟାଣ ମହାନ୍ତି, ଡିଏଫ୍ଓ ସୌଭାଗ୍ୟ ରଞ୍ଜନ ସାହୁ, ବିଡିଓ ସଞ୍ଜୀବ ମହାପାତ୍ର, ଏନ୍ଏସି ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ, କିଶୋର ନାୟକ, ଉପେନ୍ଦ୍ର ରାଉଳ, କମଳାକାନ୍ତ ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି, ଜଗନ୍ନାଥ ରାଉତ, ଅଜୟ ନାୟକ, ଚନ୍ଦନ ବଳ, ଶୀତ ମହାଲିକ, ବିଳାସ ନାୟକ, ସ୍ୱଦେଶ ପଣ୍ଡା, ଚନ୍ଦନ ରାଉତ ପ୍ରମୁଖ ସାମିଲ ଥିଲେ।

ଆଗରପଡ଼ା ଥାନା ଅଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ଏକତା ଦୌଡ଼ ଥାନା ପରିସରରୁ ଆରମ୍ଭ ହୋଇ ଲକ୍ଷ୍ମୀବଜାରସ୍ଥିତ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିଟିପୁର ସମିତିସଭ୍ୟା ପ୍ରତିନିଧି ବସନ୍ତ ପତି, ବଡ଼ମହିଷଗୋଠ ସରପଞ୍ଚ ପ୍ରତିନିଧି ଦୀପକ ମହାନ୍ତି, ସତ୍ୟସାଧନ ବେଜ, ଜିତେନ୍ଦ୍ର ଶତପଥୀ ପ୍ରମୁଖ ଏଥିରେ ସାମିଲ ଥିଲେ। ଛାତ୍ରୀଛାତ୍ର, ଆଗରପଡ଼ାର ଅଞ୍ଚଳର ବାସିନ୍ଦା, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଥାନା ପକ୍ଷରୁ କର୍ମଚାରୀ ଇଭାରାଣୀ ପରିଡ଼ା, ବୁଦ୍ଧିରାମ ହାଁସଦା, ସୁଶାନ୍ତ କୁମାର ବାରିକ, ଏମ୍ଏ ଏଚ୍ ବେଗ୍, ସଞ୍ଜୟ ଦେହୁରୀ, ଅରୁଣ କୁମାର ଦାସ, ଗୌରୀଶଙ୍କର ଉପାଧ୍ୟାୟ ପ୍ରମୁଖ ସହଯୋଗ କରିଥିଲେ।

ଧାମନଗର ମେଡିକାଲ ଛକଠାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ସଂଯୋଜନାରେ ଏହି ଗଣଦୌଡ଼ରେ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ବିଡିଓ ବନବିହାରୀ ଦିନ୍ଦା, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସୁଶାନ୍ତ ରାଉତ, ଏମ୍‌ଡି ହବିବୁର ରହେମାନ, ଜ୍ଞାନରଞ୍ଜନ ମହାକୁଡ଼, ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ, ଖବରଦାତା, ମେଡିକାଲ କର୍ମଚାରୀ, ଆଶାକର୍ମୀ ଓ ଯୁବକ ସାମିଲ ହୋଇଥିଲେ। ଧାମନଗର ଥାନା ଏସ୍ଆଇ ପ୍ରଦୀପ ନାୟକ, ମହେଶ୍ୱର ପ୍ରଧାନ, ରଶ୍ମିତା ମଲିକ, ଏଏସ୍ଆଇ ସୁଜିତ ରାଉତ, ଲରେନ୍ସ କୁଜୁର୍ ପ୍ରମୁଖ ପରିଚାଳନା କରିଥିଲେ। ଥାନାଧିକାରୀ ରଞ୍ଜନ କୁମାର ସେଠୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ସଂକ୍ଷେପରେ

### ତେଲେଙ୍ଗା କଟୁରିରେ ଆକ୍ରମଣ, ବର୍ତ୍ତିଗଲେ ଯୁବକ

ନୀଳଗିରି, ୩୧।୧୦(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ମାରୁତି ଡିଷ୍ଟ୍ରିବ୍ୟୁଟର ମେଡିସିନ୍ କମ୍ପାନୀରେ ଏମ୍ଆର୍ ଭାବେ କାର୍ଯ୍ୟରତ ବର୍ଦ୍ଧନପୁର ମଝିକିଆ ଗ୍ରାମର ଦିଲୀପ କୁମାର ମହାଳିକ(୪୪) ବରହମପୁର ଅଞ୍ଚଳକୁ କଲେକ୍ସନ ପାଇଁ ଯାଇଥିଲେ। ଶୁକ୍ରବାର ଅପରାହ୍ନରେ କଲେକ୍ସନ ସାରି ଏକ ବାଇକ୍(ନଂ. ଓଡ଼ି୦୧ଏସି-୪୬୭୦) ଫେରୁଥିବା ବେଳେ ବରହମପୁର ଥାନା ଡାଳିମ୍ବପାଳ ନୂଆସାହି ରାସ୍ତାର ଏକ ପୋଲ ନିକଟରେ ୩ଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲରେ ପଛପଟୁ ଆସି ଏକ ତେଲେଙ୍ଗା କଟୁରୀରେ ଦିଲୀପଙ୍କୁ ଆକ୍ରମଣ କରିଥିଲେ। ଯୁବକଙ୍କଜଣକ କଟୁରୀ ଛଡାଇ ନେଇଥିଲେ। ଫଳରେ ସମ୍ପୃକ୍ତ ଦୁର୍ବୃତ୍ତମାନେ ନିରୁପାୟ ହୋଇ ଖସି ପଳାଇଯାଇଥିଲେ। ତେବେ ଡାହାଣ ହାତରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ବାମହାତ ବୁଢ଼ା ଆଙ୍ଗୁଳିରେ ଗଭୀର କ୍ଷତ ହୋଇଛି। ଖବରପାଇ ବରହମପୁର ଥାନାର ଏଏସ୍ଆଇ ନନ୍ଦକିଶୋର ବିଶ୍ୱାଳ ପହଞ୍ଚି ଅଧିକ ତଦନ୍ତ ଜାରିରଖିଛି।

### ତୁଡିଗଡିଆ ମଣ୍ଡଳ କମିଟି ନାମ ଘୋଷିତ

ଖଇରା, ୩୧।୧୦(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନକ୍ରମେ ୫ନମ୍ବର ତୁଡିଗଡିଆ ମଣ୍ଡଳର ସଭାପତି ମାନସ କୁମାର ମୁଦୁଲି ମଣ୍ଡଳ କମିଟି ନାମ ଘୋଷଣା କରିଛନ୍ତି । ସାଧାରଣ ସମ୍ପାଦକ ଭାବେ କରୁଣାକର ମହାପାତ୍ର ଓ ପିତାମ୍ବର ମିଶ୍ର, ଉପସଭାପତି ଭାବେ ଜ୍ୟୋତିନାରାୟଣ ସାହୁ, ଜନାର୍ଦ୍ଦନ ଦାଶ, ଅଭିମନ୍ୟୁ ବେହେରା, ସସ୍ମିତା ପଣ୍ଡା, ମନୀଷା ଜେନା ଓ ବୈକୁଣ୍ଠ ସାମଲ, ସମ୍ପାଦକ ଭାବେ ଦୀନବନ୍ଧୁ ମହାରଣା, ପୀତାମ୍ବର ମହାରଣା, ଶ୍ରୀକାନ୍ତ ପାଣିଗ୍ରାହୀ, ମୋନାଲିସା ବେହେରା, ମଞ୍ଜୁଲତା ସାମଲ ଓ ଫୁଲମଣି ସିଂ ଓ କୋଷାଧକ୍ଷ ଭାବେ କମଳଲୋଚନ ଜେନା ପ୍ରମୁଖ ମନୋନୀତ ହୋଇଛନ୍ତି।

### ପଞ୍ଚଲିଙ୍ଗେଶ୍ୱର ମହାଦେବ ମନ୍ଦିର ପାଇଁ ଟ୍ରଷ୍ଟି ନିଯୁକ୍ତ

**ନୀଳଗିରି, ୩୧।୧୦(ପ୍ରଶାନ୍ତ ବିଶ୍ୱାଳ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ମନ୍ଦିର ପାଇଁ ନୂତନ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ଓଡ଼ିଶା ଦେବୋତ୍ତର ବିଭାଗ ପତ୍ରସଂଖ୍ୟା ୩୩୫୧ ତା ୨୪/୧୦/୨୫ରିଖ ଅନୁଯାୟୀ ୯ଜଣଙ୍କୁ ଅଣବଂଶାନୁକ୍ରମିକ ଗଠନ ପାଇଁ କଟକ ଦେବୋତ୍ତର କମିଶନର ଅତିରିକ୍ତ ସହାୟକ ପ୍ରକାଶ କୁମାର କର ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ଆଇନ୍ ବିଭାଗର ଚିଠିସଂଖ୍ୟା ୧୬୦୭୮ ତା ୯।୧୦।୨୫ ଅନୁମୋଦନ ଅନୁଯାୟୀ ବାଲେଶ୍ୱର ଜିଲା ନୀଳଗିରିର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ମହାଦେବ ମନ୍ଦିର ନୂତନ ଟ୍ରଷ୍ଟ ବୋର୍ଡ଼ ପାଇଁ ୯ଜଣ ଅଣବଂଶାନୁକ୍ରମିକ ଟ୍ରଷ୍ଟି ନିଯୁକ୍ତି କରିଛନ୍ତି। ଏହି ଟ୍ରଷ୍ଟରେ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଡିଏଫ୍ଓ, ନୀଳଗିରି ଉପଜିଲାପାଳ, ନୀଳଗିରି ଏସ୍ଡିପିଓ, ନୀଳଗିରି ତହସିଲଦାର, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ଅସ୍ତିଆର ସାମାଜିକ କର୍ମୀ ମଧୁମାଧବ ଜେନାଙ୍କୁ ଦୁଇବର୍ଷ ପାଇଁ ଟ୍ରଷ୍ଟି ଭାବେ ନିଯୁକ୍ତି ଦିଆଯାଇଛି। ଉକ୍ତ ୯ଜଣଙ୍କ ମଧ୍ୟରୁ ଜଣକୁ ପରିଚାଳନା ଟ୍ରଷ୍ଟି ଭାବେ ମନୋନୀତ କରିବା ପାଇଁ ଏହି ପତ୍ରରେ ଉଲ୍ଲେଖ ରହିଛି। ବିଜ୍ଞପ୍ତି ପ୍ରକାଶନଠାରୁ ସେମାନେ ସେମାନଙ୍କର କାର୍ଯ୍ୟଭାର ଗ୍ରହଣ କରିବେ। ନୂଆ କରି ନିଯୁକ୍ତି ପାଇଥିବା ଟ୍ରଷ୍ଟି ପୁରାତନ ଟ୍ରଷ୍ଟିମାନଙ୍କଠାରୁ ଦାୟିତ୍ୱ ଗ୍ରହଣ କରି ସମସ୍ତ ଆୟବ୍ୟୟର ତର୍ଜମା କରିବା ସହିତ ଆବଶ୍ୟକସ୍ଥଳେ କମିଶନରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଡିଟରଙ୍କ ଦ୍ୱାରା ଅଡିଟ କରି ଦେବୋତ୍ତର କମିଶନରଙ୍କୁ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏତଦ୍‌ଭିନ୍ନ ପରିଚାଳନା ଟ୍ରଷ୍ଟି ତୁରନ୍ତ ଦାୟିତ୍ୱରେ ରହିବା ସହିତ ସମସ୍ତ ଆୟବ୍ୟୟର ହିସାବ ରଖିବେ। ପ୍ରତିମାସରେ ଥରେ ବୋର୍ଡ ବୈଠକ ଡାକି ମନ୍ଦିର ମରାମତି, ମନ୍ଦିର ସମ୍ପତ୍ତି ଲିଜ୍ ଦେବା ଆଦି କାର୍ଯ୍ୟ ହାତକୁ ନେବାକୁ ଦେବୋତ୍ତର କମିଶନର ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି।

# ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ

ବାଲେଶ୍ୱର, ୩୧।୧୦(ବାଞ୍ଛାନିଧି ଦେ)


ଜିଲାପାଳ ଶପଥପାଠ କରାଉଛନ୍ତି।

ବାଲେଶ୍ୱର ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଯୋଗଦେଇ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ଉପଜିଲାପାଳ ଶିବ ମାଲବୀୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲା ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ, ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦେଇ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଅକ୍ଟୋବର ୨୭ରୁ ଆସନ୍ତା ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ୱାକାଥନ୍, ଗଣଦୌଡ଼, ଚିତ୍ରାଙ୍କନ, ବ୍ୟଙ୍ଗଚିତ୍ର ଆଦି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚାଲୁ ରହିବା ସହ ସବୁଠି ସଚେତନତା କାର୍ଯ୍ୟକ୍ରମ ହେବ। ଦୁର୍ନୀତି ନିବାରଣ ନିମନ୍ତେ ବାଲେଶ୍ୱର ଡିଭିଜନ ଅଧୀନ ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜରେ ସ୍ୱତନ୍ତ୍ର ଅଦାଲତ ବାରିପଦା, କେଉଁଝର ଓ ବାଲେଶ୍ୱରଠାରେ ସ୍ଥାପିତ ହୋଇଛି। ଏତଦ୍‌ଭିନ୍ନ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜିତ, ସରକାରୀ ଅର୍ଥ ଆତ୍ମସାତ, ଉତ୍କୋଚ ସମ୍ପର୍କିତ ବିଭିନ୍ନ ଦିଗକୁ ଆଧାର କରି ସୂଚନା, ପଞ୍ଜିକରଣ ଓ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋକପାତ କରାଯାଇଥିଲା। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ମୁଖ୍ୟଅତିଥି ମିଶ୍ର ଶପଥ ପାଠ କରାଇଥିଲେ। ପରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ କରାଇଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଦୁର୍ନୀତି ନିବାରଣ ବିଭାଗ ଅଧିକାରୀ ଶ୍ରୀବଲ୍ଲଭ ନାୟକ ଧନ୍ୟବାଦ ଦେଇଥିଲେ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ

# ଏକତା ପାଇଁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣରେ ସଜାଗ ହେବା

ବାଲେଶ୍ୱର, ୩୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସହର ସ୍ଥିତ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ୍‌ଠାରେ ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଆସନ୍ତୁ ଏକତା ପାଇଁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣରେ ସଜାଗ ହେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ ଓ ନିରଞ୍ଜନ ବେହେରା, ଉପଜିଲାପାଳ ଶିବ ମାଲବୀୟ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ।

ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଏହି ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ଜିଲାର ନୀଳଗିରି ଗଡ଼ଜାତ ସର୍ବପ୍ରଥମେ ଭାରତ ବର୍ଷରେ ମିଶି ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏଥିସହ ସାମୂହିକ ଶପଥ ପାଠ ହୋଇଥିଲା। ବହୁମୁଖୀ ଇନ୍‌ଡୋର ଷ୍ଟାଡ଼ିୟମ୍‌ଠାରୁ ଏକ ପଦଯାତ୍ରା ବାହାରିଥିଲା। ପୋଲିସ ଲାଇନ ଛକ, ସେଣ୍ଟ୍ରାଲ ସ୍କୁଲ ଦେଇ ପୁଣି ଇନ୍‌ଡୋର୍ ଷ୍ଟାଡିୟମ୍ ଏହା ସମାପନ ହୋଇଥିଲା। 'ଏକତା ପାଇଁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣର ସଜାଗ ହେବା' କାର୍ଯ୍ୟକ୍ରମକୁ ଅତିଥି ବୃନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ଆଜିଠୁ ବୋଇତ ବନ୍ଦାଣ, ରାହାସ ଉତ୍ସବ ଆରମ୍ଭ


କୁଦମାନସିଂ ବାଲିଯାତ୍ରା ପଡ଼ିଆ।

## କୁଦମାନସିଂ ବାଲିଯାତ୍ରା ପଡ଼ିଆ ଚଳଚଞ୍ଚଳ

ବାଲିଆପାଳ, ୩୧।୧୦(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତର କୁଦମାନସିଂ ବାଲିଯାତ୍ରା ପଡ଼ିଆରେ ୩୯ତମ ବୋଇତ ବନ୍ଦାଣ ଓ ରାହାସ ଉତ୍ସବ ପାଇଁ ଚଳଚଞ୍ଚଳ ହୋଇପଡିଛି। ଗାଁଠାରୁ ବାଲିଯାତ୍ରା ପଡ଼ିଆ ରାସ୍ତା, ବୋଇତ ବନ୍ଦାଣ ଓ ରାହାସ ମଣ୍ଡପ ଯାଏ ରଙ୍ଗବେରଙ୍ଗ ଆଲୋକମାଳରେ ସାଜସଜା ଚାଲିଛି।

ଶନିବାରଠାରୁ କୁଦମାନସିଂ ବାଲିଯାତ୍ରା ପଡ଼ିଆ ଉତ୍ସବମୁଖର ହେବ। ଦୀର୍ଘବର୍ଷ ଧରି ଏହି ଅବସରରେ କବାଡି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଆସୁଛି। ଏବର୍ଷ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷଙ୍କ କବାଡି ଟୁର୍ନାମେଣ୍ଟ ହେବାର ଥିବା ବେଳେ ମହିଳା କବାଡି ଟୁର୍ନାମେଣ୍ଟ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ପୂଜା କମିଟି ସଭାପତି ମହେଶ୍ୱର ଜେନାଙ୍କ ସହିତ ଗ୍ରାମ କମିଟି ସଭାପତି ଅରୁଣ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ସରୋଜ କୁମାର ସାହୁ , ବରିଷ୍ଠ ସଦସ୍ୟ ରଘୁନାଥ ଜେନା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପାତ୍ର, ସଞ୍ଜୀବ ମହାଳିକ, ସୁବୋଧ ପାତ୍ର, ରଘୁନାଥ ପାତ୍ର, ରାମକୃଷ୍ଣ ପାତ୍ର, ରତ୍ନାକର ଜେନାଙ୍କ ସହିତ ଅନ୍ୟ ସଦସ୍ୟମାନେ ନିଜର କାର୍ଯ୍ୟ ଶେଷ କରିବା ପାଇଁ ବ୍ୟସ୍ତ ରହିଛନ୍ତି। ତେବେ କୁଦମାନସିଂ ବାଲି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବଡ଼ ବଡ଼ ଦୋକାନ, ପିଲାଙ୍କ ପାଇଁ ୱାଟରବୋଟିଂ, ଚକି ଦୋଳି ପରି ବିଭିନ୍ନ ଆକର୍ଷଣୀୟ ଦୋକାନର ଷ୍ଟଲ ପାଇଁ ସାଜସଜା ଚାଲିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯାତ୍ରା, ମେଲୋଡି, ଭଜନ ସନ୍ଧ୍ୟା ଆଦି ନଭେମ୍ବର ୧ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା କରାଯାଇଛି। ତେବେ ୬ତାରିଖରେ ଝୁମୁର ନାଚ ବିଶେଷ ଆକର୍ଷଣୀୟ ହେବ ବୋଲି ଗାଁ ମୁଖିଆ ତଥା କମିଟିର ଉପଦେଷ୍ଟା ଅରୁଣ କୁମାର ପାତ୍ର କହିଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ବସ୍ତା, ୩୧।୧୦(ହରିଶଙ୍କର ପାଢୀ): ବସ୍ତା ବ୍ଲକ ଅଧୀନ ବସ୍ତା ପ୍ରାଣୀ ଚିକିତ୍ସାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବସ୍ତା ବ୍ଲକ ବିଡିଓ ମିହିର ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅମିତାରାଣୀ ପାତ୍ର, ବିଶିଷ୍ଟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ସମ୍ମାନିତ ଅତିଥି ଭାବେ ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ଉପାଧ୍ୟକ୍ଷ ଦିଲୀପ କୁମାର ଦାସମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବୈଜ୍ଞାନିକଙ୍କ ଦ୍ୱାରା ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉପରେ ସଚେତନା କରାଇବା ସହିତ ନୂତନ ପଦ୍ଧତି ସମ୍ପର୍କରେ ଆଲୋକପାତ କରାଇଥିଲେ। ବସ୍ତା ବିଧାୟିକା ଜେନା ନିଜେ ଜଣେ ଚାଷୀ ପରିବାରର ଝିଅ ହିସାବରେ ନିଜର ଗାଈ ଚାଷ, ଛତୁ ଚାଷ, ଏବଂ ମାଛ ଚାଷରୁ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ନିଜେ ଉଦାହରଣ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଭଦ୍ରକ ମତ୍ସ୍ୟ ଓ ପ୍ରାଣୀ ବିଜ୍ଞାନ ଡ. ବିଶ୍ୱରଞ୍ଜନ ସାମନ୍ତରାୟ, ଜଳେଶ୍ୱର ବ୍ଲକ ପ୍ରାଣୀ ଚିକିତ୍ସକ ଡ. ଶିଶିର କୁମାର ଲେଙ୍କା ଓ ନୀଳଗିରି ବ୍ଲକ ପ୍ରାଣୀ ଚିକିତ୍ସକ ଡ. ଶୁଭାଶିଷ ମହାପାତ୍ର ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମ ଦେଇ ସଚେତନ କରାଇଥିଲେ। ସରକାର ପ୍ରଥମେ ରାଜ୍ୟ ଓ ଜିଲାସ୍ତରୀୟ ମେଳା ଆୟୋଜନ କରିଆସୁଥିବା ବେଳେ ଏବେ ବ୍ଲକସ୍ତରରେ ମେଳା କରି ଅଧିକରୁ ଅଧିକ ଲୋକଙ୍କୁ ସଚେତନ କରାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ନିଷ୍ପତ୍ତି ନେଇଥିବା ସିଡିଭିଓ ରବିନାରାୟଣ ପଟ୍ଟନାୟକ କହିଛନ୍ତି। ବସ୍ତା ବ୍ଲକ ଗୋଷ୍ଠୀ ପ୍ରାଣୀ ବିଭାଗ ଅଧିକାରୀ ଡ. ଲଲାଟେନ୍ଦୁ କେଶରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆସିଷ୍ଟାଣ୍ଟ ମତ୍ସ୍ୟ ଅଧିକାରୀ ରଞ୍ଜନ କୁମାର ଗିରି ଧନ୍ୟବାଦ ଦେଇଥିଲେ।

# ରାଇବଣିଆ ପୋଲିସ ପକ୍ଷରୁ ଗଣଦୌଡ଼

ଜଳେଶ୍ୱର, ୩୧।୧୦(ନବୀନ ସାହୁ)

ରାଇବଣିଆ ଥାନା ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ୧୫୦ତମ ଜନ୍ମ ତିଥିରେ ଶୁକ୍ରବାର ସକାଳ ୭ଟାରେ ଗଣ ଦୌଡ଼ ଅନୁଷ୍ଠିତ ହୋଇଛି। ଏହି ଗଣଦୌଡ଼ ରାଇବଣିଆ ଥାନା ଅଧିକାରିଣୀ ଲୋପାମୁଦ୍ରା ପଣ୍ଡାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥଲା। ଏଥିରେ ରାଇବଣିଆ ଅଞ୍ଚଳର ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଯୁବକ ସାମିଲ ଥିଲେ। ଏହି ଦୌଡ଼ ରାଇବଣିଆ ଥାନାଠାରୁ ବାହାରି ରାଜନଗର ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୬ କି.ମି. ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଏସ୍ଆଇ ରାମେଶ୍ୱର ସୋରେନ, ଚନ୍ଦନ ମହାନ୍ତି, କାଳନ୍ଦୀ ସାହୁ ଏବଂ ଅନ୍ୟ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

# ଏକତା ଦୌଡରେ ସାମିଲ ହେଲେ ପୋଲିସ, ଜନତା



ଗଣଦୌଡ଼ରେ ବାହାରିଥିବା ପୋଲିସ, ଜନତା।

ଭୋଗରାଇ, ୩୧।୧୦(ପ୍ରଦୀପ ଦାସ)

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବାଲେଶ୍ୱର ଜିଲା ଭୋଗରାଇ ଥାନା ପକ୍ଷରୁ ଶୁକ୍ରବାର ସକାଳେ ଏକତା ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା। ଭୋଗରାଇ ଥାନାଧିକାରୀ ରୋହିତ କୁମାର ବଳ ପତାକା ହଲାଇ ଉଦ୍‌ଘାଟନ କରି ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଚନ୍ଦନେଶ୍ୱର ଫାଣ୍ଡିର ଏଏସ୍ଆଇ ଦେବାଶିଷ ଶତପଥୀ, ଲକ୍ଷ୍ମୀପାଟଣା ଫାଣ୍ଡିର ଏଏସ୍ଆଇ ଗତିକୃଷ୍ଣ ଜେନା, ଭାଜପା ନେତା ଆଶିଷ ପାତ୍ର, ରାଧାକାନ୍ତ ପ୍ରଧାନ, ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର, ବିରୁପାକ୍ଷ ଜେନାଙ୍କ ସହିତ ଆରଆଇଏଚଏସ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ବହୁ ଯୁବକ ଓ ଭୋଗରାଇ ଥାନାର ସମସ୍ତ ପୋଲିସ କର୍ମଚାରୀ ସାମିଲ ଥିଲେ।

# ବଗଦାରେ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

ବାହାନଗା, ୩୧।୧୦(ଅରୂପ କୁମାର ଦାସ)



ତିରୋଧାନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ବାହାନଗା ବ୍ଲକ ସାହସପୁରା ପଞ୍ଚାୟତ ବଗଦା ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଅତିଥିମାନେ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧୁଚରଣ ପରିଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ସମୟରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ସଭାପତି ଅଟଳ ବିହାରୀ ରାଉତ, ଯୁବନେତା ସୁବ୍ରତ ଧଡା, ପୂର୍ବତନ ବିଧାୟକ ସୁରେନ୍ଦ୍ର ପାରମାଣିକ, ବିଜେଡି ଜିଲା ପରିଷଦ ସଦସ୍ୟ ଶିଶିର କୁମାର ଅଗସ୍ତି, ଜିଲା କଂଗ୍ରେସ ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ପୂର୍ବତନ ସରପଞ୍ଚ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କିଶୋର କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଚନ୍ଦ୍ରମଣି କରଞ୍ଜିଆର ଭାଜପା ସଭାପତି

ରସାଲପୁର, ୩୧।୧୦(ଶରତ ସାମଲ)

ରେମୁଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କରଞ୍ଜିଆ ଭାଜପାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ସଭାପତି ଉମାକାନ୍ତ ଜେନା ସଭାପତିତ୍ୱ କରିଥିଲେ। ସରକାରୀ ଉପ-ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଏମ୍‌ପିଙ୍କ ରେମୁଣା ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଯୁବନେତା ବିକାଶ ପାଢ଼ୀ, ଯୁବନେତା ସୁବୋଧ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କରଞ୍ଜିଆ ପଞ୍ଚାୟତ ସଭାପତି ଭାବେ ଦ୍ୱିତୀୟ ଥର ପାଇଁ ଚନ୍ଦ୍ରମଣି ମହାପାତ୍ର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏଥିସହିତ ପଞ୍ଚାୟତର ବିଭିନ୍ନ କମିଟି ପାଇଁ ସଦସ୍ୟମାନେ ମନୋନୀତ ହୋଇଥିଲେ। କରଞ୍ଜିଆ ପଞ୍ଚାୟତ ପାଇଁ ୧୨ କି.ମି. ରାସ୍ତା ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଥିବାରୁ ସାଧାରଣରେ ସ୍ୱାଗତ କରାଯାଇଛି।

# ମୋବାଇଲ୍ ବ୍ୟବହାର ସମୟରେ ସତର୍କତା ଜରୁରୀ

## ସାଇବର ସୁରକ୍ଷା ଅଭିଯାନ



ସଚେତନତା ସଭାରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର, ୩୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ ଗାନ୍ଧୀ ସ୍ମୃତିଭବନ ପରିସରରେ ଗୁରୁବାର ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାଇବର ଅପରାଧରୁ ବର୍ତ୍ତିବା ପାଇଁ ସମସ୍ତେ ସଚେତନ ହେବା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ସଚେତନତା ସଭାରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଅଧ୍ୟକ୍ଷତା କରି ମୋବାଇଲ୍ ଓ ସୋସିଆଲ ମିଡିଆ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା, ଅନଲାଇନ୍ ସପିଂ ଓ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ଅର୍ଥ କାରବାର ସମୟରେ ଓଟିପି ଅନ୍ୟକୁ ସେୟାର ନ କରିବା, ଅଜଣା ଲିଙ୍କ୍‌କୁ କ୍ଲିକ୍ ନ କରିବା, ଅନ୍‌ଲାଇନ୍‌ରେ ବ୍ୟକ୍ତିଗତ ଫଟୋ କିମ୍ବା ଭିଡ଼ିଓ ସେୟାର ନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ, ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ଉପଜିଲାପାଳ ଶିବ ମାଲବୀୟ ପ୍ରମୁଖ ମଞ୍ଚାସୀନ ହୋଇ ସାମ୍ପ୍ରତିକ ସ୍ଥିତିରେ କମ୍ପ୍ୟୁଟର ଓ ମୋବାଇଲ ମାଧ୍ୟମରେ ଇଣ୍ଟରନେଟ୍‌ର ବ୍ୟବହାର ବହୁଳ ମାତ୍ରାରେ ବଢ଼ିଛି। ସାଇବରକ୍ରାଇମ୍‌କୁ ନେଇ ସଚେତନ ନ ଥିବା ସାଧାରଣ ଲୋକଙ୍କୁ ଭୟ ଓ ପ୍ରଲୋଭନ ଦେଖାଇ ହ୍ୟାକରମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି। ଇଣ୍ଟରନେଟ ମାଧ୍ୟମରେ ଆର୍ଥିକ କାରବାର ସହଜସାଧ ହୋଇଥିବା ବେଳେ ଏହାର ସୁରକ୍ଷାକୁ ନେଇ ଜନସାଧାରଣଙ୍କୁ ସଚେତନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ସାଇବର ସଚେତନତା ରଥ ଶୁଭାରମ୍ଭ ହୋଇଥିଲା।

# ଓଝାପୋଖରୀ ନିକଟରେ ନାୟକ ଫିଲିଂ ଷ୍ଟେସନ ଉଦ୍‌ଘାଟିତ

ଖଇରା, ୩୧।୧୦(ଉତ୍କଳବନ୍ଧୁ ପଣ୍ଡା)

ସୋର-କୁପାରୀ ରାସ୍ତାରେ ଯାତ୍ରୀଙ୍କ ପେଟ୍ରୋଲ ଓ ଡିଜେଲ ଆବଶ୍ୟକତାକୁ ପୂରଣ କରିବା ପାଇଁ ଓଝାପୋଖରୀ ଛକ ନିକଟରେ ନାୟକ ଫିଲିଂଷ୍ଟେଶନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଖଇରା ତହସିଲର ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଓ ୫ ନମ୍ବର ଜିଲା ପରିଷଦ ଜୋନ ସଦସ୍ୟ ମାନସ କୁମାର ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ନାୟାର କମ୍ପାନୀ ସହଯୋଗରେ ପ୍ରତିଷ୍ଠା କରାଯାଇଥିବା ଏହି ଫିଲିଂ ଷ୍ଟେଶନର ମାଲିକ କେଶବ ଚନ୍ଦ୍ର ନାୟକ, କମ୍ପାନୀର ଟିଏସଏମ ଗୌରବ ଶର୍ମା, ଅନ୍ୟତମ ଅଧିକାରିଣୀ ସଙ୍ଗୀତା ନାୟକ, ନଡ଼ୁର ସରପଞ୍ଚ ଜୟନ୍ତୀ ପତି, ପ୍ରହ୍ଲାଦ ପତି, ଗୋବିନ୍ଦପୁର ପଞ୍ଚାୟତ ସମିତିସଭ୍ୟ ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ, ତୁଷାରକାନ୍ତ ପତି, ଲମ୍ବୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଖଇରା ଅଞ୍ଚଳବାସୀ ତଥା ସୋର-କୁପାରୀ ରାସ୍ତାର ଯାତ୍ରୀଙ୍କୁ ବିଶୁଦ୍ଧ ତୈଳ ଯୋଗାଇବାକୁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପମ୍ପର ମାଲିକ କେଶବ ନାୟକ ପ୍ରକାଶ କରିଛନ୍ତି।


ଅତିରିକ୍ତ ତହସିଲଦାର ପମ୍ପର ଉଦ୍‌ଘାଟନ କରୁଛନ୍ତି।

**ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ**

**ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ପ୍ରତିମା ପାତ୍ର ଏହାର ବିଚାର କରି ଦୋଷୀଙ୍କ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ହୋତାପୁର ଗ୍ରାମର ପ୍ରଫୁଲ୍ଲ ମହାନ୍ତ(୬୮)। ସୂଚନାଯୋଗ୍ୟ, ୩ ଜୁଲାଇ ୨୦୨୧ରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ସଙ୍କଟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀ

- ଦେଶ ବିଦେଶରେ ରଗ୍‌ବୀ ଖେଳର ପରିଚୟ ସୃଷ୍ଟି କରିଛି
- ମିଳୁନି ସରକାରୀ ସହାୟତା
- ପ୍ରତିଭାବାନ ଖେଳାଳିଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ

ବାରିପଦା,୩୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଦିଲ୍ଲୀରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ମୟୂରଭଞ୍ଜ ଜିଲା ଟିମ୍।

ଦେଶ ଓ ବିଦେଶରେ ରଗ୍‌ବୀ ଖେଳକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମୟୂରଭଞ୍ଜ ଜିଲା ବାରିପଦାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମିର ଭବିଷ୍ୟତ ଏବେ ସଙ୍କଟରେ। ଆଦିବାସୀ ଯୁବତୀ ଯୁବକଙ୍କୁ ଉପଯୁକ୍ତ ତାଲିମ ସହିତ ସମସ୍ତ ପ୍ରକାର ନିଃଶୁଳ୍କ ସୁବିଧା ଯୋଗାଇ ଦେଉଥିବା ଏହି ଅନୁଷ୍ଠାନ ନାନା ସମସ୍ୟା ଦେଇ ଗତି କରୁଛି। ଏହି ଅନୁଷ୍ଠାନରୁ ତାଲିମ ନେଇ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଜିଲା ତଥା ରାଜ୍ୟ ଏବଂ ଦେଶକୁ ଗୌରବାନ୍ୱିତ କରିପାରିଛନ୍ତି। ରଗ୍‌ବି ଖେଳର ଏକ ଉଜ୍ଜ୍ୱଳ କେନ୍ଦ୍ର ଭାବେ ପରିଚିତ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମି ଏବେ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଛି। ଅର୍ଥାଭାବରୁ ନୂଆ ଖେଳାଳି ସୃଷ୍ଟି କରିବା ଏକାଡେମି ପାଇଁ କଷ୍ଟସାଧ ହୋଇପଡ଼ିଛି। ଫଳରେ ଯୁବ ପ୍ରତିଭାମାନେ ରଗବି ଖେଳରୁ ବଞ୍ଚିତ ହେବାକୁ ଥିବାବେଳେ ଅନେକ ପ୍ରତିଭାବାନ ଖେଳାଳିଙ୍କ ପ୍ରଗତି ଓ ସମ୍ଭାବନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ୨୦୧୯ରେ ଏକାଡେମି ପକ୍ଷରୁ ୫ଜଣ ଖେଳାଳିଙ୍କୁ ନେଇ ବାରିପଦାଠାରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମି ଆରମ୍ଭ ହୋଇଥିଲା। ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଯୁବତୀ ଯୁବକମାନଙ୍କୁ ରଗବି ଖେଳରେ ତାଲିମ ପ୍ରଦାନ କରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଥିଲା। ଖେଳାଳିମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ଜିଲା, ରାଜ୍ୟ ଓ ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପରବର୍ତ୍ତୀ ସମୟରେ ଏହି ଏକାଡେମିରୁ ୪୨ଜଣ ଖେଳାଳି ଜାତୀୟ ରଗବି ଚାମ୍ପିୟନଶିପରେ ଭାଗନେଇ ତିନିଥର ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ୩ ଖେଳାଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ପ୍ରାପ୍ତ କରି ଭାରତ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏକାଡେମୀର ସଫଳତା ପଛରେ ରହିଛି ଏହାର ସମର୍ପିତ ପ୍ରଶିକ୍ଷକ ତଥା ଫାଉଣ୍ଡରଙ୍କ ଅକ୍ଳାନ୍ତ ପରିଶ୍ରମ। ଏହି ସଂସ୍ଥାରେ ଏବେ ୫୦ରୁ ଊର୍ଦ୍ଧ୍ୱ ଖେଳାଳି ରହିଛନ୍ତି। ସମସ୍ତ ଖେଳାଳି ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନେ ଏକାଡେମିରୁ ମାଗଣା ତାଲିମ, ଖାଦ୍ୟ, ଆନୁଷଙ୍ଗିକ ଖର୍ଚ୍ଚ ଓ ଆବାସ ସୁବିଧା ପାଇ ନିଜର ପ୍ରତିଭାକୁ ପରିପୁଷ୍ଟ କରିଛନ୍ତି। ମାତ୍ର ସମ୍ପ୍ରତି ଏକାଡେମି ଏବେ ଗଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ଏକାଡେମିକୁ ସରକାରଙ୍କ ଅନୁଦାନ ମିଳୁ ନ ଥିବା ବେଳେ ସ୍ଥାନୀୟ ସମର୍ଥନ କମିବା ଯୋଗୁ ଏକାଡେମିର ନିୟମିତ କାର୍ଯ୍ୟକ୍ରମ ପ୍ରଭାବିତ ହେଉଛି। ଖେଳାଳିଙ୍କ ପାଇଁ ଆବଶ୍ୟକ ଖେଳ ଉପକରଣ, ପୁଷ୍ଟିକର ଖାଦ୍ୟ ଓ ପ୍ରଶିକ୍ଷଣ ସାମଗ୍ରୀ ଯୋଗାଇବାରେ ଏକାଡେମି ଅସୁବିଧାର ସମ୍ମୁଖୀନ ହେଉଛି। ଏହା ସହିତ ଘରଭଡ଼ା, ପ୍ରଶିକ୍ଷକ ଓ କର୍ମଚାରୀଙ୍କ ଦରମା ନିୟମିତ ଭାବେ ପ୍ରଦାନ କରାଯାଇ ପାରୁ ନ ଥିବାରୁ ସେମାନଙ୍କ ମନୋବଳ ମଧ୍ୟ ଦୁର୍ବଳ ହୋଇପଡ଼ିଛି।

ଏକାଡେମିର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ କହନ୍ତି ଆମେ ଅନେକ ପ୍ରତିଭାବାନ ଖେଳାଳିଙ୍କୁ ତାଲିମ ଦେଇ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିଛୁ। କିନ୍ତୁ ଆର୍ଥିକ ଅଭାବ ଅନଟନ ପାଇଁ ଆମେ ଏହି ଯାତ୍ରାକୁ ଆଗେଇ ନେବାରେ ଅସୁବିଧା ଭୋଗ କରୁଛୁ। ସରକାରୀ ଓ ସାମାଜିକ ସମର୍ଥନ ବିନା ଏହା ଅଧିକ ଦିନ ଚାଲିପାରିବ ନାହିଁ । ତେଣୁ ସହଯୋଗର ଏକାନ୍ତ ଆବଶ୍ୟକ ରହିଛି। ଅନ୍ତର୍ଜାତୀୟ ରଗବି ଖେଳାଳି ସନ୍ଧ୍ୟାରାଣୀ ଗୁଡୁ ଓ ଅସୀମା ରାଣୀ ମାଝୀ କହନ୍ତି, ଏକାଡେମି ଆମ ପାଇଁ ସ୍ୱପ୍ନର ମଞ୍ଚ ଦେଖାଇଛି । କିନ୍ତୁ ଏବେ ଆର୍ଥିକ ଅସୁବିଧା ଯୋଗୁ ଆମର ଭବିଷ୍ୟତ ସ୍ୱପ୍ନ ଅଧୁରା ରହିଯିବାର ଆଶଙ୍କା ଦେଖାଦେଇଛି । ତେବେ ମୟୂରଭଞ୍ଜ ରାଜପରିବାରଙ୍କ ମୟୂରଭଞ୍ଜ ଫାଉଣ୍ଡେଶନ ପକ୍ଷରୁ ଫ୍ୟୁଚର ଷ୍ଟାର ସ୍ପୋର୍ଟସକୁ ପ୍ରତି ମାସରେ କିଛି ଆର୍ଥିକ ସହଯୋଗ ଯୋଗାଇ ଦିଆଯାଉଥିଲେ ହେଁ ସେଥିରେ ସମସ୍ତ ସମସ୍ୟାର ସାମାଧାନ ହୋଇପାରୁ ନାହିଁ । ଆର୍ଥିକ ପ୍ରୋତ୍ସାହନ ମିଳିଲେ ଏଠାକାର ପ୍ରତିଭାବାନ ଖେଳାଳି ଅଧିକ ପ୍ରଗତି କରିପାରନ୍ତେ ବୋଲି ମୟୂରଭଞ୍ଜ ଫାଉଣ୍ଡେଶନର କର୍ମଚାରୀ ବିଦ୍ଧୁଦତ୍ତ ଦାସ କହିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ଓ କ୍ରୀଡ଼ାପ୍ରେମୀମାନେ ମଧ୍ୟ ଏକାଡେମିକୁ ସମର୍ଥନ ଦେବା ପାଇଁ ଆଗେଇ ଆସିବା ଉଚିତ। ଏହାଦ୍ୱାରା ନା କେବଳ ଏକାଡେମିର ଆର୍ଥିକ ସ୍ଥିତି ସୁଧୁରିବ ବରଂ ମୟୂରଭଞ୍ଜ ଯୁବପିଢ଼ି ମଧ୍ୟ ନିଜର ସମ୍ଭାବନାକୁ ପୂରଣ କରିପାରିବେ ବୋଲି ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ କହନ୍ତି, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାକୁ ଯାଉଥିବା ଖେଳାଳିମାନଙ୍କୁ ସରକାରୀ ସ୍ତରରେ ସହଯୋଗ କରାଯାଉଛି । ତାଙ୍କ ଅସୁବିଧା ସମ୍ପର୍କରେ କୌଣସି ଅଭିଯୋଗ ଆସି ନ ଥିବା ବେଳେ ନିୟମ ଅନୁଯାୟୀ ସରକାରୀସ୍ତରରେ ସହଯୋଗ ପ୍ରଦାନ କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି।

## ଉଡ଼ିଗଲା ପତିତପାବନ ନେତ

**ବାରିପଦା ଜଗନ୍ନାଥ ମନ୍ଦିର**

ବାରିପଦା,୩୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିରରେ ଶୁକ୍ରବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନୀଳଚକ୍ର ଉପରୁ ପତିତପାବନ ନେତ ଉଡ଼ିଯାଇଛି। ମନ୍ଦିରରେ ସ୍ୱତନ୍ତ୍ର ନୀତି ହେବା ପରେ ପୁଣି ଥରେ ନେତ ଲାଗି ହୋଇଛି। ଶୁକ୍ରବାର ପବିତ୍ର ଅଁଳା ନବମୀ ପାଇଁ ମନ୍ଦିରରେ ସକାଳ ନୀତିକାନ୍ତି ଶେଷ ହୋଇଥିଲା। ତେବେ ହଠାତ୍ ନୀଳଚକ୍ର ଉପରେ ପତିତପାବନ ବାନା ନ ଥିବା ଦେଖି ସ୍ଥାନୀୟ ଲୋକେ ମନ୍ଦିର ସେବାୟତଙ୍କୁ ଖବର ଦେଇଥିଲେ। ଗୋଟିଏ ପଟେ ଅଁଳା ନବମୀ ପୂଜା ପାଇଁ ମନ୍ଦିର ବେଢାରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଅନ୍ୟପଟେ ନୀଳଚକ୍ର ଉପରୁ ପତିତପାବନ ବାନା ଉଡ଼ିଯିବା ଘଟଣା ଭକ୍ତଙ୍କୁ ଭିତରେ ଅନେକ ଆଶଙ୍କା ସୃଷ୍ଟି କରିଥିଲା। ତେବେ ବିଗତ ଦିନରେ ଅନେକ ବାତ୍ୟା ପବନରେ ମଧ୍ୟ କେବେ ଏଭଳି ଘଟଣା ଘଟି ନ ଥିଲା। କିନ୍ତୁ ସାମାନ୍ୟ ପବନରେ ବାନା ଉଡିଯିବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଖବର ପ୍ରଘଟ ହେବାର ପ୍ରାୟ ଏକଘଣ୍ଟା ପରେ ପୁଣି ନୂତନ ବାନା ଲାଗି ହୋଇଥିଲା। ଏ ନେଇ ପୂଜକ କାମେଶ୍ୱର ତ୍ରିପାଠୀ କହିଛନ୍ତି ଯେ, ନେତ ଛିଣ୍ଡିବାକୁ ଅଶୁଭ ଭାବେ ଗଣନା କରାଯାଇଛି।

## ଜାତୀୟ ଏକତା ଦିବସ

ବାରିପଦା,୩୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜନ୍ମତିଥି ଅବସରରେ ଜିଲା ବ୍ୟାପି ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଜାତୀୟ ଏକତା ଦିବସ' ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ଏକତା ଓ ଅଖଣ୍ଡତା ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

**ବେତନଟୀ (ଧରଣୀଧର ମହାନ୍ତି):** ବେତନଟୀ ଥାନା ପକ୍ଷରୁ ଏକ ଗଣଦୌଡ କାର୍ଯ୍ୟକ୍ରମ ଶୁକ୍ରବାର ସକାଳ ୮ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ସସ୍ମିତା ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ସମ୍ମାନୀତ ଅତିଥିଭାବେ ଏସ୍‌ଡିପିଓ ମିନତୀ ବିଶ୍ୱାଳ ଯୋଗ ଦେଇଥିଲେ। ବେତନଟୀ ପଦ୍ମମାଳି ମହିଳା ସଂଗଠନ, ଆମ ଗାଁ ଖଟି ସଂଗଠନ, ବରିଷ୍ଠ ନାଗରିକ, ବିଭିନ୍ନ କଲେଜ ଛାତ୍ରୀଛାତ୍ର, ଥାନାର କର୍ମଚାରୀ ଏବଂ ଜନସାଧାରଣ ଯୋଗ ଦେଇଥିଲେ।



ବେତନଟୀ ଥାନା ପକ୍ଷରୁ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମ।

**ଉଦଳା(ସନ୍ତୋଷ କୁମାର ବାଛିନୀ):** ଉଦଳା ପୋଲିସ ତରଫରୁ ଶୁକ୍ରବାର ସକାଳ ୭ଟା ସମୟରେ ଉଦଳା ମହାବିଦ୍ୟାଳୟ ସମ୍ମୁଖରୁ ଏକତା ଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ପୋଲିସ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଆଇଆଇସି ବନମାଳୀ ବାରିକଙ୍କ ସଭାପତିତ୍ୱରେ ବିଧାୟକ ଭାସ୍କର ମଢ଼େଇ, ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାଏକ, ପୂର୍ବ ଜିଲା ଭାଜପା ସଭାପତି ନିହାର ରଞ୍ଜନ ମୋଦି, ପ୍ରଭାତ ପରିଡ଼ା, ଶ୍ରୀକାନ୍ତ କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ହୋଇ ସର୍ଦ୍ଦାର ପଟେଲଙ୍କ ସ୍ମୃତିଚାରଣ କରିଥିଲେ।

**ମୋରଡ଼ା (ସ୍ମାରକ ମାଜୀ):** ମୋରଡ଼ା ବ୍ଲକ୍ ଅଧୀନ ବଇଁଚିହିଁ ଛକଠାରୁ ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକତା ଦୌଡ ଅନୁଷ୍ଠିତ ହୋଇଯାଇଛି। ଭାଜପା ଚିତ୍ରଡା ମଣ୍ଡଳ ସଭାପତି ପ୍ରକାଶଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଛତିଶ ଚନ୍ଦ୍ର ମହାନ୍ତ, ହୃଷିକେଶ ମହାନ୍ତ ସଞ୍ଜୟ ମାର୍ଣ୍ଡି, ସଦା ମହାନ୍ତ, ବିଜୟାନନ୍ଦ ମହାନ୍ତ, ବୁଧେଶ୍ୱର ବେହେରା, ଲକ୍ଷ୍ମୀଧର ମହାନ୍ତ, ଆଦର୍ଶ ମାଝୀ ପ୍ରମୁଖଙ୍କ ସହିତ ଅଞ୍ଚଳବାସୀ ଏବଂ ଚିତ୍ରଡ଼ା ଫାଣ୍ଡି, ମୋରଡା ଥାନା ପୋଲିସ ସାମିଲ ହୋଇଥିଲେ।

**ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ):** ଠାକୁରମୁଣ୍ଡା ଥାନା ପରିସରରେ ଅନୁଷ୍ଠିତ ସଭାରେ ଥାନାଧିକାରୀଣୀ ସାବିତ୍ରୀ ଦଳେଇ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଠାକୁରମୁଣ୍ଡା ଏବିଡିଓ ଟଙ୍କଧର ମହାନ୍ତ, ସବ ଇନ୍ସପେକ୍ଟର ଅନିତା ସ୍ୱାଇଁ, ସାମାଜିକ କର୍ମୀ ପଦ୍ମଲୋଚନ ନନ୍ଦ ଯୋଗଦେଇ ଲୌହ ମାନବଙ୍କ ସ୍ମୃତି ଚାରଣ କରିଥିଲେ। ଠାକୁରମୁଣ୍ଡା ହନୁମାନ ଛକ ନିକଟରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନ, ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତସରପଞ୍ଚ ସୁଜିତ କୁମାର ଲୁଗୁନ ଯୋଗ ଦେଇଥିଲେ।

**କରଞ୍ଜିଆ (କବିତା ମହାନ୍ତ):** କରଞ୍ଜିଆ ଥାନା ପକ୍ଷରୁ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଶରତ ଚନ୍ଦ୍ର ମାହାଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ନବକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ମ୍ୟୁନିସିପାଲଟି ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା, କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, ପି.ଏ. ଚିତ୍ତରଞ୍ଜନ ମହାନ୍ତ, ଓକିଲ ସଂଘର ସଭାପତି ମଦନ ମହନ ମହାନ୍ତ, ସମ୍ପାଦକ ସରୋଜ କୁମାର ରାଉଳ, ବକ୍ତା ଭାବେ ଆର.ଏନ. ଡିଗ୍ରୀ କଲେଜର ଅଧ୍ୟକ୍ଷ ଡା. ଭାଗବତ ଲେଙ୍କା ଯୋଗ ଦେଇଥିଲେ।

## ପାଣିରେ ବୁଡ଼ି ଶିଶୁ କନ୍ୟା ମୃତ

ବୈଶିଙ୍ଗା,୩୧।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଭାଲିଆଡିହା ଗ୍ରାମରେ ଖେଳୁଥିବାବେଳେ ପାଣିରେ ବୁଡ଼ି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାପି ହାଁସଦାଙ୍କ ୨ ବର୍ଷୀୟା ଝିଅ ନାଗେଶ୍ୱରୀ। ଖବରପାଇ ବୈଶିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ତଦନ୍ତ ଆରମ୍ଭ କରିଛି।

## ସ୍ତ୍ରୀ ହତ୍ୟାକାରୀଙ୍କୁ ୭ ବର୍ଷ ଜେଲ

ବାରିପଦା,୩୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ(୨) ଜିଲା ଓ ଦୌରା ଜଜ୍‌କୋର୍ଟରେ ଶୁକ୍ରବାର ଏକ ନରହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମନ କୁମାର ମିଶ୍ର ଏହାର ବିଚାର କରି ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଥାନା ସିତୁଣ୍ଡି ଗ୍ରାମର ବାପି ବିନ୍ଧାଣୀ(୩୫)। ମାମଲାର ବିବରଣୀ ଅନୁଯାୟୀ, ବାରିପଦା ଟାଉନ ଥାନା ଅଞ୍ଚଳରେ ବାପି ଓ ତାଙ୍କ ସ୍ତ୍ରୀ ମଇନା ରହୁଥିଲେ। କୌଣସି କାରଣକୁ ନେଇ ୨୦୨୪ ଫେବୃଆରୀ ୮ ତାରିଖ ରାତିରେ ବାପି ସହିତ ମଇନାଙ୍କର ପାଟିତୁଣ୍ଡ ହୋଇଥିଲା। ବାପି ଉତ୍‌କ୍ଷିପ୍ତ ହୋଇ ମଇନାଙ୍କୁ ଠେଲି ଦେବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଘଟଣା ପରେ ବାପି ଫେରାର ହୋଇଯାଇଥିଲେ। ତେବେ ସକାଳେ ମଇନା ମରି ପଡ଼ିଥିବା ଜାଣି ତାଙ୍କ ମା' ଗୁରୁବାରୀ ବାସ୍କେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୨/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ବି.କେ.ମହାନ୍ତି ପରିଚାଳନା କରୁଥିଲେ।

## ସାଇବର ଅପରାଧ ସମ୍ପର୍କିତ ସଚେତନତା ଶିବିର

ବୈଶିଙ୍ଗା,୩୧।୧୦ (ରତନ ଦାଶ)

ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ସାଇବର ଅପରାଧ ବଢ଼ି ଚାଲିଛି। ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ଅଭାବରୁ ଧନ ଓ ଜନ ଉଭୟ ହାନି ଘଟି ଚାଲିଛି। ଏହାର ନିରାକରଣ ପାଇଁ ରାଜ୍ୟର ସମସ୍ତ ଥାନା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ କଲେମାନଙ୍କରେ ଶିବିର ମାଧ୍ୟମରେ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧି ଡିଗ୍ରୀ ମହାବିଦ୍ୟାଳୟରେ ବୈଶିଙ୍ଗା ପୋଲିସ ପକ୍ଷରୁ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ମମତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବୈଶିଙ୍ଗା ଥାନାର ଅଧିକାରୀମାନେ ଯୋଗଦେଇ ସାଇବର କ୍ରାଇମର ବିଭିନ୍ନ ଦିଗ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଇଥିଲେ।



ସଚେନତନତା ଶିବିରରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

## ନବଜାତ ଶିଶୁ କନ୍ୟା ମୃତଦେହ ଜବତ

ମୋରଡ଼ା(ସ୍ମାରକ ମାଜୀ)/
ରାସଗୋବିନ୍ଦପୁର(ସତ୍ୟବାଦୀ ପରିଡ଼ା), ୩୧।୧୦

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ପୋଲିସ ଶୁକ୍ରବାର ଏକ ନବଜାତ ଶିଶୁ କନ୍ୟା ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ସମୟରେ ରାସଗୋବିନ୍ଦପୁର ଥାନା ଅଧୀନ ମୂଷାମାରୀ ଛକଠାରୁ ୨୦୦ ମିଟର ଦୂର ଏକ ନିଛାଟିଆ ସ୍ଥାନରେ ପଡ଼ିଥିବା ଏକ ବ୍ୟାଗରେ ନବଜାତ ଶିଶୁ କନ୍ୟା ମୃତଦେହ ଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ତେବେ ଉକ୍ତ ନବଜାତ ଶିଶୁ କନ୍ୟା କେବେ ଏବଂ କେଉଁଠି ଜନ୍ମ ହୋଇଥିଲା ତଥା ତା'ର ମା' କେଉଁ ଅଙ୍ଗନୱାଡ଼ି କ୍ଷେତ୍ରର ତାହାର ତଦନ୍ତ ପାଇଁ ଦାବି ହେଉଛି। ଏନେଇ ରାସଗୋବିନ୍ଦପୁର ସିଡିପିଓ ମାଳତୀ ମାର୍ଣ୍ଡିଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ଅବଗତ ହୋଇଛନ୍ତି ଏବଂ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଠାକୁରମୁଣ୍ଡା,୩୧।୧୦(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ରେଞ୍ଜ ପଡ଼ିଆବେଡା ପଞ୍ଚାୟତ ଅନ୍ତର୍ଗତ ବୋଙ୍ଗିଂ ଗ୍ରାମରେ ଶୁକ୍ରବାର ସକାଳେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମହେନ୍ଦ୍ର ମହାନ୍ତ (୪୦)। ମହେନ୍ଦ୍ର ସକାଳୁ ଧାନବିଲକୁ ଯାଇଥିବା ସମୟରେ ଦୁଇଟି ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ହଠାତ୍ ଗୋଟିଏ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁଟି ମହେନ୍ଦ୍ରଙ୍କ ଡାହାଣ ଗୋଡ଼ ଆଣ୍ଠୁକୁ କାମୁଡ଼ି ଦେବା ଫଳରେ ସେ ଗୁରୁତର ହୋଇଥିଲେ। ପାଟି କରିବାରୁ ଅନ୍ୟ ଚାଷୀମାନେ ପହଞ୍ଚିବାରୁ ଭାଲୁ ଦୁଇଟି ସେଠାରୁ ଜଙ୍ଗଲକୁ ପଳାଇଥିଲେ।

## 'ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶର ମାଧ୍ୟମ ସୁରଭି'

ଗୋପବନ୍ଧୁ ନଗର,୩୧।୧୦
(ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ କୁଶଳଦା ପଞ୍ଚାୟତ ଆମ୍ବଯୋଡ଼ା ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ସତୁଆଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଏବଂ ବିଆରସିସି କୁଳମଣି ନାଏକ ଉଦ୍‌ଘାଟନ କରିଥିଲେ। ବକ୍ତୃତା, ସୃଜନଶୀଳ ଲିଖନ, କୁଇଜ, ପିଏମ ପୋଷଣ ଓ ଚିତ୍ର କଳା, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଭଳି ମୋଟ ୧୨ ଟି ଇଭେଣ୍ଟରେ ବ୍ଲକର ୧୪୫ ବିଦ୍ୟାଳୟର ୧୨ଟି କ୍ଲଷ୍ଟରରୁ ମୋଟ ୩୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମୋଟ ୩୬ ଜଣ ଛାତ୍ରୀଛାତ୍ର ବ୍ଲକସ୍ତରରୁ ଜିଲାସ୍ତରକୁ ମନୋନୀତ ହାଇଛନ୍ତି। ପ୍ରଥମ ଅଧିବେଶନରେ କୁଳମଣି ନାଏକଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ସତୁଆ, ଉକ୍ତ କ୍ଲଷ୍ଟରର ସିଆରସିସି କରୁଣା କର ମଣ୍ଡଳଙ୍କ ସମେତ ଅନ୍ୟ ସମସ୍ତ ସିଆରସିସି ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠି ଯୋଗଦେଇ ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇ ପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ରାମଚନ୍ଦ୍ର ସିଂ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଡାନ ମାର୍ଣ୍ଡି, କୁଳମଣି ନାଏକ, ପ୍ରଧାନ ଶିକ୍ଷକ ଅରୁଣ ସତୁଆ, ସାଧନ କେନ୍ଦ୍ର ସଂଯୋଜକ କରୁଣାକର ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବଙ୍କୀମଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପରିଡା, ରବୀନ୍ଦ୍ର କୁମାର ପ୍ରଧାନ, ବସନ୍ତ ନାଏକ, ପ୍ରିୟବ୍ରତ ବେହେରା ଓ, ପ୍ରିୟବ୍ରତ ବାରିକ ଆଦି ସମସ୍ତ ଶିକ୍ଷକ କାର୍ଯ୍ୟକ୍ର ପରିଚାଳନାରେ ସହଯୋଗ କରିଥିଲେ ।

# ବାରିପଦା ସହର ଚଳଚଞ୍ଚଳ ଦାବି ପୂରଣ ନ ହେଲେ ଆନ୍ଦୋଳନ

## ଜଗଧାତ୍ରୀ ପୂଜା

ବାରିପଦା,୩୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜଗଧାତ୍ରୀ ପୂଜା ପାଇଁ ବାରିପଦା ସହର ଚଳଚଞ୍ଚଳ ହୋଇଉଠିଛି। ସହରର ପ୍ରସିଦ୍ଧ ଭଞ୍ଜପୁର କୁମାର୍ସ କ୍ଲବର ସାର୍ବଜନୀନ ମା' ଜଗଧାତ୍ରୀଙ୍କ ପୂଜା ସମେତ ୪ଟି ସ୍ଥାନରେ ମା' ପୂଜା ପାଉଛନ୍ତି। ଭଞ୍ଜପୁରରେ ପୂଜା ୭୩ ବର୍ଷରେ ପହଞ୍ଚିଛି। ନଭେମ୍ବର ୩ ତାରିଖରୁ ୧୦ଦିନ ପାଇଁ ପ୍ରସିଦ୍ଧ ମେଳା ଆରମ୍ଭ ହେବ। ତେଲେଙ୍ଗାନାର ସଚିବାଳୟ ସଦୃଶ୍ୟ ଅବିକଳ ମେଢ଼ ଚଳିତ ବର୍ଷର ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଛି। ସେହିପରି ସ୍ଥାନୀୟ ଦେଉଳସାହିର ଏହି ପୂଜା ୮୫ବର୍ଷରେ ପଦାର୍ପଣ କରିଛି। ଅଁଳାନବମୀରେ ବୁଢ଼ାବଳଙ୍ଗ ନଦୀର ବୁଢ଼ାରାଉଳ ମଠ ସଙ୍ଗମସ୍ଥଳରୁ ୧୦୮ ଘଟ ବିରାଟ ଶୋଭାଯାତ୍ରାରେ ଅଣାଯାଇ ସ୍ଥାପନ ପୂର୍ବକ ପୂଜା ଆରମ୍ଭ ହୋଇଛି। ମା'ଙ୍କ ମୂର୍ତ୍ତିରେ ରୁପା ଅଳଙ୍କାର ସହିତ ସୁନ୍ଦର ସାଜସଜ୍ଜା ପାଇଁ ଭକ୍ତଙ୍କ ଭିଡ଼ି ଜମୁଛି। ସେହିପରି କେଏମ୍‌ବିଏମ ସାହିର ଜଗଧାତ୍ରୀ ପୂଜା ୭୯ବର୍ଷରେ ପହଞ୍ଚିଥିବା ବେଳେ ବୁଢ଼ାବଳଙ୍ଗ ନଦୀର ମଧୁବନ ନୌକାଘାଟରୁ ଘଟ ଉତ୍ତୋଳନ ପରେ ପୂଜା ଆରମ୍ଭ ହୋଇଛି। କଚେରୀ ପରିବା ମାର୍କେଟରେ ପୂଜା ୩୦ବର୍ଷରେ ପଦାର୍ପଣ କରିଛି। ସେହିପରି ସହରର ସମସ୍ତ ଦେବୀ ପୀଠରେ ମଧ୍ୟ ଜଗଧାତ୍ରୀଙ୍କ ପୂଜା ଆରମ୍ଭ ହୋଇଛି। ମନ୍ଦିର ଓ ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁ ବିଶେଷକରି ମହିଳା ଭକ୍ତମାନଙ୍କର ଭିଡ଼ ଜମୁଛି। ଏଥି ସହିତ ପୂଜା ମଣ୍ଡପଗୁଡ଼ିକରେ ସପ୍ତାହ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ଶାନ୍ତି ଶୃଙ୍ଖଳା ବଜାୟ ପାଇଁ ପୋଲିସ ମୁତୟନ କରାଯାଇଛି।


ଭଞ୍ଜପୁରରେ ପୂଜା ପାଉଥିବା ମା' ଜଗଧାତ୍ରୀଙ୍କ ମୃଣ୍ମୟ ମୂର୍ତ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ନେଇ ଦାବିପତ୍ର ଦେଲା ଭଞ୍ଜସେନା

ବାରିପଦା,୩୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସେବା ମିଳୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଡାକ୍ତର, କର୍ମଚାରୀ ଅଭାବ ସହିତ ଅସଜଡା ଭିତ୍ତିଭୂମି ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏପରିକି ଉପଯୁକ୍ତ ସେବା ପ୍ରଦାନ କରାଯାଇ ନ ପାରିବାରୁ ରୋଗୀଙ୍କୁ ବାରିପଦାସ୍ଥିତ ଜିଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କ ଜରିଆରେ ଦାବପିତ୍ର ପ୍ରଦାନ କରାଯାଇଛି। ମାସକ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଗଠନ ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୯ ପଞ୍ଚାୟତ ଅଧୀନ ୨୨୨ଟି ଗ୍ରାମର ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି। କେବଳ କାଗଜକଲମରେ ଡାକ୍ତରଖାନାକୁ ଭଲ ଦର୍ଶାଯାଉଥିବା ବେଳେ ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଡାକ୍ତରଖାନାରେ ମାତ୍ର ୧୬ଟି ଶଯ୍ୟା ରହିଥିବା ବେଳେ ରୋଗୀଙ୍କ ସଂଖ୍ୟାକୁ ନେଇ ଏହା ପର୍ଯ୍ୟାପ୍ତ ନୁହେଁ। ଫଳରେ ରୋଗୀମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ବ୍ଲକ୍ ମୁଖ୍ୟାଳୟ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣିଘାଟି ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟିବା ସହ ଗୁରୁତର ରୋଗୀମାନଙ୍କୁ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥାଏ। କଂକ୍ରିଟ ସ୍ଲାବ୍ ଉପରେ ରୋଗୀଙ୍କୁ ଶୁଆଇ ଚିକିତ୍ସା କରାଯାଉଥିବା ବେଳେ ଝରକା ଗ୍ରୀଲରେ ସାଲାଇନ ବୋତଲ ବନ୍ଧା ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଆନୁସଙ୍ଗିକ ପରୀକ୍ଷା ନୀରିକ୍ଷା ପାଇଁ ଏକ୍ସ-ରେ ବ୍ୟବସ୍ଥା ନ ଥିବା ବେଳେ ପ୍ରସୂତିଙ୍କ ପାଇଁ ଅଲଟ୍ରା ସାଉଣ୍ଡ ମେଶିନ ନ ଥିବାରୁ ଜିଲା ମୁଖ୍ୟାଳୟକୁ ରେଫର କରାଯାଉଛି। ସେହିପରି ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ଓ ଶୌଚାଳୟ ବ୍ୟବସ୍ଥା ଦେଖିଲେ ଡାକ୍ତରଖାନାରେ ରୋଗୀ କିପରି ସେବା ପାଉଛନ୍ତି ତାହା ଅନୁମାନ କରିହେବ। ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ସଙ୍ଗଠନ ପକ୍ଷରୁ ୧୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲା ଉପସଭାପତି ମନୋରଞ୍ଜନ ବାରିକ, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଭଞ୍ଜସେନା କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପ୍ରତ ପ୍ରଦାନ କରୁଛନ୍ତି।

**ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ**

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ପ୍ରତିମା ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ହୋଖାପୁର ଗ୍ରାମର ପ୍ରଫୁଲ୍ଲ ମହାନ୍ତ(୬୮)। ସୂଚନାଯୋଗ୍ୟ, ୩ ଜୁଲାଇ ୨୦୧୧ରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ସରକାରୀ ଆଇନଜୀବୀ ଅଜିତ୍ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।



# ସଙ୍କଟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀ

- ଦେଶ ବିଦେଶରେ ରଗବୀ ଖେଳର ପରିଚୟ ସୃଷ୍ଟି କରିଛି
- ମିଳୁନି ସରକାରୀ ସହାୟତା
- ପ୍ରତିଭାବାନ ଖେଳାଳିଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ

ବାରିପଦା,୩୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଦିଲ୍ଲୀରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଥିବା ମୟୂରଭଞ୍ଜ ଜିଲା ଟିମ୍।

ଦେଶ ଓ ବିଦେଶରେ ରଗବୀ ଖେଳକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମୟୂରଭଞ୍ଜ ଜିଲା ବାରିପଦାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମିର ଭବିଷ୍ୟତ ଏବେ ସଙ୍କଟରେ। ଆଦିବାସୀ ଯୁବତୀ ଯୁବକଙ୍କୁ ଉପଯୁକ୍ତ ତାଲିମ ସହିତ ସମସ୍ତ ପ୍ରକାର ନିଃଶୁଳ୍କ ସୁବିଧା ଯୋଗାଇ ଦେଉଥିବା ଏହି ଅନୁଷ୍ଠାନ ନାନା ସମସ୍ୟା ଦେଇ ଗତି କରୁଛି। ଏହି ଅନୁଷ୍ଠାନରୁ ତାଲିମ ନେଇ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଜିଲା ତଥା ରାଜ୍ୟ ଏବଂ ଦେଶକୁ ଗୌରବାନ୍ୱିତ କରିପାରିଛନ୍ତି। ରଗବି ଖେଳର ଏକ ଉଜ୍ଜ୍ୱଳ କେନ୍ଦ୍ର ଭାବେ ପରିଚିତ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମି ଏବେ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଛି। ଅର୍ଥାଭାବରୁ ନୂଆ ଖେଳାଳି ସୃଷ୍ଟି କରିବା ଏକାଡେମି ପାଇଁ କଷ୍ଟସାଧ ହୋଇପଡ଼ିଛି। ଫଳରେ ଯୁବ ପ୍ରତିଭାମାନେ ରଗବି ଖେଳରୁ ବଞ୍ଚିତ ହେବାକୁ ଥିବାବେଳେ ଅନେକ ପ୍ରତିଭାବାନ ଖେଳାଳିଙ୍କ ପ୍ରଗତି ଓ ସମ୍ଭାବନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୨୦୧୯ରେ ଏକାଡେମି ପକ୍ଷରୁ ୫ଜଣ ଖେଳାଳିଙ୍କୁ ନେଇ ବାରିପଦାଠାରେ ଫ୍ୟୁଚର ଷ୍ଟାର ସ୍ପୋର୍ଟ ଏକାଡେମି ଆରମ୍ଭ ହୋଇଥିଲା। ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଯୁବତୀ ଯୁବକମାନଙ୍କୁ ରଗବି ଖେଳରେ ତାଲିମ ପ୍ରଦାନ କରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଥିଲା। ଖେଳାଳିମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ଜିଲା, ରାଜ୍ୟ ଓ ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପରବର୍ତ୍ତୀ ସମୟରେ ଏହି ଏକାଡେମିରୁ ୪୨ଜଣ ଖେଳାଳି ଜାତୀୟ ରଗବି ଚାମ୍ପିୟନଶିପରେ ଭାଗନେଇ ତିନିଥର ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ୩ ଖେଳାଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ପ୍ରାପ୍ତ କରି ଭାରତ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏକାଡେମୀର ସଫଳତା ପଛରେ ରହିଛି ଏହାର ସମର୍ପିତ ପ୍ରଶିକ୍ଷକ ତଥା ଫାଉଣ୍ଡେସନର ଅକ୍ଳାନ୍ତ ପରିଶ୍ରମ। ଏହି ସଂସ୍ଥାରେ ଏବେ ୫୦ରୁ ଊର୍ଦ୍ଧ୍ୱ ଖେଳାଳି ରହିଛନ୍ତି। ସମସ୍ତ ଖେଳାଳି ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନେ ଏକାଡେମିରୁ ମାଗଣା ତାଲିମ, ଖାଦ୍ୟ, ଆନୁଷଙ୍ଗିକ ଉପକରଣ ଓ ଆବାସ ସୁବିଧା ପାଇ ନିଜର ପ୍ରତିଭାକୁ ପରିପୁଷ୍ଟ କରିଛନ୍ତି। ମାତ୍ର ସମ୍ପ୍ରତି ଏକାଡେମି ଏବେ ଗଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ଏକାଡେମିକୁ ସରକାରଙ୍କ ଅନୁଦାନ ମିଳୁ ନ ଥିବା ବେଳେ ସ୍ଥାନୀୟ ସମର୍ଥନ କମିବା ଯୋଗୁ ଏକାଡେମିର ନିୟମିତ କାର୍ଯ୍ୟକ୍ରମ ପ୍ରଭାବିତ ହେଉଛି। ଖେଳାଳିଙ୍କ ପାଇଁ ଆବଶ୍ୟକ ଖେଳ ଉପକରଣ, ପୁଷ୍ଟିକର ଖାଦ୍ୟ ଓ ପ୍ରଶିକ୍ଷଣ ସାମଗ୍ରୀ ଯୋଗାଇବାରେ ଏକାଡେମି ଅସୁବିଧାର ସମ୍ମୁଖୀନ ହେଉଛି। ଏହା ସହିତ ଘରଭଡ଼ା, ପ୍ରଶିକ୍ଷକ ଓ କର୍ମଚାରୀଙ୍କ ଦରମା ନିୟମିତ ଭାବେ ପ୍ରଦାନ କରାଯାଇ ପାରୁ ନ ଥିବାରୁ ସେମାନଙ୍କ ମନୋବଳ ମଧ୍ୟ ଦୁର୍ବଳ ହୋଇପଡ଼ିଛି।

ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ କହନ୍ତି, ଆମେ ଅନେକ ପ୍ରତିଭାବାନ ଖେଳାଳିଙ୍କୁ ତାଲିମ ଦେଇ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିଛୁ। କିନ୍ତୁ ଆର୍ଥିକ ଅଭାବ ଅନଟନ ପାଇଁ ଆମେ ଏହି ଯାତ୍ରାକୁ ଆଗେଇ ନେବାରେ ଅସୁବିଧା ଭୋଗ କରୁଛୁ। ସରକାରୀ ଓ ସାମାଜିକ ସମର୍ଥନ ବିନା ଏହା ଅଧିକ ଦିନ ଚାଲିପାରିବ ନାହିଁ। ତେଣୁ ସହଯୋଗର ଏକାନ୍ତ ଆବଶ୍ୟକ ରହିଛି। ଅନ୍ତର୍ଜାତୀୟ ରଗବି ଖେଳାଳି ସନ୍ଧ୍ୟାରାଣୀ ଟୁଡୁ ଓ ଅସୀମା ରାଣୀ ମାଝୀ କହନ୍ତି, ଏକାଡେମି ଆମ ପାଇଁ ସ୍ୱପ୍ନର ମଞ୍ଚ ଦେଇଛି। କିନ୍ତୁ ଏବେ ଆର୍ଥିକ ଅସୁବିଧା ଯୋଗୁ ଆମର ଭବିଷ୍ୟତ ସ୍ୱପ୍ନ ଅଧୁରା ରହିଯିବାର ଆଶଙ୍କା ଦେଖାଦେଇଛି। ତେବେ ମୟୂରଭଞ୍ଜ ରାଜପରିବାରର ମୟୂରଭଞ୍ଜ ଫାଉଣ୍ଡେସନ ପକ୍ଷରୁ ଫ୍ୟୁଚର ଷ୍ଟାର ସ୍ପୋର୍ଟସକୁ ପ୍ରତି ମାସରେ କିଛି ଆର୍ଥିକ ସହଯୋଗ ଯୋଗାଇ ଦିଆଯାଉଥିଲେ ହେଁ ସେଥିରେ ସମସ୍ତ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଆର୍ଥିକ ପ୍ରୋତ୍ସାହନ ମିଳିଲେ ଏଠାକାର ପ୍ରତିଭାବାନ ଖେଳାଳି ଅଧିକ ପ୍ରଗତି କରିପାରନ୍ତେ ବୋଲି ମୟୂରଭଞ୍ଜ ଫାଉଣ୍ଡେସନର କର୍ମକର୍ତ୍ତା ବିଶ୍ୱଜିତ ଦାସ କହିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ଓ କ୍ରୀଡ଼ାପ୍ରେମୀମାନେ ମଧ୍ୟ ଏକାଡେମିକୁ ସମର୍ଥନ ଦେବା ପାଇଁ ଆଗେଇ ଆସିବା ଉଚିତ। ଏହାଦ୍ୱାରା ନା କେବଳ ଏକାଡେମିର ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବରଂ ମୟୂରଭଞ୍ଜ ଯୁବପିଢ଼ି ମଧ୍ୟ ନିଜର ସ୍ୱପ୍ନକୁ ପୂରଣ କରିପାରିବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ କହନ୍ତି, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାକୁ ଯାଉଥିବା ଖେଳାଳିମାନଙ୍କୁ ସରକାରୀ ସ୍ତରରେ ସହଯୋଗ କରାଯାଉଛି। ତାଙ୍କ ଅସୁବିଧା ସମ୍ପର୍କରେ କୌଣସି ଅଭିଯୋଗ ଆସି ନ ଥିବା ବେଳେ ନିୟମ ଅନୁଯାୟୀ ସରକାରୀସ୍ତରରେ ସହଯୋଗ ପ୍ରଦାନ କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି।

## ଉଡ଼ିଗଲା ପତିତପାବନ ନେତ

### ବାରିପଦା ଜଗନ୍ନାଥ ମନ୍ଦିର

ବାରିପଦା,୩୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିରରେ ଶୁକ୍ରବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନୀଳଚକ୍ର ଉପରୁ ପତିତପାବନ ନେତ ଉଡ଼ିଯାଇଛି। ମନ୍ଦିରରେ ସ୍ୱତନ୍ତ୍ର ନୀତି ହେବା ପରେ ପୁଣି ଥରେ ନେତ ଲାଗି ହୋଇଛି। ଶୁକ୍ରବାର ପବିତ୍ର ଅଁଳା ନବମୀ ପାଇଁ ମନ୍ଦିରରେ ସକାଳ ନୀତିକାନ୍ତି ଶେଷ ହୋଇଥିଲା। ତେବେ ହଠାତ୍ ନୀଳଚକ୍ର ଉପରେ ପତିତପାବନ ବାନା ନ ଥିବା ଦେଖି ସ୍ଥାନୀୟ ଲୋକେ ମନ୍ଦିର ସେବାୟତଙ୍କୁ ଖବର ଦେଇଥିଲେ। ଗୋଟିଏ ପଟେ ଅଁଳା ନବମୀ ପୂଜା ପାଇଁ ମନ୍ଦିର ବେଢାରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଅନ୍ୟପଟେ ନୀଳଚକ୍ର ଉପରୁ ପତିତପାବନ ବାନା ଉଡ଼ିଯିବା ଘଟଣା ଭକ୍ତଙ୍କୁ ଭିତରେ ଅନେକ ଆଶଙ୍କା ସୃଷ୍ଟି କରିଥିଲା। ତେବେ ବିଗତ ଦିନରେ ଅନେକ ବାତ୍ୟା ପବନରେ ମଧ୍ୟ କେବେ ଏଭଳି ଘଟଣା ଘଟି ନ ଥିଲା। କିନ୍ତୁ ସାମାନ୍ୟ ପବନରେ ବାନା ଉଡ଼ିଯିବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଖବର ପ୍ରଘଟ ହେବାର ପ୍ରାୟ ଏକଘଣ୍ଟା ପରେ ପୁଣି ନୂତନ ବାନା ଲାଗି ହୋଇଥିଲା। ଏ ନେଇ ପୂଜକ କାମେଶ୍ୱର ତ୍ରିପାଠୀ କହିଛନ୍ତି ଯେ, ନେତ ଛିଣ୍ଡିବାକୁ ଅଶୁଭ ଭାବେ ଗଣନା କରାଯାଇଛି।

## ଜାତୀୟ ଏକତା ଦିବସ

ବାରିପଦା,୩୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜନ୍ମତିଥି ଅବସରରେ ଜିଲା ବ୍ୟାପି ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଜାତୀୟ ଏକତା ଦିବସ' ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ଏକତା ଓ ଅଖଣ୍ଡତା ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

**ବେତନଟୀ (ଧରଣୀଧର ମହାନ୍ତି):** ବେତନଟୀ ଥାନା ପକ୍ଷରୁ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଶୁକ୍ରବାର ସକାଳ ୮ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ସସ୍ମିତା ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ସମ୍ମାନୀତ ଅତିଥିଭାବେ ଏସ୍‌ଡିପିଓ ମିନତୀ ବିଶ୍ୱାଳ ଯୋଗ ଦେଇଥିଲେ। ବେତନଟୀ ପଦ୍ମମାଳି ମହିଳା ସଂଗଠନ, ଆମ ଗାଁ ଖଟି ସଂଗଠନ, ବରିଷ୍ଠ ନାଗରିକ, ବିଭିନ୍ନ କଲେଜ ଛାତ୍ରୀଛାତ୍ର, ଥାନାର କର୍ମଚାରୀ ଏବଂ ଜନସାଧାରଣ ଯୋଗ ଦେଇଥିଲେ।





ବେତନଟୀ ଥାନା ପକ୍ଷରୁ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମ।

**ଉଦଳା(ସନ୍ତୋଷ କୁମାର ବାଛିନୀ):** ଉଦଳା ପୋଲିସ ତରଫରୁ ଶୁକ୍ରବାର ସକାଳ ୭ଟା ସମୟରେ ଉଦଳା ମହାବିଦ୍ୟାଳୟ ସମ୍ମୁଖରୁ ଏକତା ଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ପୋଲିସ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଆଇଆଇସି ବନମାଳୀ ବାରିକଙ୍କ ସଭାପତିତ୍ୱରେ ବିଧାୟକ ଭାସ୍କର ମଢ଼େଇ, ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାଏକ, ପୂର୍ବ ଜିଲା ଭାଜପା ସଭାପତି ନିହାର ରଞ୍ଜନ ମୋଦି, ପ୍ରଭାତ ପରିଡ଼ା, ଶ୍ରୀକାନ୍ତ କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ହୋଇ ସର୍ଦ୍ଦାର ପଟେଲଙ୍କ ସ୍ମୃତିଚାରଣ କରିଥିଲେ।

**ମୋରଡ଼ା (ସ୍ମାରକ ମାଜୀ):** ମୋରଡ଼ା ବ୍ଲକ୍ ଅଧୀନ ବଇଁଚିଡ଼ିହା ଛକଠାରୁ ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଭାଜପା ଚିତ୍ରଡା ମଣ୍ଡଳ ସଭାପତି ପ୍ରକାଶଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଛତିଶ ଚନ୍ଦ୍ର ମହାନ୍ତ, ହୃଷିକେଶ ମହାନ୍ତ ସଞ୍ଜୟ ମାର୍ଣ୍ଡି, ସଦା ମହାନ୍ତ, ବିଜୟାନନ୍ଦ ମହାନ୍ତ, ବୁଧେଶ୍ୱର ବେହେରା, ଲକ୍ଷ୍ମୀଧର ମହାନ୍ତ, ଆଦର୍ଶ ମାଝୀ ପ୍ରମୁଖଙ୍କ ସହିତ ଅଞ୍ଚଳବାସୀ ଏବଂ ଚିତ୍ରଡା ଫାଣ୍ଡି, ମୋରଡା ଥାନା ପୋଲିସ ସାମିଲ ହୋଇଥିଲେ।

**ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ):** ଠାକୁରମୁଣ୍ଡା ଥାନା ପରିସରରେ ଅନୁଷ୍ଠିତ ସଭାରେ ଥାନାଧିକାରୀଣୀ ସାବିତ୍ରୀ ଦଳେଇ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଠାକୁରମୁଣ୍ଡା ଏବିଡିଓ ଟଙ୍କଧର ମହାନ୍ତ, ସବ ଇନ୍ସପେକ୍ଟର ଅନିତା ସ୍ୱାଇଁ, ସାମାଜିକ କର୍ମୀ ପଦ୍ମଲୋଚନ ନନ୍ଦ ଯୋଗଦେଇ ଲୌହ ମାନବଙ୍କ ସ୍ମୃତି ଚାରଣ କରିଥିଲେ। ଠାକୁରମୁଣ୍ଡା ହନୁମାନ ଛକ ନିକଟରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନ, ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତସରପଞ୍ଚ ସୁଜିତ କୁମାର ଲୁଗୁନ ଯୋଗ ଦେଇଥିଲେ।

**କରଞ୍ଜିଆ (କବିତା ମହାନ୍ତ):** କରଞ୍ଜିଆ ଥାନା ପକ୍ଷରୁ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଶରତ ଚନ୍ଦ୍ର ମାହାଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ନବକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ମ୍ୟୁନିସିପାଲଟି ଉପାଧକ୍ଷ ସ୍ୱରୂପ କୁମାର ପରିଜା, କାଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, ପି.ଏ. ଚିତ୍ତରଞ୍ଜନ ମହାନ୍ତ, ଓକିଲ ସଂଘର ସଭାପତି ମଦନ ମହନ ମହାନ୍ତ, ସମ୍ପାଦକ ସରୋଜ କୁମାର ରାଉଳ, ବକ୍ତା ଭାବେ ଆର.ଏନ. ଡିଗ୍ରୀ କଲେଜର ଅଧକ୍ଷ ଡା. ଭାଗବତ ଲେଙ୍କା ଯୋଗ ଦେଇଥିଲେ।

## ପାଣିରେ ବୁଡ଼ି ଶିଶୁ କନ୍ୟା ମୃତ

ବୈଶିଙ୍ଗା,୩୧।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଭାଲିଆଡିହା ଗ୍ରାମରେ ଖେଳୁଥିବାବେଳେ ପାଣିରେ ବୁଡ଼ି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାପି ହାଁସଦାଙ୍କ ୨ ବର୍ଷୀୟା ଝିଅ ନାଗେଶ୍ୱରୀ। ଖବରପାଇ ବୈଶିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ତଦନ୍ତ ଆରମ୍ଭ କରିଛି।

## ସ୍ତ୍ରୀ ହତ୍ୟାକାରୀଙ୍କୁ ୭ ବର୍ଷ ଜେଲ

ବାରିପଦା,୩୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ(୨) ଜିଲା ଓ ଦୌରା ଜଜ୍‌କୋର୍ଟରେ ଶୁକ୍ରବାର ଏକ ନରହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମନ କୁମାର ମିଶ୍ର ଏହାର ବିଚାର କରି ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଥାନା ସିତୁଣ୍ଡି ଗ୍ରାମର ବାପି ବିନ୍ଧାଣୀ(୩୫)। ମାମଲାର ବିବରଣୀ ଅନୁଯାୟୀ, ବାରିପଦା ଟାଉନ ଥାନା ଅଞ୍ଚଳରେ ବାପି ଓ ତାଙ୍କ ସ୍ତ୍ରୀ ମଇନା ରହୁଥିଲେ। କୌଣସି କାରଣକୁ ନେଇ ୨୦୨୪ ଫେବୃଆରୀ ୮ ତାରିଖ ରାତିରେ ବାପି ସହିତ ମଇନାଙ୍କର ପାଟିତୁଣ୍ଡ ହୋଇଥିଲା। ବାପି ଉତ୍କ୍ଷିପ୍ତ ହୋଇ ମଇନାଙ୍କୁ ଠେଲି ଦେବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଘଟଣା ପରେ ବାପି ଫେରାର ହୋଇଯାଇଥିଲେ। ତେବେ ସକାଳେ ମଇନା ମରି ପଡ଼ିଥିବା ଜାଣି ତାଙ୍କ ମା' ଗୁରୁବାରୀ ବାସ୍କେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୨/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ବି.କେ.ମହାନ୍ତି ପରିଚାଳନା କରୁଥିଲେ।

## ସାଇବର ଅପରାଧ ସମ୍ପର୍କିତ ସଚେତନତା ଶିବିର

ବୈଶିଙ୍ଗା,୩୧।୧୦ (ରତନ ଦାଶ)

ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ସାଇବର ଅପରାଧ ବଢ଼ି ଚାଲିଛି। ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ଅଭାବରୁ ଧନ ଓ ଜନ ଉଭୟ ହାନି ଘଟି ଚାଲିଛି। ଏହାର ନିରାକରଣ ପାଇଁ ରାଜ୍ୟର ସମସ୍ତ ଥାନା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ କଲେମୋନଙ୍କରେ ଶିବିର ମାଧ୍ୟମରେ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧି ଡିଗ୍ରୀ ମହାବିଦ୍ୟାଳୟରେ ବୈଶିଙ୍ଗା ପୋଲିସ ପକ୍ଷରୁ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମମତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବୈଶିଙ୍ଗା ଥାନାର ଅଧିକାରୀମାନେ ଯୋଗଦେଇ ସାଇବର କ୍ରାଇମର ବିଭିନ୍ନ ଦିଗ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଇଥିଲେ।





ସଚେନତନତା ଶିବିରରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

## ନବଜାତ ଶିଶୁ କନ୍ୟା ମୃତଦେହ ଜବତ

ମୋରଡ଼ା(ସ୍ମାରକ ମାଜୀ)/
ରାସଗୋବିନ୍ଦପୁର(ସତ୍ୟବାଦୀ ପରିଡ଼ା), ୩୧।୧୦

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ପୋଲିସ ଶୁକ୍ରବାର ଏକ ନବଜାତ ଶିଶୁ କନ୍ୟା ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ସମୟରେ ରାସଗୋବିନ୍ଦପୁର ଥାନା ଅଧୀନ ମୁଷାମାରୀ ଛକଠାରୁ ୨୦୦ ମିଟର ଦୂର ଏକ ନିଛାଟିଆ ସ୍ଥାନରେ ପଡ଼ିଥିବା ଏକ ବ୍ୟାଗରେ ନବଜାତ ଶିଶୁକନ୍ୟା ମୃତଦେହ ଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ତେବେ ଉକ୍ତ ନବଜାତ ଶିଶୁ କନ୍ୟା କେବେ ଏବଂ କେଉଁଠି ଜନ୍ମ ହୋଇଥିଲା ତଥା ତା'ର ମା' କେଉଁ ଅଙ୍ଗନୱାଡ଼ି କ୍ଷେତ୍ରର ତାହାର ତଦନ୍ତ ପାଇଁ ଦାବି ହେଉଛି। ଏନେଇ ରାସଗୋବିନ୍ଦପୁର ସିଡିପିଓ ମାଳତୀ ମାର୍ଣ୍ଡିଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ଅବଗତ ହୋଇଛନ୍ତି ଏବଂ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଠାକୁରମୁଣ୍ଡା,୩୧।୧୦(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ରେଞ୍ଜ ପଡ଼ିଆବେଡା ପଞ୍ଚାୟତ ଅନ୍ତର୍ଗତ ବୋରିଂ ଗ୍ରାମରେ ଶୁକ୍ରବାର ସକାଳେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମହେନ୍ଦ୍ର ମହାନ୍ତ (୪୦)। ମହେନ୍ଦ୍ର ସକାଳୁ ଧାନବିଲକୁ ଯାଇଥିବା ସମୟରେ ଦୁଇଟି ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ହଠାତ୍ ଗୋଟିଏ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁଟି ମହେନ୍ଦ୍ରଙ୍କ ଡାହାଣ ଗୋଡ଼ ଆଣ୍ଠୁକୁ କାମୁଡ଼ି ଦେବା ଫଳରେ ସେ ଗୁରୁତର ହୋଇଥିଲେ। ପାଟି କରିବାରୁ ଅନ୍ୟ ଚାଷୀମାନେ ପହଞ୍ଚିବାରୁ ଭାଲୁ ଦୁଇଟି ସେଠାରୁ ଜଙ୍ଗଲକୁ ପଳାଇଥିଲେ।

## 'ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶର ମାଧ୍ୟମ ସୁରଭି'

ଗୋପବନ୍ଧୁ ନଗର,୩୧।୧୦
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ କୁଶଳଦା ପଞ୍ଚାୟତ ଆମ୍ବଯୋଡ଼ା ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ସତୁଆଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରାଧନ ଶିକ୍ଷକ ଏବଂ ବିଆରସିସି କୁଳମଣି ନାଏକ ଉଦ୍‌ଘାଟନ କରିଥିଲେ। ବକ୍ତୃତା, ସୃଜନଶୀଳ ଲିଖନ, କୁଇଜ, ପିଏମ ପୋଷଣ ଓ ଚିତ୍ର କଳା, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଭଳି ମୋଟ ୧୨ ଟି ଇଭେଣ୍ଟରେ ବ୍ଲକର ୧୪୫ ବିଦ୍ୟାଳୟର ୧୨ଟି କ୍ଲଷ୍ଟରରୁ ମୋଟ ୩୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମୋଟ ୩୬ ଜଣ ଛାତ୍ରୀଛାତ୍ର ବ୍ଲକସ୍ତରରୁ ଜିଲାସ୍ତରକୁ ମନୋନୀତ ହାଇଛନ୍ତି। ପ୍ରଥମ ଅଧିବେଶନରେ କୁଳମଣି ନାଏକଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ସତୁଆ, ଉକ୍ତ କ୍ଲଷ୍ଟରର ସିଆରସିସି କରୁଣା କର ମଣ୍ଡଳଙ୍କ ସମେତ ଅନ୍ୟ ସମସ୍ତ ସିଆରସିସି ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠି ଯୋଗଦେଇ ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇ ପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ରାମଚନ୍ଦ୍ର ସିଂ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଦ୍ଧାନ ମାର୍ଣ୍ଡି, କୁଳମଣି ନାଏକ, ପ୍ରଧାନ ଶିକ୍ଷକ ଅରୁଣ ସତୁଆ, ସାଧନ କେନ୍ଦ୍ର ସଂଯୋଜକ କରୁଣାକର ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବଙ୍କୀମଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପରିଡା, ରବୀନ୍ଦ୍ର କୁମାର ପ୍ରଧାନ, ବସନ୍ତ ନାଏକ, ପ୍ରିୟବ୍ରତ ବେହେରା ଓ, ପ୍ରିୟବ୍ରତ ବାରିକ ଆଦି ସମସ୍ତ ଶିକ୍ଷକ କାର୍ଯ୍ୟକ୍ର ପରିଚାଳନାରେ ସହଯୋଗ କରିଥିଲେ।

# ବାରିପଦା ସହର ଚଳଚଞ୍ଚଳ

## ଜଗଧାତ୍ରୀ ପୂଜା

ବାରିପଦା,୩୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜଗଧାତ୍ରୀ ପୂଜା ପାଇଁ ବାରିପଦା ସହର ଚଳଚଞ୍ଚଳ ହୋଇଉଠିଛି। ସହରର ପ୍ରସିଦ୍ଧ ଭଞ୍ଜପୁର କୁମାର୍ସ କ୍ଲବର ସାର୍ବଜନୀନ ମା' ଜଗଧାତ୍ରୀଙ୍କ ପୂଜା ସମେତ ୪ଟି ସ୍ଥାନରେ ମା' ପୂଜା ପାଉଛନ୍ତି। ଭଞ୍ଜପୁରରେ ପୂଜା ୭୩ ବର୍ଷରେ ପହଞ୍ଚିଛି। ନଭେମ୍ବର ୩ ତାରିଖରୁ ୧୦ଦିନ ପାଇଁ ପ୍ରସିଦ୍ଧ ମେଳା ଆରମ୍ଭ ହେବ। ତେଲେଙ୍ଗାନାର ସଚିବାଳୟ ସଦୃଶ୍ୟ ଅବିକଳ ମେଢ଼ ଚଳିତ ବର୍ଷର ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଛି। ସେହିପରି ସ୍ଥାନୀୟ ଦେଉଳସାହିର ଏହି ପୂଜା ୮୫ବର୍ଷରେ ପଦାର୍ପଣ କରିଛି। ଅଁଳାନବମୀରେ ବୁଢ଼ାବଳଙ୍ଗ ନଦୀର ବୁଢ଼ାରାଉଳ ମଠ ସଙ୍ଗମସ୍ଥଳରୁ ୧୦୮ ଘଟ ବିରାଟ ଶୋଭାଯାତ୍ରାରେ ଅଣାଯାଇ ସ୍ଥାପନ ପୂର୍ବକ ପୂଜା ଆରମ୍ଭ ହୋଇଛି। ମା'ଙ୍କ ମୂର୍ତ୍ତିରେ ରୁପା ଅଳଙ୍କାର ସହିତ ସୁନ୍ଦର ସାଜସଜ୍ଜା ପାଇଁ ଭକ୍ତଙ୍କ ଭିଡ଼ି ଜମୁଛି। ସେହିପରି କେଏମ୍‌ଏମ ସାହିର ଜଗଧାତ୍ରୀ ପୂଜା ୭୯ବର୍ଷରେ ପହଞ୍ଚିଥିବା ବେଳେ ବୁଢ଼ାବଳଙ୍ଗ ନଦୀର ମଧୁବନ ନୌକାଘାଟରୁ ଘଟ ଉତ୍ତୋଳନ ପରେ ପୂଜା ଆରମ୍ଭ ହୋଇଛି। କଚେରୀ ପରିବା ମାର୍କେଟରେ ପୂଜା ୩୦ବର୍ଷରେ ପଦାର୍ପଣ କରିଛି। ସେହିପରି ସହରର ସମସ୍ତ ଦେବୀ ପୀଠରେ ମଧ୍ୟ ଜଗଧାତ୍ରୀଙ୍କ ପୂଜା ଆରମ୍ଭ ହୋଇଛି। ମନ୍ଦିର ଓ ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁ ବିଶେଷକରି ମହିଳା ଭକ୍ତମାନଙ୍କର ଭିଡ଼ ଜମୁଛି। ଏଥି ସହିତ ପୂଜା ମଣ୍ଡପଗୁଡ଼ିକରେ ସପ୍ତାହ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ଶାନ୍ତି ଶୃଙ୍ଖଳା ବଜାୟ ପାଇଁ ପୋଲିସ ମୁତୟନ କରାଯାଇଛି।



ଭଞ୍ଜପୁରରେ ପୂଜା ପାଉଥିବା ମା' ଜଗଧାତ୍ରୀଙ୍କ ମୃଣ୍ମୟ ମୂର୍ତ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ନେଇ ଦାବିପତ୍ର ଦେଲା ଭଞ୍ଜସେନା

ବାରିପଦା,୩୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସେବା ମିଳୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଡାକ୍ତର, କର୍ମଚାରୀ ଅଭାବ ସହିତ ଅସଜଡା ଭିତ୍ତିଭୂମି ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏପରିକି ଉପଯୁକ୍ତ ସେବା ପ୍ରଦାନ କରାଯାଇ ନ ପାରିବାରୁ ରୋଗୀଙ୍କୁ ବାରିପଦାସ୍ଥିତ ଜିଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କ ଜରିଆରେ ଦାବପିତ୍ର ପ୍ରଦାନ କରାଯାଇଛି। ମାସକ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଗଠନ ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୯ ପଞ୍ଚାୟତ ଅଧୀନ ୨୨୨ଟି ଗ୍ରାମର ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି। କେବଳ କାଗଜକଲମରେ ଡାକ୍ତରଖାନାକୁ ଭଲ ଦର୍ଶାଯାଉଥିବା ବେଳେ ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଡାକ୍ତରଖାନାରେ ମାତ୍ର ୧୬ଟି ଶଯ୍ୟା ରହିଥିବା ବେଳେ ରୋଗୀଙ୍କ ସଂଖ୍ୟାକୁ ନେଇ ଏହା ପର୍ଯ୍ୟାପ୍ତ ନୁହେଁ। ଫଳରେ ରୋଗୀମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ବ୍ଲକ୍ ମୁଖ୍ୟାଳୟ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣିଘାଟି ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟିବା ସହ ଗୁରୁତର ରୋଗୀମାନଙ୍କୁ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥାଏ। କଂକ୍ରିଟ ସ୍ଲାବ୍ ଉପରେ ରୋଗୀଙ୍କୁ ଶୁଆଇ ଚିକିତ୍ସା କରାଯାଉଥିବା ବେଳେ ଝରକା ଗ୍ରୀଲରେ ସାଲାଇନ ବୋତଲ ବନ୍ଧା ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଆନୁସଙ୍ଗିକ ପରୀକ୍ଷା ନୀରିକ୍ଷା ପାଇଁ ଏକ୍ସ-ରେ ବ୍ୟବସ୍ଥା ନ ଥିବା ବେଳେ ପ୍ରସୂତିଙ୍କ ପାଇଁ ଅଲଟ୍ରା ସାଉଣ୍ଡ ମେଶିନ ନ ଥିବାରୁ ଜିଲା ମୁଖ୍ୟାଳୟକୁ ରେଫର କରାଯାଉଛି। ସେହିପରି ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ଓ ଶୌଚାଳୟ ବ୍ୟବସ୍ଥା ଦେଖିଲେ ଡାକ୍ତରଖାନାରେ ରୋଗୀ କିପରି ସେବା ପାଉଛନ୍ତି ତାହା ଅନୁମାନ କରିହେବ। ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ସଙ୍ଗଠନ ପକ୍ଷରୁ ୧୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲା ଉପସଭାପତି ମନୋରଞ୍ଜନ ବାରିକ, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଭଞ୍ଜସେନା କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପ୍ରତ ପ୍ରଦାନ କରୁଛନ୍ତି।

# ଦୁଇ ସେନା କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡ

## ସ୍କୁଲ ବସ୍ ଭିତରେ ୪ବର୍ଷର ଶିଶୁକନ୍ୟାଙ୍କୁ ଯୌନ ଶୋଷଣ ମାମଲା

### ପୀଡ଼ିତାଙ୍କୁ ସାଢେ ୧୦ ଲକ୍ଷ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର, ୩୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳରେ ଥିବା ଆର୍ମି ଏଡି କଲେଜ ପରିସରରେ ଗତ ଜାନୁଆରୀ ମାସରେ ଏକ ଲଜ୍ଜାଜନକ ଘଟଣା ଘଟିଥିଲା। ଏକ ବସ୍ ଭିତରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ୨ଜଣ ସେନା କର୍ମଚାରୀ ଯୌନ ଶୋଷଣ କରିଥିଲେ। ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ମାମଲାର ଚୂଡାନ୍ତ ରାୟ ଘଟଣାର ୧୦ ମାସରେ ଶୁଣାଣି କରି ସମ୍ପୃକ୍ତ ବସ୍‌ରେ କାର୍ଯ୍ୟରତ ଦୁଇ ଜଣ ସେନା କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୁଜରାଟ ମେହେସନା ଜିଲା ସତଲାସନର ମୂଳନିବାସୀ ଭୂତେଦିଆ ଜଏସ କୁମାର (୩୦) ଓ ଦେଓଗଡ଼ ଜିଲା ବରକୋଟ ଥାନା ଅନ୍ତର୍ଗତ ବାଇଧର ଗାଁର ହସେଲଦାର ମୁଣ୍ଡା (୩୭)। ଜଏସ କୁମାର ଗୋପାଳପୁର ଆର୍ମି ଏଡି କଲେଜରେ ହାବିଲଦାର ଭାବେ କାର୍ଯ୍ୟ କରୁଥିବା ବେଳେ ହସେଲଦାର ଆର୍ମି ଏଡିକଲେଜର ନାୟକ ରୂପେ କାର୍ଯ୍ୟ କରୁଥିଲେ। ଜଜ୍ ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୦ ହଜାର ଲେଖାଏ ଜରିମାନା ଦେବାକୁ ଶୁଣାଣିରେ ଉଲ୍ଲେଖ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କଠାରୁ ଆଦାୟ ୨୦ ହଜାର ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ୨ ଅଭିଯୁକ୍ତ ୬ମାସ ଲେଖାଏ ଅଧିକ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଜଜ୍ ପୀଡ଼ିତାଙ୍କୁ ସାଢେ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ଜାନୁଆରୀ ୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂଲିଶ ମାଧ୍ୟମ ସ୍କୁଲରେ ପଢୁଥିବା ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ଭୟଭୀତ କରି ଏକ ସ୍କୁଲ ବସ୍ ଭିତରେ ଯୌନ ଶୋଷଣ କରାଯାଇଥିଲା। ପୀଡ଼ିତା ଛାତ୍ରୀଙ୍କ ଚିତ୍କାର ଶୁଣି ବସ୍‌ଷ୍ଟପ୍ ନିକଟରେ ଅପେକ୍ଷା କରିଥିବା ତାଙ୍କ ଜେଜେ ମା' ବସ୍ ଭିତରକୁ ଯାଇ ତାଙ୍କ ନାତୁଣୀଙ୍କୁ ଏଭଳି ଲଜ୍ଜାଜନକ ଅବସ୍ଥାରେ ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ତାଙ୍କ ବୋହୂ ଓ ପରେ ପୁଅଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଏନେଇ ଜାନୁଆରୀ ୩ ତାରିଖରେ ଗୋପାଳପୁର ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ପୀଡ଼ିତାଙ୍କ ବୟାନକୁଆଧାରକରି ନଂ. ୦୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଉକ୍ତ ବସ୍‌ରେ ଡ୍ରାଇଭର ଥିବା ଜଏସ କୁମାର ଓ ହେଲ୍‌ପର ହସେଲଦାରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ପରେ ଉଭୟଙ୍କୁ ଗତ ଜାନୁଆରୀ ୪ ତାରିଖରେ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତଥା ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା ଏନେଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବିଚାରାଧୀନ ବନ୍ଦୀ ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଏଫ୍‌ଏମ୍‌ଟି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାଶଙ୍କ ମେଡିକାଲ ରିପୋର୍ଟ ଓ ସମସ୍ତ ପ୍ରମାଣକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।



ଅଭିଯୁକ୍ତ ୨ ସେନା କର୍ମଚାରୀ।

# ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

## ଛୁଟି ମଞ୍ଜୁର ପାଇଁ ନେଉଥିଲେ ଲାଞ୍ଚ

ଫୁଲବାଣୀ/ଦାରିଙ୍ଗବାଡ଼ି, ୩୧।୧୦(ରାକେଶ କୁମାର ରାଉତ/ଅରୁଣ ସାହୁ)

ଜଣେ ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟଙ୍କ ଛୁଟି ମଞ୍ଜୁର କରିବା ପାଇଁ ଲାଞ୍ଚ ନେଇ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କୁ ଫୁଲବାଣୀ ଭିଜିଲାନ୍ସ ଟିମ୍ ଗିରଫ କରିଛି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍ ବୁଢ଼ାଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମହିଳା ରୋଷେୟା ତଥା ଆଟେଣ୍ଡାଣ୍ଟ ସୁରେଖା ପ୍ରଧାନ(୩୧)ଙ୍କ ଛୁଟି ମଞ୍ଜୁର କରିବା ପାଇଁ ପ୍ରଧାନଶିକ୍ଷକ କୁମରମଣି ମଳିକ ଅର୍ଥ ଦାବି କରିଆସୁଥିଲେ। ଏଥିପାଇଁ ସେ ବାରମ୍ବାର ଫୋନରେ ମଧ୍ୟ ଅର୍ଥ ଦାବି କରୁଥିଲେ। ଏହାର ପ୍ରମାଣକୁ ସୁରେଖା ନିଜ ମୋବାଇଲ କଲ୍ ରେକର୍ଡରେ ରଖି ସେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।

ପ୍ରଧାନଶିକ୍ଷକ ନିଜ ଫୋନ୍ ପେ'ରେ ଏହି ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଅଭିଯୋଗକାରୀ ସୁରେଖା ପ୍ରଧାନଶିକ୍ଷକଙ୍କୁ ନିଜ ଫୋନ ପେ'ରୁ ୪ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ଡିଏସ୍‌ପି ହେମନ୍ତ ମହାନ୍ତିଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ କାବୁ କରିଥିଲା। ଏହି ସମୟରେ ତାଙ୍କଠାରୁ ଲାଞ୍ଚ ଗ୍ରହଣ କରିଥିବା ମୋବାଇଲ ଫୋନ ଓ ଅନ୍ୟ ଆବଶ୍ୟକ ପ୍ରମାଣ ଜବତ କରାଯାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ୧୬/୨୫ ମାମଲା ରୁଜୁ କରାଯାଇ ଅଧିକା ତଦନ୍ତ ଜାରି ଥିବା ଭିଜିଲାନ୍ସ ଡିଏସ୍‌ପି ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟଟି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆବର୍ଗ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି।



କୁମରମଣି ମଳିକ

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

## କାଦୁଆ ଜଗନ୍ନାଥପ୍ରସାଦରେ ବଧୂହତ୍ୟା ଅଭିଯୋଗର ରାୟ

ନୟାଗଡ଼, ୩୧।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଫତେଗଡ଼ ଥାନା କାଦୁଆ ଜଗନ୍ନାଥପ୍ରସାଦ ଗାଁର ବଧୂହତ୍ୟା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ୧୨ ସାକ୍ଷୀ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଜବାବସୁଆଲ, ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା ସ୍ତ୍ରୀ ହତ୍ୟାକାରୀ ଜିତେନ୍ଦ୍ର ଝୁଝାରସିଂଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷେ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ବର୍ଷେ ଅଧିକ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ପ୍ରାପ୍ତ ସୂଚନା ଅନୁସାରେ, କେଶରସିଂ ଗାଁର ରାଜ କିଶୋର ନାୟକଙ୍କ ଝିଅ ମେଘେଇ (୨୫) ୬ ବର୍ଷ ତଳେ କାଦୁଆ ଜଗନ୍ନାଥପ୍ରସାଦ ଗାଁର ଫକିର ଝୁଝାରସିଂଙ୍କ ପୁଅ ଜିତେନ୍ଦ୍ର (୩୪)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ କନ୍ୟାଘର ତରଫରୁ ୩୦ ହଜାର ଟଙ୍କା, ସୁନାମୁଦି, ଘର ଉପକରଣ ଯୌତୁକ ଆକାରରେ ଦିଆଯାଇଥିଲା। ବିବାହର କିଛି ମାସ ସ୍ୱାମୀସ୍ତ୍ରୀ ଭଲରେ ଚଳିଥିଲେ। ପରେ ସମ୍ପୃକ୍ତ ଦମ୍ପତିଙ୍କ କନ୍ୟାସନ୍ତାନ ଜନ୍ମ ହୋଇଥିଲା। କନ୍ୟା ସନ୍ତାନ ଜନ୍ମ ପରେ ଅଧିକ ୩୦ ହଜାର ଟଙ୍କା ପୁଣି ଯୌତୁକ ଆଣିବାକୁ ମେଘେଇଙ୍କୁ କୁହାଯାଇଥିଲା। ଯୌତୁକ ସମ୍ପର୍କରେ ମେଘେଇ ବାପଘର ଲୋକଙ୍କୁ ଜଣାଇଥିଲେ। ତେବେ ଯୌତୁକ ନ ଆଣିବାରୁ ମାନସିକ ଓ ଶାରୀରିକ ଭାବେ ମେଘେଇଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ନିର୍ଯାତନା ଅଧିକ ହେବା ପରେ ବନ୍ଧୁବାନ୍ଧବ ଓ ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯାଇଥିଲା। ତଥାପି ନିର୍ଯାତନା କମି ନ ଥିଲା। ଶେଷରେ ୨୦୨୩ ଫେବୃଆରୀ ୮ରେ ମେଘେଇଙ୍କୁ ବିଷ ପିଆଇ ମାରି ଦେବାକୁ ଶାଶୁଘର ଲୋକମାନେ ଉଦ୍ୟମ କରିଥିଲେ। ହେଲେ ମେଘେଇ ମରି ନ ଥିଲେ। ମେଘେଇଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ସମୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମେଘେଇ ଆଖିବୁଜିଥିଲେ। ମେଘେଇଙ୍କ ବାପାଙ୍କ ଅଭିଯୋଗକ୍ରମେ ଫତେଗଡ଼ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଜିତେନ୍ଦ୍ର ଖୁଣ୍ଟୁବନ୍ଧସ୍ଥିତ ନୟାଗଡ଼ ଜିଲା ଜେଲରେ ରହିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ରାକେଶ କୁମାର ପୋଥାଳ ମାମଲା ପରିଚାଳନା କରିଥିବାବେଳେ ଜିଲା ଦୌରାଜଜ୍ କୋର୍ଟର ସହକାରୀ ନିର୍ଦ୍ଦେଶକ ପ୍ରାଚୀପ୍ରଭା ନନ୍ଦ ଓ ଉପନିର୍ଦ୍ଦେଶକ ନଳିନୀକାନ୍ତ ମହାରଣା ଏହାର ତଦାରଖ କରୁଥିଲେ।

# ଚାକିରିରୁ ବହିଷ୍କୃତ ହେବାରୁ ଡକାୟତି

## ଦୁଇ ପୂର୍ବତନ କର୍ମଚାରୀଙ୍କ ସମେତ ୮ ଗିରଫ

ଭୁବନେଶ୍ୱର,୩୧।୧୦ (ସତ୍ୟଜିତ ରାଉତ)

ନୟାପଲ୍ଲୀସ୍ଥିତ ଏକ କେମିକାଲ୍ କମ୍ପାନୀରେ ବନ୍ଧୁକ ଦେଖାଇ ଡକାୟତି ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ୮ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। କମ୍ପାନୀରେ ଡ୍ରାଇଭର ଭାବେ କାମ କରୁଥିବା ଦୁଇ ଜଣଙ୍କୁ ଚାକିରିରୁ ବହିଷ୍କୃତ କରାଯିବା ପରେ ସେମାନେ ଅନ୍ୟ ସହଯୋଗୀଙ୍କ ସହ ମିଶି ଏହି କାଣ୍ଡ ଘଟାଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ପୂର୍ବତନ କର୍ମଚାରୀଦ୍ୱୟ ହେଲେ ଭୁବନେଶ୍ୱର ଓଲ୍ଡ ଟାଉନ ଅଞ୍ଚଳର ନିରଞ୍ଜନ ନନ୍ଦ (୩୨) ଓ ବଡଗଡ ବ୍ରିଟ୍ କୋଲନୀରେ ରହୁଥିବା କଟକ ନରସିଂହପୁରର ରମାକାନ୍ତ ପାତ୍ର (୨୫)। ଅନ୍ୟ ୬ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ସାଗର କୁମାର ସାହୁ (୨୩), ପୁରୁଷୋତ୍ତମପୁର ଥାନା ଅଞ୍ଚଳର ହର୍ଷ ରାଉତ (୩୬), ବିପିନ ବେହେରା (୩୨), କାଳୁ ଚରଣ ପ୍ରଧାନ (୩୯), ବିସିକେଶ ସ୍ୱାଇଁ (୪୦) ଓ କବିସୂର୍ଯ୍ୟନଗରର ରାଜେନ୍ଦ୍ର ରାଉତ (୩୦)। ଅଭିଯୁକ୍ତଙ୍କଠାରୁ ଏକ ଖେଳନା ବନ୍ଧୁକ, କାର୍, ୭ ମୋବାଇଲ ଓ ନଗଦ ୭୦ ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଅଭିଯୁକ୍ତ, ଜବତ ଟଙ୍କା ଓ ଖେଳଣା ବନ୍ଧୁକ।

ସୂଚନା ଅନୁଯାୟୀ, ନୟାପଲ୍ଲୀ ପ୍ଲଟ ନଂ.ଏନ୍-୪/୨୮୫ସ୍ଥିତ ଫୋର୍ଟିସ୍ କେମିକାଲ ପ୍ରାଇଭେଟ୍ ଲିଃ କମ୍ପାନୀରେ ଅଭିଯୁକ୍ତ ନିରଞ୍ଜନ ଓ ରମାକାନ୍ତ ପୂର୍ବରୁ ଡ୍ରାଇଭର ଭାବେ କାମ କରୁଥିଲେ। ଉଭୟଙ୍କୁ କୌଣସି କାରଣ ପାଇଁ ଚାକିରିରୁ ବହିଷ୍କୃତ କରାଯିବା ପରେ ସେମାନେ ପ୍ରତିଶୋଧ ନେବାକୁ ଡକାୟତି ଯୋଜନା କରିଥିଲେ। ପ୍ରଥମେ ରମାକାନ୍ତ ତାଙ୍କ ସାଙ୍ଗ ହର୍ଷଙ୍କୁ କଲ୍ କରି ଏନେଇ କହିଥିଲେ। ଏଥିସହ କମ୍ପାନର ଲୋକେଶନ୍ ଓ କେଉଁଠି ଟଙ୍କା ରହେ ଜଣାଇଥିଲେ। ପରେ ହର୍ଷ ତାଙ୍କ ସହଯୋଗୀମାନଙ୍କୁ ଏକତ୍ର କରି କାଣ୍ଡ ଭିଆଇବାକୁ ଯୋଜନା କରିଥିଲେ। ଅକ୍ଟୋବର ୩ ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଅଭିଯୁକ୍ତମାନେ ଦୁଇ ଭଡା କାର୍‌ରେ କମ୍ପାନୀ ନିକଟକୁ ଆସିଥିଲେ। ରମାକାନ୍ତ, ନିରଞ୍ଜନ ଓ ଅନ୍ୟ ଜଣେ କିଛିଦୂରରେ ରହିଥିଲେ। ଅନ୍ୟ ଅଭିଯୁକ୍ତମାନେ କମ୍ପାନୀ ଭିତରକୁ ପଶି ମ୍ୟାନେଜର କୌଶଲ କୁମାର ସିଂଙ୍କୁ ବନ୍ଧୁକ ଦେଖାଇ ମାରଧାର୍ କରିଥିଲେ। ଏଥିସହ ୨.୫୦ ଲକ୍ଷ ଟଙ୍କା ଓ ଏକ ଲାପଟପ୍ ନେଇ ଫେରାର ହୋଇଯାଇଥିଲେ। କମ୍ପାନୀର ଜେନେରାଲ ମ୍ୟାନେଜର କେ. ବାଲଙ୍କେଶ୍ୱର ପଟ୍ଟନାୟକଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୫୭୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲାରେ ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଖୋଜା ଚାଲିଥିବା ଜୋନ୍ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଝାରବନ୍ଧ, ୩୧।୧୦(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ବୈତାଲି ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ରୁକଧର ସେଠ(୪୫)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଝାରବନ୍ଧ ଥାନାରେ କେସ୍ ନଂ. ୧୪୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ରୁକଧର ପ୍ରତିଦିନ ପରି ଶୁକ୍ରବାର ଭୋର ୪ଟାରେ ନିତ୍ୟକର୍ମ ପାଇଁ ନିକଟସ୍ଥ ଅଙ୍ଗ ନଦୀକୁ ଯାଇଥିଲେ। ହେଲେ ଘରକୁ ଆଉ ଫେରି ନ ଥିଲେ। ସକାଳ ୮ଟା ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକେ ନଦୀକୁ ଆସି ଖୋଜାଖୋଜି କରିଥିଲେ। ସେଠାରେ ଗଦା ହୋଇଥିବା ବାଲି ଉପରେ ରକ୍ତ ଛିଟା ଏବଂ ଗାମୁଛା ପଡ଼ିଥିବା ଦେଖିବାକୁ ପାଇଥିଲେ। ବହୁତ ଖୋଜାଖୋଜି କରିବା ପରେ ରକ୍ତ ପଡ଼ିଥିବା ସ୍ଥାନରୁ ପ୍ରାୟ ୨ ଶହ ମିଟର ଦୂରରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଝାରବନ୍ଧ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ କେ. ସାମରିଆ ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡ ଶବର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ରୁକଧରଙ୍କ ସ୍ତ୍ରୀ ସୁନ୍ଦରମତୀ ସେଠଙ୍କ ଅଭିଯୋଗକୁ ଭିତ୍ତିକରି ନିକଟସ୍ଥ ଧନେଶ୍ୱର ଗାଁର କେତେଜଣ ଯୁବକଙ୍କୁ ପୋଲିସ ପଚରାଉଚରା କରୁଛି। ତାଙ୍କ ଅଭିଯୋଗ ଅନୁସାରେ, ଘଟଣାର ପୂର୍ବଦିନ ଅର୍ଥାତ୍ ଗୁରୁବାର ଉକ୍ତ ଯୁବକଙ୍କ ସହିତ ରୁକଧରଙ୍କ ଝଗଡ଼ା ହୋଇଥିଲା। ବିଶେଷଜ୍ଞ ଦଳ ମଧ୍ୟ ଘଟଣା ସ୍ଥଳକୁ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି।

# ଯୁବକଙ୍କୁ ଗିରଫ ନେଇ ଜେଲ ସାମ୍ନାରେ ଉତ୍ତେଜନା

ଭଦ୍ରକ,୩୧।୧୦(ସନାତନ ରାଉତ)

ଭଦ୍ରକ ଟାଉନ ପୋଲିସ ଏକ ମାମଲାରେ ଜଣେ ଯୁବକଙ୍କୁ ଗିରଫ କରିବାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଜିଲା କାରାଗାର ସାମ୍ନାରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ୪ ଦିନ ତଳେ କୌଣସି ଘଟଣାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳ ବେଳେ ଅପର୍ତ୍ତିବିନ୍ଧାର ସୁଧୀର ଦ୍ୱିବେଦୀ ନାମକ ଯୁବକଙ୍କୁ ମାଡ଼ ମରାଯାଇଥିବା ସେ ଗତ ୨୬ ତାରିଖରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୬୩୧/୨୫) ରୁଜୁ ହୋଇଥିଲା। ଏହି ମାମଲାରେ ଟାଉନ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ପୌରାଞ୍ଚଳ ଅଧୀନ ବଙ୍କସାହିର ବିଶାଲ ଦାସ ନାମକ ଯୁବକଙ୍କୁ ଜିଲା କାରାଗାର ସାମ୍ନାରୁ ଗିରଫ କରିଥିଲା। ଏହାକୁ ନେଇ ତାଙ୍କ ବାପା, ମା' ଓ ସମ୍ପର୍କୀୟମାନେ ହୋହଲ୍ଲା କରି ପୋଲିସ ସହ ଯୁକ୍ତିତର୍କ କରିଥିଲେ। ଏହି ଗଣ୍ଡଗୋଳରେ ବିଶାଲ ସମ୍ପୃକ୍ତ ନ ଥିବାବେଳେ ଗଣ୍ଡଗୋଳକାରୀଙ୍କୁ ସେ ଅଟକାଇଥିଲେ। ରାଜନୈତିକ ଚାପରେ ବିନା ଦୋଷରେ ତାଙ୍କୁ ଗିରଫ କରାଯାଇଥିବା ସେମାନେ ଯୁକ୍ତି କରିଥିଲେ। ଏନେଇ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କୁ ପଚାରିବାରୁ ଗଣ୍ଡଗୋଳ ମାମଲାରେ ବିଶାଲ ସମ୍ପୃକ୍ତ ଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି କହିଛନ୍ତି।



ଜିଲା କାରାଗାର ସାମ୍ନାରେ ପୋଲିସ ସହ ଯୁକ୍ତିତର୍କ କରୁଛନ୍ତି ଗିରଫ ଯୁବକଙ୍କ ସମ୍ପର୍କୀୟ।

# ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନ ଶିକ୍ଷକଙ୍କୁ ଜେଲ

ସମ୍ବଲପୁର,୩୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଧୁଡ଼ିପାଲି ଗ୍ରାମରେ ଥିବା ଆବାସିକ ପ୍ରାଥମିକ ବିଦ୍ୟାଳୟର ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ପ୍ରଧାନ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବିଚାରପତି। ଏହି ମାମଲାର ବିଚାର କରି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ୧୨ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣର ତର୍ଜମା କରି ଶୁକ୍ରବାର ତାଙ୍କ ରାୟରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ବେଦବ୍ୟାସ ପଟେଲ(୬୨)ଙ୍କୁ ୮ପୋକ୍‌ସୋ ଆଇନରେ ୪ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୬ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ପୀଡ଼ିତା ଛାତ୍ରୀ(୧୨) ବିଦ୍ୟାଳୟରେ ରହି ଷଷ୍ଠ ଶ୍ରେଣୀରେ ପଢୁଥିଲେ। ତେବେ ସେ ଅସୁସ୍ଥ ହେବାରୁ ନିଜ ଘର ଖାରପୁର ଗ୍ରାମକୁ ଯାଇ ଚିକିତ୍ସିତ ହୋଇ ପୁଣି ବିଦ୍ୟାଳୟକୁ ଫେରିଥିଲେ। ପ୍ରଧାନ ଶିକ୍ଷକ ବେଦବ୍ୟାସ ତାଙ୍କୁ ଚିକିତ୍ସା ପାଇଁ ଇଞ୍ଜେକ୍ସନ ନେବାକୁ ପଡ଼ିବ ବୋଲି କହି ଗତ ୨୦୧୮ ଫେବୃଆରୀ ୧୭ରେ ବିଦ୍ୟାଳୟରୁ ତାଙ୍କ ବାଇକ୍‌ରେ ଡାକ୍ତରଖାନା ଅଭିମୁଖେ ବାହାରିଥିଲେ। ମାତ୍ର ଡାକ୍ତରଖାନାକୁ ନ ଯାଇ ସେ ବାଟରେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏହାର ପ୍ରତିରୋଧ କରି କାନ୍ଦିବାରୁ ସେ ଛାତ୍ରୀଙ୍କୁ ଆଣି ତାଙ୍କ ଘର ନିକଟରେ ଛାଡ଼ି ଦେଇ ଫେରାର୍ ହୋଇଯାଇଥିଲେ। ଛାତ୍ରୀ ଜଣକ ଘରକୁ ଆସି ପରିବାର ଲୋକଙ୍କୁ ସବୁକଥା କହବା ପରେ ୧୮ରେ ପରିବାର ଲୋକେ ଛାତ୍ରୀଙ୍କୁ ସାଙ୍ଗରେ ନେଇ କୁଚିଣ୍ଡା ଥାନାରେ ଏତଲା ଦେଇଥିଲେ। ଛାତ୍ରୀଙ୍କ ବୟାନ ଓ ତାଙ୍କ ପିତାଙ୍କ ଏତଲା କ୍ରମେ କୁଚିଣ୍ଡା ଥାନାରେ ଏକ ମାମଲା (ନଂ. ୪୯/୨୦୧୮) ରୁଜୁ ହୋଇଥିଲା।

# ମୋଟରସାଇକେଲ ଡିକି ଭାଙ୍ଗି ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ୍

ଗୁଡଭେଲା,୩୧।୧୦ (ମନୋଜ କୁମାର ଜୈନ)

ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ବଲାଙ୍ଗୀର ଜିଲା ତୁଷୁରା ସହରର ମୁଖ୍ୟ ଛକଠାରେ ଥିବା ଏକ ଫ୍ୟାନ୍ସିଦୋକାନ ଆଗରେ ଥୁଆ ହୋଇଥିବା ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ପ୍ରାୟ ୫ ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ତୁଷୁରା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି।

ପ୍ରକାଶ ଯେ, ତୁଷୁରା ଏନ୍‌ଏସି ଅଧୀନ ନଅଗାଁ କଲୋନୀର ରିଙ୍କୁ ଷଡ଼ଙ୍ଗୀ ଓ ସାଧୁରାମ ଷଡ଼ଙ୍ଗୀ ତୁଷୁରା ଷ୍ଟେଟବ୍ୟାଙ୍କରୁ ୫ ଲକ୍ଷ ୧୦ ହଜାର ଟଙ୍କା ଉଠାଣ କରିଥିଲେ। ଉକ୍ତ ଟଙ୍କାକୁ ବାଇକ୍ ଡିକିରେ ରଖି ସେମାନେ ବ୍ୟାଙ୍କଠାରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ଉକ୍ତ ଫ୍ୟାନ୍ସି ଦୋକାନ ଆଗରେ ଗାଡି ରଖି କିଛି କିଣିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଛି, ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତୁଷୁରା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି।

# ବଳାତ୍କାର ଉଦ୍ୟମ ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

ଛେଣ୍ଡିପଦା,୩୧।୧୦ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତ କଣିହାଁ ଥାନା ତେଲିସିଙ୍ଗା ଗାଁର ସନ୍ତୋଷ କୁମାର ନାଏକଙ୍କୁ ଶୁକ୍ରବାର ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୬ ଜୁଲାଇ ୨୦୧୪ରେ ସମ୍ପୃକ୍ତା ନାବାଳିକା ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକା ୨୭ ତାରିଖରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୪୧/୧୪ରେ ମାମଲା ରୁଜୁ କରି ତତ୍କାଳୀନ ଥାନା ଅଧିକାରୀ ଓ ଏସ୍‌ଆଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତିକରି କୋର୍ଟ ସନ୍ତୋଷଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ୮୦୦ ଟଙ୍କା ଲାଞ୍ଚ ମାମଲାରେ ୨ ବର୍ଷ ଜେଲ

ବନ୍ତଲା,୩୧।୧୦ (ସୁଶିତ ସାହୁ)

୮ ଶହ ଟଙ୍କା ଲାଞ୍ଚ ନେବା ମାମଲାରେ ଅନୁଗୋଳ ବ୍ଲକ କୁମୁରିସିଂହାର ପୂର୍ବତନ ରାଜସ୍ୱ ନିରୀକ୍ଷକ ଗୁଣନିଧି ନାୟକଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସୂଚନା ଅନୁଯାୟୀ, ୨୦୧୩ ମାର୍ଚ୍ଚ ୧୫ରେ ଏକ ମ୍ୟୁଟେଶନ କେସ୍‌ର ଯାଞ୍ଚ କରି ରିପୋର୍ଟ ପଠାଇବା ପାଇଁ ପୂର୍ବତନ ରାଜସ୍ୱ ନିରୀକ୍ଷକ ନାୟକ ଅଭିଯୋଗକାରୀ ଅଞ୍ଜନା ବେହେରାଙ୍କ ପୁଅଙ୍କଠାରୁ ୧୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଅଧିକାରୀମାନେ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ୮ଶହ ଟଙ୍କା ଲାଞ୍ଚ ନେବା ବେଳେ ଧରିଥିଲେ। ଏହି ମାମଲାର ଶୁଣାଣି କରି ଅନୁଗୋଳର ସ୍ୱତନ୍ତ୍ର ବିଚାରପତି ରାଜଲକ୍ଷ୍ମୀ ପଟ୍ଟନାୟକ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଥିଲେ ବୋଲି ସରକାରୀ ଓକିଲ ଅଶ୍ୱିନୀ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ୮ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

## ପଞ୍ଚାୟତ ନିର୍ବାଚନକୁ ନେଇ ସଲମନ ରାଉତ ହତ୍ୟା ମାମଲା

ଢେଙ୍କାନାଳ,୩୧।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ତରଭା ପଞ୍ଚାୟତରେ ୨୦୧୭ ଫେବୃଆରୀ ୪ରେ ଘଟିଥିବା ବହୁଚର୍ଚ୍ଚିତ ସଲମନ ରାଉତ ହତ୍ୟା ମାମଲାର ରାୟ ୮ ବର୍ଷ ପରେ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଜିଲା ଦୌରାଜଜ୍ ୮ଜଣ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପ୍ରମାଣ ଅଭାବରୁ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପଞ୍ଚାୟତ ନିର୍ବାଚନ ଓ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା।

ଘଟଣାରୁ ପ୍ରକାଶ ଯେ, ୨୦୧୭ ଫେବୃଆରୀ ୪ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଭାଜପା ସମର୍ଥକ ସଲମନ ରାଉତ ନିଜର ସହଯୋଗୀମାନଙ୍କ ସହ ତରଭା ଗୋଡ଼ିସାହିଠାରେ କ୍ରିକେଟ ମ୍ୟାଚ ଖେଳିସାରିବା ପରେ ନିକଟସ୍ଥ ଗୋପୀ ପାନ ଦୋକାନରେ ସରପଞ୍ଚ ନିର୍ବାଚନକୁ ନେଇ ପ୍ରଚାର କରୁଥିଲେ। ସେହି ସମୟରେ ବିପକ୍ଷ ଦଳର ସରପଞ୍ଚ ପ୍ରାର୍ଥୀ କୁଳମଣି ବେହେରା ଓ ତାଙ୍କ ସମର୍ଥକମାନେ ନିର୍ବାଚନ ପ୍ରଚାର ପାଇଁ ଗୋଡିସାହି ଗ୍ରାମ ନିକଟକୁ ଆସିଥିଲେ। ସରପଞ୍ଚ ପ୍ରାର୍ଥୀଙ୍କ ପାଇଁ ପୋଷ୍ଟର ମାରିବାକୁ କେନ୍ଦ୍ରକରି ଗ୍ରାମର ଚିକୁନ ବିଶ୍ୱାଳଙ୍କ ସହିତ ସଲମନଙ୍କର ବଚସା ହୋଇଥିଲା। ଏହି ସମୟରେ କୁଳମଣି ଓ ତାଙ୍କର ସମର୍ଥକମାନେ ସଲମନ ଏବଂ ତାଙ୍କ ସହଯୋଗୀ ବିକ୍ରମ କେଶରୀ ମଲିକଙ୍କୁ ବିଧା, ଗୋଇଠା, ମୁଥ ମାରି ଆକ୍ରମଣ କରିଥିଲେ। ପରେ ସଲମନଙ୍କ ଛାତିକୁ କୁଳମଣିଙ୍କ ସହଯୋଗୀ ବ୍ୟୋମକେଶ ଅତି ନିକଟରୁ ଗୋଟିଏ ରାଉଣ୍ଡ ଗୁଳି ମାରିଥିଲେ। ସଲମନ ଗୁରୁତର ହୋଇପଡ଼ିଯିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ସଲମନ ଓ ଆହତ ବିକ୍ରମଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ସଲମନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ତରଭା ଗ୍ରାମ ସମେତ ଢେଙ୍କାନାଳ ସହର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଲମନଙ୍କ ସମର୍ଥକମାନେ ମୃତଦେହ ରଖି ବିଳମ୍ବିତ ରାତି ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ରାସ୍ତା ଅବରୋଧ କରିଥିଲେ। ତରଭା ଗ୍ରାମରେ ମଧ୍ୟ ପୋଡ଼ାଜଳା ହିଂସାକାଣ୍ଡ ଘଟିଥିଲା। ନିର୍ବାଚନ ସରିବା ପରେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ତରଭା ଗ୍ରାମରେ ପୋଲିସ ଫୋର୍ସ ମୁତୟନ ରହିଥିଲେ। ବିକ୍ରମ ମଲ୍ଲିକଙ୍କ

### ୬ ନିର୍ଦ୍ଦୋଷରେ ଖଲାସ

ଅଭିଯୋଗକ୍ରମେ ସଦର ଥାନାରେ କେସ୍ ନଂ. ୪୭/୧୭ରେ ଏକ ମାମଲା ରୁଜୁ କରାଯାଇଥିଲା। ପରେ ରାଜ୍ୟ ସରକାର ଘଟଣାର ଗୁରୁତ୍ୱକୁ ଦେଖି କ୍ରାଇମବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଫଳରେ କ୍ରାଇମବ୍ରାଞ୍ଚରେ ଏ ସଂକ୍ରାନ୍ତରେ କେସ୍ ନଂ.୪/୨୦୧୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ସର୍ବେଶ୍ୱର ସାହୁ ମାମଲାର ତଦନ୍ତ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଏହି ମାମଲାର ସିଟି ସେସନ୍ସ କେସ୍ ନଂ. ୮୮/୨୦୧୭ର ବିଚାର କରି ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା କେଉଁଝରର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ସେହି ସମୟରେ କାର୍ଯ୍ୟରତ ଥାଇ ଗ୍ରାମକୁ ଛୁଟିରେ ଆସିଥିବା କନ୍‌ଷ୍ଟେବଲ ବ୍ୟୋମକେଶ ବିଶ୍ୱାଳଙ୍କୁ ଦଫା ୩୦୨, ୨୫ ଓ ୨୭ ଆର୍ମସ୍ ଆକ୍ଟରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟ ଅଭିଯୁକ୍ତ ତ୍ରୟମ୍ବକ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ହୃଦାନନ୍ଦ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ମନମୋହନ ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ ଓ ଉକ୍ତ ନିର୍ବାଚନରେ ତରଭା ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ କୁଳମଣି ବେହେରାଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପ୍ରତ୍ୟେକଙ୍କୁ ୨୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୬ମାସ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ଚିତ୍ତରଞ୍ଜନ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ଗଦାଧର ବିଶ୍ୱାଳ ଓରଫ ସ୍ୱାଇଁ, ରାଜେନ୍ଦ୍ର ବେହେରା, ଅଜିତ ମଲ୍ଲିକ ଓ ବିଜୁ ମଲ୍ଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ଜଣାପଡ଼ିଛି। ଅନ୍ୟ ଜଣେ ଅଭିଯୁକ୍ତ ଚିକୁନ ବିଶ୍ୱାଳଙ୍କ ପୂର୍ବରୁ ମୃତ୍ୟୁ ଘଟିଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ସୀତାକାନ୍ତ ଦାସ ପରିଚାଳନା କରିଥିଲେ। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ହୃଦାନନ୍ଦ ବିଶ୍ୱାଳ ଉକ୍ତ ନିର୍ବାଚନରେ ତରଭା ପଞ୍ଚାୟତ ନିକଟସ୍ଥ ଥାକୁଲେଇ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଏବଂ ସେ ଏଥିପୂର୍ବରୁ ସଦର ବ୍ଲକର ଉପାଧ୍ୟକ୍ଷ ଥିଲେ। ବିଜେଡିର ଜଣେ ଆଗଧାଡ଼ିର ଯୁବନେତା ହୋଇଥିଲା ବେଳେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଘନିଷ୍ଠ ସହଯୋଗୀ ମଧ୍ୟ ଥିଲେ।

# ରାଜା ଚକ୍ର, ସୁଶାନ୍ତଙ୍କ ଜାମିନ ଆବେଦନ ଖାରଜ

### ଗନ୍ଧମାର୍ଦ୍ଦନ ଲୋଡିଂ ଟ୍ରାନ୍ସପୋର୍ଟିଂ ଦୁର୍ନୀତି ମାମଲା

କଟକ,୩୧।୧୦(କାର୍ତ୍ତିକ ସାହୁ)

କେନ୍ଦୁଝରସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିମିଟେଡ୍‌ରେ ଆର୍ଥିକ ଦୁର୍ନୀତି ମାମଲାରେ ଗିରଫ ମୁଖ୍ୟ ଅଭିଯୁକ୍ତ ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଏବଂ ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ କୁମାର ସାମଲଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଅପରାଧ ଗୁରୁତର ଦୃଷ୍ଟିରୁ ଜାମିନ ଆବେଦନକୁ ଖାରଜ କରିଦେଇଥିବା ରାୟରେ ଦର୍ଶାଇଛନ୍ତି।

ସୂଚନାନୁସାରେ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ସଂସ୍ଥା କେନ୍ଦୁଝର ଜିଲାରେ ଖଣିଖାଦାନ ଅଞ୍ଚଳର ବିକାଶ ପାଇଁ ଗଠିତ ହୋଇଥିଲା। କେତେକ ବ୍ୟକ୍ତି ବିକାଶ ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଆତ୍ମସାତ କରୁଥିବା ଇକୋନୋମିକ ଅଫେନ୍ସ ୱିଙ୍ଗ (ଇଓଡବ୍ଲ୍ୟୁ)ରେ ଅଭିଯୋଗ ହୋଇଥିଲା। ୨୦୧୭-୧୮ରୁ ୨୦୨୩-୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲି. ୧୮୫ କୋଟି ଟଙ୍କା ଲାଭ କରିଥିବା ଖାତାରେ ଦର୍ଶାଇଥିଲେ। ୨୦୧୨-୧୩ରୁ ୨୦୨୪ ପର୍ଯ୍ୟନ୍ତ ସୋସାଇଟିର କୌଣସି ଅଡିଟ କରାଯାଇନାହିଁ। ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ପାଇଁ ସଂସ୍ଥା ପକ୍ଷରୁ ୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ମାତ୍ର ସେଥିରେ କୌଣସି ଅର୍ଥ ଖର୍ଚ୍ଚ ହୋଇ ନ ଥିବା ୨ ଜଣ ବିଡିଓ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ସୋସାଇଟିର ଗାଡ଼ି ବଦଳରେ ରାଜା ଚକ୍ରଙ୍କ ନିଜ ଗାଡ଼ି, ମେସିନେରି ବ୍ୟବହାର କରି ସେଥିରେ ୯.୧ କୋଟି ଟଙ୍କାର ତେଲ ପକାଇବା ବାବଦରେ ତାଙ୍କ ନାମରେ ଥିବା ମା' କାଳୀ ପେଟ୍ରୋଲ ପମ୍ପକୁ ଏହି ଟଙ୍କା ପ୍ରଦାନ କରିଛି ଗନ୍ଧମାର୍ଦ୍ଦନ ଏଜେନ୍ସି। ସେହିପରି ବିଭିନ୍ନ ଗାଁ ଲୋକଙ୍କ ମୁହଁକୁ ଚୁପ କରି ସମର୍ଥନ ପାଇବା ପାଇଁ ସଂସ୍ଥା ପକ୍ଷରୁ ଗତ ୪ ବର୍ଷରେ ୩୩ କୋଟି ଟଙ୍କା ବଣ୍ଟନ କରାଯାଇଛି। ଶ୍ରମିକଙ୍କୁ ଦେୟ ଓ ଲୋଡିଂ ଖର୍ଚ୍ଚ ପାଇଁ ୭୪ କୋଟି ଟଙ୍କା ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ମାମଲାରେ ରାଜା ଚକ୍ର ଏବଂ ତାଙ୍କ ସ୍ତ୍ରୀ ରୂପାଲି ପଟ୍ଟନାୟକଙ୍କ ନାଁରେ ଥିବା ୨ଟି ଯାତ୍ରୀବାହୀ ଗାଡ଼ି, ୪୦ଟି ହାଇୱା ଗାଡ଼ିକୁ ଇଓଡବ୍ଲ୍ୟୁ ଜବତ କରିଛି। ଏଥିସହ ରାଜା ଚକ୍ରଙ୍କ ୨ଟି ସ୍କ୍ରିନିଂ ପ୍ଲାଣ୍ଟକୁ ମଧ୍ୟ ଜବତ କରାଯାଇଛି। ତେବେ ରାଜା ଚକ୍ର ଓ ତାଙ୍କ ସହଯୋଗୀ ଗିରଫ ହୋଇ ଏବେ ଜେଲରେ ଥିବାବେଳେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

# ଜଳ ସମ୍ପଦ ବିଭାଗକୁ ଆହୁରି ଦକ୍ଷ, ସ୍ମାର୍ଟ କରାଯିବ




ଭୁବନେଶ୍ୱର,୩୧।୧୦(ସୁନିତ୍ ମିଶ୍ର)

- ■ ରାଜ୍ୟର ହାଇଡ୍ରୋଲୋଜିକାଲ ତଥ୍ୟ ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ
- ■ କର୍ମଚାରୀଙ୍କୁ ଅଧିକ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ ଦେଲେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ପୂର୍ବାହ୍ନରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗରେ ପହଞ୍ଚି ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ଥିବା ରାଜ୍ୟର ବିଭିନ୍ନ ଜଳଭଣ୍ଡାର ଓ ନଦୀଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ଜଳ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁଯାୟୀ ଯଥାସମୟ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କରାଯାଇଥାଏ। ଏହାପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନକରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତକରି କହିଥିଲେ, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ।


ପରିଦର୍ଶନ ପରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିସହ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦେଶର ଏକତା, ଅଖଣ୍ଡତା, ସୁରକ୍ଷା ବଜାୟ ରଖିବାକୁ ଶପଥ

### ରାଜଭବନରେ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର,୩୧।୧୦(ସୁଚିସ୍ମିତା ସାହୁ)

ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ସହିତ ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହିଭାବନାକୁ ପ୍ରସାରିତ କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଶୁକ୍ରବାର ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଛନ୍ତି। ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ଲୌହ ମାନବ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ



ପାଳନ ଅବସରରେ ରାଜଭବନର ଅଭିଷେକ ହଲ୍‌ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟପାଳ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ମଧ୍ୟ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

# ଟ୍ରକ୍ ଧକ୍କାରେ ବାପା ମୃତ, ଝିଅ ଓ ଶଳା ଗୁରୁତର

କେନ୍ଦୁଝର,୩୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର କଲେଜ ଛକ ବୁଲାଣି ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରଦାପାଳ ପଞ୍ଚାୟତ ଉପରକୁସୁମିତା କଣିରାସାହିର ବିଦ୍ୟାଧର ନାଏକ(୩୫)। ଗୁରୁତର ହେଲେ ବିଦ୍ୟାଧରଙ୍କ ଶଳା ଦେବାନନ୍ଦ ଦେହୁରୀ(୩୫) ଓ ଝିଅ ସାବିତ୍ରୀ ନାଏକ(୧୪)।

ସୂଚନା ଅନୁଯାୟୀ, ବିଦ୍ୟାଧରଙ୍କ ଝିଅ ସାବିତ୍ରୀ ଉପର କୁସୁମିତା କନ୍ୟାଶ୍ରମ ଆବାସିକ ବିଦ୍ୟାଳୟରେ ରହି ପାଠ ପଢୁଥିଲେ। ଶୁକ୍ରବାର ବାପା ଓ ମାମୁଙ୍କ ସହ ପଦ୍ମପୁରକୁ ଆଧାର ସଂଶୋଧନ କରିବାକୁ ସେ ଆସିଥିଲେ। ପଦ୍ମପୁର କଲେଜ ବୁଲାଣି ଛକ ନିକଟରେ ବଜାର ଆଡ଼କୁ ବାଇକ୍‌ରେ ରାସ୍ତା ଅତିକ୍ରମ କରୁଥିଲେ। ସେ ସମୟରେ ଏକ ଟ୍ରକ୍( ଓଡି ୦୯ ଏସ୍ ୯୬୨୦) ବାଇକ୍‌କୁ ଧକ୍କାଦେଇଥିଲା। ଫଳରେ ୩ ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ବିଦ୍ୟାଧରଙ୍କ ମୁଣ୍ଡରେ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅ ଓ ଶଳାଙ୍କୁ ଗୁରୁତର ଅବସ୍ଥାରେ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଉତ୍ତ୍ୟକ୍ତ ଲୋକେ ଏଠାରେ ଓଭର ବ୍ରିଜ୍ ନିର୍ମାଣ ଦାବି କରିଥିଲେ। ସଦର ପୋଲିସ ସ୍ୱରୂପ ରଞ୍ଜନ ନାୟକ, ନିହାର ରଞ୍ଜନ ରାଉତ, ପ୍ରବୋଧ ଚନ୍ଦ୍ର ମହାନ୍ତି ପହଞ୍ଚି ମୃତଦେହ ସମେତ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଅଟକି ରହିଥିବା ଭାରିଯାନଗୁଡ଼ିକୁ ପାର କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇ ଫେରାରହେବାକୁ ଉଦ୍ୟମ କରୁଥିବା ୧୪ ଚକିଆ ଟ୍ରକ୍ ଧନୁର୍ଜୟପୁର ନିକଟରୁ ଜବତକରିବା ସହ ଚାଳକଙ୍କୁ ଅଟକ ରଖିଛି। ଥାନାରେ ଏକ ମାମଲା(ନଂ.୬୫୧/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଶ୍ୱସ୍ତରରେ ପହଞ୍ଚିଲେ ଦକ୍ଷ ଗାଡ଼ିଚାଳକ ରାକେଶ

### ଓଡ଼ିଶା ସରକାରଙ୍କ ଯାନ ତାଲିମ କେନ୍ଦ୍ରରୁ ପ୍ରଶିକ୍ଷିତ

### କେନ୍ଦୁଝରରୁ ଜାପାନ ଯାତ୍ରା

କଟକ,୩୧।୧୦(କାର୍ତ୍ତିକ ସାହୁ)

ଓଡ଼ିଶା ସରକାରଙ୍କ ଯାନ ଚାଳନା ତାଲିମ କେନ୍ଦ୍ରରୁ ସଫଳ ସୁବାହକ ପ୍ରଶିକ୍ଷିତ ଭାବେ ବିଶ୍ୱସ୍ତରରେ ନିଜର ସୁନାମ ହାସଲ କରିବାରେ ଜଣେ ଦକ୍ଷ ଯୁବ ଗାଡ଼ିଚାଳକ ସକ୍ଷମ ହୋଇଛନ୍ତି କେନ୍ଦୁଝର ଜିଲା ପାଣ୍ଡପଡ଼ା ଥାନା ଅନ୍ତର୍ଗତ ଜଙ୍ଘିରା ଗ୍ରାମର ରାକେଶ କୁମାର ଦାସ। ସେ ଏବେ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଇଛନ୍ତି। ଓଡ଼ିଶା ସରକାରଙ୍କ ଛତିଆସ୍ଥିତ ଯାନ ଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାନରୁ ସୁବାହକ ଭାବେ ରାକେଶ ପ୍ରଶିକ୍ଷିତ ହୋଇଥିଲେ।

ସୂଚନାନୁସାରେ, ପ୍ରଶିକ୍ଷାର୍ଥୀଙ୍କ ତାଲିମ ସହ ରହିବା ଖାଇବାର ସମସ୍ତ ଖର୍ଚ୍ଚ ତାଲିମ କେନ୍ଦ୍ରରେ ସରକାର ବହନ କରନ୍ତି। ସଫଳତାର ସହ ଯାନ ଚାଳନା ଶିଖିବା ପରେ ଜାପାନର ମାରୁଇ କମ୍ପାନୀରେ ସେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ଜାପାନ ଯିବା ପାଇଁ ସେଠାକାର ଭାଷା ଏବଂ ଚାଲିଚଳଣି ବାବଦରେ ପ୍ରଶିକ୍ଷଣ ଦେବା ପାଇଁ



କେନ୍ଦୁଝର ଜିଲା ପାଣ୍ଡପଡ଼ା ଥାନା ଅନ୍ତର୍ଗତ ଜଙ୍ଘିରା ଗ୍ରାମର ରାକେଶ କୁମାର ଦାସ।

ଓଡ଼ିଶା ସରକାର ଭାରତର ଏକ ପ୍ରତିଷ୍ଠିତ କମ୍ପାନୀ ନାଭିସ ଏଚ୍‌ଆର୍ ସହ ଚୁକ୍ତି କରିଥିଲେ। ସେଠାରେ ତାଙ୍କୁ ପ୍ରସ୍ତୁତ କରାଯାଇଥିଲା। ନିଯୁକ୍ତି ନେଇ ରାକେଶ ଖୁସିଥିବା ବେଳେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗାଡ଼ିଚାଳନା ପ୍ରଶିକ୍ଷଣର ସୁଯୋଗ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି। ଏହି କାହାଣୀ ଜଣେ ସାଧାରଣ ମଣିଷର, ଯିଏ ସରକାରୀ ସମର୍ଥନରେ ନିଜ ଦକ୍ଷତା ବଳରେ ରାଜ୍ୟ ନାଁକୁ ଆଗକୁ ବଢ଼ାଇଛନ୍ତି ଏବଂ ବିଶ୍ୱସ୍ତରରେ ଉଦାହରଣ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରି ଅନେକ ଯୁବତୀ, ଯୁବକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଦକ୍ଷତା ବିକାଶ ବିଭାଗ ନିରନ୍ତର ଭାବେ ପ୍ରୟାସ କରୁଛି। ରାକେଶଙ୍କ ନିଯୁକ୍ତି ନେଇ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଭିନ୍ନକ୍ଷମ କଲେଜ ଛାତ୍ରୀଛାତ୍ର ପାଇବେ ଆବଶ୍ୟକ ପଢ଼ା ଉପକରଣ

### ଏସ୍‌ଏସ୍‌ଇପିଡି ପକ୍ଷରୁ ଜିଲାପାଳମାନଙ୍କୁ ତଥ୍ୟ ଦାଖଲ ନିର୍ଦ୍ଦେଶ

ଯାଜପୁର,୩୧।୧୦(ହର୍ଷବର୍ଦ୍ଧନ ବେହେରା)

ଉଚ୍ଚ ଶିକ୍ଷା ବିଭାଗ ଅଧୀନ ସରକାରୀ କଲେଜଗୁଡିକର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ପଢ଼ା ଉପକରଣ ଯୋଗାଇ ଦିଆଯିବ। ହାଇକୋର୍ଟରେ ଏକ ସୋ-ମୋଟୋ ଡବ୍ଲ୍ୟୁପି(ସି) ନମ୍ବର ୨୧୪୦/୨୦୨୦ ମାମଲାର ବିଚାର କରି ଉପରୋକ୍ତ ପ୍ରସ୍ତାବ ଦେଇଥିଲେ। ଏହାପରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଏସ୍‌ଏସ୍‌ଇପିଡି) ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଆବଶ୍ୟକ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ, ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନା ଏସ୍‌ଏସ୍‌ଇପିଡି ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାର ଆଭିମୁଖ୍ୟ ହେଉଛି ସମାଜର ମୁଖ୍ୟସ୍ରୋତରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକ ସମସ୍ତ ସେବା ଉପଲବ୍ଧ କରାଇବା। ଏହିକ୍ରମରେ ହାଇକୋର୍ଟ ମତ ଦେଇଛନ୍ତି ଯେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚବରୀ ବ୍ରେଲି ଟ୍ରାନ୍ସଲେଟର ସଫ୍ଟୱେର୍, ଅଡିଓ-ଭିଜୁଆଲ ଏଡ୍ସ, ସ୍କ୍ରିନ ରିଡର, ବ୍ରେଲି ଡିସପ୍ଲେ, ମ୍ୟାଗ୍ନିଫିକେସନ ସଫ୍ଟୱେର୍, ଆଡପ୍ଟିଭ କି-ବୋର୍ଡ ଏବଂ ମାଉସ, ସ୍ୱିଚ-ଟ୍ୟାପ୍-ଟେକ୍ସଟ-ସଫ୍ଟୱେର୍, ଇ-ବୁକ୍ ଏବଂ ଅଡିଓ ବୁକ୍ ଭଳି କେତେକ ସ୍ୱତନ୍ତ୍ର ଉପକରଣ ଆବଶ୍ୟକ। ହାଇକୋର୍ଟଙ୍କ ଏହି ମତ ବିଭାଗର ସକ୍ରିୟ ବିଚାରାଧୀନ ରହିଛି। ତେଣୁ ଜିଲାପାଳମାନେ ଷ୍ଟକରେ ଉପଲବ୍ଧ ଥିବା ଉପରୋକ୍ତ ସ୍ୱତନ୍ତ୍ର ଉପକରଣଗୁଡ଼ିକୁ ସରକାରୀ କଲେଜଗୁଡ଼ିକୁ ପଠାଇବା ବ୍ୟବସ୍ଥା କରିବେ। ଯଦି ଷ୍ଟକରେ କୌଣସି ଏହି ଉପକରଣ ଉପଲବ୍ଧ ନାହିଁ, ତେବେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଆକଳନ କରି ରିପୋର୍ଟଦାଖଲ କଲେ ବିଭାଗ ପକ୍ଷରୁ ଶୀଘ୍ର କଲେଜରେ ପାଣ୍ଠି ଯୋଗାଇ ଦିଆଯିବ ବୋଲି ଏସ୍‌ଏସ୍‌ଇପିଡି ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଫୁଲବାଣୀ ଜେଲରେ ମାଷ୍ଟର ମାଇଣ୍ଡ ପିଣ୍ଟୁ

### ପୀତବାସ ପଣ୍ଡା ହତ୍ୟା ମାମଲା



ପିଣ୍ଟୁଙ୍କୁ ଜେଲ ଭିତରକୁ ନିଆଯାଉଛି।

ଫୁଲବାଣୀ,୩୧।୧୦ (ରାକେଶ କୁମାର ରାଉତ)

ଗଞ୍ଜାମ ଜିଲାର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟର ମାଇଣ୍ଡ୍ ଶିବଶଙ୍କର ଓରଫ ପିଣ୍ଟୁ ଦାସଙ୍କୁ ଶୁକ୍ରବାର ଫୁଲବାଣୀ ମଣ୍ଡଳ କାରାଗାରକୁ ନିଆଯାଇଛି। ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର କୌଣସି ଜେଲରେ ତାଙ୍କ ପ୍ରତି ବିପଦ ଥିବା ଆଶଙ୍କା କରି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ତାଙ୍କୁ କଡା ସୁରକ୍ଷା ବଳୟରେ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ପିଣ୍ଟୁ ଫୁଲବାଣୀ ଆସିଥିବାରୁ ଜେଲର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି।

# ପୋଲିସ ଧକ୍କାରେ ବୃଦ୍ଧ ଗୁରୁତର



ଜବରଦଖଲ ଉଚ୍ଛେଦ ବେଳେ ପୋଲିସ ବୃଦ୍ଧଙ୍କୁ ଧକ୍କା ମାରୁଛି।



ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ବୃଦ୍ଧ ଜଣକ ପଡ଼ିଯାଇଛନ୍ତି।

ବନ୍ତଳା,୩୧।୧୦(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଲାସିଂହା ପଞ୍ଚାୟତ ସୁରାବ ଗ୍ରାମରେ ଶୁକ୍ରବାର ଜବରଦଖଲ ଉଚ୍ଛେଦ ବେଳେ ସଦର ଥାନାର ଜଣେ ପୋଲିସ ଧକ୍କାରେ ବୃଦ୍ଧ ରାଜକିଶୋର ସାହୁ (୭୦) ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ରାଜକିଶୋର ଘରପାଖ ଏକ ସରକାରୀ ଜାଗାରେ ଘର କରିଛନ୍ତି। ତାଙ୍କ ଘର ପଛ ପଟେ ଜଣେ ବ୍ୟକ୍ତି ଜମି କିଣିଥିବା ବେଳେ ସେହି ଜମିକୁ ଯିବା ପାଇଁ ରାଜକିଶୋର ଦଖଲ କରିଥିବା ସରକାରୀ ଜାଗାରୁ ଘର ଉଚ୍ଛେଦ କରିବାକୁ ବେନ୍ତପୁର ରାଜସ୍ୱ ନିରୀକ୍ଷକ ଓ ଅନୁଗୋଳ ସଦର ପୋଲିସ ଗାଁରେ ପହଞ୍ଚିଥିଲେ। ସେମାନେ ମେଶିନ ଲଗାଇ ଘର ଭାଙ୍ଗିବାକୁ ଚେଷ୍ଟା କରିବା ବେଳେ ରାଜକିଶୋରଙ୍କ ପରିବାର ବିରୋଧ କରିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ରାଜକିଶୋରଙ୍କୁ ଧକ୍କା ଦେଇଥିଲେ। ଫଳରେ ରାଜକିଶୋର ସିମେଣ୍ଟ କଂକ୍ରିଟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ପୋଲିସ କର୍ମଚାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରୋଶମୂଳକ ଭାବେ ଘର ଭାଙ୍ଗିବା ସହ ବୃଦ୍ଧ ବାପାଙ୍କୁ ପୋଲିସ ମାଡ଼ ମାରିଥିବା ରାଜକିଶୋରଙ୍କ ପୁଅ ପପୁନ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏପରି ଅଭିଯୋଗକୁ ସଦର ଥାନା ଆଇଆଇସି ମୃଣାଳ କାଲ ଖଣ୍ଡନ କରିଛନ୍ତି। ଏହା ମିଥ୍ୟା ଓ ଭିତ୍ତିହୀନ। ପୋଲିସ କେବଳ ଜବରଦଖଲ ସମ୍ମୁଖରୁ ତାଙ୍କୁ ହଟାଇ ଦେଇଥିଲା ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ମହିଳାମାନେ ଆତ୍ମନିର୍ଭରଶୀଳ, ସଶକ୍ତ ହେଲେ ହିଁ ସମୃଦ୍ଧ ରାଜ୍ୟ ଗଢ଼ିହେବ

### ସୁଭଦ୍ରା ଏକତା ପଦଯାତ୍ରା

ଭୁବନେଶ୍ୱର, ୩୧।୧୦(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର 'ସୁଭଦ୍ରା ଏକତା ପଦଯାତ୍ରା' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନଠାରୁ ଆରମ୍ଭ ହୋଇ ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସ୍ୱାବଲମ୍ବୀ କରି ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହୋଇପାରିଲେ ଏକ ସମୃଦ୍ଧ ରାଜ୍ୟର ଭିତ୍ତି ପଡିବ। ରାଜ୍ୟ



ସୁଭଦ୍ରା ଏକତା ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀ ଓ ସୁଭଦ୍ରା ହିତାଧିକାରୀମାନେ।

ସରକାରଙ୍କ ପ୍ରୟାସରେ 'ସୁଭଦ୍ରା ଯୋଜନା'ରେ ଅଦ୍ୟାବଧି ଏକ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର କୋଟିରୁ ଉର୍ଦ୍ଧ୍ୱ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମହିଳାମାନେ ବିକଶିତ ଭାରତ ଏବଂ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲର ଏକ ମହତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ମାଧ୍ୟମ, ଯାହା ଏହି ସୁଭଦ୍ରା ଏକତା ପଦଯାତ୍ରାରେ ପରିଲକ୍ଷିତ ହେଉଛି। ବିଭିନ୍ନ ସ୍ଥାନରୁ ମହିଳାମାନେ ଏକତ୍ରିତ ହୋଇ ପାରସ୍ପରିକ ଭାବବିନିମୟ ଓ ଅନୁଭୂତିର ଆଦାନପ୍ରଦାନ ଦ୍ୱାରା ଭିନ୍ନ ଏକ ସମ୍ପର୍କ ସ୍ଥାପନ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାଶ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀମାନେ ଜାଣିବା ସହ ସେମାନଙ୍କ ପାଇଁ ରହିଥିବା ସୁବିଧାର ଲାଭ ନେବାକୁ କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ କଲ୍ୟାଣ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ, ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ସୁଭଦ୍ରା ଯୋଜନାର ହିତାଧିକାରୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# ୧୪୬ ବିଲିୟନ ଡଲାରରେ ପହଞ୍ଚିଛି ସୁନା ଚାହିଦା

ଭୁବନେଶ୍ୱର,୩୧।୧୦

୨୦୨୫ ୩ୟ ତ୍ରୈମାସିକରେ ସୁନା ଚାହିଦା (ଓଟିସି ସମେତ) ୧୩୧୩ ଟନ୍‌ରେ ଏବଂ ମୂଲ୍ୟ ଦୃଷ୍ଟିରୁ ୧୪୬ ବିଲିୟନ ଡଲାରରେ ପହଞ୍ଚିଛି। ଏହା ରେକର୍ଡ ଅନୁଯାୟୀ ସୁନା ଚାହିଦାର ସର୍ବୋଚ୍ଚ ତ୍ରୈମାସିକ ଥିଲା। ଏହି ତଥ୍ୟ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ୩ୟ ତ୍ରୈମାସିକ ୨୦୨୫ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟରେ ଜଣାପଡ଼ିଛି । ଏହି ତ୍ରୈମାସିକରେ ନିବେଶ ଚାହିଦା ବୃଦ୍ଧି ପାଇ ୫୩୭ ଟନ୍‌ରେ ପହଞ୍ଚିଥିଲା ଏବଂ ମୋଟ ଶୁଦ୍ଧ ସୁନା ଚାହିଦାରେ ୫୫%ର ଯୋଗଦାନ ଦେଇଛି। ୩ୟ ତ୍ରୈମାସିକରେ ସୁନା ଇଟିଏଫ୍ ଅନ୍ତର୍ଜାତୀୟ ପ୍ରବାହ ସହ ଅଧିକ ୨୨୨ ଟନ୍ ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରାୟ ସମସ୍ତ ବଜାରରେ ଅଭିବୃଦ୍ଧି ସହ ଗୋଲ୍ଡ ବାର୍ ଓ କଏନ ନିବେଶ ବାର୍ଷିକ ୧୭% ବୃଦ୍ଧି ହୋଇ ମୋଟ ୩୧୬ ଟନ୍ ରହିଛି, କିନ୍ତୁ ଏଥିରେ ଭାରତ (୯୨ ଟନ୍) ଓ ଚାଇନା (୭୪ ଟନ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଅନ୍ୟପକ୍ଷରେ ସୁନା ଅଳଙ୍କାର ଚାହିଦା, ଚଳିତ ବର୍ଷ ୫୦ଟି ରେକର୍ଡ ସୁନା ମୂଲ୍ୟ ବୃଦ୍ଧି ଯୋଗୁ ଚାପଗ୍ରସ୍ତ ହୋଇଥିଲା, ଯାହାର ୩ୟ ତ୍ରୈମାସିକରେ ବାର୍ଷିକ ଆଧାରରେ ୧୯% ହ୍ରାସ ପାଇଛି। ସୁନାର ଉଚ୍ଚ ଦର ସତ୍ତ୍ୱେ ୩ୟ ତ୍ରୈମାସିକରେ ମୋଟ ୨୨୦ ଟନ୍‌ର ଶୁଦ୍ଧ କ୍ରୟ ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରୟ ବୃଦ୍ଧି ପାଇଛି। ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ଶୁଦ୍ଧ କ୍ରୟ ମୋଟ ୬୩୪ ଟନ ରହିଛି । ମୋଟ ସୁନା ଯୋଗାଣ ୧୩୧୩ ଟନ୍‌ର ଏକ ତ୍ରୈମାସିକ ରେକର୍ଡରେ ପହଞ୍ଚିଛି ଯାହା ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ସୁନା ଖଣି ଉତ୍ପାଦ ବାର୍ଷିକ ଆଧାରରେ ୨% ବୃଦ୍ଧି ହୋଇ ୯୭୭ ଟନରେ ପହଞ୍ଚିଥିବା ବେଳେ ସୁନା ରିସାଇକ୍ଲିଂ ବାର୍ଷିକ ୬% ବୃଦ୍ଧି ହୋଇ ୩୪୪ ଟନ୍ ରହିଛି। ଉଚ୍ଚ ସୁନା ଦର ସତ୍ତ୍ୱେ ଏହା ଅପେକ୍ଷାକୃତ ସ୍ଥିର ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ୩ୟ ତ୍ରୈମାସିକରେ ସୁନା ମୂଲ୍ୟ ଆଉନ୍ସ ପିଛା ୪୦୦୦ ଡଲାର ଆଡ଼କୁ ବୃଦ୍ଧି ପାଇବା, ବର୍ଷ ସାରା ଏହାର ଚାହିଦାକୁ ଆଗକୁ ବଢ଼ାଉଥିବା କାରକଗୁଡିକର ଶକ୍ତି ଓ ସ୍ଥାୟିତ୍ୱକୁ ସୂଚିତ କରୁଛି। ବର୍ଦ୍ଧିତ ଭୂରାଜନୈତିକ ଉତ୍ତେଜନା, ଦୃଢ ମୁଦ୍ରାସ୍ଫୀତି ଚାପ ଓ ଅନ୍ତର୍ଜାତୀୟ ବାଣିଜ୍ୟ ନୀତିକୁ ନେଇ ରହିଥିବା ଅନିଶ୍ଚିତତା ଏହି ସୁରକ୍ଷିତ ସମ୍ପତ୍ତି ପାଇଁ ଚାହିଦା ବୃଦ୍ଧି କରିଛି । କାରଣ ନିବେଶକମାନେ ନିଜ ପୋର୍ଟଫୋଲିଓରେ ସ୍ଥିରତା ଆଣିବାକୁ ଚାହୁଁଛନ୍ତି। କ୍ରମାଗତ ଭାବେ ଦୁର୍ବଳ ହେଉଥିବା ୟୁଏସ୍ ଡଲାର, ନିମ୍ନ ସୁଧ ହାର ଆକାଂକ୍ଷା ଏବଂ ମୁଦ୍ରାସ୍ଫୀତି ଅସ୍ଥିରତାର ବିପଦ ନିବେଶ ଚାହିଦାକୁ ଆହୁରି ବୃଦ୍ଧି କରିପାରେ। ସୁନା ଚଳିତ ବର୍ଷ ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଛି ଏବଂ ବର୍ତ୍ତମାନର ପରିବେଶ ସୂଚାଉଛି ଯେ, ସୁନା ପାଇଁ ଅଧିକ ଲାଭ ସୃଷ୍ଟି ହୋଇପାରେ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଆଞ୍ଚଳିକ ସିଇଓ ସଚିନ୍ ଜୈନ କହିଛନ୍ତି, ୨୦୨୫ର ୩ୟ ତ୍ରୈମାସିକରେ ଭାରତର ମୋଟ ସୁନା ମୂଲ୍ୟ ୨୩% ବୃଦ୍ଧି ହୋଇ ୨୦୩,୨୪୦ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ସୁନା ଚାହିଦା ପରିମାଣ ୧୬%ର ହ୍ରାସ ପରିଲକ୍ଷିତକରି ୨୦୯.୪ ଟନ୍ ରହିଛି। ଉଚ୍ଚ ହାରାହାରି ମୂଲ୍ୟ ଦ୍ୱାରା ପରିଚାଳିତ ମୂଲ୍ୟରେ ଏହି ମଜଭୁତ ଅଭିବୃଦ୍ଧି ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣକୁ ଆହୁରି ସୁଦୃଢ଼ କରିଛି। ନିବେଶ ଚାହିଦା ପରିମାଣ ଦୃଷ୍ଟିରୁ ୨୦% ବୃଦ୍ଧି ହୋଇ ୯୧.୬ ଟନ ରହିଛି ଏବଂ ମୂଲ୍ୟ ଦୃଷ୍ଟିରୁ ୭୪% ବୃଦ୍ଧି ହୋଇ ୮୮୯୭୦ କୋଟି ଟଙ୍କା ରହିଛି।

# ଇନ୍‌ଫୋ ଭ୍ୟାଲିରେ ହେବ ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍

ଭୁବନେଶ୍ୱର,୩୧।୧୦ (ଅନୁରାଧା ମହାରଣା)


ଅଶ୍ୱିନୀ ବୈଷ୍ଣବ

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଓଡ଼ିଶା ଆସିବେ। ଏହି ଅବସରରେ ଭୁବନେଶ୍ୱରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲିରେ ନିର୍ମାଣ ହେବାକୁ ଥିବା ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍‌ର ଭୂମିପୂଜନ ସମାରୋହରେ ଯୋଗଦେବେ। 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜିଟାଲ ଇଣ୍ଡିଆ'ର ଦୃଷ୍ଟିକୋଣ ସହ ଏହି ପ୍ରକଳ୍ପ ଭାରତର ଅର୍ଦ୍ଧପରିବାହୀ ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହା ସହ ବୈଷ୍ଣବ ଭୁବନେଶ୍ୱରର ଲୋକସେବା ଭବନରେ ରେଳ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ

### ଆଜି ଭୂମିପୂଜା କରିବେ ଅଶ୍ୱିନୀ

ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ସାରା ରାଜ୍ୟରେ ରେଳ ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବା ଏବଂ ସଂଯୋଗୀକରଣକୁ ଉନ୍ନତକରିବା ଏହି ଏମ୍‌ଓୟୁର ଲକ୍ଷ୍ୟ ରହିଛି। ପରେ ମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଚାଲିଥିବା ପୁନର୍ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରିବେ।

# କନ୍ଦରପୁରରେ କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)


ବ୍ୟାଙ୍କ ଶାଖା ଉଦ୍‌ଘାଟନ ସମାରୋହରେ ମଞ୍ଚାସୀନ ଅତିଥି।

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କଟକ-ପାରାଦୀପ ରାସ୍ତାର କନ୍ଦରପୁରଠାରେ କାନାରା ବ୍ୟାଙ୍କର ଏକ ଶାଖା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶାଖାକୁ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ବ୍ୟାଙ୍କର ଓଡ଼ିଶା ମୁଖ୍ୟ ଜଗଦୀଶ ଚନ୍ଦ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମଣ୍ଡଳ ପ୍ରବନ୍ଧକ ତାପସ ରଞ୍ଜନ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଆଞ୍ଚଳିକ ପରିଚାଳକ ଆକିଲା ଟି, କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ବୈଜୟନ୍ତୀ ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସରପଞ୍ଚ ରାକେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଲୋକେ ନୂଆ ଆକାଉଣ୍ଟ ଖୋଲିଥିଲେ।

# 'ମାଇଁ ଭାରତ'ରେ ଯୋଡ଼ି ହେଲେଣି ୨ କୋଟି ଯୁବପିଢ଼ି

ଭୁବନେଶ୍ୱର,୩୧।୧୦

ଦେଶର ଯୁବକମାନଙ୍କୁ ସଶକ୍ତ କରି ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ମାଇଁ ଭାରତ ପ୍ଲାଟଫର୍ମ ଏକ ଅନନ୍ୟ ଉଦ୍ୟମ ରୂପେ ଉଭା ହୋଇଛି। ଆରମ୍ଭର ଦୁଇ ବର୍ଷରୁ କମ ସମୟ ମଧ୍ୟରେ ମାଇଁ ଭାରତ ୨ କୋଟିରୁ ଅଧିକ ଯୁବକ ଏବଂ ୧.୨୦ ଲକ୍ଷରୁ ଅଧିକ ସହଯୋଗୀ ସଂସ୍ଥାକୁ ଯୋଡ଼ି ଦେଶର ସବୁଠାରୁ ବଡ଼ ଡିଜିଟାଲ ପ୍ଲାଟଫର୍ମରେ ପରିଣତ ହୋଇଛି। ବର୍ତ୍ତମାନ ଏହି ପ୍ଲାଟଫର୍ମରେ ୧୪.୫ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଅବସର ଉପଲବ୍ଧ। ଏହା ୧୬,୦୦୦ରୁ ଅଧିକ ଯୁବ କ୍ଲବ ସଦସ୍ୟ ଏବଂ ୬୦,୦୦୦ରୁ ଅଧିକ ସଂସ୍ଥାଗତ ସହଯୋଗୀଙ୍କୁ ଯୋଡୁଛି। ଏଥିରେ ସରକାରୀ ସଂସ୍ଥା, ବିଦ୍ୟାଳୟ-ମହାବିଦ୍ୟାଳୟ ଏବଂ ଅନେକ ବେସରକାରୀ ସଂଗଠନ (ଏନଜିଓ) ସାମିଲ ଅଛି। ଚଳିତ ମାସ ଆରମ୍ଭରେ କେନ୍ଦ୍ର ସରକାର ମାଇଁ ଭାରତ ମୋବାଇଲ ଆପ ଲଞ୍ଚ କରିଛନ୍ତି। ଏହି ଆପ ପୋର୍ଟାଲରେ ସବୁ ବିଶେଷତ୍ୱ ସ୍ମାର୍ଟଫୋନରେ ଉପଲବ୍ଧ ହେଉଛି।

# ବାଲାଜୀ ମାର୍ବଲ୍‌ସ ରେ' ଶେରା ଟାଇଲସ ମେଗା ଶୋ'ରୁମ୍ ଉଦ୍‌ଘାଟିତ

କଟକ,୩୧।୧୦(କାର୍ତ୍ତିକ ସାହୁ)




୧୯୯୭ ମସିହାରୁ ସମଗ୍ର ଓଡ଼ିଶାରେ ଘରେ ଘରେ କାନ୍ଥ ଓ ଚଟାଣରେ ବିଛା ଯାଇଥିବା ରେ' ଶେରା କମ୍ପାନୀର ଟାଇଲସ ଓ ମାର୍ବଲ୍‌ସ ବହୁ ସୁନାମ ଅର୍ଜନ କରିପାରିଛି। ଏହି ଅବସରରେ ବିଡାନାସୀ ସିଡିଏ ରୋଡଠାରେ ରେ' ଶେରା କମ୍ପାନୀର ନୂତନ ଆଉଟ ଲେଟ ମେସର୍ସ ବାଲାଜୀ ମାର୍ବଲ୍‌ସ ଉଦ୍‌ଘାଟିତ ହୋଇଯାଇଛି। ପାଞ୍ଚ ହଜାର ବର୍ଗ ଫୁଟ ପରମିତ ଜାଗାରେ ଏହି ଟାଇଲ ଶୋ' ରୁମ୍‌ରେ ବିଭିନ୍ନ ଭେରାଇଟିର ଚଟାଣ କାନ୍ଥ ଟାଇଲ ମାର୍ବଲ୍‌ସ ଏବଂ ଗ୍ରାନାଇଟ ଆଦି ମହଜୁଦ ରହିଛି। ଉଦ୍‌ଘାଟନ ଉତ୍ସବରେ ରେ' ଶେରା କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଦିପେଶ ପଟେଲ ଓ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ନାରାୟଣ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ରେ' ଟାଇଲସ ମାର୍ବଲ ଏବଂ ଗ୍ରାନାଇଟ ସମସ୍ତ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଇତ୍ୟା ରଞ୍ଜନ ସ୍ୱାଇଁ ଓ କୋ ପ୍ରୋପାଇଟର ନରେଶ ପଣ୍ଡା କହିଛନ୍ତି। କମ୍ପାନୀର କର୍ମଚାରୀ ସୁରେଶ କୁମାର ସାହୁ, ସୁଶାନ୍ତ କୁମାର ପାଢ଼ୀ, ସୁଦର୍ଶନ ପାଢ଼ୀ, ସରୋଜ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ବେହେରା, ରମେଶ ପଣ୍ଡା, ରଶ୍ମିତା ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ।

# ହୋଣ୍ଡା ଆକ୍ଟିଭାର ୩୫ ନିୟୁତ ଗ୍ରାହକ

ଭୁବନେଶ୍ୱର,୩୧।୧୦

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍‌ଏମ୍‌ଏସ୍‌ଆଇ) ଆକ୍ଟିଭାର ୧୧୦, ଆକ୍ଟିଭା ୧୨୫ ଏବଂ ଆକ୍ଟିଭା-ଆଇର ଗ୍ରାହକ ସଂଖ୍ୟା ୩୫ ନିୟୁତରେ ପହଞ୍ଚିଛି। ମେଟ୍ରୋଠାରୁ ନେଇ ଛୋଟ ସହର ପର୍ଯ୍ୟନ୍ତ ଆକ୍ଟିଭାର ଉପସ୍ଥିତି ବାସ୍ତବରେ ସାରା ଭାରତରେ ରହିଛି। ୨୦୦୧ରେ ଏହା ବଜାର ପ୍ରବେଶ କରିବା ପରଠାରୁ ଦୁଇଚକିଆ ରୂପାନ୍ତରଣ କ୍ଷେତ୍ରରେ କେନ୍ଦ୍ରବିନ୍ଦୁ ହୋଇଛି ଏବଂ ଏହା ବିବିଧ ଜନସାଧାରଣଙ୍କ ମଧ୍ୟରେ ଚାଳକମାନଙ୍କ ପାଇଁ ଭରସାଯୋଗ୍ୟ ଓ ସୁଲଭ ଗମନାଗମନ ମାଧ୍ୟମ ପାଲଟିଛି। ଏଚ୍‌ଏମ୍‌ଏସ୍‌ଆଇର ଅଭିବୃଦ୍ଧି କ୍ଷେତ୍ରରେ ମଜଭୁତ ଅବଦାନ ରଖୁଥିବା ଆକ୍ଟିଭା ଭାରତୀୟ ଦୁଇଚକିଆ ବଜାରରେ ଏହି ବ୍ରାଣ୍ଡର ଉପସ୍ଥିତିରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ପ୍ରଥମ ୧୦ ନିୟୁତ ଗ୍ରାହକ ୨୦୧୫ ସୁଦ୍ଧା ହାସଲ କରାଯାଇଥିବାବେଳେ ୨୦ ନିୟୁତ ଗ୍ରାହକ ୨୦୧୮ରେ ଏବଂ ଏବେ ୩୫ ନିୟୁତ ଗ୍ରାହକ ୨୦୨୫ରେ ଯୋଡ଼ିହୋଇଛନ୍ତି ।

# କଗ୍ନିଜାଣ୍ଟର ରାଜସ୍ୱରେ ୭.୪% ବୃଦ୍ଧି

ଭୁବନେଶ୍ୱର,୩୧।୧୦

କଗ୍ନିଜାଣ୍ଟ (ନାସ୍‌ଡାକ୍: ସିଟିଏସ୍‌ଏଚ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏଥିରେ କଗ୍ନିଜାଣ୍ଟର ରାଜସ୍ୱ ବାର୍ଷିକ ଆଧାରରେ ୭.୪% ଏବଂ କ୍ରମିକ ଭାବେ (ସ୍ଥିର ମୁଦ୍ରାରେ ୨.୮%) ୩.୨% ବୃଦ୍ଧି ହୋଇ ୫.୪୨ ବିଲିୟନ ଡଲାର ରହିଛି । ଅପରେଟିଂ ମାର୍ଜିନ ୧୬.୦% ରହିଛି ଯାହା ବାର୍ଷିକ ଭିତ୍ତିରେ ୧୪୦ ବେସିସ୍ ପଏଣ୍ଟ ବୃଦ୍ଧି ହୋଇଛି। ଏହାଛଡ଼ା ଆଡ୍‌ଜଷ୍ଟେଡ୍ ଅପରେଟିଂ ମାର୍ଜିନ ବାର୍ଷିକ ୭୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧିହୋଇ ୧୬.୦% ରହିଛି। ୧.୩୯ ଡଲାରର ଆଡ୍‌ଜଷ୍ଟେଡ୍ ଇପିଏସ୍ ବାର୍ଷିକ ୧୧% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ୦.୫୬ ଡଲାରର ଜିଏଏପି ଇପିଏସ୍ ବାର୍ଷିକ ୦.୬୧ ଡଲାର ହ୍ରାସ ପାଇଛି, ଯେଉଁଥିରେ ୦.୮୦ ଡଲାରର ଏକ ଏକକାଳୀନ, ନଗଦବିହୀନ ଆୟକର ଖର୍ଚ୍ଚ ପ୍ରଭାବ ସାମିଲ ରହିଛି। ୨୦୨୫ର ସ୍ଥିର ମୁଦ୍ରା ରାଜସ୍ୱ ଅଭିବୃଦ୍ଧି ଆକଳନ ୬.୦%ରୁ ୬.୩%କୁ ବୃଦ୍ଧିପାଇଛି। ଏ ସମ୍ପର୍କରେ କଗ୍ନିଜାଣ୍ଟର ସିଇଓ, ରବି କୁମାର ଏସ୍ କହିଛନ୍ତି, '୩ୟ ତ୍ରୈମାସିକରେ କମ୍ପାନୀର ରାଜସ୍ୱ ବାର୍ଷିକ ଆଧାରରେ ୬.୫% ଓ ସ୍ଥିର ମୁଦ୍ରାରେ କ୍ରମିକ ଭାବେ ୨.୮% ବୃଦ୍ଧି ପାଇଛି, ଯାହା କ୍ରମାଗତ ଭାବେ ୫ମ ତ୍ରୈମାସିକ ପାଇଁ ଆମର ବାର୍ଷିକ ମୂଳ ରାଜସ୍ୱ ଅଭିବୃଦ୍ଧି ଏବଂ ୨୦୨୨ ପରଠାରୁ ଆମର ସବୁଠାରୁ ଶକ୍ତିଶାଳୀ କ୍ରମିକ ଅଭିବୃଦ୍ଧିକୁ ଉପସ୍ଥାପନ କରୁଛି। ଆମେ ଏହି ତ୍ରୈମାସିକରେ ୬ଟି ବଡ଼ ଡିଲ୍ ସ୍ୱାକ୍ଷର କରିଛୁ, ଯାହା ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଆମର ଡିଲ୍ ସଂଖ୍ୟାକୁ ୧୬ରେ ପହଞ୍ଚାଇଛି।


## Classified Everyday
0674-2580101, 9692975378



### REAL ESTATE SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D-06

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2438

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

Bhubaneswar Gothapatna 100ft ମେନରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D-07



### FOR RENT

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944

### LOST

ମୁଁ ଅଶୋକ କୁମାର ଗୁପ୍ତା, ପି- ୰ମୋହନ ପ୍ରସାଦ ଗୁପ୍ତା, ଗ୍ରାମ- ତାରା ଗାଁ, ଥାନା କୋଡ଼ିଙ୍ଗା, ଜିଲ୍ଲା ନବରଙ୍ଗପୁର ମୁଁ କୋଟଗାଁ, କେପିଜି ବ୍ୟାଙ୍କକୁ ଗଲାବେଳେ ମୋର ଏକ ବ୍ୟାଗ କେଉଁ ଠାରେ ହଜିଗଲା। ଉକ୍ତ ବ୍ୟାଗରେ ମୋର ଜମି ପଟ୍ଟା, ଆଧାର କାର୍ଡ,ପ୍ୟାନ କାର୍ଡ ଏବଂ କିଛି ଜମି ବିକ୍ରି ଦଲିଲ ଥିଲା। ଯଦି କେଉଁ ସହୃଦୟ ବ୍ୟକ୍ତିଙ୍କୁ ମିଳେ ଦୟାକରି ଏହି ନଂ 7682092914 ରେ ଯୋଗାଯୋଗ କରନ୍ତୁ। ଏ ନେଇ କୋଡ଼ିଙ୍ଗା ଥାନାରେ ମୁଁ ଲିଖିତ ଅଭିଯୋଗ କରିଛି। ଧ-୨୪୪୧

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Sarat Bala Pattnaik, W/o.- Shiba Charan Mohanty, Plot No.- 23/24, At/P.O.- Sailashree Vihar, P.S.- Chandrasekharpur, Dist.- Khordha, PIN- 751021, Odisha declare that I have changed my name from Pravat Nalini Mohanty to Sarat Bala Pattnaik. Henceforth, I shall be known as Sarat Bala Pattnaik for all purposes.
Sarat Bala Pattnaik D-2443

By virtue an affidavit before Executive Magistrate, Gondia, solemnly declare that I have changed my name from Laxman Malik Das to Laxman Malik. Henceforth, I shall be known as LAXMAN MALIK, S/o.- Late Bhagabat Malik, At-Nityanandapur, P.O./P.S.- Nihalprasad, Dist.- Dhenkanal for all purposes.
Laxman Malik D-2444

By the virtue of the affidavit No.- 3143, Dtd.- 30.10.2025, before Executive Magistrate, Bhadrak, I, Arun Kumar Pagal, S/o.- Narayan Pagal, At- Narayanpur, P.O.- Narayanpur, P.S.- Dhamanagar, Dist.- Bhadrak, PIN- 756117 declare that my name is wrongly mentioned as Aruna Kumar Pagal instead of Arun Kumar Pagal. I shall be known as ARUN KUMAR PAGAL for all future purposes. D-2446

I, PHEMAS DIGAL, S/o.- PABITRA DIGAL, R/o.- Gedingia, Mungelibadi, Manikeswar, Kandhamal, Odisha- 762101 have changed my name to FEMOSH DIGAL. D-2439

By virtue of an affidavit sworn before the Executive Magistrate, Chandbali, dated- 29.10.2025, I, Gayatri Tripathy, D/o.- Bidyadhar Tripathy, Vill./ P.O.- Karanapokhari, P.S.- Bansada, Dist.- Bhadrak, PIN- 756132, Odisha declare that I have changed my name from Gayatri Panda to Gayatri Tripathy. Henceforth, I shall be known as Gayatri Tripathy for all future purposes. D-2448

I, Mandara Majhi, W/o.- Suru Majhi, At- Chaunrimahul, P.O.- Banjari, Dist.- Jharsuguda, Odisha declared by this affidavit vide No-1905, Dtd.- 01.08.2025 that my true and correct name is Mandara Majhi and onward I shall be known as Mandara Majhi for all purpose. D-2445

I, Smt. Kora Domini, declared that as per affidavit No.- 94, Dtd.- 27.10.2025, before the Executive Magistrate, Nandapur my old name K Domini has been changed to Kora Domini. Henceforth, I will be known as Kora Domini wife of late Kora Samara, At- Darliput, P.O.- Padwa Dist.- koraput for all purposes. D-2447

I, Bharati Sahoo, W/o.- Ashok Kumar Sahoo, Resident of At- Baseli Sahi, P.O/Dist./P.S.- Khordha, PIN- 752055 Odisha declare by this affidavit No.- 1948, dtd.- 22.10.2025 that now onwards I shall be known as BHARATI JAGADEV for all future purposes. D-2442

### ADVERTISEMENT

Odisha State Ophthalmological Society needs a qualified vender for conducting their office Bearer's Election 2025, voting process on line on 17th, 18th & 19th November, 2025.
Please Contact: Dr. R. C. Meher
MEHER EYE HOSPITAL
ROURKELA- 769012,
Ph. No.: 94370 45706, 93370 57278


## LEGAL NOTICE

IR. No.- 1572
Date- 10.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୮୩୯ /୨୦୨୦

ଆଲୋକ ମହାନ୍ତି ...ବାଦୀ
ବନାମ
ଦେବରଞ୍ଜନ ମହାନ୍ତି ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ- ୨୦ ମୁତାବକ

୨. ଅର୍ଜୁନ ବେହେରା, ପିତା- ସମ ବେହେରା,୩. ରାମ ବେହେରା, ପିତା- ହାଡୁ ବେହେରା, ଉଭୟଙ୍କର ବାସସ୍ଥାନ ସା- ରାମଚନ୍ଦ୍ରପୁର, ପୋଷ୍ଟ- ଝାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୯।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା-ଓଗାଳପଡା, ତହସିଲ-ଜଟଣୀ, ଥାନା-ଜଟଣୀ, ଜିଲା -ଖୋର୍ଦ୍ଧା ସାବକ ଖାତା ନଂ.- ୧, ପ୍ଲଟ୍ ନଂ.- ୧୧୬, କିସମ- ଶାରଦ- ତିନି, ରକବା- ଏ୦.୪୦୫ଡି. ସ୍ୱଧରୁ, ଏ୦.୦୬୯ଡି, ପ୍ଲଟ୍ ନଂ.- ୧୧୫ , ରକବା-ଏ୦.୧୪୦ଡି. ସ୍ୱଧରୁ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ। ହାଲ୍ ଖାତା ନଂ.- ୮, ପ୍ଲଟ୍ ନଂ.- ୨୪୮, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୪୦୦ଡି. ସ୍ୱଧରୁ, ଏ୦.୧୨୪ଡି. ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:୧୦।୧୦।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୪୪୦

ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ପ୍ରବିର କୁମାର ନାୟକ,ଓ.ଏ.ଏସ୍,(ଏସ୍.ଏ.ଜି) ରିଭିଜ୍‌ନାଲ୍ କୋର୍ଟ ନଂ.୩, ଭୁବନେଶର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର, ଜି.- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୫୪୪/୨୦୨୪

ଯୋଗୀନ୍ଦ୍ର ବେହେରା .....ବାଦୀ
ବନାମ
ଉଲ୍ଲାସ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ...ପ୍ରତିବାଦୀମାନେ

ନୋଟିସ ଅର୍ଡର -୫ ରୁଲ -୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
୧. ଉଲ୍ଲାସ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୧),୨. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର (ପ୍ରତିବାଦୀ ନଂ.୨), ୩. ଅଭିମନ୍ୟୁ ମିଶ୍ର (ପ୍ରତିବାଦୀ ନଂ.୩) ଏ ସମସ୍ତଙ୍କ ପିତା ୰ଲିଙ୍ଗରାଜ ମିଶ୍ର, ୪. ସୁଶୀଳାବାଳା ମିଶ୍ର (ପ୍ରତିବାଦୀ ନଂ.୪) ସ୍ୱା-ଜୀବନବନ୍ଧୁ ମିଶ୍ର, କ୍ର.ନଂ.- ୧ ରୁ ୩ଙ୍କ ବାସସ୍ଥାନ: ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଇଟ୍ଟୋଭାଲି, ଜି- ଖୋର୍ଦ୍ଧା, ଓଡ଼ିଶା, ୫. ରତିକାନ୍ତ କାନୁନଗୋ (ପ୍ରତିବାଦୀ ନଂ.୫) ପିତା- ଅନିଲ କାନୁନଗୋ, ସା-ପ୍ଲଟ୍ ନଂ.- ୨୫୧, ଶହୀଦ ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଓଡ଼ିଶା।

ଏତ୍‌ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ.ଏସ କେସ୍ ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା ୩୦।୧୨। ୨୦୨୫ରିଖ ଦିବା ଘ୩:୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜି- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ନୀଳକଣ୍ଠପୁର ସାବକ ଖାତା ନଂ. ୧୬୫, ସାବକ ପ୍ଲଟ୍ ନଂ.୧୨୨, ସବ୍ ପ୍ଲଟ୍ ନଂ.- ୭ ଓ ୮, ରକବା- ଏ୦.୪୧୫ଡି. ସ୍ୱଧ, ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ, କିସମ- ଡ଼ିପମାଳ, ହାଲ୍ ଖାତା ନଂ.- ୨୮୬, ହାଲ୍ ପ୍ଲଟ୍ ନଂ.- ୧୫୮, ରକବା- ଏ୦.୧୩୮ଡି. ସ୍ୱଧ, ଏ୦.୦୫୫ଡି. ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ, ନିଜର ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା. ୨୬।୦୮।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୪୪୦

ପ୍ରଦକ୍ଷିଣ

# ମୁଁ ଅଙ୍ଗୀକାର କରୁଛି ଜୀବନ, ମୁଁ ତତେ ଭଲପାଏ

– ରାଜେନ୍ଦ୍ର କିଶୋର ପଣ୍ଡା

ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଜନ୍ମ ୨୪ ଜୁନ୍ ୧୯୪୪ରେ, ଅବିଭକ୍ତ ସମ୍ବଲପୁର ଜିଲାର ପତଲଗା ଗାଁ(ହୀରାକୁଦ ଜଳଭଣ୍ଡାରରେ ବିଲୀନ)ରେ। ବୃତ୍ତିରେ ଭାରତୀୟ ପ୍ରଶାସନିକ ସେବାଧିକାରୀ ଥିଲେ ବି କବିତା ରଚନା ଥିଲା ତାଙ୍କର ନିଶା ଓ ତପସ୍ୟା। ପ୍ରମୁଖ କବିତାଗ୍ରନ୍ଥ: 'ଗୌଣ ଦେବତା' (୧୯୭୫), 'ଅନବତାର ଓ ଅନ୍ୟ ଅନ୍ୟ' (୧୯୭୬), 'ଘୁଣାକ୍ଷର' (୧୯୭୭), 'ଶତଦ୍ରୁ ଅନେକ' (୧୯୭୭), 'ନିଜ ପାଇଁ ନାନାବାୟା' (୧୯୮୦), 'ଚୌକାଠରେ ଚିରକାଳ' (୧୯୮୧), 'ଶୈଳକଳ୍ପ' (୧୯୮୨), 'ଅନ୍ୟା' (୧୯୮୮), 'ବହୁବ୍ରୀହି' (୧୯୯୧), 'ବୋଧିନଭ' (୧୯୯୬) ଓ 'ମଣିଷ, ମଣିଷ' (୨୦୧୭)। ଓଡ଼ିଆ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୫, ପୁରସ୍କୃତ ବହି 'ଶୈଳକଳ୍ପ'), 'ଗଙ୍ଗାଧର ଜାତୀୟ କବିତା ପୁରସ୍କାର' (୨୦୧୦), 'ଶାରଳା ପୁରସ୍କାର' (୧୯୯୫- ପ୍ରତ୍ୟାଖ୍ୟାନ) ଓ 'କୁଭେଂପୁ ରାଷ୍ଟ୍ରୀୟ ପୁରସ୍କାର' (୨୦୨୦) ଦ୍ୱାରା ସମ୍ମାନିତ। ଅଭିନବ ବ୍ୟଞ୍ଜନା ଓ ଧ୍ୱନିଗର୍ଭୀ ସଂରଚନା ପାଇଁ ଭାରତୀୟ କବିତାରେ ଉଜ୍ଜ୍ୱଳ ତାଙ୍କ ସୃଜନ-ଛବି।


[୨୪ ଜୁନ୍ ୧୯୪୪ – ୨୪ ଅକ୍ଟୋବର ୨୦୨୫]

"ଯୋଉଠି ଯେତେବେଳେ ଯିଏ ବି କାନ୍ଦୁଛି,
ସେଇଠି ସେତେବେଳେ
ବିଷଣ୍ଣ ବାଳକ ପରି ତା'ରି ଭିତରେ
ମୁଁ ଇ କାନ୍ଦୁଛି।"
['ଆଶ୍ୱାସ', 'ଶୈଳକଳ୍ପ']

ବସିଲାଠୁଁ ଉଠିଗଲା ପରି ଆରପାରିକି ଚାଲିଗଲେ କବି ରାଜେନ୍ଦ୍ର କିଶୋର ପଣ୍ଡା, ୨୪ ଅକ୍ଟୋବର ୨୦୨୫ରେ। କୈଶୋରରୁ ତାଙ୍କ କବି-ଜୀବନର ଉନ୍ମେଷ ଘଟିଥିଲେ ବି ଜନନେତ୍ରରେ ଭାସ୍ୱର ହୋଇଛି ତାଙ୍କ ପ୍ରତିଭା ଗତ ଶତାବ୍ଦୀର ସପ୍ତମ ଦଶକରେ। ଆରମ୍ଭରୁ ଶେଷଯାଏଁ ସେ କ୍ରିୟାଶୀଳ ରହିଛନ୍ତି ଓଡ଼ିଆ କବିତାରେ। କେତେବେଳେ ବନ୍ଦିତ ତ କେତେବେଳେ ବିତର୍କିତ ଏହି କବି ଭାରତୀୟ କବିତାରେ





ଥିଲେ ଅମଡ଼ା ବାଟର ଯାତ୍ରୀ। ଓଡ଼ିଆ କବିତାରେ ଏକଦା ଥିଲେ ବଡ଼ ଏକ ଲହର। ଶବ୍ଦଙ୍କର ମୂଳ ଉପକୁ ଯାଇ ଗଢ଼ିଛନ୍ତି ନାନା ନୂଆ ଶବ୍ଦ କବିତାରେ, ଶବ୍ଦଙ୍କ ଭିତରେ ଚକରାଚକରି ଲଗେଇ ଦେଇ ନୂଆ ଧ୍ୱନିରେ ସେ ଶବ୍ଦର ଅର୍ଥକୁ ଅର୍ଥାନ୍ତରକୁ ନେଇଛନ୍ତି। 'ରିଭ ଖେଳୁଥିବା ଶିଶୁ ତାଙ୍କର କବିସତ୍ତା। 'ଶୃଙ୍ଗାର' ଓ 'ବୀଭତ୍ସ'– ଦୁଇ ରସର ସଉଦୁଣୀ କଳି କେବେ କେବେ ତାଙ୍କ କବିତାକୁ ପୁଣି କରିଥାଏ ଉପଭୋଗ୍ୟ। ୧୯୭୫ରୁ ୮୫– ଏଇ ଦଶ ବର୍ଷ ଥିଲା ରାଜେନ୍ଦ୍ରଙ୍କ କବିତାର ସବୁଠୁଁ ସ୍ମରଣୀୟ କାଳଖଣ୍ଡ। ଏହି ଅବଧିରେ ସେ ତାଙ୍କ ଜୀବନର ସର୍ବୋତ୍ତମ କବିତାଗୁଡ଼ିକୁ ଲେଖିଛନ୍ତି। ଜୀବନ ଓ କବିତା ହୋଇଛି ତାଙ୍କ ପାଇଁ ଏକଇ ମୁଦ୍ରାର ଦୁଇ ପାର୍ଶ୍ୱ। ଥରେ ସେ କହିଥିଲେ: "ମୋର କବିତା ଇ ମୋର ଆତ୍ମଜୀବନୀ। ଅନ୍ତତଃ ଗତ ଚାରି ପାଞ୍ଚ ବର୍ଷ ଧରି ମୁଁ ଯାହା ଲେଖୁଛି ନିଜକୁ କାବ୍ୟ ନାୟକ କରି, ତହିଁରେ ଅନୃତ-ଭାଷଣ କରିନାହିଁ; ମୋ' ଉପଲବ୍ଧି ପ୍ରତି ବିଶ୍ୱାସଘାତ କରିନାହିଁ।" (କଳିଙ୍ଗ ସାହିତ୍ୟ ସମାଜ, ବ୍ରହ୍ମପୁରର ବାର୍ଷିକ ସାହିତ୍ୟୋତ୍ସବ-୧୯୮୦ରେ ପ୍ରଦତ୍ତ ଅଭିଭାଷଣ)। ଲେଖୁଛନ୍ତି: "କ୍ଷୁଧାର ରାଉରାଉ ହାତନଖରେ/ ଖଣ୍ଡିଏ ରୁଟି ଛିନ୍ନବିଚ୍ଛିନ୍ନ ହୋଇଯିବାର ମୁଁ ଦେଖୁଛି/ ଉତ୍ତରଖଣ୍ଡରେ ରାମସଜୀବନ୍‌ର ହାଡୁଆ ଗାଡୁଆ ମୁହଁ/ ପୁତ୍ରଶୋକରେ କିଲିବିଲେଇ ଯିବାର ମୁଁ ଦେଖୁଛି.../ ରାଜନୀତିର ବାଘନଖୀ ଖେଳ/ ଉପରିକର ଚୌକି-ଧନ୍ୟ ମୁରାଟ/ ଶତ୍ରୁର କପଟ, ଈର୍ଷା, ଜିଘାଂସା/ ମତେ କେବେ ଅଧୋଫଣ କରିଛି, କେବେ ଆହତ,/ ଗ୍ରହଣ କରିଛି ସବୁକିଛି।" (ଜୀବନପ୍ରତି, ଶୈଳକଳ୍ପ)। ସୁଖ, ଦୁଃଖ, ଆନନ୍ଦ ବିଷାଦ ଭିତରେ ସେ ମଙ୍ଗେଇ ନେଇଛନ୍ତି ଜୀବନକୁ ସ୍ଲୁଇସଫାଟକ ବାଟରେ ରଙ୍ଗବେରଙ୍ଗର ଗୋଡ଼ି, ଜୋକି ଓ ଅନାବନା ପତ୍ର ଫୁଲ ଗୋଟାଇ ପକେଟରେ ଭରିଇ, ଦୁବ୍ରକାଣି ବର୍ଷାରେ ତିନ୍ତିବା, ମାଆ ବାପାଙ୍କୁ ଲୁଚାଇ ବିଡ଼ି ଟାଣିବା, ପାଣି ଚକର ଚକର କରି ତା'ର ଧ୍ୱନିରେ ବିମୋହିତ ହେବା, ତଳେ ଥାଇ ମେଘକୁ ଛିଆଇ ଲଢ଼େଇ ଲଗେଇଦେବା, ଅଚାନକ ନିଜର ଭିଜାମାଟି ହରାଇ ବସିବା, ମଶାଣିର ଅଶରୀରୀ ହାଣ୍ଡି ଖପରା ସଜିରେ ଗଳ୍ପକୁ ଉଠିଥିବା ଚାରାଗଛକୁ ଚାହିଁ ଅବାକ୍ ହେବା, ରାତିସାରା ଧଇଁପେଲା ଶ୍ୱାସ ଭୋଗି ପାହାନ୍ତାର ପୃଥ୍ୱୀକୁ ଅନେଇ କାନ୍ଦବାକୁ ହେବା ଓ ଓଠରେ ସ୍ମିତ ଫୁଟାଇ କହିବା– "ମୁଁ ଅଙ୍ଗୀକାର କରୁଛି ଜୀବନ/ ମୁଁ ତତେ ଭଲପାଏ"– ଏହିପରି ଜୀବନର ରକମ ରକମ ଅନୁଭୂତିରେ ଭାରାକ୍ରାନ୍ତ ତାଙ୍କ କବିତା। ସେ ସେଇଭ କବି, ଯିଏ 'ମଣିଷର ପ୍ରତିବେଶୀ'। ମୃତ୍ୟୁର ପାଖେ ପାଖେ ଥାଇ ମଧ୍ୟ ମୃତ୍ୟୁକୁ ତାଙ୍କର ଡର ନାହିଁ। ଜୀବନକୁ ସେ ବର ମାଗନ୍ତି: "ମତେ ଏଇ ବର ଦେ'ରେ ଜୀବନ୍!/ ଥରକୁ ଥର ମୁଁ ଯେମିତି ତୋର/ ଅଥଳ ଅଥୟ ଓଁଠର ଭିତରେ/ ଅତି ଛୋଟ ଏକ ଝୁଲି ତଣ୍ଟା ପରି/ ଏମିତି ଉଲ୍ଲାସରେ ବେଦନାରେ/ ନାଚୁଥିବି ଡେଇଁଥିବି ଘୁରୁଥିବି ଛିଟୁକୁଥିବି/ ମୋକ୍ଷଫୋକ୍ଷ ମୋର ଲୋଡ଼ା ନାହିଁ" (ଜୀବନ ପ୍ରତି, ସାଦାପୃଷ୍ଠା– ୩୬୬)।

ରାଜେନ୍ଦ୍ର ଜୀବନ ଓ ସମାଜ ପ୍ରତି ପ୍ରତିବଦ୍ଧ ସତ, କିନ୍ତୁ 'ଅନ୍ଧ ପକ୍ଷଭୁକ୍ତ ବା ପ୍ରାବକତା'ରେ ବିଶ୍ୱାସୀ ନୁହନ୍ତି। ତାଙ୍କ ମତରେ "ପ୍ରତିବଦ୍ଧତା ଏପରି ହେବା ଉଚିତ ଯେମିତି କବି ନିଜର ଦୋଷ ଦେଖୁ, ଅନ୍ୟାୟ- ଅନାଚାରରେ ନିଜର ପରୋକ୍ଷ ସଂଲିପ୍ତି ଦେଖୁ, କହିଦେଇପାରିବ: ପହିଲା ଗୁଳି ମୋତେ ମାର୍।" 'ନିଜ ପାଇଁ ନାନାବାୟା' କବିତାଗ୍ରନ୍ଥରେ ସ୍ଥାନିତ 'ଗୋଲାମ୍ ଦାସ୍' କବିତା। ବହୁ ଚର୍ଚ୍ଚିତ। ମୁହେଁ ମୁହେଁ ଘୂରିବୁଲେ ଆଜି ଏ କବିତାର କେତେକେତେ ଧାଡ଼ି: "ଅନାମ ଦାସ୍ ଅଧାମ୍ ଦାସ୍/ ଶୁଣ୍ ମୁଁ କହୁଛି ଗୋଲାମ୍ ଦାସ୍/ x x ମୁଁ ଦଲାଲ୍ ମୁଁ ଦଲାଲ୍/ ପହିଲା ଗୁଳି ମୋତେ ମାର୍..."। 'ଭୁବନେଶ୍ୱର' କବିତାରେ ଆଝୁରି ଚାଣ୍ ତାଙ୍କ ସୃଜନ-ଦମ୍ଭ। ଡାକିହାକି କହନ୍ତି: "ଭୁବନେଶ୍ୱର!/ ମୁଁ ଖାଟିର୍ କରେନା ତୋର ମଧୁପିଙ୍ଗଳ ମାନଚକ୍ରବର୍ତ୍ତୀମାନଙ୍କୁ/ ଶିରପା ମୁଦି ମକର କୁଣ୍ଡଳ ପାଇଁ କଚଳ କରୁଥିବା/ ସାହିତ୍ୟର ସିହାଣା ସୌଦାଗରମାନଙ୍କୁ, ଭୁବନେଶ୍ୱର!/ ମୁଁ ଖାତିର୍ କରେନା/ ପାହାଡ଼ ପ୍ରମାଣ ନଥି ଭିତରେ 'ବ୍ରହ୍ମାସ୍ତ୍ର' କରୁଥିବା/ ମୂଷିକମୁଖ କୁନି ସାଇବଙ୍କୁ।" (ଶୈଳକଳ୍ପ)। 'ଶ୍ରାବଣ' ଓ 'ଭୂତାଶନ' ଯଦିଓ ଏକାଠି ଜଳୁଥାଏ ରାଜେନ୍ଦ୍ରଙ୍କ କବିତାରେ, ନବରତ୍ନ ସଭାରେ ପଶି ନିଜକୁ କିନ୍ତୁ 'ଦଶ' ବୋଲି ଗଣିବାର ଅହମିକା ତାଙ୍କର ନ ଥାଏ କେବେ। ବରଂ ମନରେ ଥାଏ ନମ୍ର ଅଭିଳାଷ: "ଯୋଉଠି ଯେତେବେଳେ ଯିଏ ବି କାନ୍ଦୁ ତା'ରି ପାଖରେ/ ଠିଆ ହୁଅନ୍ତି ମୁଁ/ ଘଡ଼ିଏ/ ପୋଛି ଦିଅନ୍ତି ଲୁହ, କହନ୍ତି: ମଣିଷ!/ କାନ୍ଦନା!" ('ଆଶ୍ୱାସ', 'ଶୈଳକଳ୍ପ'– ସାଦାପୃଷ୍ଠା–୩୬୦)।

କବି ମାତ୍ରକେ 'ପ୍ରେରଣିତ ଶିଶୁ' ସୃଜନର। ଅନ୍ତରରେ ମଙ୍ଗଳର ଆବାହନୀ: "ସବୁ ମଲାଲୋକ ଲେଉଟି ଆସନ୍ତୁ ଶିଶୁ ହୋଇ/ ସବୁ ବଡ଼ ମଣିଷ ଶିଶୁ ପାଲଟି ଯାଆନ୍ତୁ/ ସବୁ ଶିଶୁ ରହିଥାନ୍ତୁ ଶିଶୁ ହୋଇ/ ସବୁ ଶିଶୁ କବି ହୋଇ ରହିଥାଆନ୍ତୁ!" (ଶିଶୁ, ସାଦାପୃଷ୍ଠା–୩୫୧)। ପତ୍ନୀ ଭିତରେ କବି ଆବିଷ୍କାର କରନ୍ତି ଚିରକାଳର ନାରୀକୁ। କହନ୍ତି: "ଅମୃତ ବୁନ୍ଦାକ ହୁଏତ ମୋ' ଭାଗ୍ୟରେ ନାହିଁ।/ ଏତିକି ଜାଣେ,/ ତୁମେ ଏମିତି ଏକ ସମୁଦ୍ର/ ଯାହାକୁ ନିରବଧି କାଳ ମନ୍ଥୁଥିଲେ ବି/ ହଳାହଳ ନିଗିଡ଼େ ନାହିଁ।" (ପତ୍ନୀ ପ୍ରତି, ଶୈଳକଳ୍ପ, ସାଦାପୃଷ୍ଠା– ୩୬୪)।

ରାଜେନ୍ଦ୍ରଙ୍କ କବିତାରେ ଥାଏ ଶୈଳୀର ନାନା ବୁଦ୍ଧିଦୀପ୍ତ ଛଟକ। ପୂର୍ବସୂରୀ କବିଙ୍କ କବିତା ସହ ତାଙ୍କ କବିତାର ଚେହେରା ମିଶେ ନାହିଁ। ନିଜ କବିତାରେ ବି ନିଜକୁ ଦୋହରାଇ ଯିବାର ସେ ପରିପନ୍ଥୀ। ସମଧର୍ମା ନୁହନ୍ତି, ଅସମଧର୍ମା ଯୁଯୁତ୍ସୁମାନଙ୍କ ପାଇଁ ସଦା ଅଭିପ୍ରେତ ଥାଏ ଚିର ଅନ୍ୱେଷୀ ତାଙ୍କ କବିତା। ଲୀଳା-କୁତୂହଳୀ ତାଙ୍କ ଶୈଳୀ। କେଇଟି ଉଦ୍ଧୃତି: ୧. "ନଈରେ ବାଳିଆ ଚହଟିବ/ ଡିମିରି ଫୁଲ ମହକିବ/ କାହାଳୀ ଘଣ୍ଟ ସଜାଡ଼ ଭାଇ/ ଛକଡ଼ି ପଧାନ ଯାଇଛି କହି/ ମନ୍ତ୍ରୀ ହୋଇ ନେଉଟିବ.../ ନେଉଟିବ।" (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା–୩୮୫), ୨. "ଭୁଞ୍ଜ୍ ବୋଇଲେ ଖାଇବୁ/ ଆଉ ଗିଳ୍ ବୋଇଲେ ଉପାସ ?/ କଥାକୁ ନ ବୁଝି ନଥାରେ ଗୁମାନ/ କାହିଁକିରେ ଧନ/ ତୋର କାହିଁରେ ଖମାର, ଉଆସ ?" (ନିଜ ପାଇଁ ନାନାବାୟା, ସାଦାପୃଷ୍ଠା–୩୯୮), ୩. "କାନ୍ଥ ନ ଶୁଣିଲା କାନ୍ଥକୁ ଜିଏ/ ବାଡ଼ ନ ଶୁଣିଲା ବାଡ଼କୁ ଜିଏ ?/ ଗହଳ ମାଣ୍ଡିଆ କେଉଁଠିରେ ବାୟା/ ପେଟେ ଓଦାକନା ଦେଏ/ ରାଣୀ ଶୋଇଛନ୍ତି ଲୁଷିବା ଘରେ ଯେ/ ସେଠି କୋଉ ନିଦ ହୁଏ!" ('ରଜାଘର ଭୋଜି', ସାଦାପୃଷ୍ଠା– ୩୯୨)। ଉକ୍ତିଗୁଡ଼ିକ ଭିତରେ ଚେକାଭିଡ଼ି ଶୋଇଛି ଶ୍ଳେଷ, 'ଅସ୍ତ୍ରମାନଙ୍କର ସଂଘାତରୁ ସମ୍ଭୂତ ଅଗ୍ନି'। (ବୋଧିନଭ-୩)

ଏକାଧିକ ଭଲ କବିତା ଲେଖିବା ସତ୍ତ୍ୱେ ସାରା ଜୀବନ କବି ଭୋଗିଛନ୍ତି ସ୍ୱ-କବିତା ପ୍ରତି ପାଠକର ଅସୂୟା ଓ ଅଣହେଳା। ବିଷାଦରେ ଜରିଜରି ଦିଶିଛନ୍ତି ବାଉଳ ପରି ବିଷଣ୍ଣ, ସୁଫୀ ସନ୍ନ୍ୟାସୀର ସ୍ୱର ପରି ଶୁଭିଛି ତାଙ୍କ ଉଦାସ କଣ୍ଠସ୍ୱର। ତାଙ୍କର ବୁଝିବା ବାକି ନ ଥିଲା ଯେ, ସାରା ଜୀବନ କବିତାରେ ବିତାଇବା ସତ୍ତ୍ୱେ ସ୍ୱ-ଅଭିଳଷିତ କବିତାଟି ସେ ଲେଖିପାରିଲେ ନାହିଁ। ତଥାପି ହାତରେ କଲମ ଥାଇ କବି ବିଦାୟ ନେଲେ। 'ଭୁବନେଶ୍ୱର' କବିତାରେ ସେ ବଚନ ଦେଇଛନ୍ତି– "ଯେତେବେଳେ ମରିଯିବି, ଆମ୍ଭା ମୋର ବିଜେ କରିବ/ ରାଜଧାନୀ ମନ୍ଦିରର/ ଛୋଟ ବଂଶାବଦକ ମୂର୍ତ୍ତିର ପଥର ଦେହ ପଥର ବଂଶରେ..." ମନେହୁଏ, ବୃଥା ହେବନାହିଁ ମିଛା କବି ରାଜେନ୍ଦ୍ରଙ୍କର ଏ ପ୍ରତିଶ୍ରୁତି!

ପ୍ରସ୍ତୁତି : ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୩୭୯୭୭୬୫୫

## ଅପର ପକ୍ଷ

ରାଜେନ୍ଦ୍ର କିଶୋର ପଣ୍ଡା

ସମବେତ ପ୍ରାର୍ଥନା ଗାଇବା ପାଇଁ
ଧାଡ଼ି ବାନ୍ଧି ଠିଆ ହେବା କଥା ତ
ତୁମେ ସବୁ ଠିଆହୁଅ।
ମୁଁ କିନ୍ତୁ ସ୍ୱର ମିଳାଇ
ଗାଇବା ପାଇଁ ବାଧ୍ୟ ନୁହେଁ।

ହାତଟିଏ ବଢ଼ି ଆସିଲେ
ନ ମିଳାଇବି କେମିତି ?
କିନ୍ତୁ ମିଳିତ ଦରଖାସ୍ତରେ
ମୋର ଦସ୍ତଖତ ?
ନା, ଧନ୍ୟବାଦ।
ମଡ଼ାର ଚିପଚିହ୍ନ ମୋର ନୁହେଁ।
ମୋର ହାତମିଳା କିଛି ନୁହେଁ–
କେବଳ ଶିଷ୍ଟାଚାର।

ଚୌକିମାନଙ୍କୁ ସଲାମ କରି ଆସିଲେ ବି
ମୁଁ ଜାଣେ: ସମସ୍ତ ଚୌକି ଶୂନ୍ୟ।


ଆପୋସ ଭାବକୁ ମୋର ଘୃଣା।
ହାଃ
ପାଦ ପାଖେ କିଏ ମୁଁ ଜାଣେ
ମୁଣ୍ଡ କଟିରେ କିଏ ମୁଁ ଜାଣେ
କିନ୍ତୁ
ଆଖି ଖୋଲି ପକ୍ଷଭୁକ୍ତ ହେବାକୁ
ମୁଁ ବାଧ୍ୟ ନୁହେଁ।

ପକ୍ଷ କଥା ଉଠୁଛି ତ
ମୋତେ ସାମିଲ କର ଅପର ପକ୍ଷରେ
(ଶରଣ ପଶିବାର ସୌଭାଗ୍ୟ
ମୋର ନାହିଁ)
ତୁମର ଅପର ପକ୍ଷ ବି ଜାଣେ
ଯେ, ମୁଁ ତା'ର ବି ଅପର ପକ୍ଷରେ।
ଏକ ବଚନ।

[କବିତାର ନିର୍ବାଚିତ ଅଂଶ ସ୍ଥାନିତ]

## ପୁସ୍ତକ ପରିଚୟ


### ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ



**ଲେଖକ:** ଡ. ନାରାୟଣ ମହାନ୍ତି
**ପ୍ରକାଶକ:** ଅଧ୍ୟାପିକା ନାହାରିକା ଦାସ ସ୍ମୃତିନ୍ୟାସ, ଝାଞ୍ଜିରିମଙ୍ଗଳା, କଟକ-୯
**ଦ୍ୱିତୀୟ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/–

ଆଲୋଚ୍ୟ ପୁସ୍ତକର ପ୍ରଥମ ସଂସ୍କରଣ ୨୦୧୯ରେ ପ୍ରକାଶ ପାଇଥିଲା ଓ ଦ୍ୱିତୀୟ ସଂସ୍କରଣ ଏବେ ପ୍ରକାଶ ପାଇଛି। ବିଶିଷ୍ଟ ଦାର୍ଶନିକ ଓ ଲେଖକ ପ୍ରୟାତ ହୃଦାନନ୍ଦ ରାୟଙ୍କ ପ୍ରେରଣା ଏହି ଗ୍ରନ୍ଥ ପ୍ରକାଶନ ମୂଳରେ ରହିଛି ବୋଲି ଲେଖକ ସୂଚାଇଛନ୍ତି। ପ୍ରଥମ ସଂସ୍କରଣର ମୁଦ୍ରିତ ସମସ୍ତ ପାଞ୍ଚଶହ କିତା ନିଃଶେଷ ହୋଇଯିବା ପରେ ଓ ପ୍ରଥମ ସଂସ୍କରଣର ଅପୂର୍ଣ୍ଣତାକୁ ପୂରଣ କରିବା ଲକ୍ଷ୍ୟରେ ଦ୍ୱିତୀୟ ସଂସ୍କରଣ ପ୍ରକାଶର ପରିକଳ୍ପନା କରାଯାଇଛି। ଏଥିରେ ମଧ୍ୟ ସେ ପ୍ରାପ୍ତ ଓ ଉପଲବ୍ଧ ସମସ୍ତ ତଥ୍ୟକୁ ଅନ୍ତର୍ଭୁକ୍ତ କରିପାରିନାହାନ୍ତି ବୋଲି ମୁଖବନ୍ଧରେ ଅକୁଣ୍ଠ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି। ଯାହା ମନେହୁଏ, 'ଓଡ଼ିଶାରେ ଦର୍ଶନଶିକ୍ଷା' ସମ୍ପର୍କରେ ଡକ୍ଟର ମହାନ୍ତିଙ୍କର ଏହି ଗ୍ରନ୍ଥଟି ହେଉଛି ସର୍ବପ୍ରଥମ ଉଦ୍ୟମ। ଏଥିରେ ମୋଟ ଦଶଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ରେଭେନ୍‌ସା କଲେଜ (ଯେଉଁଠୁ ରାଜ୍ୟରେ ଦର୍ଶନ ଶିକ୍ଷାର ଭିତ୍ତି ସ୍ଥାପନ ହୋଇଥିଲା), ଦ୍ୱିତୀୟରେ ବେସରକାରୀ କଲେଜ ସମୂହ, ତୃତୀୟରେ ସରକାରୀ କଲେଜ ସମୂହ, ଚତୁର୍ଥରେ ଉତ୍କଳ ବିଶ୍ୱବିଦ୍ୟାଳୟ, ପଞ୍ଚମରେ ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କ ତଥ୍ୟ, ଷଷ୍ଠରେ ଦର୍ଶନଶାସ୍ତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଗୁଣୀ ବ୍ୟକ୍ତିବିଶେଷ, ସପ୍ତମରେ ଓଡ଼ିଆ ସାହିତ୍ୟକୁ ଦର୍ଶନଶାସ୍ତ୍ରବିତ୍‌ମାନଙ୍କ ଅବଦାନ, ଅଷ୍ଟମରେ ବିଭିନ୍ନ କ୍ଷେତ୍ରରେ ଦର୍ଶନଶାସ୍ତ୍ରବିତ୍‌ଙ୍କ ଅବଦାନ, ନବମରେ ବିଦେଶରେ ଓଡ଼ିଶାର ଦର୍ଶନ ଶାସ୍ତ୍ରବିତ୍ ଓ ଦଶମରେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀ ଆଦି ପ୍ରସଙ୍ଗ ରହିଛି। ଏଭଳି ଏକ ପୁସ୍ତକ ଓଡ଼ିଶାର ବର୍ତ୍ତମାନ ପିଢ଼ି ଓ ଭବିଷ୍ୟତ ପିଢ଼ିର ଦର୍ଶନଶାସ୍ତ୍ର ଅନୁରାଗୀ ତଥା ସାଧାରଣ ପାଠିକା ପାଠକଙ୍କ ପାଇଁ ଯେ ଅତ୍ୟନ୍ତ ଉପଯୋଗୀ, ଏଥିରେ ସନ୍ଦେହ ନାହିଁ।


### ଶ୍ରୀକୃଷ୍ଣ କୃଷ୍ଣା



**କବୟିତ୍ରୀ:** ଭାନୁମତୀ ସାହୁ
**ପ୍ରକାଶକ:** ବ୍ଲାକ୍ ଇଗଲ ବୁକ୍ସ, ଭୁବନେଶ୍ୱର/ଡବ୍ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/–

କବିତିର ଦୁଇଟି ଭାଗ। ପ୍ରଥମରେ 'ଶ୍ରୀକୃଷ୍ଣ' ଓ ଦ୍ୱିତୀୟ ଭାଗରେ 'କୃଷ୍ଣା'– କୃଷ୍ଣ ଓ ଦ୍ରୌପଦୀଙ୍କୁ ଚରିତ୍ର କରି ଦୁଇଟିଯାକ ଦୀର୍ଘ କବିତା ଲେଖାଯାଇଛି। କବିତା ଦ୍ୱୟର ଭିତ୍ତି ହେଉଛି 'ଈଶ୍ୱର ବିଶ୍ୱାସ'। ଶ୍ରୀକୃଷ୍ଣ କବିତାଟି ଏକ ସ୍ୱପ୍ନିଳ ସମ୍ମୋହନ ଭିତରୁ ଉତ୍ପତ୍ତି, ଯେଉଁଠି କବୟିତ୍ରୀ କହନ୍ତି: "ଜନ୍ମର ଆରମ୍ଭରୁ ଓ ଜନ୍ମର ଶେଷ ପର୍ଯ୍ୟନ୍ତ/ ତୁମ ପାଦତଳେ ମୁଁ ହିଁ ସମର୍ପିତ/ ଅନ୍ୟର ଉପେକ୍ଷାରେ ମନରେ ବିଷ ଭରେ/ ତଥାପି ଭଲ ପାଇବାର ଦ୍ରାହି ଦେଇ/ ନିଜକୁ ସମ୍ଭାଳେ।" (ପୃ:୪୭)। 'ଶ୍ରୀକୃଷ୍ଣ'ରେ ମୋଟ ୩୮ଟି ଭାଗ ରହିଛି, ସବୁଥିରେ କୃଷ୍ଣଙ୍କୁ ନେଇ କବୟିତ୍ରୀଙ୍କର ମନୋଭାବନା ସ୍ଥାନିତ। 'କୃଷ୍ଣା'ରେ ଲେଖିକା କହନ୍ତି ଦ୍ରୌପଦୀଙ୍କ କା' ହେଇ ଶ୍ରୀକୃଷ୍ଣଙ୍କୁ: "ଶୋକ, ଦୁଃଖ, ଯନ୍ତ୍ରଣାର ମାୟାର ଭ୍ରମରେ ପଡ଼ି/ ଭ୍ରମି ଭ୍ରମି ମାୟାଗ୍ରସ୍ତା ହେଲି/ ଆଜି ହିମାଳୟ ପଥର ଯାତ୍ରାରେ/ ନିଃଶେଷ କରିଦିଅ ମୋତେ କ୍ଷଣକରେ/ ମିଶୁ ମୋର ଆତ୍ମା ତୁମ ପରମାତ୍ମାଠାରେ।" (ପୃ:୩୧୨)। କୃଷ୍ଣାରେ ରହିଛି ୨୭ଟି ଭାଗ। କବିତାର ଗୁଣାଗୁଣ ସମ୍ପର୍କରେ ମନ୍ତବ୍ୟ ଦେବାଠୁଁ ଶ୍ରେୟସ୍କର ବହିଟିକୁ କେବଳ ପାଠିକାପାଠକଙ୍କ ଆଗରେ ନିଷ୍ପକ୍ଷ ଭାବେ ତୋଲିଧରିବା। ଆଶା, କବୟିତ୍ରୀଙ୍କ ଶବ୍ଦସେବା ବ୍ୟର୍ଥ ଯିବ ନାହିଁ।

## କାଳକାଳକୁ



"ଆକ୍ରମଣ କରୁଥିବା ଶତ୍ରୁଙ୍କୁ ଡର ନାହିଁ, ଡର ତୋଷାମଦି କରୁଥିବା ବନ୍ଧୁଙ୍କୁ।"
– ଡେଲ୍ କାର୍ନେଗୀ

ଡେଲ୍ କାର୍ନେଗୀଙ୍କ ଜନ୍ମ ୨୪ ନଭେମ୍ବର ୧୮୮୮ରେ ଆମେରିକାର ମିସୌରୀରେ ଓ ପରଲୋକ ୦୧ ନଭେମ୍ବର ୧୯୫୫ରେ ନ୍ୟୁୟର୍କର ଫରେଷ୍ଟ ହିଲ୍‌ସରେ। ବୃତ୍ତି ଅଧ୍ୟାପନା ଓ ବୃତ୍ତି ଲେଖାଲେଖି। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ହେଲା– 'ହାଓ ଟୁ ୱିନ୍ ଫ୍ରେଣ୍ଡସ ଆଣ୍ଡ ଇନ୍‌ଫ୍ଲୁଏନ୍‌ସ ପିପୁଲ୍' (୧୯୩୬), 'ହାଓ ଟୁ ଷ୍ଟପ୍ ୱରିଙ୍ଗ ଆଣ୍ଡ ଷ୍ଟାର୍ଟ ଲିଭିଂ' (୧୯୪୮) ଓ 'ଲିଙ୍କନ୍ ଦ ଅନ୍‌ନୋନ୍' (୧୯୩୨)। ସେ କହୁଥିଲେ: "ବିଫଳତା ଭିତରୁ ସଫଳତା ଆହରଣ କର" ଏବଂ କହୁଥିଲେ: "ଉପଯୋଗ ନ ହେବା ଯାଏଁ ଜ୍ଞାନ ଶକ୍ତି ନୁହେଁ।" ଲୋକଶକ୍ତି ନିର୍ମାଣରେ ନିଜର ବିଦ୍ୱତ୍ତା ଓ ମହତ୍ତର ଯୋଗଦାନ ପାଇଁ ସେ 'ଗ୍ଲୋବାଲ ଲିଡରସିପ୍ ଆୱାର୍ଡ'ରେ ସମ୍ମାନିତ ହୋଇଥିଲେ।

## ମନୁଷ୍ୟ

ଅନୁବାଦ ଗଳ୍ପ

ମୂଳହିନ୍ଦୀ– ଡ. ଚନ୍ଦ୍ରେଶ କୁମାର ଛତଲାନୀ
ଅନୁବାଦ– ମଧୁସ୍ମିତା ପଟ୍ଟନାୟକ

ଲେଖକ ମୋହିତ ହେଇଯାଇଥିଲେ ତା'ର ରୂପ ଦେଖି। ସେଥିପାଇଁ ପ୍ରତିଦିନ ତା'ର ପିଛା କରି କରି ଲେଖୁଥିଲେ ବହିଟିଏ ତା' ଉପରେ। ଆଜି ସେ ବହିକୁ ଶେଷ କରିବାକୁ ଯାଉଥିଲେ। ସେ ପ୍ରଥମ ପୃଷ୍ଠା ଖୋଲିଲେ, ଯେଉଁଥିରେ ଲେଖାଥିଲା "ଆଜି ମୁଁ ତାକୁ କଇଞ୍ଚ ରୂପରେ ଦେଖିଲି, ସେ ନିଜ ଖୋଳପା ଭିତରେ ପଶିଥିଲା"।

ତା'ପରେ ଦ୍ୱିତୀୟ ପୃଷ୍ଠା ଖୋଲିଲେ, ସେଥିରେ ଲେଖାଥିଲା "ଆଜି ସେ ବିଲୁଆ ରୂପରେ ଥିଲା"। ଜଣକ ପଛରେ ଜଣେ ସମସ୍ତେ ଆଖି ବନ୍ଦ କରି ଚିଲୋଉଥିଲେ।

ଆଉ ତୃତୀୟ ପୃଷ୍ଠାରେ ଲେଖାଥିଲା, "ଆଜି ସେ ଥିଲା ଈଶ୍ୱରଙ୍କ ରୂପରେ ଆଉ ତାକୁ ନିଦରେ ଲାଗୁଥିଲା କି ସେ କୌଣସି ଅବତାରକୁ ସୃଷ୍ଟି କଲା"।

ତା' ପର ପୃଷ୍ଠାରେ ଲେଖାଥିଲା, "ଆଜି ସେ ଗୋଟିଏ ମେଣ୍ଢା ଥିଲା। ରାସ୍ତା ସମ୍ପର୍କରେ ତା'ର କୌଣସି ଜ୍ଞାନ ନ ଥିଲା। ସେ ଆଖି ବନ୍ଦ କରିଥିଲା ଆଉ ତାକୁ ବାଡ଼େଇ ବାଡ଼େଇ ଚରାଉଥିଲା"। ତା' ପର ପୃଷ୍ଠାରେ ଲେଖା ହୋଇଥିଲା, "ଆଜି ସେ ମୃତୁ ପାନୀୟ ବୋତଲ ରୂପରେ ଥିଲା, ଆଉ ତା'ର ରକ୍ତ ପିଇବାକୁ ଯାଉଥିଲା"। ଯାହାକୁ ସେ ନିଜର ସୃଜିତ ଅବତାର ବୋଲି ଭାବୁଥିଲା, ତାକୁ ଭବିଷ୍ୟତର ସ୍ୱପ୍ନରେ ବୁଡ଼େଇ ରଖୁଥିଲା।

ଲେଖକଙ୍କର ଆଗକୁ ଥିବା ପୃଷ୍ଠା ଆଉ ପଢ଼ାଗଲା ନାହିଁ। ତାଙ୍କ ଭଲପାଇବା ତାକୁ ଅଟକେଇଦେଲା ଆଉ ଆଗକୁ ପଢ଼ିବାକୁ। ପ୍ରଥମ ପୃଷ୍ଠା ତଳେ ସେ ଲେଖିଲା– 'ଧର୍ମନୀତି'! ଦ୍ୱିତୀୟ ପୃଷ୍ଠା ତଳେ ଲେଖିଲା– 'ରାଜନୈତିକ ସ୍ଲୋଗାନ', ତୃତୀୟ ପୃଷ୍ଠା ଶେଷରେ ଲେଖିଲା– 'ନିର୍ବାଚନରେ ବିଜୟ', ଚତୁର୍ଥ ପୃଷ୍ଠା ଶେଷରେ ଲେଖିଲା– 'ଚେସ୍‌ର ଗୋଟି', ପଞ୍ଚମ ପୃଷ୍ଠା ଶେଷରେ ଲେଖିଲା– 'ମହଙ୍ଗାଇ'। ଶେଷରେ ବହିଟିକୁ ବନ୍ଦକରି ଶୀର୍ଷକ ରଖିଲା– 'ମନୁଷ୍ୟ'।

ପ୍ଲଟ ନମ୍ବର–୨୭, ବ୍ରହ୍ମେଶ୍ୱରବାଗ,
ଟଙ୍କପାଣି ରୋଡ, ଭୁବନେଶ୍ୱର–୭୫୧୦୧୮

କବିତା

## ବର୍ଣ୍ଣବାଦ

ଭରତ ବେହେରା

ଏମିତି ଥିଲା
ବର୍ଣ୍ଣବାଦର କରୁଣ ପରିଣତି ଯେ
ଜିଇବାକୁ ହେଲା ସାରା ଜୀବନ
ପୁରୁଷ ପୁରୁଷ ଗାଁ ଶେଷମୁଣ୍ଡ
ଅପବୃତ ହୋଇଥିଲା
ମଣିଷର ମଞ୍ଜ: ଜିନ୍ ଜେନମ୍।

ସେମାନଙ୍କ ଭାଗରେ
ନା ଥିଲା ପ୍ରସ୍ତପ୍ରସ୍ତ ଘର
ନା ବାଡିବାଟି ଜମି।

ଥିଲା: ହଜାର ବର୍ଷର ଘୃଣା, ଅପମାନ
ଯୁଗଯୁଗରୁ ଅବନତ ହୋଇଥିଲା ମଥା
ଭାଙ୍ଗି ଦିଆଯାଇଥିଲା
ଗର୍ବିତର ଗାଡ଼ ଗଡ଼ଶ।

ତେବେ ବି ସବୁ ଅବିଚାର ଅନାଦର
ମୁଣ୍ଡରେ ଥୁଣ୍ଡେଇ ସେମାନେ ଚାଲିଛନ୍ତି
ଜିଇଛନ୍ତି ଶତାବ୍ଦୀ ଶତାବ୍ଦୀ।

ସେମାନଙ୍କର ଥିଲା କଳା ମଟମଟ ଦେହ
ଥିଲା ବଳିଷ୍ଠବାହୁ
ଥିଲା କମରର ଅପ୍ରମିତ ବଳ
ଲକ୍ଷ୍ୟ ସମୟ ଖଟିବାର ତାକତ।

ଅଥଚ ପାଦତଳ ମାଟି ନଥିଲା
ଏକାନ୍ତ ନିଜର।

ସେମାନଙ୍କ ଉପଜାତିର ନାମ
ଏତେ ତିକ୍ତ, ଏତେ କଟୁ ଯେ
ଉଚ୍ଚାରଣ କଲାକ୍ଷଣି ଦୁର୍ଗନ୍ଧ ଯାଏ
ସାରାଦେହ ଶିରା ଓ ପ୍ରଶିରା
ଅନୁଭବ ଅନୁଷଣ କିଏ ଯେମିତି
ବିଷ ଢାଳେ କଳିଜାରେ କଣ୍ଠା।

ଏତେ ଘୃଣା, ଅବିଚାର, ଅପମାନ ସତ୍ତ୍ୱେ
ସେମାନେ ତୁଠର ପଥର ପରି ସବୁ ସହିଛନ୍ତି
କାଳ ନିରବଧି।
ସେମାନଙ୍କ ଉଦାରତାର ଲକ୍ଷ୍ୟ ପ୍ରସ୍ତ
ସହଣିର ଗଭୀରତା, ଖଟଣିର ମୂଲ୍ୟ
ଆକଳନ କିଏ ସେ କରିବ ?
ଦେଖ, ବର୍ଣ୍ଣବାଦର ଜଳନ୍ତା ବହ୍ନି
ଜାଳିପୋଡ଼ି ପାଉଁଶ କରିଛି
କୋଟି କୋଟି ନିରୁଚ୍ଛୁଣା ମାମୁଲି ମଣିଷ।

ଏମ୍.ଆଇ.ଜି.–୨୨
ଜି.ଏସ୍.ନଗର, ଜଗତପୁର, କଟକ
ମୋ: ୯୪୩୭୭୫୭୦୧୨୦

## ଅଶରୀରୀ

ଦୀପ୍ତି ମିଶ୍ର

ଆଜିକାଲି କିଏ ଗୋଟେ
ମୋ' ପାଖେପାଖେ ରହୁଛି
ମୋତେ ସବୁବେଳେ ଜଗିଛି,
କାଳେ କାହାକୁ କହିଦେବି
'ତୁମେ ମୋ ନିଜର...
ମୁଁ ତୁମକୁ ଖୁବ୍ ଭଲପାଏ।'

କାରଣ ଏଠି ସଂପ୍ରତିର ଅନୁଭବ
ଆଣିଦିଏ ବିଷାକ୍ତ ଅନୁଭୂତି,
ଝରଣା ବି ତା'ର କୁଳୁକୁଳୁ ସ୍ୱରକୁ
ବେଳେବେଳେ ହରାଇଦିଏ,
ଏଇ ଭାବମୟ ସଂସାରରେ
ଭାବର ବନ୍ଧନରେ ବାନ୍ଧି ହେବାକୁ
ସଂକୋଚ କରେ।

ଆଉ ଏଠି 'ପ୍ରୀତି' 'ପ୍ରୀତି' କହି
ଯେଉଁମାନେ ଚିତ୍କାର କରନ୍ତି
ସେମାନେ ବୁଝନ୍ତି ନାହିଁ
ପ୍ରୀତିର ସୌଷମ୍ୟ,
ପ୍ରୀତିର ଲାବଣ୍ୟ
'ପ୍ରୀତି'ଟା ସବେ ଅବା ତାଙ୍କ
ଗୋଡ଼ ତଳର ଦାସ
ତାଙ୍କ ହାତଗଢ଼ା କଣ୍ଢେଇ
ଯେତେବେଳେ ଚାହିଁବେ
ସେତେବେଳେ ପାଇଯିବେ ତାକୁ,
ଆଉ ମନଇଚ୍ଛା ବ୍ୟବହାର କରିବେ
ଯେପରି ଚାହିଁବେ।

ଆଜିକାଲି କିଏ ଗୋଟେ ମୋର
ପାଖେପାଖେ ରହୁଛି
ଜାଣିପାରୁନି ସେ 'ପ୍ରୀତି' ନା 'ଭୀତି'
ଏ ଦୁନିଆ ମୋତେ
ଯାହା ଦେବାର ତ ଦେଇଛି
ଆଉ କ'ଣ ବା ଦେବ ?
ଯାହା ଦେଉ ବା ନ ଦେଉ ମୋତେ
ଚିହ୍ନେଇ ଦେଇଛି କିନ୍ତୁ ଆପଣାକୁ।

ମୋ: ୯୪୩୭୪୦୪୩୦୮

## ଦୁଇଟି ମିନି କବିତା

କୃଷ୍ଣା ମିଶ୍ର

### କୋଣାର୍କ

କୋଣାର୍କରେ ଶିଳାପଦ୍ମ
ଆଉ ଫୁଟେ ନାହିଁ,
କାରୁକଳା ଧୋଇଗଲା ପରେ
କାଳର ସ୍ରୋତରେ,
ଉତ୍କଳୀ ମନର ଭାବ
କେବଳ ହିଁ ସୂର୍ଯ୍ୟ ବୁଝିପାରେ
ସେଇଥିପାଇଁ ତ ନିତିଦିନ
ଭଙ୍ଗା ଦେଉଳକୁ ତା'ର ଆଦରରେ
ଛୁଇଁଯାଏ, ସକାଳର
କଅଁଳ ଖରାରେ!

### ଦିନେ କେବେ

ଦିନେ ତ ଫୁଟିବ ଫୁଲ,
ପାଣି କିଏ ଦଉ କି ନ ଦଉ
ପାଚି ଉଠୁଥିବ ଫଳ
ତୋଳି କିଏ ନଉ କି ନ ନଉ।

ସେ ଗଛକୁ ରୋପି ଦେଇ
ତା' ଦେହେ ମୋ' ଆତ୍ମା ଥାପିଦେବି
ଫୁଲ ଫଳ ଭରିଥିବ
ଜାଣେନି, ମୁଁ ଥିବି କି ନ ଥିବି।

ବାଣପୁର, ଖୋର୍ଦ୍ଧା
ମୋ: ୯୮୫୩୩୭୬୫୩୭୪

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୧/୨୦୨୫ Bhubaneswar, Saturday, November 1/ 2025

# ବାରବାଟୀରେ ଆଜିଠାରୁ ଓଡ଼ିଶା-ଆନ୍ଧ୍ର ପ୍ରଦେଶ



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଦଳ।

**ରଣ୍ଜୀ ଟ୍ରଫି**

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଚଳିତ ରଣ୍ଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ଶନିବାରଠାରୁ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ। କଟକର ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଦୁଇ ଦଳ ବେଶ୍ କିଛି ସମୟ ବାରବାଟୀରେ ଅଭ୍ୟାସ କରି ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ବରୋଦା ନିକଟରୁ ହାରି ଯାଇଥିବାବେଳେ ଉତ୍ତର ପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଡ୍ର ରଖିଥିବାରୁ ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଆନ୍ଧ୍ର ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳିଥିବାବେଳେ ଉତ୍ତର ପ୍ରଦେଶଠାରୁ ପ୍ରଥମ ଇନିଂସରେ ପଛୁଆ ରହିବାରୁ ଗୋଟିଏ ପଏଣ୍ଟ ପାଇଛି। ବରୋଦା ବିପକ୍ଷ ଦ୍ୱିତୀୟ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ତେଣୁ ୨ ପଏଣ୍ଟ ସହିତ ଆନ୍ଧ୍ର ଏଲିଟ ଗ୍ରୁପ୍ 'ଏ' ଟେବୁଲର ୬ଷ୍ଠ ଏବଂ ଓଡ଼ିଶା ସର୍ବନିମ୍ନ ୮ମ ସ୍ଥାନରେ ରହିଛି।

ଉଭୟ ମ୍ୟାଚରେ ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ଚିନ୍ତାର କାରଣ ହୋଇଛି। କେତେଜଣ ଖେଳାଳି ବ୍ୟକ୍ତିଗତ ଭାବେ ଭଲ ଖେଳିଥିଲେ ଦଳଗତ ପ୍ରଦର୍ଶନରେ ଓଡ଼ିଶା ବିଫଳ ହୋଇଛି। ବୋଲିଂ ମଧ୍ୟ ସେପରି ପ୍ରଭାବୀ ହୋଇପାରିନାହିଁ। ଘରୋଇ ପରିବେଶରୁ ଫାଇଦା ଉଠାଇ ନ ପାରିବା ମଧ୍ୟ ଦଳ ପାଇଁ ଚିନ୍ତାଜନକ ରହିଛି। ବାରବାଟୀରେ ଗୋଟିଏ ମ୍ୟାଚ ଖେଳିସାରିଥିବାରୁ ଆଗାମୀ ମ୍ୟାଚରେ ଦଳ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି। ୨୦୦୭ରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆନ୍ଧ୍ର ୧୦୨ ରନରେ ବିଜୟୀ ହୋଇଥିଲା। ଶେଷଥର ପାଇଁ ୨୦୧୭ ଅକ୍ଟୋବର ୨୪ରୁ ୨୭ ପର୍ଯ୍ୟନ୍ତ ବିଜୟନଗରମ୍‌ଠାରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରହିଥିଲା। ଏଥିରେ ଓଡ଼ିଶା ଫଲୋଅନ ହୋଇଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଆନ୍ଧ୍ର ୩ ପଏଣ୍ଟ ପାଇଥିଲା। ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ। ଆନ୍ଧ୍ର ପ୍ରଦେଶ ଦଳ: ରିକି ଭୁଇ (ଅଧିନାୟକ), ସିରାପାରାପ୍ପୁ ଆଶିଷ, ଅଶ୍ୱିନ ହେବ୍ବାର, ଶ୍ରୀକର ଭରତ, କରନ ଶିନ୍ଦେ, ପୃଥ୍ୱୀ ରାଜ, ସତ୍ୟନାରାୟଣ ରାଜୁ, ଶେଖ ରଶିଦ, ଅଭିଷେକ ରେଡ୍ଡୀ, ରେଭନ୍ଥ ରେଡ୍ଡୀ, କାଭୁରି ସିତେଜା, ୟାରା ସନ୍ଦୀପ, କେ.ଭି. ଶଶିକାନ୍ତ, ସୌରଭ କୁମାର, ଚିପୁରପଲ୍ଲୀ ଷ୍ଟିଫେନ, ତ୍ରିପୁରାନା ବିଜୟ।

# ଆତ୍ମବିଶ୍ୱାସ, ଆବେଗର ପ୍ରତିଫଳନ

**ନଭି ମୁମ୍ବାଇ, ୩୧।୧୦ (ପି.ଟି.)**

ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତର ରେକର୍ଡ ଚେଜ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ସମେତ ଦେଶର କ୍ରୀଡ଼ା ମହଲକୁ ଅଭୀଭୂତ କରିଛି। ଏହି ଆଶ୍ଚର୍ଯ୍ୟଜନକ ବିଜୟ କ୍ରିକେଟ ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ଜେମିମା ରୋଡ୍ରିଗ୍ସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ୧୨୭ ରନ କରି ଅପରାଜିତ ରହିଥିଲେ। ଗୁରୁବାର ରାତିରେ ଏହି ବିଜୟ ଦ୍ୱାରା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ରୋକି ଭାରତ ତୃତୀୟ ଥର ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଜେମିମାଙ୍କର ଏହା ତୃତୀୟ ଶତକ ଓ ବିଶ୍ୱକପ୍‌ରେ ପ୍ରଥମ। ସେ ଓ ଅଧିନାୟିକା ହରମନପ୍ରୀତ କୌର (୮୮ ବଲ୍‌ରୁ ୮୯ରନ, ୧୦ ଚୌକା ଓ ୨ ଛକା) ତୃତୀୟ ଉଇକେଟରେ ୧୬୭ ରନ ଯୋଗ କରିଥିଲେ। ଏହି ବିଜୟ ଦ୍ୱାରା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆର ପ୍ରତିଯୋଗିତାର ଗତ ଦୁଇ ସଂସ୍କରଣରେ ୧୫ମ୍ୟାଚ ଅପରାଜେୟ ଧାରା ଭାରତ ବ୍ରେକ୍ ଦେବାରେ ସମର୍ଥ ହୋଇଛି। ୩୩୯ର ବିଶାଳ ସ୍କୋରକୁ ପିଛା କରିବା ବେଳେ ଜେମିମାଙ୍କ ଅପରାଜିତ ବ୍ୟାଟିଂ ଯୋଗୁ ଅଷ୍ଟ୍ରେଲିଆର ୩୩୮/ଅଲଆଉଟ ସ୍କୋର ଜବାବରେ ଭାରତ ୪୮.୩ ଓଭରରେ ୩୪୧/୫ ସ୍କୋର କରି ମ୍ୟାଚ ଜିତିନେଇଥିଲା। ତେନ୍ଦୁଲକର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ''ଚମତ୍କାର ବିଜୟ! ଜେମିମା ଓ ହରମନପ୍ରୀତ୍‌ଙ୍କ ବଳିଷ୍ଠ ନେତୃତ୍ୱ ପ୍ରଶଂସା ଯୋଗ୍ୟ, ଶ୍ରୀଚରଣୀ ଓ ଦୀପ୍ତି ଚମତ୍କାର ବୋଲିଂ କରି ଭାରତ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ଦଳ ଏହି ଭଳି ପ୍ରଦର୍ଶନ ଜାରି ରଖୁ। ଭାରତର ପୂର୍ବତନ କୋଚ୍ ତଥା ଲେଗ୍ ସ୍ପିନ କିମ୍ବଦନ୍ତୀ ଅନିଲ କୁମ୍ବଲେ ଜେମିମାଙ୍କ ଅପରାଜିତ ୧୨୭ରନ ଇନିଂସର ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିରେ ଜେମିମାଙ୍କ ଧୈର୍ଯ୍ୟ ଓ ଶକ୍ତି ଭରି ରହିଥିଲା। ସେ ତାଙ୍କ ପରିପକ୍ୱତା ଓ ଆତ୍ମବିଶ୍ୱାସର ପରିଚୟ ଦେଇଛନ୍ତି। ବ୍ୟାଟିଂ ଷ୍ଟଲୱାର୍ଟ ବିରାଟ କୋହଲି 'ଏକ୍ସ'ରେ ତାଙ୍କ ପୋଷ୍ଟରେ ପ୍ରଥମେ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ମ୍ୟାଚରେ ଦଳର ସ୍ଥିରତା, ଆତ୍ମବିଶ୍ୱାସ ଓ ଆବେଗର ପ୍ରତିଫଳନ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଏହି ବିଜୟ ବାସ୍ତବିକ ହୃଦୟସ୍ପର୍ଶୀ। 'ୱେଲ୍‌ଡନ୍ ଟିମ୍ ଇଣ୍ଡିଆ'। ଭାରତର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ତାଙ୍କ ପୋଷ୍ଟରେ କହିଛନ୍ତି, ''ଅଷ୍ଟ୍ରେଲିଆ ସୋଚ୍ ରହି ଥି କି ଔର ଏକ ସେମିଫାଇନାଲ ହୈ, ଆରାମ ସେ ଜିତୋ ଔର ଜିତୋ ଫାଇନାଲ। ହମାରି ଲଡ଼କିୟୋଁ ନେ ସୋଚା, ୟେତୋ ମୌକା ହେ ଅସଲି ଧାମାକା କର୍‌ନେକା! ସାରେ ଆଲୋଚନା ଧୋ ଡାଲା। କ୍ୟା ଖେଲ ଦେଖାୟା। ଓମେନ୍ ଇନ୍ ବ୍ଲୁ'' ପାଇଁ ଆମେ ଗର୍ବିତ। ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂ ମଧ୍ୟ ମହିଳା ଦଳର ଦୃଢ଼ ବିଶ୍ୱାସ ଓ ଦୃଢ଼ ସଂକଳ୍ପର ଉଚ୍ଚ ପ୍ରଶଂସା କରିଛନ୍ତି, ବିଶେଷ କରି ଜେମିମା ଓ ହରମନପ୍ରୀତଙ୍କ ବ୍ୟାଟିଂକୁ। ପ୍ରବଳ ଚାପରେ ଥାଇ ଦଳର ଜଣେ ସଚ୍ଚା ଅଧିନାୟିକା ଭାବେ ହରମନପ୍ରୀତ୍ ସ୍ଥିର ମନୋଚିତ୍ତରେ ଦଳର ସ୍କୋରକୁ ଆଗେଇ ନେବା ଏବଂ ଏକଗ୍ରତା ଓ ଦୃଢ଼ ସଂକଳ୍ପଭିତ୍ତିକ ଜେମିମାଙ୍କ ସ୍ମରଣୀୟ ଇନିଂସକୁ ସମଗ୍ର ବିଶ୍ୱ ଦେଖିଲା। ଏହା ଏକ ଐତିହାସିକ ସେମିଫାଇନାଲ ଥିଲା। ବର୍ତ୍ତମାନ ଫାଇନାଲକୁ ଅପେକ୍ଷା। ଭାରତ ନଭି ମୁମ୍ବାଇଠାରେ ରବିବାର ଖେଳାଯିବାକୁଥିବା ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।



ସଚିନ ତେନ୍ଦୁଲକର



ବୀରେନ୍ଦ୍ର ସେହ୍ୱାଗ



ବିରାଟ କୋହଲି

**ଭାରତୀୟ ମହିଳା କ୍ରିକେଟ ଦଳକୁ ପ୍ରଶଂସାର ସୁଅ**

# ବିଶ୍ୱ ଜୁ-ଜିତ୍ସୁରେ ଓଡ଼ିଶାରୁ ୩ ଭାଗନେବେ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଜୁ-ଜିତ୍ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗନେବା ନିମନ୍ତେ ଓଡ଼ିଶାର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ସ୍ୱରାଜ ଜାନି ଓ ଅମରେଶ୍ୱର ସ୍ୱାଇଁ ଶୁକ୍ରବାର ଥାଇଲାଣ୍ଡ ଯାତ୍ରା କରିଛନ୍ତି। ଗତ ଜାତୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶାର ଏହି ପ୍ରତିଯୋଗୀମାନେ ବିଶ୍ୱ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିଲେ। ଓଡ଼ିଶା ଜୁ- ଜିତ୍ସୁ ଆସୋସିଏଶନ୍‌ର ଖେଳାଳି ଅନୁପମା ଗତ ୫ ବର୍ଷଧରି ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାରେ ଲଗାତର ପଦକ ହାସଲ କରିବା ସହ ଏସିଆନ ଗେମ୍ସରେ ଭାଗ ନେଇଥିଲେ। ସ୍ୱରାଜ ଜାନି ମଧ୍ୟ ଗତ ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାରୁ ମୁକ୍ତି ପ୍ରସାଦ ଭାଗନେଲେ



କର୍ମଶାଳାରେ ଭାଗନେବା ଅବସରରେ ମୁକ୍ତିପ୍ରସାଦ ଦାଶ (ବାମରୁ ଦ୍ୱିତୀୟ)।

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁ, ତାମିଲନାଡୁ ସେଣ୍ଟର ଫର ସ୍ପୋର୍ଟ୍ସସାଇନ୍ସେସ ଏବଂ ଇଣ୍ଡିଆନ ନ୍ୟାଶନାଲ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ଆସୋସିଏଶନ ଆନୁକୂଲ୍ୟରେ ଚେନ୍ନାଇଠାରେ ଅନୁଷ୍ଠିତ 'ରିଟର୍ନ ଟୁ ସ୍ପୋର୍ଟ୍ସ' କର୍ମଶାଳାରେ ଓଡ଼ିଶାର କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜର୍ମାନୀର କୋଚ୍ ଜର୍ଗ ଟେକ୍‌ମାନ୍ ଏବଂ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଅଥରିଟି ଅଫ୍ ତାମିଲନାଡୁର ହାଇ ପରଫର୍ମାନ୍ସ ମ୍ୟାନେଜର ଡକ୍ଟର ସାଜୁ ପରିଚାଳନା କରିଥିଲେ। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଓଡ଼ିଶାରୁ ଏକମାତ୍ର ଭାଗ ନେଇଥିବା ମୁକ୍ତି ପ୍ରସାଦ ନିଜ କାର୍ଯ୍ୟଧାରା ଉପରେ ଅନେକ ଅଭିଜ୍ଞତା ହାସଲ କରିଥିବା ପ୍ରକାଶ କରଛନ୍ତି। ବିଶେଷ କରି ଆଣ୍ଠୁରେ ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରୁ ସୁସ୍ଥହେବା ଏବଂ ରିଟର୍ନ ଟୁ ପ୍ଲେ ମ୍ୟାନେଜମେଣ୍ଟ ଉପରେ ଅନେକ କିଛି ଶିଖିବାକୁ ମିଳିଲା ବୋଲି ସେ କହିଛନ୍ତି।

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

# ଓଡ଼ିଶା-ବିହାର ମ୍ୟାଚ ଡ୍ର

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ):** ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିବା ପରେ ଶୁକ୍ରବାର ବିହାର ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି। ଓଡ଼ିଶା ପକ୍ଷରୁ ସତ୍ୟଜିତ ସିଂ ୭୩ ଓ ଆୟାନ ଖାଁ ୭୪ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ତେବେ ବିହାର ଦଳର ଚିରାଗ ରାଜ ୮୨ ଓ ପ୍ରେମ୍ କୁମାର ୯୦+୨ ମିନିଟରେ ଗୋଲ ୨ଟି ପରିଶୋଧ କରି ଦେଇଥିଲେ। ଫଳରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ଓଡ଼ିଶା ଅଭିଯାନ ଶେଷ ହୋଇଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୦-୧୩ ଗୋଲରେ ମିଜୋରାମଠାରୁ ଏବଂ ଦ୍ୱିତୀୟ ମ୍ୟାଚରେ ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଥିଲା। ଜୁନିୟର ସ୍ତରରେ ଓଡ଼ିଶାର ଏପରି ପ୍ରଦର୍ଶନ ରାଜ୍ୟ ଫୁଟବଲପ୍ରେମୀଙ୍କୁ ବ୍ୟଥିତ କରିଛି।

# ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କେନ୍ଦ୍ରାପଡା କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସହଯୋଗରେ ଶୁକ୍ରବାର କେନ୍ଦ୍ରାପଡ଼ାର ଗରଦପୁରଠାରେ ଓଡ଼ିଶା ମହିଳା ଫିଡେ ରେଟିଂ ଚେସ -୨୦୨୫ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଇଆଇସି ରବୀନ୍ଦ୍ର ନାଥ ବେହେରା, ଯାଜପୁର ୟୁନାଇଟେଡ ଚେସ ଆସୋସିଏଶନ୍‌ର ସମ୍ପାଦକ ସମରେନ୍ଦ୍ର ସାହୁ, ବରଗଡ଼ ଜିଲା ଚେସ୍ ଆସୋସିଏଶନ୍ ସମ୍ପାଦକ କେ.ଆର୍. ପ୍ରଧାନ, ସିପାର ସଭାପତି ଧନଞ୍ଜୟ ସାବତ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଆସୋସିଏଶନ୍ ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ ଉଦ୍‌ବୋଧନ ଦେଇଥିବାବେଳେ ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୩୦ ମହିଳା ଖେଳାଳି ବିଭିନ୍ନ ଜିଲାରୁ ଭାଗନେଇଛନ୍ତି। ଏହା ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି, ଏସିଆ କପ୍ ବିଜେତା ୟାସିତା ରାଉତ, ୟୁନିଭର୍ସିଟି ଚାମ୍ପିୟନ ଗୀତାଶ୍ରୀ ବିଶ୍ୱାଳ, ଅନ୍ତର୍ଜାତୀୟ ଖେଳାଳି ଜୟଲକ୍ଷ୍ମୀ ସାହୁ, ନୈନିକ ସାହୁ, ଜ୍ୟୋତିକ ସାହୁ, ଉମା ଦଳପତି, ନିଭ୍ରୀତା ପଟ୍ଟନାୟକ ପ୍ରମୁଖ ଖେଳାଳି ଭାଗ ନେଇଛନ୍ତି। ପିଙ୍କି ମହାପାତ୍ର ମୁଖ୍ୟ ଆର୍ବିଟର ଏବଂ ଅଭିଷେକ ଆଚାର୍ଯ୍ୟ, ନମ୍ୱଲା ରବିକୁମାର ଡେପୁଟି ଆର୍ବିଟର ଭାବେ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ଅଷ୍ଟ୍ରେଲିଆର ସହଜ ବିଜୟ

**ଦ୍ୱିତୀୟ ଟି୨୦**

**ମେଲବୋର୍ନ, ୩୧।୧୦**

ନଭି ମୁମ୍ବାଇରେ ଗୁରୁବାର ଅନୁଷ୍ଠିତ ମହିଳା କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ବିଶ୍ୱ ରେକର୍ଡ ସୃଷ୍ଟି କରିବାର ଗୋଟିଏ ଦିନ ପରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ପୁରୁଷ ଦଳ ଅଷ୍ଟ୍ରେଲିଆଠାରୁ ବଲ୍ ଦୃଷ୍ଟିରୁ ବଡ଼ ବ୍ୟବଧାନରେ ପରାଜିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୪୦ ବଲ୍ ବାକିଥାଇ ୪ ଉଇକେଟରେ ସହଜ ବିଜୟ ହାସଲ କରିଛି। ବଲ୍ ବ୍ୟବଧାନକୁ ଦେଖିଲେ ଟି୨୦ରେ ଭାରତର ଏହା ଦ୍ୱିତୀୟ ବୃହତ୍ ପରାଜୟ। ୨୦୦୮ରେ ଏହି ମେଲବୋର୍ନରେ ଅଷ୍ଟ୍ରେଲିଆଠାରୁ ୫୨ ବଲ୍ ବାକିଥାଇ ପରାଜୟ ଭାରତ ପାଇଁ ସର୍ବବୃହତ୍ ହୋଇ ରହିଛି। ଚଳିତ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୧୮.୪ ଓଭରରେ ମାତ୍ର ୧୨୫ ରନକରି ଅଲ୍‌ଆଉଟ ହୋଇଥିଲା। ୧୨୬ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୩.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା।

ଟସ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୯ ରନ ମଧ୍ୟରେ ୫ ଉଇକେଟ ହରାଇବା ସହ ୧୨୫ରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅଭିଷେକ ଶର୍ମା (୬୮ ରନ, ୩୭ ବଲ, ୮ ଚୌକା, ୨ ଛକା) ଓ ହର୍ଷିତ ରାଣା (୩୫)ଙ୍କୁ ଛାଡ଼ିଦେଲେ ଭାରତର ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଟପ୍ ଅର୍ଡରଙ୍କ ଭଲ ଆରମ୍ଭ ଯୋଗୁ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସହଜରେ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା। ଟପ୍ ଅର୍ଡରରେ ଅଧିନାୟକ ମିଚେଲ ମାର୍ଶ ସର୍ବାଧିକ ୪୬ ରନକରି ବିଜୟ ପଥ ପରିଷ୍କାର କରିଥିବାବେଳେ ହାଜେଲଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୧୮.୪ ଓଭରରେ ୧୨୫/ଅଲ୍‌ଆଉଟ (ଅଭିଷେକ ଶର୍ମା-୬୫, ହର୍ଷିତ ରାଣା-୩୫, ଜୋଶ୍ ହାଜେଲଉଡ୍-୩/୧୩, ଜାଭିଅର ବ୍ରେଟଲେଟ୍-୨/୩୯, ନାଥାନ ଇଲିସ-୨/୨୧, ମାର୍କୁସ ଷ୍ଟୋଇନିସ-୧/୨୪)। ଅଷ୍ଟ୍ରେଲିଆ ୧୩.୨ ଓଭରରେ ୧୨୬/୬ (ମିଚେଲ ମାର୍ଶ-୪୬, ଟ୍ରାଭିସ ହେଡ୍-୨୮, ଯଶପ୍ରୀତ୍ ବୁମ୍‌ରା-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୨୩, କୁଲଦୀପ ଯାଦବ-୨/୪୫)।



ସୂର୍ଯ୍ୟକୁମାର ଯାଦବଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ ଜୋଶ୍ ହାଜେଲଉଡ୍।

**ନଭେମ୍ବର ୪ରେ ଆଇସିସି ବୈଠକ**

# ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠାଇପାରେ ଭାରତ

**ମୁମ୍ବାଇ, ୩୧।୧୦ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଶା କରୁଛି ଯେ, ଆଉ ଦିନେ ଅବା ଦୁଇ ଦିନ ମଧ୍ୟରେ ଏସିଆ କପ୍ ଟ୍ରଫି ମୁମ୍ବାଇସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଯିବ। ତାହା ନ ହେଲେ ଭାରତୀୟ ବୋର୍ଡ ନଭେମ୍ବର ୪ରେ ହେବାକୁଥିବା ଆଇସିସି ବୈଠକରେ ଏହି ପ୍ରସଙ୍ଗ ଉଠାଇବ। ଦୁବାଇଠାରେ ଅନୁଷ୍ଠିତ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ଉଇକେଟରେ ପରାସ୍ତ କରି ଭାରତ ଏସିଆ କପ୍ ଜିତିଛି। କିନ୍ତୁ ଦଳ ଏସିଆ କ୍ରିକେଟ କାଉନ୍‌ସିଲ (ଏସିସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ ଚେୟାରମ୍ୟାନ ଥିବା ପାକିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଦଳ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଯୋଗୁ ମ୍ୟାଚ ପୂର୍ବରୁ ଭାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ପାକିସ୍ତାନ ପ୍ରତିପକ୍ଷଙ୍କ ସହ କରମର୍ଦ୍ଦନ କରିବାକୁ ମନା କରି ଦେଇ ନ ଥିଲେ। ନକ୍‌ଭି ଇତିମଧ୍ୟରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ସେ କହିଛନ୍ତି, ଯଦି ତାଙ୍କଠାରୁ ଗ୍ରହଣ କରିଲେ ଭାରତକୁ ଟ୍ରଫି ମିଳିବ।

# ଫିଡେ, ଏଆଇସିଏଫ୍, କିଟ୍ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ)**

**୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣାରେ ପ୍ରଥମ ବିଶ୍ୱବିଦ୍ୟାଳୟ**

ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ମୁମ୍ବାଇଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଶିକ୍ଷା ସହ ଚେସ୍‌ର ମଧ୍ୟ ପ୍ରଚାର ପ୍ରସାର ହୋଇପାରିବ। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନିତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହନ୍ତି ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଚେସ୍ ମାଧ୍ୟମରେ ଶିକ୍ଷା, ପୁନର୍ବାସ, ଅନ୍ତର୍ଭୁକ୍ତୀକରଣ ଏବଂ ଲୋକଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବା ନିମନ୍ତେ ଫିଡେ ପକ୍ଷରୁ ବିଭିନ୍ନ ସମୟରେ ପ୍ରୟାସ ଜାରି ରହିଛି। ଏଥିପାଇଁ ୨୦୨୫ରେ ଫିଡେର ସ୍ଲୋଗାନ ଥିଲା ଚେସ୍ ଫର୍ ସୋସିଆଲ୍ ସର୍ଭିସ। ୨୦୨୬କୁ 'ଇୟର ଅଫ୍ ଚେସ୍ ଇନ୍ ଏଜୁକେଶନ' ଭାବେ ଫିଡେ ଘୋଷଣା କରିଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ କିଟ୍ ସହ ଫିଡେ ବୁଝାମଣା କରିଛି। ୨୦୨୬ ଜାନୁଆରୀରେ କିଟ୍‌ରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଫେଷ୍ଟିଭାଲରେ ପାଖାପାଖି ୩୫ ଦେଶର ଚେସ୍ ସଂଘର ମୁଖ୍ୟ ଏବଂ ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାରେ ଏଭଳି ଚେସ୍ ଫେଷ୍ଟିଭାଲ୍ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟବଲର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟବଲ ସଂଘ (ଫିଫା) ସହ ଏବଂ ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଛି। ୩ ଅନ୍ତର୍ଜାତୀୟ ସଂଘ ସହ ବୁଝାମଣା କରିବାରେ ଏହା ପ୍ରଥମ ବିଶ୍ୱବିଦ୍ୟାଳୟ। ଏହି ଅବସରରେ ଅଚ୍ୟୁତ ଉପସ୍ଥିତ ରହି ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। ''ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲ୍ ଓ ଭଲିବଲ୍ ସହ ବୁଝାମଣା ହୋଇଥିବା ବେଳେ ଏବେ ବିଶ୍ୱର ଅନ୍ୟତମ ଆଦୃତ କ୍ରୀଡ଼ା ଚେସ୍‌ର ଅନ୍ତର୍ଜାତୀୟ ସଂଘ ସହ କିଟ୍ ବୁଝାମଣା କରିଛି। ଏହା ଓଡ଼ିଶା ଏବଂ ଭାରତ ପାଇଁ ଗୌରବର ବିଷୟ'' ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି।

**ରଞ୍ଜନ ମହାନ୍ତିଙ୍କୁ ଗୁରୁଦାୟିତ୍ୱ**

ଭାରତରେ ଚେସ୍‌ର ବିକାଶ ପାଇଁ ଫିଡେ-ଏଆଇସିଏଫ୍-କିଟ୍ ମଧ୍ୟରେ ଯେଉଁ ବୁଝାମଣା ହୋଇଛି ସେଥିରେ ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତିଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅର୍ଥାତ୍ ଏହି ତିନି ଅନୁଷ୍ଠାନ ସହ ରଞ୍ଜନ ଯୋଗାଯୋଗରେ ରହି ଚେସ୍‌ର ବିକାଶ ଦିଗରେ ଗୁରୁଦାୟିତ୍ୱ ବହନ କରିବେ।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଫିଡେ ଓ ଏଆଇସିଏଫ୍ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ